# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୬/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, January 16/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 54 | ମୂଲ୍ୟ ₹୭/-




ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୬/୨୦୨୪ Bhubaneswar,Tuesday, January 16/2024

ODISHA NEW OPPORTUNITIES | 5T | CII Confederation of Indian Industry | ଆମ ଓଡ଼ିଶା ନବୀନ ଓଡ଼ିଶା

DSPL-544



# JOIN ODISHA'S ECONOMIC ENGINE

## ATTEND THE 24TH EDITION

CII 24th enterprise Odisha

At Jharsuguda

"Explore the abundant and flourishing investment opportunities in the state."

COME. JOIN THE JUGGERNAUT.

## HIGHLIGHTS

- 2 DAYS CONFERENCE
- 3 DAYS EXHIBITION
- 700+ COMPANIES
- B2B INTERACTION
- B2B AND B2G MEETINGS
- 100+ CEOS & 300+ CXOS
- 1000+ OPPORTUNITIES

## FOCUS SECTORS

- TECHNOLOGY PROVIDERS, IT/ITES
- RENEWABLE ENERGY
- FOOD PROCESSING
- DEFENCE
- LOGISTICS & INFRASTRUCTURE
- SAFETY SOLUTIONS
- MANUFACTURING
- SUSTAINABILITY

## UNLEASH A WEALTH OF OPPORTUNITIES

**Find Ideal Partners:** From job work and contract manufacturing to technology solutions and logistics services.

**Meet Purchase Managers:** Network with 100+ Purchase Managers to secure lucrative deals and propel your business.

**Presence of global partners** from Australia, Myanmar, Germany, and Nepal.

## PROGRAMME OUTLINE

| DAY-1: 19 JANUARY 2024 |
|---|
| Inaugural Session |
| Exhibition Inauguration |
| Opportunities in Odisha |
| Valedictory Session |

| DAY-2: 20 JANUARY 2024 |
|---|
| Session on Skill Development<br>Theme: Odisha - Pioneer in churning out demographic dividend |
| Session on Agriculture and Food Processing<br>Theme: Agrarian Odisha |
| Session on Startups (Hall 2 – Mayfair)<br>Theme: CII YI - INNOVEX |
| Session on Mission Shakti & Women Empowerment<br>Theme: From SHG to SME |
| Startup Pitching Session |

| DAY-3: 21 JANUARY 2024 | EXHIBITION |
|---|---|

## EVENT VENUE

Circuit House Road, Jharsuguda, Odisha.

Online registration required, scan to register

ScarecrowM&CSaatchi/2024/Jan

HELPLINE NUMBERS: 98300 29606 | 94059 86282

Email us: ciiodisha@cii.in

Follow us on @investInOdisha /InvestOdisha

OIPR-14005/13/0037/2324

ଧରିତ୍ରୀ
DHARITRI
ଧରିତ୍ରୀ 50 Years



## ଅଯୋଧାରେ ଜାଗା କିଣିଲେ ବିଗ୍ ବି

ଅଯୋଧାରେ ଶ୍ରୀରାମ ମନ୍ଦିରଠାରୁ ଅଳ୍ପ କିଛି ଦୂରରେ ମେଗାଷ୍ଟାର ଅମିତାଭ ବଚ୍ଚନ ଏକ ଜାଗା କିଣିଛନ୍ତି।

୦୫

୧୧

## ଯୁବରାଜଙ୍କ ରେକର୍ଡ ଭାଙ୍ଗିଲେ ପ୍ରଖର

୧୯ ବର୍ଷରୁ କମ୍ କୁଚବିହାର ଟ୍ରଫି ଫାଇନାଲରେ ସର୍ବୋଚ୍ଚ ସ୍କୋର କରି ଯୁବରାଜ ସିଂଙ୍କ ରେକର୍ଡ ଭାଙ୍ଗିଛନ୍ତି ପ୍ରଖର ଚତୁର୍ବେଦୀ।





ମକର ସଂକ୍ରାନ୍ତି ଉତ୍ସବ ଅବସରରେ ବେଙ୍ଗାଲୁରୁରେ ସୋମବାର ନିଆଁ ଉପରେ ଗାଇ ଡେଇଁବା ପରମ୍ପରା ପାଳନ କରାଯାଉଛି।

# ଫସଲ ଉଜୁଡ଼ିବାରୁ ଚାଷୀଙ୍କ ଆତ୍ମହତ୍ୟା

**ବଲାଙ୍ଗୀର, ୧୫।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ଫସଲ ପାଇଁ ଋଣରେ ବୁଡ଼ିଥିବା ବଲାଙ୍ଗୀର ଜିଲାର ଜଣେ ଚାଷୀ ସୋମବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଫସଲ ଉଜୁଡ଼ି ଯିବାରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ମୃତ ଚାଷୀ ହେଲେ ଲରମ୍ବା ଥାନା ଅନ୍ତର୍ଗତ ମୁଦଲସର ଗାଁର ସନ୍ତୋଷ ଜେନା (୪୫)। ରବିବାର ସନ୍ତୋଷ ନିଜ ଚାଷ ଜମିରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସେଠାରୁ ଉଦ୍ଧାର କରି ପ୍ରଥମେ ଘସିଏନ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ



ମୃତ ଚାଷୀ ସନ୍ତୋଷ ଜେନା

ପାଟଣାଗଡ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ସନ୍ତୋଷଙ୍କର ମୃତ୍ୟୁ ହୋଇଯାଇଥିଲା। ସନ୍ତୋଷ ଧାରଉଧାର କରି ନିଜ ଗାଁରେ ୪ଏକର ଜମିରେ ଧାନ, ମୁଗ ଓ ଝୁଡଙ୍ଗ ଚାଷ କରିଥିଲେ। ରୋଗପୋକ ଲାଗି ଫସଲ ନଷ୍ଟ ହେବାରୁ ସେ ଚିନ୍ତାରେ ଥିଲେ। ଏଥିପାଇଁ ତାଙ୍କ ବାପା ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ମୃତ ଚାଷୀଙ୍କ ପୁଅ ଭାଗବତ ଜେନା ଅଭିଯୋଗ କରିଛନ୍ତି। ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

**ଆଜିର ସମ୍ପାଦକୀୟ**
ଭିକାରି କେତେ

# ଝିଅ ବେଶରେ ବାନ୍ଧବୀଙ୍କ ପାଇଁ ପରୀକ୍ଷା ଦେଇ ଯୁବକ ଗିରଫ

**ନୂଆଦିଲ୍ଲୀ, ୧୫।୧**

ପଞ୍ଜାବ ଫରିଦକୋଟ୍‌ର ଏକ ପରୀକ୍ଷା କେନ୍ଦ୍ରରେ ଜଣେ ଯୁବକ ଝିଅ ବେଶ ଧାରଣ କରି ତାଙ୍କ ବାନ୍ଧବୀଙ୍କ ପାଇଁ ପରୀକ୍ଷା ଦେଉଥିବାବେଳେ ଧରାପଡ଼ିଛନ୍ତି। ଏହି ଘଟଣା ପରୀକ୍ଷା କେନ୍ଦ୍ରରେ ହାସ୍ୟରୋଳ ସୃଷ୍ଟି କରିଥିଲା। କୋଟକପୁରାର ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଗତ ୭ ତାରିଖରେ ସ୍ୱାସ୍ଥ୍ୟକର୍ମୀ ପରୀକ୍ଷା ଚାଲିଥିବାବେଳେ ଫାଜିଲ୍‌କାର ଆଗ୍ରେଜ ସିଂ ତାଙ୍କ ଗର୍ଲଫ୍ରେଣ୍ଡ ପରମଜିତ୍‌ଙ୍କ ଭଳି ବେଶରେ ପରୀକ୍ଷା ଦେଉଥିଲେ। ସେ ନାଲି ଚୁଡ଼ି, ବିନ୍ଦି, ଲିପ୍‌ଷ୍ଟିକ୍ ଲଗାଇବା ସହ ମହିଳା ପରିଧାନ ପିନ୍ଧିଥିଲେ।




ପରୀକ୍ଷା ହଲ୍‌ରେ ନିୟୋଜିତ ଥିବା ୟୁନିଭର୍ସିଟି କର୍ମଚାରୀ ଜାଲିଆତି ସନ୍ଦେହ କରି ପୋଲିସରେ ଅଭିଯୋଗ କରିଥିଲେ। ଆଗ୍ରେଜ ନିଜକୁ ପରମଜିତ ଭାବେ ପ୍ରମାଣିତ କରିବା ପାଇଁ ଜାଲ ଭୋଟର ଏବଂ ଆଧାର କାର୍ଡ ବ୍ୟବହାର କରିଥିଲେ। ତେବେ ବାୟୋମେଟ୍ରିକ୍ ଉପକରଣରେ ତାଙ୍କ ଆଙ୍ଗୁଠି ଛାପ ମେଳ ନ ଖାଇବାରୁ ସେ ଧରାପଡ଼ିଯାଇଥିଲେ। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଜୟ ଜଗନ୍ନାଥ

## ସମସ୍ତଙ୍କୁ ନମସ୍କାର

ଆପଣମାନଙ୍କୁ ସମସ୍ତଙ୍କୁ ମକର ସଂକ୍ରାନ୍ତି ଅବସରରେ ମୋର ଅଭିନନ୍ଦନ ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଶ୍ରେଷ୍ଠ ପରିଚୟ। ପ୍ରତି ଓଡ଼ିଆ ଜଗନ୍ନାଥଙ୍କୁ ସ୍ମରଣ କରି ଶୁଭ କାର୍ଯ୍ୟ ଆରମ୍ଭ କରିଥାନ୍ତି। ସେ ଜଗତର ନାଥ। ସାରା ବିଶ୍ୱ ତାଙ୍କର ସୃଷ୍ଟି। ସବୁ ଧର୍ମ ସମନ୍ୱୟର ସେ ହେଉଛନ୍ତି ପ୍ରତୀକ।

ଆମ ସଂସ୍କୃତି, ଆମ ପରମ୍ପରା, ଆମ ଚେତନା – ସବୁର ଆଧାର ହେଉଛନ୍ତି ମହାପ୍ରଭୁ। ଜଗନ୍ନାଥ ସଂସ୍କୃତି ହେଉଛି ଓଡ଼ିଶାର ସଂସ୍କୃତି। ଓଡ଼ିଶା ଇତିହାସ ଜଗନ୍ନାଥ ମନ୍ଦିରର ଇତିହାସ ସହ ଯୋଡ଼ିହୋଇ ରହିଛି। ତାଙ୍କ ଚରଣରେ ମୋର କୋଟି କୋଟି ପ୍ରଣାମ।

ମହାପ୍ରଭୁଙ୍କ ଇଚ୍ଛାରେ ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ମହାପ୍ରଭୁ ସକଳ ଶକ୍ତିର ଆଧାର। ତାଙ୍କ ବିନା ଇଚ୍ଛାରେ ପତ୍ରଟିଏ ମଧ୍ୟ ହଲେନାହିଁ। ଆମମାନଙ୍କର ପରମ ସୌଭାଗ୍ୟ ଆମ ଜୀବନକାଳ ମଧ୍ୟରେ ଆମେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସାକ୍ଷୀ ହୋଇପାରିଛୁ।

ଶହ ଶହ ବର୍ଷ ଧରି ସାଧୁସନ୍ଥ, ରାଜା ମହାରାଜାମାନେ ଶ୍ରୀମନ୍ଦିରକୁ ସୁରକ୍ଷା ଦେଇ ଆସିଥିଲେ। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ରାଜା ମହାରାଜାମାନେ ଶ୍ରୀମନ୍ଦିର ସୁରକ୍ଷା ଉପରେ ବିଶେଷ ଧ୍ୟାନ ରଖିଥିଲେ। ସାଧୁସନ୍ଥମାନେ, ସାଧାରଣ ଭକ୍ତ ଓ ଲୋକମାନେ ଏହି ମାର୍ଗରେ ପରିକ୍ରମା କରୁଥିଲେ। ଶାନ୍ତି ଓ ଦିବ୍ୟ ଆନନ୍ଦର ସହ ଭକ୍ତମାନେ ଯେପରି ଶ୍ରୀମନ୍ଦିର ପରିକ୍ରମା କରିବେ, ତାହା ହେଉଛି ଆମ ଏହି ପ୍ରକଳ୍ପର ଲକ୍ଷ୍ୟ।

ଗଜପତି ମହାରାଜାଙ୍କ ଭାଷାରେ, '୭୦୦ ବର୍ଷ ଭିତରେ ଶ୍ରୀମନ୍ଦିର ପାଇଁ ଏମିତି କାମ ହୋଇନାହିଁ।'

ଏହା ହେଉଛି ସାରା ଓଡ଼ିଆ ଜାତି ପାଇଁ ଏକ ଉତ୍ସବର ଦିନ। ତେଣୁ ମୋର ଅନୁରୋଧ, ଆମେ ସମସ୍ତେ ଏହି ଦିନଟିକୁ, ଏହି ଉତ୍ସବଟିକୁ ମହାପ୍ରଭୁଙ୍କୁ ସମର୍ପଣ କରି ପାଳନ କରିବା। ନିଜ ନିଜ ଭାବରେ ଭକ୍ତି ପ୍ରକାଶ କରିବା। ଦୀପ ଜାଳିବା, ଶଙ୍ଖ ଫୁଙ୍କିବା, ଘଣ୍ଟ ବଜାଇବା, ପୂଜା କରିବା, ଭଜନ ଗାନ କରିବା, କୀର୍ତ୍ତନ କରିବା ଓ ପ୍ରଭୁଙ୍କ ନାମ ଜପ କରିବା। ସାରା ଓଡ଼ିଶାର ଘରେ ଘରେ ଭକ୍ତି, ସମର୍ପଣ, ଆନନ୍ଦ ଓ ଉତ୍ସାହର ସହ ଏହି ଦିନଟିକୁ ଆମେ ପାଳନ କରିବା।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ। ସାରା ବିଶ୍ୱର କୋଣ ଅନୁକୋଣରେ ତାଙ୍କର ଅନେକ ଭକ୍ତ ଓ ଜଗନ୍ନାଥପ୍ରେମୀ ରହିଛନ୍ତି। ସବୁ ଧର୍ମର ସେ ହେଉଛନ୍ତି ଠାକୁର। ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ସହ ସେ ଯୋଡ଼ି ହୋଇ ରହିଛନ୍ତି।

ଦେଶ ବିଦେଶରେ ରହୁଥିବା ସବୁ ଜଗନ୍ନାଥପ୍ରେମୀଙ୍କୁ



**ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

ମୋର ଅନୁରୋଧ, ଆପଣମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନିଜ ନିଜ ଭାବରେ ଆନନ୍ଦ, ଭକ୍ତି ଓ ସମର୍ପଣ ଭାବ ସହ ପାଳନ କରନ୍ତୁ। ବିଶ୍ୱ ନିୟନ୍ତାଙ୍କ ଏହି ଉତ୍ସବରେ ପରିବାର ସହ ନିଜକୁ ସାମିଲ କରନ୍ତୁ।

ଶ୍ରୀମନ୍ଦିରର ସୁରକ୍ଷା ସହିତ ଭକ୍ତମାନଙ୍କୁ ଏକ ଦିବ୍ୟ ଅନୁଭବ ଦେବା ହେଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ଓଡ଼ିଆ ଜାତିର ଇତିହାସରେ ଏହା ଏକ ଗୌରବମୟ ମୁହୂର୍ତ୍ତ। ସେହିପରି ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥାନ୍ତି। ସମସ୍ତେ ଯେପରି ଏକ ଦିବ୍ୟ ଅନୁଭବ ନେଇ ଫେରିବେ, ତାକୁ ଦୃଷ୍ଟିରେ ରଖି ପରିକ୍ରମା ପ୍ରକଳ୍ପରେ ବିଭିନ୍ନ ସୁବିଧା ସୁଯୋଗର ବିକାଶ ମଧ୍ୟ କରାଯାଇଛି।

ଏହା ଦ୍ୱାରା ମହାପ୍ରଭୁଙ୍କ ବାହାର ଯାନିଯାତ୍ରା ମଧ୍ୟ ସୁନ୍ଦର ଭାବରେ ହୋଇପାରିବ। ଜନ୍ମଜନ୍ମର ପୁଣ୍ୟ ବଳରେ ଏହି ଐତିହାସିକ ମୁହୂର୍ତ୍ତରେ ସାମିଲ ହେବାକୁ ମହାପ୍ରଭୁ ଆମକୁ ସୁଯୋଗ ଦେଇଛନ୍ତି, ଆଶୀର୍ବାଦ କରିଛନ୍ତି। ଓଡ଼ିଆ ଜାତିକୁ ତାଙ୍କ କୃପା ଓ କରୁଣା ବଳରେ ଧନ୍ୟ କରିଛନ୍ତି।

ଏହି ଅବସରରେ ପରିକ୍ରମା ପ୍ରକଳ୍ପ ପାଇଁ ତ୍ୟାଗ କରିଥିବା ସମସ୍ତଙ୍କ ପାଖରେ ମୋର କୃତଜ୍ଞତା ଜଣାଉଛି। ଜମି ଦାନ କରିଥିବା ଲୋକମାନଙ୍କୁ ମୋର କୃତଜ୍ଞତା ଜଣାଉଛି। ମୁଁ ଧନ୍ୟବାଦ ଜଣାଉଛି ସେବାୟତମାନଙ୍କୁ। ମହାପ୍ରଭୁଙ୍କ ଏହି କାର୍ଯ୍ୟରେ ନିୟୋଜିତ ନିର୍ମାଣ ଶ୍ରମିକ, କାରିଗର ଓ ଶିଳ୍ପୀ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ମହାପ୍ରଭୁଙ୍କ ଇଚ୍ଛା ଯୋଗୁ ଏହା ସମ୍ଭବ ହୋଇପାରିଛି। ସବୁରି ଉପରେ ମହାପ୍ରଭୁଙ୍କ ଇଚ୍ଛା।

ଆସନ୍ତୁ, ଆମେ ସମସ୍ତେ ଆଜିର ଏହି ପବିତ୍ର ଅବସରରେ ତାଙ୍କ ଆଶୀର୍ବାଦ ପାଇଁ ପ୍ରାର୍ଥନା କରିବା। ମହାପ୍ରଭୁଙ୍କ ଆଶିଷ ଲାଭ କରିବା।

**ଜୟ ଜଗନ୍ନାଥ**

# ଏଟିଏମ୍ ଲୁଟ୍‌ରେ ହରିୟାଣା ଗ୍ୟାଙ୍ଗ, ୫ ଗିରଫ

**ବାଲେଶ୍ୱର, ୧୫।୧ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲାର ସୋର ଓ ଖଇରା ଅଞ୍ଚଳର ଏଟିଏମ୍ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ହରିୟାଣାର ଏକ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ପୋଲିସ ସଫଳ ହୋଇଛି। ଏହି ଗ୍ୟାଙ୍ଗରେ ୫ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଏସ୍‌ପି ଅଫିସ ପରିସରରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ଗତ ୧୦ତାରିଖ ବିଳମ୍ବିତ ରାତିରେ ଖଇରା ଥାନା ଅଧୀନ ତୁଡ଼ିଗଡ଼ିଆ ବଜାରରେ ଥିବା ଆକ୍ସିସ ବ୍ୟାଙ୍କ ଓ ସୋର ଥାନା ଅଧୀନ ମଙ୍ଗଳପୁର ଅଞ୍ଚଳରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ୍‌କୁ ଗ୍ୟାସ କଟରରେ କାଟି ଦୁର୍ବୃତ୍ତମାନେ ୧୦ଲକ୍ଷ ୭୧ହଜାର ୯ଶହ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଲୁଟ୍ ଘଟଣା ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଗୋଟିଏ ଧଳା ରଙ୍ଗର କାର୍‌ରେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ମାତ୍ର ପୋଲିସ ଟିମ୍ ଦୁର୍ବୃତ୍ତଙ୍କୁ ପିଛା କରି ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ରାଣୀବନ୍ଧ ପଞ୍ଚାୟତର ଗଙ୍ଗାହାର ବାଉଁଶପୋଲ ଉପରେ ଫସି ଯାଇଥିବା କାର୍‌କୁ ଠାବ କରିଥିଲେ। କାର୍‌ଟି ଆଉ ଆଗକୁ ଯାଇ ନ ପାରିବାରୁ ଲୁଟେରାମାନେ ସେଠାରୁ ଫେରାର ହୋଇଯାଇଥିବା ପୋଲିସ ସନ୍ଦେହ କରିଥିଲା। ଗାଡ଼ି ଭିତରୁ ଗ୍ୟାସ କଟର, ସ୍ପ୍ରେ, ମାସ୍କ ଓ ପିନ୍ଧା ଲୁଗା ସହ ଏଟିଏମ୍ ଭାଙ୍ଗିବାରେ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ପୋଲିସ ଜବତ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍, ☞ପୃଷ୍ଠା-୨

# କେୱାଇସି ସମ୍ପୂର୍ଣ୍ଣ ନ ଥିଲେ ୩୧ରୁ ଫାସ୍‌ଟାଗ୍ ଅଚଳ

**ନୂଆଦିଲ୍ଲୀ, ୧୫।୧**

ବୈଧ ବାଲାନ୍ସ ଥାଇ ମଧ୍ୟ କେୱାଇସି ସମ୍ପୂର୍ଣ୍ଣ ହୋଇ ନ ଥିଲେ ଜାନୁଆରୀ ୩୧ ପରେ ବ୍ୟାଙ୍କଗୁଡ଼ିକ ଫାସ୍‌ଟାଗ୍‌କୁ ଅକାମୀ କରିଦେବେ କିମ୍ବା ଏହାକୁ କଳା ତାଲିକାଭୁକ୍ତ କରିବେ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। ଏହି ଅସୁବିଧାରୁ ବର୍ତ୍ତିବା ପାଇଁ ହେଲେ ୟୁଜରମାନେ ସେମାନଙ୍କର ସଦ୍ୟତମ ଫାସ୍‌ଟାଗ୍‌ର କେୱାଇସି ସମ୍ପୂର୍ଣ୍ଣ ହୋଇଥିବା ନେଇ ନିଶ୍ଚିତ ହେବାକୁ ପରାମର୍ଶ ଦିଆଯାଇଛି। ୟୁଜରମାନେ 'ଗୋଟିଏ ଗାଡ଼ି, ଗୋଟିଏ ଫାସ୍‌ଟାଗ୍' ନିୟମ ଅନୁପାଳନ କରିବାକୁ ବାଧ୍ୟ। ପୂର୍ବରୁ ଜାରି ହୋଇଥିବା ଅନ୍ୟ ସମସ୍ତ

FASTag
Easy to Cruise

ଫାସ୍‌ଟାଗ୍‌କୁ ବ୍ୟାଙ୍କ ଜରିଆରେ ବାତିଲ କରିଦେବାକୁ ମନ୍ତ୍ରଣାଳୟ କହିଛି। ୨୦୨୪ ଜାନୁଆରୀ ୩୧ ପରେ ପୂର୍ବ ଟ୍ୟାଗ୍‌ଗୁଡ଼ିକ ଡିଆକ୍ଟିଭେଟ୍ କିମ୍ବା କଳା ତାଲିକାଭୁକ୍ତ ହେବ ଏବଂ କେବଳ ସଦ୍ୟତମ ଫାସ୍‌ଟାଗ୍ ଆକାଉଣ୍ଟ ସଚଳ ରହିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଫାସ୍‌ଟାଗ୍ ୟୁଜରମାନଙ୍କୁ ନିକଟବର୍ତ୍ତୀ ଟୋଲ୍ ପ୍ଲାଜାରେ ପହଞ୍ଚିବାକୁ କିମ୍ବା ସମ୍ପୃକ୍ତ ବ୍ୟାଙ୍କର ଦେୟମୁକ୍ତ କଷ୍ଟମର କେୟାର ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ଯାନ ପାଇଁ ଏକାଧିକ ଫାସ୍‌ଟାଗ୍ ☞ପୃଷ୍ଠା-୨

Muthoot Finance
ଗୋଲଡ୍ ଲୋନ୍
ଭରସା ଭାରତର



ଭାରତର #1 ସର୍ବାଧିକ ବିଶ୍ୱସନୀୟ ଫାଇନାନ୍ସିଆଲ ସର୍ଭିସେସ୍ ବ୍ରାଣ୍ଡ 2023#
2.5 ଲକ୍ଷ ରୁ ଅଧିକ ଗ୍ରାହକ ପ୍ରତିଦିନ ସେବା ପାଇଥାନ୍ତି
6100+ ଶାଖା ସମଗ୍ର* ଭାରତ ବର୍ଷରେ
ତୁରନ୍ତ ଲୋନ୍ | ସର୍ବନିମ୍ନ କାଗଜପତ୍ର କାମ | କୌଣସି ଗୋପନୀୟ ଚାର୍ଜ ନାହିଁ
Gold Loan@Home ଗୋଲଡ୍ ଲୋନ୍ ପାଆନ୍ତୁ ଘରେ ବସି ବସି | ଆପଣଙ୍କ ସୁନା ପାଇଁ 7 ସ୍ତରୀୟ ସୁରକ୍ଷା ବ୍ୟବସ୍ଥା | ଅନ୍‌ଲାଇନ୍ ପେଁଠ ସୁବିଧା
'ଭରସା ଭାରତ ର' ଭିଡିଓ ବିଜ୍ଞାପନ ଦେଖିବାକୁ ସ୍କାନ୍ କରନ୍ତୁ
1800 313 1212
muthootfinance.com
#TRA's Brand Trust Report
Muthoot Family - 800 years of Business Legacy

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ନାଆ।
ପାର ହୋଇଗଲେ ଭୁଲି ଯା।**

ସାଧାରଣତଃ ନଈଟିକୁ ପାରହେବା ନିମନ୍ତେ ନୌକାର ଆବଶ୍ୟକତା ପଡ଼ିଥାଏ। ତେବେ ଥରେ ନଈ ପାରହୋଇଗଲାପରେ ପୁନଶ୍ଚ ନୌକାଟିକୁ ଖୋଜା ନ ଯିବା ଭଳି ସ୍ୱାର୍ଥପର ବ୍ୟକ୍ତିମାନେ ସାହାଯ୍ୟ ପାଇ ସାରିଲା ପରେ ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ଭୁଲିଯାଉଥିବା ଦେଖିବାକୁ ମିଳିଥାଏ। ସ୍ୱାର୍ଥୀ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିତି ମୂଲିଆ ନିତି ଯାଏ,
ଦିନେ ନ ଗଲେ ଉପାସେ ଶୁଏ।**

ସାଧାରଣତଃ ମୂଲିଆ ପ୍ରତିଦିନ ମୂଲ ଖଟିବାକୁ ଯାଇଥାଏ। ଯେଉଁଦିନ ସେ କାମକୁ ନ ଯାଏ ସେଦିନ ତା'ର ରୋଜଗାର ହୋଇପାରି ନ ଥାଏ। ଫଳରେ ଅର୍ଥାଭାବ ଯୋଗୁ ସେ ନିଜର ଓ ନିଜ ପରିବାରର ଖର୍ଚ୍ଚ ତୁଲାଇବାରେ ଅସମର୍ଥ ହେବା ସହ ଭୋକ ଉପାସରେ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ସ୍ୱତନ୍ତ୍ର ଟ୍ରେନ୍, ଷ୍ଟେଶନ ନାମକରଣ ଦାବି

**ବ୍ୟାସକବିଙ୍କ ଜୟନ୍ତୀ ପାଳିତ**



ଉତ୍ସବରେ ବିଧାୟକ ବକ୍ତବ୍ୟ ରଖୁଛନ୍ତି।

ବାଲେଶ୍ୱର, ୧୫।୧ (ମାନସ ବିଶ୍ୱାଳ)

ବାଲେଶ୍ୱର ରେଳଷ୍ଟେଶନ ପରିସରରେ ଥିବା ପୁଣ୍ୟାତ୍ମା ସଂକ୍ରାନ୍ତି ପୁରୁଷ ତଥା କଥାସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ବାଲେଶ୍ୱର ଜନଜାଗରଣ ମଞ୍ଚ ପକ୍ଷରୁ ସୋମବାର ପାଳିତ ହୋଇଛି। ଆୟୋଜିତ ଉତ୍ସବରେ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ ସଭାପତିତ୍ୱ କରି ଫକୀରମୋହନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା ଫକୀରମୋହନ ସେନାପତିଙ୍କୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ସଙ୍ଗଠନର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ବାଲେଶ୍ୱର ରେଳଷ୍ଟେଶନର ନାମ ସହ ଫକୀରମୋହନ ସେନାପତିଙ୍କ ନାଁ ଯୋଡ଼ିବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରସ୍ତାବ ଦେବା ପାଇଁ କହିଥିଲେ। ଅନ୍ୟତମ ଅତିଥି ଭାବେ ମଞ୍ଚର ସମ୍ପାଦକ ଲକ୍ଷ୍ମୀନାରାୟଣ ମହାନ୍ତି ବ୍ୟାସକବିଙ୍କ ନାଁରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ପ୍ରୟାସ କରାଯିବ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ଜିଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ହରିଶଚନ୍ଦ୍ର ବେହେରା, ସାମାଜିକ କର୍ମୀ ଅଞ୍ଜଳି ପଣ୍ଡା, ଖବରଦାତା କିଶୋର ଦାସ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ନାରୀନେତ୍ରୀ ସିପ୍ରାରେଖା ମହାପାତ୍ର, ଆଇନ୍‌ଜୀବୀ ପ୍ରଜ୍ଞାପାରମିତା ମହାନ୍ତି, ସୌରୀ ବାରିକ୍ ପ୍ରମୁଖ ଯୋଗଦେଇ ବ୍ୟାସକବି ଲେଖିଥିବା ଛ'ମାଣ ଆଠଗୁଣ୍ଠ, ରେବତୀ, ମାମୁଁ, ଲଛମାରେ ତତ୍କାଳୀନ ସାମାଜିକ ବ୍ୟବସ୍ଥାର ପ୍ରତିଛବି ଆଜି ମଧ୍ୟ ଜୀବନ୍ତ ହୋଇରହିଛି।

# ବେଦମନ୍ତ୍ରରେ କମ୍ପୁଛି ଶ୍ରୀକ୍ଷେତ୍ର

ପୁରୀ, ୧୫।୧ (ଅଜିତ ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଏବେ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ୧୨ ତାରିଖରେ ଶ୍ରୀନହରରେ ଗଜପତି ମହାରାଜା ଶ୍ରୋତ୍ରୀୟ ବାହ୍ମଣମାନଙ୍କୁ ଗୁଆଟେକା ଓ ବରଣ କରିବା ପରେ ପ୍ରକଳ୍ପ ଲୋକାର୍ପଣ ଉତ୍ସବର ଆଦ୍ୟପର୍ବ ଆରମ୍ଭ ହୋଇଥିଲା। ବରଣ ହୋଇଥିବା ବାହ୍ମଣମାନେ ଯଜ୍ଞସ୍ଥଳକୁ ଯାଇ ଅଙ୍କୁରା ରୋପଣ, ଅଙ୍କୁର ପୂଜନ, ଅଧିବାସ ସହ ଅନ୍ୟାନ୍ୟ ନୀତି ସାରିବା ପରେ ସୋମବାରଠାରୁ ମହାଯଜ୍ଞ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ।

ବ୍ରାହ୍ମଣମାନଙ୍କ ମନ୍ତ୍ରଧ୍ୱନି ସାଙ୍ଗକୁ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠରେ ଶ୍ରୀକ୍ଷେତ୍ର କମ୍ପୁଛି। ଶ୍ରୀକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଐଶାନ୍ୟ କୋଣରେ ସ୍ଥାପନ କରାଯାଇଥିବା ଯଜ୍ଞବେଦି ସହ ଚାରିଦ୍ୱାରକୁ ସୁନ୍ଦର ଭାବେ ସଜାଯାଇଛି। ସିଂହଦ୍ୱାର ଅର୍ଥାତ୍ ପୂର୍ବଦ୍ୱାରରେ ଋକ୍ ବେଦ, ଦକ୍ଷିଣ ଦ୍ୱାରରେ ଅଥର୍ବ ବେଦ, ପଶ୍ଚିମ ଦ୍ୱାରରେ ସାମ୍ ବେଦ ଓ ଉତ୍ତର ଦ୍ୱାରରେ ଯଜୁଃବେଦ ପାଠରେ କମ୍ପୁଛି ଶ୍ରୀମନ୍ଦିର ଚାରିଦ୍ୱାର। ସୋମବାର ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ, ମଣ୍ଡଳ ପୂଜନ ସହ ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ



ଫଟୋ: ଯଜ୍ଞେଶ୍ୱର ମହାନ୍ତି

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅବସରରେ ସୋମବାର ଯଜ୍ଞଶାଳାରେ ବ୍ରାହ୍ମଣମାନେ ଯଜ୍ଞ କରୁଛନ୍ତି।

## ମହାଯଜ୍ଞ ଆରମ୍ଭ

କରାଯାଇଥିଲା। ତେବେ ଯଜ୍ଞ ହେବା ପୂର୍ବରୁ ଲୋକାର୍ପଣ ହେବାକୁ ଥିବା ଶିଳାକୁ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରି ଚାରିପାଖରେ ଅଭିମନ୍ତ୍ରିତ ଜଳ ସିଞ୍ଚନ କରିଥିଲେ। ସକାଳେ ଅଖଣ୍ଡ ଦୀପ ସ୍ଥାପନ କରାଯାଇ ପଞ୍ଚକର୍ମ, ବ୍ରାହ୍ମଣ ବରଣ ସହ ମଣ୍ଡଳ ପୂଜନ ହୋଇଥିଲା। ପରେ ଅପରାହ୍ଣରେ ବୈଷ୍ଣବାଗ୍ନି ସଂସ୍କାର, ହବନ, ଆରତି, ପୁଷ୍ପାଞ୍ଜଳି, ପ୍ରଦକ୍ଷିଣ ଅନୁଷ୍ଠିତ ହୋଇଥିଲା। ମକର ସଂକ୍ରାନ୍ତି ଭଳି ଏକ ପବିତ୍ର ଦିବସରେ ମହାଯଜ୍ଞ ଆରମ୍ଭ ହୋଇଥିବାରୁ ଏହା ସମସ୍ତଙ୍କ ପାଇଁ ପରମ ସୌଭାଗ୍ୟର ବିଷୟ ବୋଲି ଆଚାର୍ଯ୍ୟ ବ୍ରାହ୍ମଣମାନେ କହିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ପୌଷ ଶୁକ୍ଳ ସପ୍ତମୀ ତିଥିରେ ବୁଧବାର ଗଜପତି ମହାରାଜା ଦିବ୍ୟସିଂହ ଦେବ ଯଜ୍ଞର ପୂର୍ଣ୍ଣାହୁତି ଦେବେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପକୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ।

ପରିକ୍ରମା ପ୍ରକଳ୍ପ ଅପୂର୍ବ ଦିବ୍ୟ ଅନୁଭୂତି ପ୍ରଦାନ କରୁଛି। ସମଙ୍ଗ ପାର୍କିଂ, ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର ଏବଂ ଶ୍ରୀମାର୍ଗ ପ୍ରସ୍ତୁତ ସରିଛି। କାର୍ଯ୍ୟକ୍ରମରେ ପ୍ରାୟ ୯ଶହ ଅତିଥି ଓ ସେବାୟତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅତିଥିମାନେ ପୁରୀରେ ପହଞ୍ଚିବାରେ ଲାଗିଛନ୍ତି। ସେମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ସେହିପରି ଓବିସିସି ଅଧିକାରୀ ପ୍ରଭାତ କୁମାର ପାଣିଗ୍ରାହୀ କହିଛନ୍ତି, ଶ୍ରୀସେତୁଠାରୁ ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର ଓ ସେଠାରୁ ଶ୍ରୀମାର୍ଗ ଦେଇ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଭକ୍ତଙ୍କ ଯାତାୟାତ ପାଇଁ ବ୍ୟାଟେରିଚାଳିତ ବସ୍ ଏବଂ ଅଟୋ ଚଳାଚଳ ସୁବିଧା ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିସରରେ ସୁନ୍ଦର ବଗିଚା, ପ୍ରଶସ୍ତ ପ୍ରଦକ୍ଷିଣ ରାସ୍ତା, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ସୁନ୍ଦର କଳାକୃତି ପ୍ରଭୃତି ଭକ୍ତମାନଙ୍କୁ ଏକ ନୂଆ ଅନୁଭୂତି ଦେବ।

# ଆଜିଠୁ ପାଣି ପଞ୍ଚାୟତ ପକ୍ଷ

**ଜଳର ବ୍ୟବହାରିକ ବାର୍ତ୍ତା ପ୍ରଚାର କରିବ ପାଣି ପଞ୍ଚାୟତ ରଥ**

ଭୁବନେଶ୍ୱର, ୧୫।୧ (ଅନିଲ ଦାସ)

ମଙ୍ଗଳବାରଠାରୁ ରାଜ୍ୟରେ ଜାନୁଆରୀ ୩୦ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ-୨୦୨୪ ପାଳିତ ହେବ। ଏହାର ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାର ରାଜ୍ୟରେ ଥିବା ବୃହତ୍, ମଧ୍ୟମ, କ୍ଷୁଦ୍ର ଏବଂ ଉଠା ଜଳସେଚନ ଅନ୍ତର୍ଭୁକ୍ତ ହେବ। ୧୧୭ଟି ଜଳସେଚନ ଡିଭିଜନରେ ଡିଭିଜନସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ଜାନୁଆରୀ ୨୪ରେ ଜିଲାସ୍ତରୀୟ ଓ ଜାନୁଆରୀ ୩୦ରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ଡିଭିଜନ ସ୍ତରରେ ଆରମ୍ଭ ହେବାକୁ ଥିବା ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ମନ୍ତ୍ରୀ, ସ୍ଥାନୀୟ ଏମ୍‌ପି, ବିଧାୟକ, ନିର୍ବାଚିତ ପଞ୍ଚାୟତିରାଜ ତଥା ପୌରାଞ୍ଚଳ ଜନପ୍ରତିନିଧି ପାଣିପଞ୍ଚାୟତ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ପାଣି ପଞ୍ଚାୟତ ସମାବେଶ, ସୂଚନା, ଶିକ୍ଷା ଓ ଯୋଗାଯୋଗ, ଜଳର ସାମାଜିକ ବ୍ୟବହାରିକ ପରିବର୍ତ୍ତନ ଆଦି ସମ୍ପର୍କିତ କାର୍ଯ୍ୟକ୍ରମକୁ ନେଇ ପ୍ରଦର୍ଶନୀ, ପାଣି ପଞ୍ଚାୟତ ରଥ ପରିଭ୍ରମଣ ଜରିଆରେ ସୂଚନା ପ୍ରଦାନ ଓ ସଚେତନତା ବାର୍ତ୍ତାର ପ୍ରଚାର ପ୍ରସାର କରାଯିବ। ପୁସ୍ତିକା ବଣ୍ଟନ, ବ୍ୟାନର ଓ ଲୋଗୋ ପ୍ରଦର୍ଶନ, ସ୍ଲୋଗାନ, ଟ୍ୟାଗ୍ ଲାଇନ୍ ବ୍ୟବହାର ସହ ସଙ୍ଗୀତ, ଶପଥ ପାଠ ଇତ୍ୟାଦି କାର୍ଯ୍ୟକ୍ରମ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି।

ସୂଚନାଯୋଗ୍ୟ ଯେ ୧୯୯୫-୨୦୦୨ରେ ରାଜ୍ୟରେ ପ୍ରାୟ ୭୦୦ ଜଳ ଉପଭୋକ୍ତା ସଂଘ ଥିବାବେଳେ ଏବେ ୩୯,୨୮୯ରୁ ଅଧିକ ପାଣି ପଞ୍ଚାୟତକୁ ନେଇ ପାଣି ପଞ୍ଚାୟତ ଆନ୍ଦୋଳନ ଜାରି ରହିଛି। ଇତିମଧ୍ୟରେ ଓଡ଼ିଶା ପାଣି ପଞ୍ଚାୟତ ଆଇନ-୨୦୦୨ରେ ସଂଶୋଧନ କରାଯାଇ ଏଥିରେ କିପରି ଅଧିକରୁ ଅଧିକ କୃଷକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ପାଣି ପଞ୍ଚାୟତ ଗଠନ, ପାଣି ପଞ୍ଚାୟତରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ଚାଷ ଜମି ଥିବା କୃଷକଙ୍କ ଜୀବନସାଥୀଙ୍କୁ ଅନ୍ତର୍ଭୁକ୍ତ କରିବା ଇତ୍ୟାଦି ରହିଛି। ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ପ୍ରକଳ୍ପ (ଓଆଇଆଇପିସିଆରଏ) ମାଧ୍ୟମରେ ମଧ୍ୟ ଫସଲ ଉତ୍ପାଦନରେ ଉନ୍ନତି ଆଣିବା, ଜଳବାୟୁକୁ ସୁହାଇଲା ଭଳି ସହନଶୀଳ କୃଷି ପଦ୍ଧତି ଏବଂ ଜ୍ଞାନକୌଶଳର ଉପଯୋଗ, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଫସଲ ବିବିଧୀକରଣକୁ ଆପଣାଇବା, ଜଳର ଦକ୍ଷ ବ୍ୟବହାର ପୂର୍ବକ ଉତ୍ତମ ଗୁଣବତ୍ତା, ଉତ୍ତମ ଅମଳ ଏବଂ ଜଳବାୟୁ ସହନଶୀଳ ବିହନ ଇତ୍ୟାଦିର ବ୍ୟବହାର ଆଦିକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ପାଣି ପଞ୍ଚାୟତ କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ନିଆଯାଇଛି।

## ଏଟିଏମ୍ ଲୁଟ୍‌ରେ...

ପ୍ରଥମ ପୃଷ୍ଠାରୁ...

ସାଇବର ସେଲ୍, ସିସିଟିଭି ଫୁଟେଜ୍ ସହିତ ଗୋଇନ୍ଦା ବିଭାଗ ସହଯୋଗରେ ଦୁଇଟି ଏଟିଏମ୍ ଲୁଟ୍ ଘଟଣାରେ ଗୋଟିଏ ଗ୍ୟାଙ୍ଗ ସାମିଲ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ରାଜ୍ୟ ବାହାରକୁ ଖସି ପଳାଉଥିବା ବେଳେ ଭୁବନେଶ୍ୱରରୁ ଧରାପଡ଼ିଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ଅନିଶ ଖାନ, ଅରିଫ ଖାନ, ମହମ୍ମଦ ତାରିକ, ମହମ୍ମଦ ଅଫଜଲ ଓ ମହମ୍ମଦ ହାସନ। ହରିୟାଣାର ମେୱାତ୍ ବା ନୁହ୍ ଜିଲାର ୬ଜଣିଆ ଗ୍ୟାଙ୍ଗର ମୁଖ୍ୟ ନରେଶ ଓରଫ ନର୍ଷୁ ଫେରାର ଅଛନ୍ତି। ତେବେ ପୋଲିସ ତାଙ୍କ ଠିକଣା ପାଇଛି, ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ। ଦିଲ୍ଲୀରୁ ଚୋରି ହୋଇଥିବା କାର୍ ସହିତ ସେମାନଙ୍କ ନିକଟରୁ ଗୋଟିଏ ଚୋରା ପିସ୍ତଲ, ୪ ଜୀବନ୍ତ ଗୁଳି, ନଗଦ ୬ଲକ୍ଷ ୧୩ହଜାର ୭ଶହ ଟଙ୍କା, ସ୍ପ୍ରେ ପେଣ୍ଟ, ତାରକଟା ଯନ୍ତ୍ର, ଜିଓ ହଟ ସ୍ପଟ, ସ୍କ୍ରୁଡ୍ରାଇଭର, ୩ ସ୍ମାର୍ଟଫୋନ, ଏଟିଏମ୍‌ର ଭଙ୍ଗା କ୍ୟାଶ ଟ୍ରେ, ୫ ଅଭିଯୁକ୍ତଙ୍କ ଭୋଟ୍ ପରିଚୟ ପତ୍ର ଆଦି ଜବତ ହୋଇଛି। ୬ଜଣଙ୍କ ମଧ୍ୟରୁ ଜଣେ ଲୁଟ୍ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ବୁଲି ସ୍ଥିତି ଅନୁଧ୍ୟାନ କରନ୍ତି। ଅନ୍ୟ ଜଣେ ଗ୍ୟାସ କଟରରେ ଏଟିଏମ୍ କାଟନ୍ତି, ଗ୍ୟାଙ୍ଗର ମୁଖ୍ୟ ଏଟିଏମ୍‌କୁ କେଉଁଭଳି କଟାଯିବ ସେ ସମ୍ପର୍କରେ ଗ୍ୟାସ କଟିଂରେ ପାରଙ୍ଗମ ଗ୍ୟାଙ୍ଗର ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଥାଏ। ଅଭିଯୁକ୍ତମାନେ ଆସାମ, ଦିଲ୍ଲୀ, ହରିୟାଣା, ପଞ୍ଜାବ ଆଦି ରାଜ୍ୟରେ ଏକାଧିକ ଏଟିଏମ୍ ଲୁଟ୍ ଘଟଣାରେ ସାମିଲ ଅଛନ୍ତି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେହୁରା, ସଦର ଥାନା ଆଇଆଇସି ଜୟନ୍ତ ବେହେରାଙ୍କ ସମେତ ପୋଲିସ ଟିମ୍‌ରେ ସାମିଲ ବହୁ ଅଧିକାରୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## କେୱାଇସି ସମ୍ପୂର୍ଣ୍ଣ...

ଇସ୍ୟୁ ହେବା ଏବଂ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରାଯାଇ ବିନା କେୱାଇସିରେ ଫାସ୍‌ଟାଗ୍ ଜାରି ହେଉଥିବା ଜଣାପଡ଼ିବା ପରେ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ଏହା ବ୍ୟତୀତ ବେଳେବେଳେ ଜାଣିଶୁଣି ଯାନର ୱିଣ୍ଡସ୍କ୍ରିନ୍‌ରେ ଫାସ୍‌ଟାଗ୍‌କୁ ଲଗାଯାଉ ନାହିଁ। ଫଳରେ ଟୋଲ୍ ପ୍ଲାଜାରେ ଅଯଥା ବିଳମ୍ବ ହେଉଛି ଓ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଟୋଲ୍ ପ୍ଲାଜାଗୁଡ଼ିକରେ ପ୍ରବେଶ ହାର ୯୮ ପ୍ରତିଶତ ରହିଥିବାବେଳେ ୮ କୋଟି ୟୁଜର ଅଛନ୍ତି। ଦେଶରେ ଇଲେକ୍ଟ୍ରୋନିକ୍ ଭାବେ ଟୋଲ୍ ସଂଗ୍ରହ ବ୍ୟବସ୍ଥାରେ ଫାସ୍‌ଟାଗ୍ ବିପ୍ଳବ ଆଣିଛି। 'ୱାନ୍ ଭେହିକିଲ୍, ୱାନ୍ ଫାସ୍‌ଟାଗ୍' ବ୍ୟବସ୍ଥା ଟୋଲ୍ ସଂଗ୍ରହକୁ ଅଧିକ ପ୍ରଭାବୀ ଏବଂ ସହଜ କରିବା ସହ ଜାତୀୟ ରାଜପଥ ବ୍ୟବହାରକାରୀମାନଙ୍କ ଯାତ୍ରାକୁ ଆରାମଦାୟକ କରିଛି। ଦେଶର ବର୍ଦ୍ଧିତ ଜାତୀୟ ରାଜପଥ ନେଟ୍‌ୱର୍କ ପାଇଁ ଏକ 'ଗ୍ରୀନ୍ କଭର ଇଣ୍ଡେକ୍ସ'ର ବିକାଶ ନିମନ୍ତେ ଏନ୍‌ଏଚ୍‌ଏଆଇ ନ୍ୟାଶନାଲ ରିମୋଟ୍ ସେନ୍ସିଂ ସେଣ୍ଟର (ଏନ୍‌ଆର୍‌ଏସ୍‌ସି) ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ଏନ୍‌ଏଚ୍‌ଏଆଇ ବ୍ୟବହାର କରୁଥିବା ଟେକ୍ନୋଲୋଜିର ସାମର୍ଥ୍ୟକୁ ଉପଯୋଗ କରି ଏନ୍‌ଆର୍‌ଏସ୍‌ସି ହାଇ ରିଜଲ୍ୟୁଶନ ସାଟେଲାଇଟ୍ ପରିକଳ୍ପନା ସହାୟତାରେ ଗ୍ରୀନ୍ କଭରର ଏକ ବିସ୍ତୃତ ପାନ୍-ଇଣ୍ଡିଆ ଆକଳନ ପ୍ରସ୍ତୁତ କରିବ ବୋଲି ଏକ ବିବୃତିରେ କୁହାଯାଇଛି।

# ପରିକ୍ରମା ପ୍ରକଳ୍ପ ଦେଖିବାକୁ ରାଜ୍ୟର ପ୍ରାୟ ସବୁ ପଞ୍ଚାୟତରୁ ଆସୁଛି ବସ୍

**ଜିଲାପାଳଙ୍କୁ ଚିଠି ଲେଖିଲେ ଲୋହାନୀ**

ଭୁବନେଶ୍ୱର, ୧୫।୧ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପକୁ ଆସନ୍ତା ୧୭ ତାରିଖରେ ଉଦ୍‌ଘାଟନ କରିବେ। ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ସମାରୋହକୁ ସରକାରଙ୍କ ତରଫରୁ ରାଜ୍ୟବ୍ୟାପୀ ପାଳନ କରିବା ଲାଗି ଘୋଷଣା କରାଯାଇଥିବା ବେଳେ ରାଜ୍ୟର ସବୁ ଜିଲାରୁ ହଜାର ହଜାର ଲୋକଙ୍କୁ ଏହିଦିନ ପୁରୀ ଆଣିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ତେବେ ପ୍ରତ୍ୟେକ ବ୍ଲକରୁ ଆସିବାକୁ ଥିବା ଲୋକଙ୍କ ଲାଗି କିପରି ସବୁ ପ୍ରକାର ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ସେମାନେ ସୁରୁଖୁରୁରେ ପୁରୀରେ ପହଞ୍ଚିବେ ସେଥିନେଇ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। କିପରି ଜିଲାରୁ ପୁରୀକୁ ଆସିବାକୁ ଥିବା ଲୋକଙ୍କ ଖାଇବା ବ୍ୟବସ୍ଥାଠାରୁ ବସ୍‌ରେ ବସିବା ଦାୟିତ୍ୱ ସେସବୁ କଥା ନେଇ ପଞ୍ଚାୟତିରାଜ ବିଭାଗ ସଚିବ ସୁଶୀଲ କୁମାର ଲୋହାନୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।




ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ରାହୁଯୁକ୍ତ ଦ୍ୱାଦଶ ଚନ୍ଦ୍ର ହେତୁ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ଏବଂ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା ବଶତଃ କାମ ସ୍ଥଗିତ ରହିଯିବା ଆଶଙ୍କା ରହିଛି।

**ବୃଷ** – ଧନଭାବ ପ୍ରତି ଧନାଧିପତିଙ୍କ ଦୃଷ୍ଟି ହେତୁ ଆର୍ଥିକ ଅଭିବୃଦ୍ଧି ଘଟିବ। ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ ଓ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ପରିବାରରେ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତାକରି ଆଶଙ୍କାଗ୍ରସ୍ତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ।

**ମିଥୁନ** – ବୁଧ ସହ ମଙ୍ଗଳଙ୍କ ସଂଯୋଗ କାରଣରୁ ଦୈହିକ ଦୁର୍ବଳତା ଦେଖାଦେବ। ପାରିବାରିକ ସମସ୍ୟା ସୁଧାରିବାରେ ଅସୁବିଧା ରହିବ ନାହିଁ। ଆରଦ୍ରା ନକ୍ଷତ୍ର ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। କାମରୁ ଓହରି ନ ଯାଇ ବାରମ୍ବାର ଚେଷ୍ଟାକଲେ ଅବଶ୍ୟ ସଫଳତା ପାଇପାରିବେ।

**କର୍କଟ** – ପାପଗ୍ରହଯୁକ୍ତ ଚନ୍ଦ୍ର ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଉଦ୍‌ଯୋଗ ହାନି ମାନସିକ ଅଶାନ୍ତିର କାରଣ ହେବ। ଶତ୍ରୁତା ଲାଗି ରହିଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ସେପରି ହେବନାହିଁ। ବ୍ୟବସାୟ, ସଭାସମିତି ପ୍ରଭୃତିରେ ସଫଳତା ହାସଲ କରିବେ।

**ସିଂହ** – ଚତୁର୍ଥସ୍ଥ ଶୁକ୍ରଙ୍କ ଯୋଗୁ ପାରିବାରିକ ସ୍ଥିତି ଭଲ ରହିବ ଏବଂ ବିଳାସ ଉପକରଣ କ୍ରୟ କରିବାକୁ ମନ ବଳିବ। କେତୁ ପ୍ରଭାବରୁ ଅଭାବ ଅସୁବିଧାରେ ଗୁରୁଜନଙ୍କ ସାନ୍ତ୍ୱନା ମନରେ ଆଶ୍ୱସ୍ତି ଭରିପାରେ। କର୍ମକ୍ଷେତ୍ରରେ ଏବଂ ଶିଳ୍ପ, ବାଣିଜ୍ୟ ତଥା ପରିବହନରେ ଲାଭବାନ ହେବେ। ଭ୍ରାତୃବିବାଦଜନିତ ସମସ୍ୟାକୁ କେନ୍ଦ୍ରକରି ଅଶାନ୍ତ ରହିପାରନ୍ତି।

**କନ୍ୟା** – ରାହୁ ଓ କେତୁ ମଧ୍ୟସ୍ଥ ସମସ୍ତ ଗ୍ରହ ହେତୁ କୌଣସି କାମ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବନାହିଁ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଗୁରୁତର ନ ହୋଇପାରେ। ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ତୁଳା** – ଶୁକ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ନିଜ ଲୋକଙ୍କ ଅସହଯୋଗଜନିତ ସୁଯୋଗ ହାତମୁଠାରୁ ଖସିଯାଇପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ଚିନ୍ତା କରିବାକୁ ପଡ଼ିପାରେ। ଦ୍ରବ୍ୟଲାଭରୁ ଖୁସି ହେବେ, କିନ୍ତୁ ଈର୍ଷାପର ବନ୍ଧୁମାନେ କ୍ରମଶଃ ଦୂରେଇଯିବେ।

**ବିଛା** – କର୍ମାଧିପ ଭାଗ୍ୟସ୍ଥ ଯୋଗୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲ ରହିବ। ମାନସିକ ଅସ୍ଥିରତା ଦେଖାଦେଲେ ମଧ୍ୟ ସନ୍ତାନ ହେତୁକ ଖୁସିରେ ଆତ୍ମହରା ହୋଇପାରନ୍ତି। ମିଥ୍ୟା ପ୍ରତିଶ୍ରୁତି ଦେଇ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** – ଚତୁର୍ଥସ୍ଥାନରେ ଅଷ୍ଟମାଧିପତି ପାପଗ୍ରହଯୁକ୍ତ ଯୋଗୁ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ସମସ୍ତ ସୁବିଧା ଥିଲେ ମଧ୍ୟ କଳୁଷିତ ଚିନ୍ତା ମନକୁ ବିବ୍ରତ କରିପାରେ। ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ, କିନ୍ତୁ ହାତପାହାନ୍ତାରେ ସୁଯୋଗ ପାଇବେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**ମକର** – ରାଶିରେ ରବି ରହିବା କାରଣରୁ ବିବାଦୀୟ କଥା ମାନସିକ ଅଶାନ୍ତିର କାରଣ ହୋଇପାରେ। ଅଫିସିଆଲି କାମରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** – କର୍ମସ୍ଥାନରେ ଶୁକ୍ର ରହିଥିବା ହେତୁ ନୂଆ ଯୋଜନାର ରୂପରେଖ ଉପରେ ଗୁରୁତ୍ୱ ଦେବେ ଓ ସଫଳତା ଦିଗକୁ ମୁହାଁଇବେ। ପାରିବାରିକ କ୍ଷେତ୍ର, ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାମରେ ବ୍ୟସ୍ତ ରହିବେ। ସରକାରୀ ସ୍ତରରୁ ଅର୍ଥଲାଭର ସୂଚନାରୁ ମନ ଖୁସି ହୋଇଯିବ।

**ମୀନ** – ରାଶିରେ ଚନ୍ଦ୍ର ପାପଗ୍ରହଯୁକ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ତଥାପି ବୃହସ୍ପତି ପ୍ରଭାବରୁ ପୂର୍ବ ସମସ୍ୟାଗୁଡ଼ିକର ସରଳ ସମାଧାନ ପାଇଁ ରାସ୍ତା ଖୋଲିଯିବ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। ଅନ୍ୟ ମାନଙ୍କ କାନକୁହା କଥା ଶୁଣି ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଜାନୁଆରୀ ୧୬ ତାରିଖ, ଜାତୀୟ ଷ୍ଟାର୍ଟଅପ୍ ଦିବସ, ପୌଷ ଶୁକ୍ଳ ଷଷ୍ଠୀ ମଙ୍ଗଳବାର। ରାଶି ନକ୍ଷତ୍ର-ଉତ୍ତର ଭାଦ୍ରପଦ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣି ଗ୍ରହଣ। ଦିବା ଘ.୦୯।୧୨ ଗତେ, ଘ.୧୦।୫୦ ମଧ୍ୟେ, ଘ.୦୧।୦୧ ଗତେ, ଘ.୦୧।୧୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୪୦ ଗତେ, ଘ.୦୪।୦୨ ମଧ୍ୟେ ରାହୁକାଳ।

# 'ଜନଜାତିଙ୍କ ବିକାଶ ବିନା ରାଜ୍ୟ, ଦେଶର ବିକାଶ ଅସମ୍ପୂର୍ଣ୍ଣ'

## ପିଏମ୍ ଜନଜାତି ନ୍ୟାୟ ମହାଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

ଦେବଗଡ଼,୧୫।୧
(ଶଶାଙ୍କ ଶେଖର ଝାଙ୍କର)

ମୋଦି ସରକାର ସମଗ୍ର ଭାରତବର୍ଷରେ ଜନଜାତି ସମାଜକୁ ଉନ୍ନତମାନର ଜୀବନଶୈଳୀ ପ୍ରଦାନ କରିବା ପାଇଁ ଗ୍ୟାରେଣ୍ଟି ଦେଇଛନ୍ତି। ୨୪,୦୦୦ କୋଟି ଟଙ୍କା ଖର୍ଚ୍ଚ କରି ଆଦିମ ଜନଜାତି ତଥା ୭୫ ପ୍ରକାରର ପିଭିଟିଜି ଗୋଷ୍ଠୀଙ୍କୁ ସରକାରୀ ସୁବିଧା ଉପଲବ୍ଧ କରାଇବା ଦିଗରେ ପିଏମ୍ ଜନମନ ଏକ ମହାଭିଯାନ ବୋଲି ସୋମବାର ଦେବଗଡ଼ ଜିଲା ବାରକୋଟ ବ୍ଲକ ଉଆଁରାଠାରେ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ(ପିଏମ୍ -ଜନମନ) କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଏମ୍-ଜନମନର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ସେମାନଙ୍କର ଅନୁଭୂତି ଶୁଣିଥିଲେ କେନ୍ଦ୍ରମନ୍ତ୍ରୀ। ଜଳ ଜୀବନ ମିଶନରେ ଘରକୁ ପାନୀୟ ଜଳ, ପିଏମ କିଷାନ ସମ୍ମାନ ନିଧି ଏବଂ ଜନଧନ ଯୋଜନାରେ ଆର୍ଥିକ ସହାୟତା ପାଇ ସେମାନେ ସଶକ୍ତ ଓ ଆତ୍ମନିର୍ଭର ହୋଇଥିବା ହିତାଧିକାରୀମାନେ ମତ ପ୍ରକାଶ କରିଥିଲେ। ସେମାନଙ୍କ ସହ ଆଲୋଚନା କରିବା ଅବସରରେ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କୁ ସଶକ୍ତ କରିବା ପାଇଁ ଅନ୍ତ୍ୟୋଦୟର ଲକ୍ଷ୍ୟ ଦିଗରେ ପିଏମ୍-ଜନମନର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ଏକ ଜନଜାତିବହୁଳ ରାଜ୍ୟ। ଜନଜାତିଙ୍କ ବିକାଶ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ପୂର୍ଣ୍ଣ। ମୋଦି ଗ୍ୟାରେଣ୍ଟିରେ ବାଦ ବିବାଦର ଜାଗା ନାହିଁ। ମୋଦି ସରକାରରେ ଶତ ପ୍ରତିଶତ ଲୋକେ ଯୋଜନାର ଲାଭ ପାଇବାର ଲକ୍ଷ୍ୟ ରଖାଯାଇଛି। ପ୍ରଧାନ ଆହୁରି କହିଛନ୍ତି ଯେ, ପିଏମ୍ ଜନମନ ବିକଶିତ ଭାରତର ସଂକଳ୍ପର ଏକ ପ୍ରମୁଖ ଆଧାର। ତାଳଚେର ବିମଳାଗଡ ରେଳ ଲାଇନର ଦ୍ରୁତ କାମ ଆରମ୍ଭ ହୋଇଛି। ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ନୂଆ ରେଳ ଲାଇନ ତିଆରି କରିବା ପାଇଁ ସର୍ଭେ ଆରମ୍ଭ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ (ପିଏମ୍ଏୱାଇ - ଜି) ର ୧ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ-ଜନମନର ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାରକୋଟ ବ୍ଲକ ଉଆଁରାରୁ ଜନଜାତି ଲୋକମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଭିସି ଜରିଆରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ଜନଜାତି ମନ୍ତ୍ରଣାଳୟର ନିର୍ଦ୍ଦେଶିକା ସଂଗୀତା ଗୁପ୍ତା, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ନୂଆଦିଲ୍ଲୀରୁ ଆସିଥିବା ଅଧିକାରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅତିଥି ଓ ଗ୍ରାମବାସୀ।

# କନିଷ୍ଠ ଶିକ୍ଷକ ପରୀକ୍ଷାଫଳ ପ୍ରକାଶ

## ମାସ ସୁଦ୍ଧା ନିଯୁକ୍ତି ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,
୧୫।୧(ଅସମାପିକା ସାହୁ)

କନିଷ୍ଠ ଶିକ୍ଷକ(ସ୍କିମାଟିକ୍) ଲିଖିତ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ୱେବ୍ସାଇଟ୍ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ଫଳ ତାଲିକାରେ କଳା, ବିଜ୍ଞାନ, ତେଲୁଗୁ, ଉର୍ଦ୍ଦୁ ଓ ବଙ୍ଗଳା ଶିକ୍ଷକ ପାଇଁ ମୋଟ ୧୮,୭୮୮ଜଣ ସ୍ଥାନ ପାଇଛନ୍ତି। ବିଭିନ୍ନ ବର୍ଗ ପାଇଁ ସଂରକ୍ଷିତ ସିଟ୍ ପୂରଣ ହୋଇ ନ ଥିବାରୁ ସେସବୁ ପଦ ଖାଲି ରହିଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ଶିକ୍ଷକ ପଦ ପାଇଁ ମୋଟ ୯,୯୮୨ଜଣ କୃତିତ୍ୱ ଅର୍ଜନ କରିଛନ୍ତି। ତନ୍ମଧ୍ୟରୁ ବିଜ୍ଞାନରେ ୫,୯୯୬ଜଣ ସ୍ଥାନ ପାଇଥିବାବେଳେ କଳାରେ ୩,୭୯୯, ତେଲୁଗୁରେ ୧୬, ଉର୍ଦ୍ଦୁରେ ୧୫୯ ଏବଂ ବଙ୍ଗଳାରେ ୧୨ଜଣ ସ୍ଥାନ ପାଇଛନ୍ତି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଶିକ୍ଷକ ପାଇଁ ମୋଟ ୮,୮୦୬ଜଣ କୃତକାର୍ଯ୍ୟ ହୋଇଥିବାବେଳେ ବିଜ୍ଞାନରେ ୫,୦୧୪ଜଣ, କଳାରେ ୩,୭୦୫, ତେଲୁଗୁରେ ୧୧, ଉର୍ଦ୍ଦୁରେ ୨୪ ଏବଂ ବଙ୍ଗଳାରେ ୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ଆସନ୍ତା ବୁଧବାର ମଧ୍ୟରେ ଡକ୍ୟୁମେଣ୍ଟ ଭେରିଫିକେଶନ ପ୍ରକ୍ରିୟା ଆରମ୍ଭ କରାଯିବ। ସପ୍ତାହେ ମଧ୍ୟରେ ଏହି ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ମଧ୍ୟ ଧାର୍ଯ୍ୟ ହୋଇଛି। ଏହାସହ ଚଳିତ ମାସ ଶେଷ ସୁଦ୍ଧା କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ସମସ୍ତ ପ୍ରସ୍ତୁତି କରାଯାଇଛି। ନିଯୁକ୍ତି ପାଇଁ ଓସେପା ପୂର୍ବରୁ ପ୍ରସ୍ତୁତି ଚଳାଇଛି। ଇତିମଧ୍ୟରେ ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ)ମାନେ ପ୍ରାଥମିକତା ଭିତ୍ତିରେ ଶିକ୍ଷକ ଆବଶ୍ୟକ କରୁଥିବା ବିଦ୍ୟାଳୟର ତାଲିକା ପ୍ରଦାନ କରିଛନ୍ତି। ସେହି ତାଲିକା ଭିତ୍ତିରେ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ଦିଆଯିବ ବୋଲି ସୂଚନା ଦିଆଯାଇଛି।




# ବରଗଡ଼ ଧନୁଯାତ୍ରା ଉଦ୍ଘାଟିତ, କଂସରାଜ୍ ଆରମ୍ଭ

ମଥୁରାନଗରୀ,୧୫।୧
(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାର ସନ୍ଧ୍ୟା ୭ଟା ୪୫ମିନିଟ୍ରେ ଉଦ୍ଘାଟିତ ହୋଇଛି। ପରମ୍ପରା ଦୃଷ୍ଟିରୁ ବରଗଡ଼ ଏମ୍ପି ସୁରେଶ ପୂଜାରୀ ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍ଘାଟନ କରିଥିଲେ। ସମାରୋହରେ ଧନୁଯାତ୍ରା ମହୋତ୍ସବ ସଭାପତି ତଥା ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, କାର୍ଯ୍ୟକାରୀ ସଭାପତି ତଥା ଏସ୍ପି ପି.ଏସ୍ ମୀନା, ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜଦରବାର କମିଟିର ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ମହୋତ୍ସବ ଉଦ୍ଘାଟିତ ହେବା ପରେ ମହାରାଜା ଉଗ୍ରସେନଙ୍କ ଉପସ୍ଥିତିରେ ସ୍ଥାନୀୟ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଦେବକୀଙ୍କ ଅଷ୍ଟମ ସନ୍ତାନ କଂସଙ୍କ ମୃତ୍ୟୁର କାରଣ ହେବ ବୋଲି ଦୈବବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ। ଏହାପରେ ଉଗ୍ରସେନ ମହାରାଜଙ୍କୁ ଗାଦିଚ୍ୟୁତ କରିବା ସହିତ ଯୁବରାଜ କଂସ ଶାସନ ଡୋରି ନିଜ ହାତକୁ ନେଇଥିଲେ। ଶାସନ ଭାର ହାତେଇବା ପରେ କଂସ ମହାରାଜା ଦେବକୀ, ବସୁଦେବଙ୍କୁ କାରାଗାର (ସମଲେଶ୍ୱରୀ ମଣ୍ଡପ)କୁ ପଠାଇ ଦେଇଥିଲେ। କଂସଙ୍କ ଏଭଳି ରାଜୁତି ପରେ ସମଗ୍ର ମଥୁରା ନଗରୀ ଅଶାନ୍ତ ହୋଇ ପଡ଼ିଛି। ସେହିପରି ଦୈବବାଣୀ ପରଠାରୁ ଯୁବରାଜ କଂସ ବିଚଳିତ ହୋଇପଡ଼ିଛନ୍ତି। ମନକୁ ଶାନ୍ତ କରିବା ପାଇଁ କଂସଙ୍କ ନିର୍ଦ୍ଦେଶରେ ରାଜଦରବାରରେ ନୃତ୍ୟ ପରିବେଷିତ ହୋଇଥିଲା।



ଅତିଥିମାନେ ଧନୁଯାତ୍ରା ମହୋତ୍ସବକୁ ଉଦ୍ଘାଟନ କରୁଛନ୍ତି।

# ୧୪ ଜିଲାରେ ପ୍ରବଳ କୁହୁଡ଼ି ସମ୍ଭାବନା

## ଆଉ ବଢିବନି ଶୀତ

ଭୁବନେଶ୍ୱର,
୧୫।୧ (ଅନିଲଦାସ)

ରାଜ୍ୟରେ ଆଉ ଶୀତର ପ୍ରକୋପ ବଢିବ ନାହିଁ। ଆସନ୍ତା ୨୪ ତାରିଖ ଯାଏ ହାଲକା ଶୀତ ରହିବ। ସର୍ବନିମ୍ନ ତାପମାତ୍ରା ୯ରୁ ୧୦ ଡିଗ୍ରୀ ସେଲସିୟସ ରହିବ। ଆଉ ଶୀତ ବଢିବ ନାହିଁ। ଫେବୃୟାରୀ ପ୍ରଥମ ସପ୍ତାହରୁ ଦିନର ତାପମାତ୍ରା ବୃଦ୍ଧି ପାଇବା ଆରମ୍ଭ କରିବ। ତେବେ ରାତ୍ରୀରେ ସର୍ବନିମ୍ନ ତାପମାତ୍ରା ୧୦ରୁ ୨୦ ଡିଗ୍ରୀ ମଧ୍ୟରେ ରହିବ।

ଆସନ୍ତା ୪ ଦିନ ରାଜ୍ୟରେ ପାଗ ଶୁଖିଲା ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର ଏବଂ କୋରାପୁଟ ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ କୁହୁଡି ହେବ। ଉକ୍ତ ଜିଲାଗୁଡିକ ପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ୧୭ ତାରିଖରେ ସୁନ୍ଦରଗଡ, କେନ୍ଦୁଝର, ବରଗଡ, ଝାସୁଗରୁଡା, ସମ୍ବଲପୁର, ଦେବଗଡ, ମୟୂରଭଞ୍ଜ ଜିଲାରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୮ ରେ ସୁନ୍ଦରଗଡ, କେନ୍ଦୁଝର, ଦେବଗଡ, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ ଜିଲଶର ଗୋଟିଏ ଦୁଇଟି ସ୍ଥାନରେ ହାଲାକା ବର୍ଷା ହେବାର ସମ୍ଭାବନା ରହିଛି।

# ସୀମାନ୍ତ ପୁଷନାରରେ ଯୁବକଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୧୫।୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ଗଙ୍ଗାଲୁର ଥାନା ଅଞ୍ଚଳରେ ଥିବା ପୁଷନାର ଗ୍ରାମର ଜଣେ ଯୁବକଙ୍କୁ ମାଓବାଦୀମାନେ ସୋମବାର ହତ୍ୟାକରି ମୃତଦେହ ପୁଷନାର ରାସ୍ତାରେ ଫିଙ୍ଗିଦେଇଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ପୁଷନାର ଗ୍ରାମର ରିଷ୍ଟୁ ପୁନେମ(୧୯)। ରିଷ୍ଟୁ ନିଜ ଘରକୁ ଯାଉଥିବା ବେଳେ ରାସ୍ତାରେ ମାଓବାଦୀ ମାନେ ତାଙ୍କ ଉପରକୁ ଆକ୍ରମଣକରି ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ମୃତ ରିଷ୍ଟୁ ପରିବାର ଲୋକେ ଗଙ୍ଗାଲୁର ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।









ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା

-ବରଗଡ଼ରେ ଧନୁ ଯାତ୍ରା



# ଭିକାରି କେତେ

ଭିକ୍ଷାବୃତ୍ତି ଜଣେ ବ୍ୟକ୍ତିର ଦୁର୍ବଳ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଦର୍ଶାଏ। ଭିକାରିଟିଏ ଏହି ବୃତ୍ତିରେ ବଞ୍ଚେ। ବହୁ ସମୟରେ ଦେଖାଯାଏ ଅନେକ ସକ୍ଷମ ବ୍ୟକ୍ତି ଭିକମାଗନ୍ତି, ଯାହା ସେମାନଙ୍କ କାର୍ଯ୍ୟ କ୍ଷମତା ଉପରେ ପ୍ରଶ୍ନ ଉଠାଏ। ଭିକାରିଙ୍କ ସଂଖ୍ୟା ଭାରତ ପାଇଁ ସବୁବେଳେ ଚିନ୍ତାଜନକ ହୋଇରହିଛି। ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ମୋଟ ୪,୧୩,୬୭୦ ଭିକାରି ଥିଲେ। ପଶ୍ଚିମବଙ୍ଗରେ ସବୁଠୁ ଅଧିକ ଓ ତା' ପଛକୁ ଥିଲା ଉତ୍ତରପ୍ରଦେଶ । ଏବେ ଦେଶରେ ଭିକାରି ସଂଖ୍ୟା ହ୍ରାସ ବୃଦ୍ଧିର ତଥ୍ୟ ପ୍ରକାଶ ପାଉଥିଲେ ବି ତାହା ସନ୍ଦେହ ସୃଷ୍ଟିକରେ। କାରଣ, ଭାରତ ବୈଶ୍ୱିକ ଦାରିଦ୍ର୍ୟ ସୂଚକାଙ୍କକୁ ଗ୍ରହଣ କରିବାକୁ ନାରାଜ। ତେବେ ଓଡ଼ିଶାରେ ୬,୯୭୦ ଜଣ ଭିକାରି ଠାବହୋଇଥିବା ୨୦୨୧ରେ ବିଧାନସଭାରେ ସରକାର ସ୍ପଷ୍ଟ କରିଥିଲେ। ରାଜ୍ୟକୁ ଭିକାରି ମୁକ୍ତ କରିବାକୁ ସହାୟ ଯୋଜନା ମଧ୍ୟ ଆରମ୍ଭ କରାଯାଇଛି। ତେବେ ଭୁବନେଶ୍ୱରକୁ ଭିକାରିମୁକ୍ତ କରିବା ପାଇଁ ୨୦୨୩ରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଭିଯାନ ଆରମ୍ଭ କରିଥିଲା। ଏଥିରେ ବିଏମ୍‌ସି ପୂର୍ଣ୍ଣ ସଫଳତା ପାଇପାରି ନ ଥିଲେ ବି ଅନେକାଂଶରେ ଏହାକୁ ନିୟନ୍ତ୍ରଣ କରାଯାଇଛି। କିନ୍ତୁ ଏବେ ସୁଦ୍ଧା ରେଳଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳ କିମ୍ବା ଆଉ କିଛି ସ୍ଥାନରେ ଏମାନଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ଭିକାରିମାନଙ୍କୁ ଉଦ୍ଧାର କରାଯାଇ ଅନେକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଉଥିବାବେଳେ ଯାଯାବର ଗୋଷ୍ଠୀର ଭିକାରି (ବଞ୍ଜାରା) ବିଭିନ୍ନ ହସ୍ତକଳା ଜିନିଷ ତିଆରି ଓ ବିକ୍ରି କରିବା ଆଳରେ ଏଣେତେଣେ ରହିଥିବା ଜଣାପଡ଼ିଛି। ଏଯାବତ ପାଖାପାଖି ୨୫୦ ବଞ୍ଜାରାଙ୍କୁ ଉଦ୍ଧାର କରାଯାଇଛି। ଭୁବନେଶ୍ୱର ସହରକୁ ଭିକାରିମୁକ୍ତ କରାଯାଉଥିଲେ ମଧ୍ୟ ରାଜ୍ୟର ଅନ୍ୟ ପ୍ରମୁଖ ସହରଗୁଡ଼ିକରେ ଏମାନଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି।

ଦେଶରେ ଭିକାରିମୁକ୍ତ ଅଭିଯାନର ସଫଳତା ହାର ବହୁତ କମ୍। କେନ୍ଦ୍ର ସରକାର ୨୦୨୧ରେ ଦିଲ୍ଲୀ ସମେତ ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ଆଦି ୧୦ଟି ସହରକୁ ଭିକାରି ମୁକ୍ତ କରିବାକୁ ଏକ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। କିନ୍ତୁ ଗତ ବର୍ଷ ଦିଲ୍ଲୀରେ ଅନୁଷ୍ଠିତ ଜି୨୧ ସମ୍ମିଳନୀ ପୂର୍ବରୁ ପୁନର୍ବାର ଭିକାରିଙ୍କୁ ଠାବ କରାଯାଇଥିଲା । ଏଥିରୁ ବୁଝାପଡୁଛି , ଭିକାରି ମୁକ୍ତ ଯୋଜନା ଆରମ୍ଭ କରିଦେଇ ରାତାରାତି ସଫଳତା ମିଳିପାରିବ ବୋଲି ଦାବି କରାଯାଇପାରିବ ନାହିଁ। ଏଠାରେ ମନେରଖିବାକୁ ହେବ ଯେ, ଭିକାରି ସୃଷ୍ଟି ହେବା ପଛରେ ଅର୍ଥନୈତିକ କାରଣ ରହିଥିବା କଥା ସମସ୍ତେ ଜାଣନ୍ତି। ତେବେ ସବୁକଥା କେବଳ ଅର୍ଥରେ ଶେଷ ହୋଇଯାଉନାହିଁ। ଭିକାରି ଗୋଷ୍ଠୀଙ୍କର ମଧ୍ୟ ଏକ ଚାପ ରହିଥିବା ଦେଖିବାକୁ ମିଳେ। ନିର୍ଦ୍ଧାରିତ ସ୍ଥାନରେ ସେଠାକାର ନିର୍ଦ୍ଦିଷ୍ଟ ଭିକାରି ଗୋଷ୍ଠୀ ଭିକ ମାଗିପାରନ୍ତି। ସାମାଜିକ ସମସ୍ୟା ସହିତ ଏଥିରେ ଏକ ଆଇନଶୃଙ୍ଖଳା ଦିଗ ମଧ୍ୟ ରହିଛି।

> **ଭୁବନେଶ୍ୱର ନୁହେଁ, ରାଜ୍ୟର ସବୁ ସ୍ଥାନରେ ଥିବା ଭିକାରିଙ୍କୁ ଠାବକରି ଉପଯୁକ୍ତ ପ୍ରଶିକ୍ଷଣ ଓ କୌଶଳ ଶିକ୍ଷା ଦେଇ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ପ୍ରଚେଷ୍ଟା ଆରମ୍ଭ କରାଯିବା ଦରକାର। ଏହା ମଧ୍ୟ ଦେଖିବାକୁ ହେବ ଯେ, ସେହି ଉଦ୍ଧାର କରାଯାଇଥିବା ତଥାକଥିତ ଭିକାରିଙ୍କ ମଧ୍ୟରୁ କେତେଜଣ ଏକ ନିୟମିତ ଜୀବନଯାପନ କରି ରୋଜଗାର ପନ୍ଥା ଧରିବାକୁ ଇଚ୍ଛୁକ ହେବେ।**

ବିଶ୍ୱରେ ଜାପାନ, ଇଣ୍ଡୋନେସିଆ, ସିଙ୍ଗାପୋର, ନରୱେ, ଫିନ୍‌ଲାଣ୍ଡ, ଦକ୍ଷିଣ କୋରିଆ, ୟୁଏଇ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଭିକାରି ସଂଖ୍ୟା ବହୁତ କମ୍। ସେହିସବୁ ଦେଶରେ ଲୋକସଂଖ୍ୟା ମଧ କମ୍। ଏହି ଦେଶଗୁଡ଼ିକ ଉଚିତ ମାର୍ଗରେ ଦାରିଦ୍ର୍ୟ ଦୂରୀକରଣ ଯୋଜନା କିମ୍ବା କଠିନ ଆଇନ ପ୍ରଣୟନକରି ବହୁ ଚେଷ୍ଟାରେ ଏହାକୁ ନିୟନ୍ତ୍ରଣକୁ ଆଣିପାରିଛନ୍ତି। ବାସ୍ତବରେ ଭିକାରିମୁକ୍ତ ଯୋଜନା ସମୟ ସାପେକ୍ଷ । କିନ୍ତୁ ଭାରତରେ ଏହାର କାର୍ଯ୍ୟକାରିତା ସମ୍ପୂର୍ଣ୍ଣ ଧିମା ଲକ୍ଷ୍ୟ କରାଯାଏ, ଯାହାଫଳରେ ଏହାର ପୂର୍ଣ୍ଣ ସଫଳତା ଉପରେ ପ୍ରଶ୍ନ ଉଠୁଛି। ଉଦ୍ଧାର କରାଯାଉଥିବା ଭିକାରିମାନଙ୍କ ପାଇଁ ସ୍ଥାୟୀ ଥଇଥାନ ବ୍ୟବସ୍ଥା କରାଯିବା ଦରକାର, ଯାହା ଏଯାବତ କେନ୍ଦ୍ର ପକ୍ଷରୁ ସମ୍ପୂର୍ଣ୍ଣ କରାଯାଇନାହିଁ। ଏହା ନିଶ୍ଚିତ ଯେ, ସେମାନଙ୍କ ଜୀବିକା ପାଇଁ ମହତ୍ତ୍ୱାକାଂକ୍ଷୀ ଯୋଜନା କରାଯିବା ଜରୁରୀ। ରାଜ୍ୟ ପରିପ୍ରେକ୍ଷୀରେ ବିଚାରକଲେ ଭୁବନେଶ୍ୱରରୁ ଭିକାରିଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାର କିମ୍ବା ରାଜ୍ୟକୁ ଫେରାଇଦେବା ହୁଏତ ସହଜ ହୋଇପାରେ। ଭୁବନେଶ୍ୱର ନୁହେଁ, ରାଜ୍ୟର ସବୁ ସ୍ଥାନରେ ଥିବା ଭିକାରିଙ୍କୁ ଠାବକରି ଉପଯୁକ୍ତ ପ୍ରଶିକ୍ଷଣ ଓ କୌଶଳ ଶିକ୍ଷା ଦେଇ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ପ୍ରଚେଷ୍ଟା ଆରମ୍ଭ କରାଯିବା ଦରକାର। ଏହା ମଧ୍ୟ ଦେଖିବାକୁ ହେବ ଯେ, ସେହି ଉଦ୍ଧାର କରାଯାଇଥିବା ତଥାକଥିତ ଭିକାରିଙ୍କ ମଧ୍ୟରୁ କେତେଜଣ ଏକ ନିୟମିତ ଜୀବନଯାପନ କରି ରୋଜଗାର ପନ୍ଥା ଧରିବାକୁ ଇଚ୍ଛୁକ ହେବେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 6 | | 5 | | | | | |
| 3 | | | | | | | | 7 |
| | | | | 8 | | | 4 | |
| | | | | | | | 8 | 4 |
| | 8 | 5 | | | 7 | | | 1 |
| | | | | 6 | | 3 | | |
| 7 | | | 4 | | | 9 | | |
| | 5 | 6 | | 7 | | | | |
| | | | | 5 | 8 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧-୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 5 | 6 | 2 | 4 | 7 | 9 |
| 4 | 6 | 7 | 3 | 8 | 9 | 2 | 5 | 1 |
| 2 | 5 | 9 | 1 | 4 | 7 | 6 | 8 | 3 |
| 7 | 4 | 8 | 6 | 1 | 3 | 5 | 9 | 2 |
| 5 | 2 | 3 | 8 | 9 | 4 | 1 | 6 | 7 |
| 9 | 1 | 6 | 7 | 2 | 5 | 8 | 3 | 4 |
| 6 | 9 | 5 | 4 | 7 | 1 | 3 | 2 | 8 |
| 8 | 7 | 4 | 2 | 3 | 6 | 9 | 1 | 5 |
| 1 | 3 | 2 | 9 | 5 | 8 | 7 | 4 | 6 |

ଗତକାଲିର ଉତ୍ତର

# ଜୀବନର ଶ୍ରେଣୀ ବିଚାର



ଡ.ସତ୍ୟନାରାୟଣ ମିଶ୍ର

ବିଶ୍ୱାସ, ଭକ୍ତି ଓ ସମର୍ପଣରେ ଭଗବାନଙ୍କର ସ୍ଥିତିକୁ ଉପଲବ୍ଧି କରିହୁଏ, ଯେଉଁଠି ମଣିଷ ମନରେ ନ ଥାଏ ଗ୍ଳାନି, ଅହଂକାର ଓ ଗର୍ବ। ସୃଷ୍ଟିର ମଣିଷ ହିଁ ଏକମାତ୍ର ପ୍ରାଣୀ, ଯିଏ ଭଲ ମନ୍ଦର ବିଚାର ଅବିଚାର, ଠିକ୍ ଭୁଲ ଆଦିର ତର୍ଜମା କରିଥାଏ ଓ ସିଦ୍ଧାନ୍ତରେ ଉପନୀତ ହୋଇଥାଏ ବାସ୍ତବତାର ରୂପରେଖକୁ ଚରିତାର୍ଥ କରିବା ପାଇଁ। ବର୍ଗୀକରଣ, ବିଭକ୍ତୀକରଣ, ସାମାଜିକ, ଅର୍ଥନୈତିକ ପାର୍ଥକ୍ୟ ଆଦି ମଣିଷହିଁ ସୃଷ୍ଟି କରିଥାଏ ମଣିଷଙ୍କ ପାଇଁ। ଧରାପୃଷ୍ଠରେ ଅନ୍ୟ ଜୀବଜଗତ ଯେତେବେଳେ ବଞ୍ଚିବା ପାଇଁ ସଂଗ୍ରାମ ବା ଇଚ୍ଛା କରିଥାଏ, ସେତେବେଳେ ମଣିଷ ସମାଜ ନିଜ ନିଜ ମଧ୍ୟରେ ପାତର ଅନ୍ତର ବିଭେଦ ଆଦି ସୃଷ୍ଟି କରି ସାମାଜିକ ତାରତମ୍ୟର ଏକ ବିଶେଷ ବଳୟ ସୃଷ୍ଟି କରିଥାଏ। ସେହି ବଳୟ ମଧ୍ୟରେ କିଏ ନିଷ୍ପେଷିତ ହୋଇଥାଏ ତ ପୁଣି କିଏ ଏହା ଏକ ସୁଯୋଗର ଭରପୂର ଲାଭ ଉଠାଇଥାଏ। ଭଗବାନଙ୍କ ସୃଷ୍ଟିରେ ଯେତେବେଳେ ସମସ୍ତ ଜୀବଜଗତ ଏକକ ନିର୍ଦ୍ଦେଶ ଦ୍ୱାରା ପରିଚାଳିତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ, ସେହି ଦୃଷ୍ଟିରେ ମଣିଷ କିନ୍ତୁ ମଣିଷକୁ ଈର୍ଷା କରେ, ଘୃଣା କରେ, ଭୟ କରେ, ଅନ୍ୟର ଦୁଃଖରେ ସୁଖୀ ହୁଏ, ଅନ୍ୟର ସୁଖରେ ଦୁଃଖୀ ହୁଏ, ଅନ୍ୟର ଉତ୍କର୍ଷରେ ଅସହିଷ୍ଣୁ ହୋଇଥାଏ ଇତ୍ୟାଦି ଇତ୍ୟାଦି। ଉକ୍ତ ପାର୍ଥକ୍ୟ, ବୈଷମ୍ୟ, ବିଭେଦ ଆଦି କରି ମଣିଷ ସମାଜ ନିଜ ନିଜ ମଧ୍ୟରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି ବର୍ଗୀକରଣ କରିଥାଏ ଜୀବନର ସୁନ୍ଦର ମୁହୂର୍ତ୍ତକୁ, ଯେଉଁଠି ସେ କେବଳ ପାଇଥାଏ କିଛି ଅହଂକାର, ଗର୍ବ, ଈର୍ଷା ଓ ସାମାଜିକ ପ୍ରତିପତ୍ତି। ସମାଜରେ ବର୍ଗୀକରଣ ହେବା ପରେ ଯେଉଁମାନଙ୍କ ନିକଟରେ ଅଧିକ ଧନ, ପ୍ରତିପତ୍ତି କ୍ଷମତା ଆଦି ରହିଥାଏ, ସେମାନେ ହୋଇଥାନ୍ତି ସମାଜର ଉଚ୍ଚଶ୍ରେଣୀର ବ୍ୟକ୍ତିବିଶେଷ। ଯେଉଁମାନଙ୍କଠାରେ ଉକ୍ତ ସ୍ଥିତି ସ୍ୱଳ୍ପମାତ୍ରାରେ ଥାଏ ବା ଜୀବନ ନିର୍ବାହ ପାଇଁ ଆବଶ୍ୟକତାକୁ ସମ୍ମୁଖୀନ ହେବା ଲାଗି ସାମର୍ଥ୍ୟ ଥାଏ, ସେମାନେ ହୋଇଥାନ୍ତି ମଧ୍ୟମ ଶ୍ରେଣୀର। ଯେଉଁମାନଙ୍କ ନିକଟରେ ଉକ୍ତ ସ୍ଥିତି କିଛି ନ ଥାଏ, ସେମାନେ ନିଃସ୍ୱ, ଦରିଦ୍ର ଶ୍ରେଣୀର ପର୍ଯ୍ୟାୟଭୁକ୍ତ ହୋଇଥାନ୍ତି ଓ ଉକ୍ତ ଶ୍ରେଣୀର ବ୍ୟକ୍ତିମାନଙ୍କର ସମାଜରେ କୌଣସି ଆଧିପତ୍ୟ ନ ଥାଏ। ମନୁଷ୍ୟ ଉକ୍ତ ଶ୍ରେଣୀଭୁକ୍ତ ସମାଜ ସୃଷ୍ଟିକରି ତାହାକୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ବା ଗଣତାନ୍ତ୍ରିକ ବିଚାରଧାରାରେ ସ୍ୱୀକୃତି ଦେଇଥାଏ, ଯାହାକୁ ଏ ସମାଜ ବାଧ୍ୟବାଧକତାରେ ମାନିନେଇଥାଏ। ଶ୍ରେଣୀଭୁକ୍ତ ସମାଜ ସୃଷ୍ଟିକରି ମଣିଷ ନିଜର ପତିଆରା ଓ ଆଭିଜାତ୍ୟର ଅଭିମାନ ଆଦିକୁ ସାବ୍ୟସ୍ତ କରିଥାଏ କେବଳ ଅନ୍ୟମାନଙ୍କ ଉପରେ, ଯେଉଁମାନଙ୍କ ନିକଟରେ ଉକ୍ତ ପ୍ରତିପତ୍ତି, କ୍ଷମତା, ଧନ ଓ ପ୍ରାଚୁର୍ଯ୍ୟ ନ ଥାଏ।

ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ମଣିଷ ସାମାଜିକ ଅର୍ଥରେ ବିଶିଷ୍ଟ ବ୍ୟକ୍ତି, ଅତିବିଶିଷ୍ଟ ବ୍ୟକ୍ତିର ମୋହରର ମର୍ଯ୍ୟାଦାକୁ ଆଧାର କରି ଜୀବନ ଅତିବାହିତ କରିଥାଏ। ଯେଉଁ ସୃଷ୍ଟିରେ ଭଗବାନ ନିଜର ସୃଷ୍ଟିର ଅବୟବମାନଙ୍କୁ ନିଜର ସନ୍ତାନ ବୋଲି ମନେ କରନ୍ତି ଓ କୌଣସି ପାର୍ଥକ୍ୟ, ବିଭେଦ କରି ନ ଥାନ୍ତି, ତାଙ୍କରି ସନ୍ତାନ ହୋଇ ମଣିଷ ନିଜକୁ ମଣିଷ ଠାରୁ ବର୍ଗୀକରଣ ଓ ଶ୍ରେଣୀଭୁକ୍ତ ହୋଇ ନିଜର ପ୍ରତିଷ୍ଠା ଓ ଅହଂକାରର ଦୃଢ଼ୋକ୍ତିରେ ସେ ଭଗବାନଙ୍କୁ ମଧ୍ୟ ଶ୍ରେଣୀଭୁକ୍ତ କରିଥାଏ। ଅନେକ ସମୟରେ ସମାଜରେ ପରିଲକ୍ଷିତ ହୋଇଥାଏ ଯେ ଯେଉଁ ରାସ୍ତାରେ ବିଶିଷ୍ଟ ବା ଅତିବିଶିଷ୍ଟ ବ୍ୟକ୍ତିମାନେ ଯାତାୟାତ କରିବେ, ସେମାନଙ୍କ ଯାତାୟାତ ସମୟରେ ଉକ୍ତ ରାସ୍ତା ଦେଇ ସାଧାରଣ ଜନତା ଯାତାୟାତ କରି ପାରି ନ ଥାନ୍ତି, ତାହା ଥାଏ ସମାଜଠାରୁ ଭିନ୍ନ ବ୍ୟକ୍ତିମାନଙ୍କ ପାଇଁ ସେବା। ସରକାରୀ ବା ବେସରକାରୀ କାର୍ଯ୍ୟରେ, ସଭା ସମିତିରେ, ଧାର୍ମିକ ଅନୁଷ୍ଠାନ ଆଦିରେ ଉକ୍ତ ଶ୍ରେଣୀର ବ୍ୟକ୍ତିମାନେ ସର୍ବାଗ୍ରେ ବନ୍ଦନୀୟ ଓ ପୂଜନୀୟ ହୋଇଥାନ୍ତି। ଜଣେ ବିଶିଷ୍ଟ ବା ଅତି ବିଶିଷ୍ଟ ବ୍ୟକ୍ତି ଯଦି କୌଣସି ଧର୍ମାନୁଷ୍ଠାନ ଆଦିକୁ ପରିଦର୍ଶନ ପାଇଁ ଇଚ୍ଛା ପ୍ରକଟ କରିଥାନ୍ତି, ତେବେ ସେହି ସମୟରେ ଭଗବାନଙ୍କୁ ଉକ୍ତ ବିଶିଷ୍ଟଙ୍କ ପାଇଁ ଭଗବାନଙ୍କୁ ମଧ୍ୟ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିଥାଏ। କାରଣ ସେତେବେଳେ ଉକ୍ତ ସମୟରେ ଯଦି ଜଣେ ସମାଜର ସାଧାରଣ ଦୀନ ଦରିଦ୍ର ବ୍ୟକ୍ତି, ଯିଏ ଭଗବାନଙ୍କର ଅତି ପ୍ରିୟ ଭକ୍ତ ହୋଇଥାଏ, ସେ ଯଦି ଭଗବାନଙ୍କୁ ପରିଦର୍ଶନ କରିବାକୁ ଉତ୍ସୁକ ଥାଏ, ତେବେ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତିମାନଙ୍କଙ୍କର ସୁରକ୍ଷା ବଳୟ ଭେଦ କରିପାରି ନ ଥାଏ। ଭଗବାନ ସେଠାରେ ନିରୁପାୟ ହୋଇଥାନ୍ତି। କାରଣ ଏ ମଣିଷ ଭଗବାନଙ୍କୁ ମଧ୍ୟ ନିଜ ଭଳି ଶ୍ରେଣୀରେ ବିଭକ୍ତ କରିସାରିଛି। ଉକ୍ତ ସମୟରେ ଭଗବାନ କେବଳ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତି ପାଇଁ ଦର୍ଶନାର୍ଥେ ଉଭା ହୋଇଥାନ୍ତି ଓ ଉକ୍ତ ଶ୍ରେଣୀର ବ୍ୟକ୍ତି ସେଥିରେ ଅନେକ ଗର୍ବ ଅନୁଭବ କରିଥାନ୍ତି ଯେ, ସେମାନେ ଭଗବାନଙ୍କର ପ୍ରିୟ। ଗର୍ବ ଓ ଦାମ୍ଭିକତାରେ ମଣିଷ ଭଗବାନଙ୍କୁ ଯେତେବେଳେ ପରିଦର୍ଶନ କରିଥାଏ, ସେତେବେଳେ ଭଗବାନ କେବଳ ନିର୍ବାକ ହୋଇ ଅପେକ୍ଷା କରିଥାନ୍ତି ପରବର୍ତ୍ତୀ ସମୟକୁ। ଏକ ଘଟଣାକୁ ଅନୁଧ୍ୟାନ କଲେ ମଣିଷ ସମାଜରେ କିପରି ବିଶିଷ୍ଟ, ଅତିବିଶିଷ୍ଟ ଓ ସାଧାରଣ ମଣିଷର ଜୀବନଶୈଳୀ ଓ ଜୀବନ ପରେ ଅର୍ଥାତ ମୃତ୍ୟୁ ପରେ ତାହା କିପରି ବିଦ୍ୟମାନ ତାହା ଅନୁମାନ କରାଯାଇପାରେ।



ବିଶ୍ୱାସ, ଭକ୍ତି ଓ ଗ୍ରହଣର ତରାଜୁରେ ହିନ୍ଦୁ ଧର୍ମାବଲମ୍ବୀ ବ୍ୟକ୍ତିର ମୃତ୍ୟୁ ପରେ ଓଡ଼ିଶାର ଆରାଧ୍ୟ ଭଗବାନ ଜଗନ୍ନାଥଙ୍କ ସ୍ୱର୍ଗ ଦ୍ୱାରରେ ଉକ୍ତ ଶରୀରକୁ ଦାହ କରିଥାନ୍ତି । ବିଶ୍ୱାସ ଥାଏ ଏଠାରେ ସ୍ୱର୍ଗକୁ ମୁକ୍ତି ମାର୍ଗ ସୁଗମ ହୋଇଥାଏ। ପୁରୀ ସ୍ୱର୍ଗଦ୍ୱାରରେ ସାଧାରଣ ମଣିଷର ମୃତଦେହକୁ ଦାହ କରିବା ପାଇଁ ଯେଉଁ ସ୍ଥାନ ନିରୂପଣ ହୋଇଥାଏ, ସେଠାରେ ବିଶିଷ୍ଟ କିମ୍ବା ଅତିବିଶିଷ୍ଟ ବ୍ୟକ୍ତିମାନଙ୍କର ମୃତଦେହକୁ ଦାହ କରାଯାଇ ନ ଥାଏ। ସେମାନଙ୍କର ମୃତଦେହ ଦାହ କରିବା ପାଇଁ ସଂରକ୍ଷିତ ଓ ନିରୂପିତ ସ୍ଥାନ ନିରୂପଣ ହୋଇଥାଏ, କାରଣ ସେମାନେ ବିଶିଷ୍ଟ ଓ ଅତିବିଶିଷ୍ଟ। ଯେତେବେଳେ ସାଧାରଣ ମୃତଦେହ ଦାହ କରିବା ପାଇଁ ସ୍ଥାନର ଅଭାବରୁ ଅନେକ ଭିଡ ଥାଏ, ମାତ୍ର ବିଶିଷ୍ଟ ଓ ଅତିବିଶିଷ୍ଟ ସ୍ଥାନ ଉକ୍ତ ସମୟରେ ଖାଲିଥିଲେ ମଧ୍ୟ ଶ୍ରେଣୀଭୁକ୍ତ ସମାଜର କଠୋର ନୀତି ନିୟମ ପାଇଁ ସାଧାରଣ ବ୍ୟକ୍ତିଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରି ଭଗବାନଙ୍କ ନିକଟକୁ ଯିବା ପାଇଁ ବା ସ୍ୱର୍ଗତ ହେବା ପାଇଁ ଅପେକ୍ଷା କରିବାକୁ ପଡ଼ିଥାଏ। କିନ୍ତୁ ସେହି କ୍ଷେତ୍ରରେ ବିଶିଷ୍ଟ ଓ ଅତିବିଶିଷ୍ଟ ମୃତଦେହ ପାଇଁ ଯଥା ଶୀଘ୍ର କାର୍ଯ୍ୟ ସମ୍ପାଦନ ହୋଇଥାଏ। ଅର୍ଥାତ ଜୀବିତାବସ୍ଥାରେ ଓ ମୃତ୍ୟୁପରେ ବା ମୃତଦେହରେ ମଧ ବିଶିଷ୍ଟ ଓ ଅତିବିଶିଷ୍ଟର ଅହେତୁକ ସୁବିଧା ସୁଯୋଗ ମଧ୍ୟ ହାତଛଡ଼ା ଏ ମଣିଷ କରି ନ ଥାଏ। ମାତ୍ର ଏ ଶ୍ରେଣୀଭୁକ୍ତ ସମାଜ ମଣିଷର ମୃତ୍ୟୁ ପରେ ଆଉ ସୁରକ୍ଷାବଳୟ ବିଶିଷ୍ଟ ବା ଅତି ବିଶିଷ୍ଟଙ୍କର ସଂଜ୍ଞାକୁ ନେଇ ଭଗବାନଙ୍କ ଦ୍ୱାରରେ ଆପତ୍ତି ଅଭିଯୋଗ କରିପାରି ନ ଥାଏ, କାରଣ ସେଠାରେ ଆଉ ଭଗବାନଙ୍କୁ ମନୁଷ୍ୟକୃତ ଶ୍ରେଣୀଭୁକ୍ତର ବଳୟରେ ବନ୍ଦୀ ହେବାକୁ ପଡ଼ି ନଥାଏ। ଅତଏବ ସେଇଟା ଭଗବାନଙ୍କ କ୍ଷେତ୍ରର ସମାନତାର ପରିବ୍ୟାପକ କ୍ଷେତ୍ର। ମଣିଷ ଭଗବାନଙ୍କୁ ଶ୍ରେଣୀଭୁକ୍ତ କରିଥାଏ, ହେଲେ ମଣିଷର ମୃତ୍ୟୁ ପରେ ଯେଉଁଠାରେ ସମାଜର ସମସ୍ତ ବର୍ଗ ଶ୍ରେଣୀ ବା ବ୍ୟକ୍ତିଙ୍କର ସୂକ୍ଷ୍ମ ଆତ୍ମା ରହିଥାଏ, ସେଠାରେ ନ ଥାଏ ବିଶିଷ୍ଟ ଅତିବିଶିଷ୍ଟ ସାଧାରଣ ପାତର ଅନ୍ତର ବା ବୈଷମ୍ୟ। ସେଠାରେ ଥାଏ କେବଳ ଜୀବଦ୍ଦଶା ମଧ୍ୟରେ କର୍ମର ଫଳାଫଳର ଏକ ଅଦୃଶ୍ୟ ଲିଖିତ ନଥି। ସେହି ନଥିରୁ ଯେଉଁ ବିଚାର ନିର୍ଦ୍ଦେଶ ହୋଇଥାଏ ତାହାକୁ ବ୍ୟକ୍ତି ମାନିବାକୁ ବାଧ୍ୟ ହୋଇଥାଏ ଓ ସେଠାରେ ଅଭିମାନ, ଅହଂକାର, ଗର୍ବ ଆଦିର ବିଲୋପ ହୋଇ କେବଳ ଜୟ ହୋଇଥାଏ ସମାନତାର ନୀତି ନିୟମ। ଉକ୍ତ ମଣିଷଙ୍କର ଆତ୍ମା ଓ ସ୍ଥିତିରେ ସମସ୍ତ ଆତ୍ମାର ସମାହାର ହୋଇ ସୃଷ୍ଟି ହୋଇଥାଏ ଶ୍ରେଣୀହୀନ ସମାଜ। ଅତଏବ ସମାଜରେ ମଣିଷର ଜୀବଦ୍ଦଶା ମଧ୍ୟରେ ନିଜକୁ ସ୍ୱୟଂ ଶୃଙ୍ଖଳିତ କରି ଗଢ଼ିତୋଳିବାକୁ ଚାହେଁ, ତେବେ ଈଶ୍ୱରଙ୍କ ଦ୍ୱାରରେ ଭିକ୍ଷୁକ ହୋଇ ଭିକ୍ଷା ନିବେଦନ କରି ସମର୍ପଣ ହେବା ଆବଶ୍ୟକ, ତେବେ ଯାଇ ଭଗବାନଙ୍କ ସ୍ୱର୍ଗଦ୍ୱାରର ପଥ ଉନ୍ମୁକ୍ତ ହୋଇପାରେ।

ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଭାରତ ସରକାର, ଭୁବନେଶ୍ୱର
ମୋ : ୯୯୩୭୩୪୫୯୦୦

# କିମ୍ ଜଙ୍ଗ୍ ଉନ୍‌ଙ୍କ କାନ୍ଦ



ଲଳିତେନ୍ଦୁ ପଲାଉରୀ

କାନ୍ଦିଲେ ଉତ୍ତର କୋରିଆ ତାନାଶାହ ସୁପ୍ରିମ ଲିଡର କିମ୍ ଜଙ୍ଗ୍ ଉନ୍। ଜାତୀୟ ମାତୃ ଦିବସରେ ମହିଳାମାନଙ୍କୁ ସମ୍ବୋଧନ କରି ଭାବପ୍ରବଣ ହୋଇ ଲୁହ ଗଡ଼ାଇଲେ ଏହି ଶାସକ। ଦେଶବାସୀଙ୍କୁ ବାରମ୍ବାର ଭୟ ଓ ଆଶଙ୍କା ଭିତରେ ରଖିଆସୁଥିବା କିମ୍ ଜଙ୍ଗ୍ ଉନ୍ କାହିଁକି କାନ୍ଦିଲେ ତାହା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ତର୍ଜାତୀୟ ନିୟମକାନୁନର ପରିପନ୍ଥୀ ତଥା ନିଜ ନାଗରିକଙ୍କ ଇଚ୍ଛାକୁ ଗୁରୁତ୍ୱ ନ ଦେଇ ନିଜ ଇଚ୍ଛାରେ ଦେଶକୁ ପରିଚାଳନା କରୁଥିବା ଏକଚ୍ଛତ୍ରବାଦୀ ଶାସକ କିମ୍‌ଙ୍କ ଏଭଳି ଭାବପ୍ରବଣତାର କାନ୍ଦ ଉତ୍ତର କୋରିଆବାସୀଙ୍କୁ ମଧ ଭାବୁକ କରି ଦେଇଥିଲା। ଆଉ କିମ୍‌ଙ୍କ କାନ୍ଦର କାରଣ ଥିଲା ଉତ୍ତର କୋରିଆର ଜନସଂଖ୍ୟା ଆଶାନୁରୂପକ ହ୍ରାସ, ଯାହାକି କିମ୍‌ଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଦେଶରେ ବୟସ୍କମାନଙ୍କ ସଂଖ୍ୟା ବଢୁଥିବା ବେଳେ ମହିଳାମାନେ ଅଧିକରୁ ଅଧିକ ସନ୍ତାନ ଜନ୍ମ ଦେବାକୁ କିମ୍ ପରାମର୍ଶ ଦେଇଛନ୍ତି।

ଜାତିସଂଘର ଆକଳନ ବିଭିନ୍ନ ଅନ୍ତର୍ଜାତୀୟ କଟକଣା ଦେଇ ଯାଉଥିବା ଏହି ଦେଶରେ ମହିଳାମାନଙ୍କ ସନ୍ତାନ ଉତ୍ପନ୍ନ କ୍ଷମତା ୧.୭୯% ରହିଛି। ତେବେ ଦେଶରେ ଜନସଂଖ୍ୟାରେ ସ୍ଥିରତା ଆଣିବା ପାଇଁ ସେମାନଙ୍କ ପ୍ରଜନନ ହାର ୨.୧% ରହିବା ଜରୁରୀ ବୋଲି ଜାତିସଂଘ ରିପୋର୍ଟରେ ଦର୍ଶାଇଛି, ଯାହାକି କିମ୍ ଜଙ୍ଗ୍ ଉନ୍‌ଙ୍କୁ ବ୍ୟସ୍ତ କରିଦେଇଛି। ତେବେ ପଡ଼ୋଶୀ ଦକ୍ଷିଣ କୋରିଆରେ ମଧ ଜନସଂଖ୍ୟା ସ୍ଥିତି ଉଦ୍‌ବେଗଜନକ ରହିଛି। ଦକ୍ଷିଣ କୋରିଆରେ ପ୍ରଜନନ ହାର ୦.୭୮କୁ ହ୍ରାସ ପାଇଛି। ଜାପାନ ଭଳି ବିକଶିତ ଦେଶରେ ବୃଦ୍ଧାବୃଦ୍ଧଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାର କାରଣ ପାଲଟିଥିବା ବେଳେ ଚାଇନାର ଏକ ସନ୍ତାନ ନୀତି ମଧ ସେମାନଙ୍କ ପାଇଁ ନକାରାତ୍ମକ ସାବ୍ୟସ୍ତ ହୋଇଛି। ତେଣୁ ନିଜ ଦେଶର ଜନସଂଖ୍ୟାକୁ ନେଇ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ଉଦ୍‌ବେଗ ପ୍ରକାଶ ସ୍ୱାଭାବିକ। ତେବେ କିମ୍‌ଙ୍କ କାନ୍ଦ ଉତ୍ତର କୋରିଆବାସୀଙ୍କ ପାଇଁ ଏକ ନୂଆ ଘଟଣା ହୋଇଥିବା ବେଳେ ଅନେକ ଭିନ୍ନ ଢଙ୍ଗ ପାଇଁ ସବୁବେଳେ ଚର୍ଚ୍ଚାରେ ରୁହନ୍ତି କିମ୍। ତିନି ପିଢ଼ି ଧରି ଉତ୍ତର କୋରିଆକୁ ଶାସନ କରି ଆସୁଥିବା କିମ୍ ଜଙ୍ଗ୍ ଉନ୍‌ଙ୍କ ପରିବାର ବା ବାପା କିମ୍ ଜଙ୍ଗ୍-ll'ଙ୍କ ପରେ ୱାର୍କର୍ସ ପାର୍ଟି ଅଫ୍ କୋରିଆର ସର୍ବମୟ କର୍ତ୍ତା ହୋଇଛନ୍ତି କିମ୍। ୨୦୧୨ରେ ଦେଶର ସାମରିକ ଓ ବେସାମରିକ କ୍ଷମତା ହାତକୁ ନେଇ ନିଜକୁ ସୁପ୍ରିମ୍ ଲିଡରର ଆଖ୍ୟା ଦେଇଛନ୍ତି । ତାଙ୍କ ବିରୋଧରେ ଅନ୍ତର୍ଘାତୀ କାର୍ଯ୍ୟର ସୂଚନା ପାଇ ୨୦୧୩ରେ ନିଜର ପିଇସା ଜଙ୍ଗ୍-ସଙ୍ଗ୍-ଥାକେଙ୍କୁ ଫାୟାରିଂ ସ୍କ୍ୱାଡ୍ ଦ୍ୱାରା ହତ୍ୟା କରିବା ହେଉ କିମ୍ବା ସାବତ ଭାଇ କିମ୍-ଜଙ୍ଗ୍ ନାମଙ୍କୁ ୨୦୧୭ରେ କୋରିଆ ଏଜେଣ୍ଟମାନଙ୍କ ଦ୍ୱାରା ମାଲେସିଆରେ ହତ୍ୟା ପଛରେ କିମ୍ ଜଙ୍ଗ୍ ଉନ୍‌ଙ୍କ ହାତଥିବା ଚର୍ଚ୍ଚା ହୁଏ। ଏପରିକି ନିଜ ଦେଶର ଅନେକ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ହଠାତ୍ ଗାଏବ କରାଇବା ଓ ପରେ ସେମାନଙ୍କୁ ହତ୍ୟା ପଛରେ ମଧ କିମ୍ ଜଙ୍ଗ୍ ଉନ୍‌ଙ୍କ ସ୍ୱତନ୍ତ୍ର ଟିମ୍ କାମ କରିଥାଏ। ସେଥିପାଇଁ ଜାତିସଂଘର ମାନବାଧିକାର ପରିଷଦ କିମ୍‌ଙ୍କ ବିରୋଧରେ ନିଷ୍ଠୁର ମାନବବାଦର ଉଲ୍ଲଂଘନ ମାମଲା ରୁଜୁ କରି ତାଙ୍କୁ ଚେତାବନୀ ଦେଇଛି।



ଏହା ମଧ ଚର୍ଚ୍ଚା ହୁଏ କି, କିମ୍ ଆପଣାଉଥିବା କୌଣସି ଅଭ୍ୟାସ କିମ୍ବା ଫ୍ୟାଶନ ଦେଶରେ କେହି ବି ନକଲ କଲେ କିମ୍ବା ଅନୁସରଣ କଲେ ତାଙ୍କୁ ମଧ ପ୍ରାଣଦଣ୍ଡ ଦେବାର ପ୍ରାବଧାନ କରନ୍ତି କିମ୍। ବିଶେଷକରି ନିଜେ ପିନ୍ଧୁଥିବା କଳା କୋର୍ଟ, ବାଳକଟା ଷ୍ଟାଇଲ ଯେପରି ଜଣେ ବି ଦେଶବାସୀ ଅନୁକରଣ ନ କରନ୍ତି, ସେଥିପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି କିମ୍। କିମ୍‌ଙ୍କର ପରିବାର ସମ୍ପର୍କରେ ବେଶି କିଛି ତଥ୍ୟ ବାହାରକୁ ଆସୁ ନ ଥିବା ବେଳେ ତାଙ୍କର ସବୁଠାରୁ ବିଶ୍ୱସ୍ତ ଦ୍ୱିତୀୟ କ୍ଷମତା କେନ୍ଦ୍ର ହେଉଛନ୍ତି କିମ୍‌ଙ୍କ ସାନ ଭଉଣୀ କିମ୍ ୟୋ ଜୋଙ୍ଗ୍। ଜାତିସଂଘ ପ୍ରଦତ୍ତ ନିୟମକାନୁନ ହେଉ କିମ୍ବା ଶକ୍ତିଶାଳୀ ଆମେରିକା ଧମକକୁ ମଧ କିମ୍‌ଙ୍କର ସାମାନ୍ୟ ଖାତିର ନାହିଁ । ୨୦୧୮ରେ ଜାତିସଂଘର ବାରଣ ସତ୍ତ୍ୱେ ପରମାଣୁ କାର୍ଯ୍ୟକ୍ରମ ଜାରି ରଖି ଚର୍ଚ୍ଚାକୁ ଆସିଥିଲେ ଉତ୍ତର କୋରିଆର ଏହି ଲିଡର। ତେଣୁ ଦେଶରେ ପରମାଣୁ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବା ହେଉ, ମହାକାଶକୁ ଗୁପ୍ତଚର ସାଟେଲାଇଟ ପ୍ରେରଣ ହେଉ କିମ୍ବା ବୁଲେଟ୍ ପ୍ରୁଫ୍ ଟ୍ରେନରେ ନିଜର ଯାତାୟାତ ହେଉ ଏସବୁ ପଛରେ କେବଳ କିମ୍‌ଙ୍କ ନିର୍ଦ୍ଦେଶ ହିଁ କାମ କରିଥାଏ। ଆଣବିକ ନିରସ୍ତ୍ରୀକରଣ ପ୍ରସଙ୍ଗରେ ୨୦୧୮ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପଡ଼ୋଶୀ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ ଜାଇ ଇନଙ୍କ ସହ ସିଙ୍ଗାପୁର ସମିଟ୍‌ରେ ଯୋଗ ଦେଇଥିଲେ ; ଯାହାକୁ ଦେଖି ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସିଙ୍ଗାପୁର ବୈଠକରେ ନିଆଯାଇଥିବା ସମ୍ମିଳିତ ନିଷ୍ପତ୍ତିକୁ କିମ୍ କାର୍ଯ୍ୟରେ ଲାଗୁ କରି ନ ଥିଲେ। ସାରା ବିଶ୍ୱର ନୀତି ନିୟମକୁ ବେଖାତିର କରି ଏକ ଭିନ୍ନ ଦୃଷ୍ଟିଭଙ୍ଗୀକୁ ବିଶ୍ୱାସ କରୁଥିବା କିମ୍ ଜଙ୍ଗ୍ ଉନ୍ ୨୦୧୧ ରେ ନିଜ ବାପାଙ୍କ ମୃତ୍ୟୁ ପରେ ଉତ୍ତର କୋରିଆ ଶାସନ ଭାର ସମ୍ଭାଳି ଆସୁଛନ୍ତି। ବିଶ୍ୱ କଟକଣାକୁ ବେଖାତିର କରି ନିଜ ଦେଶରେ ଅଣୁଅସ୍ତ୍ର ନିର୍ମାଣ ନିଷ୍ପତ୍ତି ନେଇଛନ୍ତି। ଏହା ସହ ଉତ୍ତର କୋରିଆକୁ ବିଶ୍ୱର ଏକମାତ୍ର କରୋନା ସଂକ୍ରମଣ ମୁକ୍ତ ଦେଶ ବୋଲି ଗ୍ୟାରେଣ୍ଟି ସହ ଘୋଷଣା କରିଛନ୍ତି କିମ୍। ତେବେ ନର୍ଥ କୋରିଆରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ନ ହେବାର ସତ୍ୟତା ଉପରେ ପ୍ରଶ୍ନବାଚୀ ରହିଥିବା ବେଳେ କିନ୍ତୁ କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା ବଦଳରେ ଗୁପ୍ତ ସ୍ଥାନରେ ହତ୍ୟା କରାଯାଉଥିବା ଖବର ଚର୍ଚ୍ଚାରେ ଥିଲା। ୨୦୧୮ରେ ଫୋର୍ବସ ମାଗାଜିନରେ ବିଶ୍ୱର ପ୍ରଭାବଶାଳୀ ବ୍ୟକ୍ତି ଭାବେ ସ୍ଥାନ ପାଇଛନ୍ତି। ଶେଷରେ ଏତିକି କୁହାଯାଇପାରେ, ଉତ୍ତର କୋରିଆ ଓ କିମ୍ ଜଙ୍ଗ୍ ଉନ୍‌ଙ୍କ ସ୍ୱଭାବକୁ ନେଇ ଆମେରିକା ଓ ପଡ଼ୋଶୀ ରାଷ୍ଟ୍ର ଦକ୍ଷିଣକୋରିଆ ଖୁସି ନାହାନ୍ତି। ଆମେରିକା ପଟୁ ଯୁଦ୍ଧ ଆଶଙ୍କା କରି କୋରିଆ ନ୍ୟାଶନାଲ ପାର୍ଟିକୁ ସମ୍ବୋଧନ କରି ଯୁଦ୍ଧ ପ୍ରସ୍ତୁତ ସହ ନିଜକୁ ପ୍ରସ୍ତୁତ ରଖିବାକୁ କୋରିଆ ସୈନ୍ୟ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି କିମ୍ ଜଙ୍ଗ୍ ଉନ୍।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ଅଗଣାରେ ଉଦ୍ୟାନ ଯାହାଙ୍କ ପାଇଁ ସମ୍ମାନ ଆଣି ଦେଇଛି ସେ ହେଉଛନ୍ତି ହାଇଦ୍ରାବାଦର ପିନାକା ପଦ୍ମା। ସେ ତାଙ୍କ ଘର ଅଗଣାକୁ ଏକ ଛୋଟ ଜଙ୍ଗଲରେ ପରିଣତ କରିଦେଇଛନ୍ତି। ୬୦୦ କୁଣ୍ଡରେ ୧୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ପଦ୍ମାଙ୍କୁ ଏବେ ବୟସ ୫୯। ପିଲାଦିନରୁ ବଗିଚା ପ୍ରତି ତାଙ୍କର ଆକର୍ଷଣ ରହିଥିଲା , ଯାହା ଏବେ ପ୍ରତିଫଳିତ ହୋଇଛି। ସେ ବଗିଚାର ଗଛଗୁଡ଼ିକୁ ପ୍ରାକୃତିକ ଉପାୟରେ ବଢ଼ାଇଛନ୍ତି। ଗଛରେ ପ୍ରାକୃତିକ ପଦ୍ଧତିରେ ପ୍ରସ୍ତୁତ ଜୈବିକ ଖତ ଓ କୀଟନାଶକ ବ୍ୟବହାର କରିଥାନ୍ତି। ଏଥିରେ ସେ ବିଭିନ୍ନ ପନିପରିବା ଓ ଫଳମୂଳ ଆଦି ଉତ୍ପାଦନ କରିବାକୁ ସକ୍ଷମ ହୋଇପାରିଛନ୍ତି। ଔଷଧୀୟ ବୃକ୍ଷ ମଧ ଲଗାଇଛନ୍ତି। ଏହି ବଗିଚା କରିବାକୁ ତାଙ୍କୁ ୧ଦଶନ୍ଧିରୁ ଅଧିକ ସମୟ ଲାଗିଛି। ଏଭଳି ବଗିଚା ପାଇଁ ସେ କୃଷି ବିଭାଗ ତରଫରୁ ସମ୍ମାନିତ ହୋଇଛନ୍ତି। ବଗିଚାକୁ ନେଇ ଆରମ୍ଭ କରିଥିବା 'ପତନମ୍ ଲୁ ପାଲେତରୁ' ୟୁଟ୍ୟୁବ୍ ଚାନେଲର ଏବେ ୪ ଲକ୍ଷରୁ ଅଧିକ ସବ୍‌ସ୍କ୍ରାଇବର ଅଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଜାନୁଆରୀ ୧୯୭୫

- ଭାରତ ଓ ପାକିସ୍ତାନ ମଧ୍ୟରେ ପୁନଃ ଜାହଜ ଚଳାଚଳ ପାଇଁ ଏକ ରାଜିନାମା ସ୍ୱାକ୍ଷରିତ।
- ଭାରତ ମହାସାଗରରେ ଆମେରିକାର ପରମାଣୁ ଶକ୍ତିଚାଳିତ ବିମାନବାହୀ ନୌଜାହଜ 'ଏଣ୍ଟରପ୍ରାଇଜ'ର ପ୍ରବେଶ।
- ଭାରତର ଶାନ୍ତିପୂର୍ଣ୍ଣ ଆଣବିକ ନୀତିକୁ ଦକ୍ଷିଣ ଏସିଆର କ୍ଷୁଦ୍ରତମ ଦେଶ ମଲଦ୍ୱୀପ ଓ ମରିସସ୍‌ର ଦୃଢ଼ ସମର୍ଥନ।

## ଚିରନ୍ତନୀ

ଚଖାଇ ଯାଏ ସେ ଗୋ ତପତି ହୀନ ଆଶା,
ରଖାଇ ଯାଏ ପ୍ରାଣେ ପ୍ରକାଶ-ହୀନ ଭାଷା।
ମରମେ ରହେ ମରି
ସଦା ଯେ ମରମରି
ତୃପତିହୀନ ଆଶା
ପ୍ରକାଶହୀନ ଭାଷା।
-(ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସଂସଦ କ'ଣ ଏକା କେନ୍ଦ୍ର ସରକାରଙ୍କର

ମହାଶୟ,

ନିକଟ ଅତୀତରେ ଆଦାନୀ ଗ୍ରୁପରେ ଜମା ହୋଇଥିବା କୋଟିଏ ହଜାର ଟଙ୍କା କେଉଁଠୁ ଆସିଲା ବୋଲି ପଚାରିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସଂସଦରୁ ବହିଷ୍କାର କରାଯାଇଥିଲା। ଦେଶର ଉଚ୍ଚତମ ନ୍ୟାୟାଳୟ ସେଥିରେ ହସ୍ତକ୍ଷେପ କରି ଆଦେଶର ରହିତାଦେଶ କରିଥିଲେ। ପୁଣି ସେଇ ଏକା କଥା। ଆଦାନୀ ଗ୍ରୁପ କଥା ପଚାରିବାରୁ ତୃଣମୂଳ ସାଂସଦ ମହୁଆ ମିତ୍ରଙ୍କୁ ସଂସଦରୁ ବହିଷ୍କାର କରାଯାଇଛି। ତାଙ୍କ ବିରୋଧରେ ଥିବା ଅଭିଯୋଗକୁ ବିଚାର ନ କରି ବହିଷ୍କାର କରିବା କ'ଣ ଉଚିତ୍। ସଂସଦ କେବଳ କେନ୍ଦ୍ର ସରକାରଙ୍କର ନୁହେଁ। ଏଥିରେ ସବୁ ଦଳର ସାଂସଦମାନଙ୍କର ଅଧିକାର ଅଛି। ଏଭଳି ଏକଚ୍ଛତ୍ରବାଦୀ ଶାସନ ଗଣତନ୍ତ୍ରକୁ ହତ୍ୟା କଲାଣି।

-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନିର୍ବାଚନ ପୂର୍ବରୁ ମେଣ୍ଟ କରିବନି ବିଏସ୍‌ପି**

ଲୋକ ସଭା ନିର୍ବାଚନ ପୂର୍ବରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପ୍ରାକ୍ ନିର୍ବାଚନୀ ମେଣ୍ଟ କରିବ ନାହିଁ ବୋଲି ଏହାର ଅଧକ୍ଷା ମାୟାବତୀ ସୋମବାର କହିଛନ୍ତି। ତେବେ ଭୋଟ ପରେ ମେଣ୍ଟ ପାଇଁ ସେ ବିକଳ୍ପ ଖୋଲା ରଖିଥିବା ସୂଚନା ଦେଇଛନ୍ତି। ରାଜନୀତିରୁ ଅବସର ସମ୍ପର୍କିତ ଖବରକୁ ସେ ଖଣ୍ଡନ କରିଛନ୍ତି। ବିଏସ୍‌ପି ଏକାକୀ ନିର୍ବାଚନ ଲଢ଼ିବ ବୋଲି ମାୟାବତୀ ସ୍ପଷ୍ଟ କରିଦେଇଛନ୍ତି।

## ସଂକ୍ଷେପରେ

### ଆମେରିକାରେ ୨ ଭାରତୀୟ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ହାଇଦ୍ରାବାଦ,୧୫।୧:** ଆମେରିକାରେ ୨ ଜଣ ଭାରତୀୟ ଛାତ୍ରଙ୍କ ମୃତଦେହ ମିଳିଛି। ସେମାନେ ହେଲେ ତେଲଙ୍ଗାନା ୱାନାପର୍ଥୀ ଅଞ୍ଚଳର ଜି. ଦିନେଶ(୨୨) ଏବଂ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମର ନିକେଶ (୨୧)। ଦୁଇ ସପ୍ତାହ ପୂର୍ବରୁ ସେମାନେ ଆମେରିକା ଯାଇଥିଲେ। ସେମାନେ ରହୁଥିବା କନେକ୍ଟିକଟ୍ ଘରୁ ମୃତଦେହ ମିଳିଥିବାବେଳେ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଡିସେମ୍ବର ୨୮ରେ ଦିନେଶ କନେକ୍ଟିକଟ୍‌ର ହାର୍ଟଫୋର୍ଡକୁ ଯାଇଥିବାବେଳେ ଏହାର କିଛିଦିନ ପରେ ନିକେଶ ତାଙ୍କ ପାଖରେ ପହଞ୍ଚିଥିଲେ ବୋଲି ଦିନେଶଙ୍କ ପରିବାର ଲୋକେ କହିଛନ୍ତି। ଉଭୟ ଗୋଟିଏ ରୁମ୍‌ରେ ରହୁଥିଲେ। ମୃତଦେହ ଫେରାଇ ଆଣିବା ଲାଗି ଦିନେଶଙ୍କ ପରିବାର କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀଙ୍କ ସହାୟତା ଲୋଡ଼ିଛନ୍ତି।

### ଟୁ-ଫିଙ୍ଗର ଟେଷ୍ଟକୁ ନେଇ ଡାକ୍ତରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

**ଶିମ୍‌ଲା,୧୫।୧:** ବଳାତ୍କାରର ଶିକାର ହୋଇଥିବା ଜଣେ ନାବାଳିକାଙ୍କ ଟୁ-ଫିଙ୍ଗର ଟେଷ୍ଟ କରିଥିବା ପାଲାମପୁର ସିଭିଲ୍ ହସ୍ପିଟାଲର ଡାକ୍ତରମାନଙ୍କୁ ହିମାଚଳପ୍ରଦେଶ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ଡାକ୍ତରଙ୍କ ତ୍ରୁଟି ପାଇଁ ରାଜ୍ୟ ସରକାର ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନର ଉଲ୍ଲଂଘନ ପାଇଁ ଦାୟୀ ଡାକ୍ତରମାନଙ୍କ ବିରୋଧରେ ତଦନ୍ତ ପାଇଁ ଜଷ୍ଟିସ୍ ତର୍ଲୋକ ସିଂ ଚୌହାନ ଏବଂ ସତ୍ୟେନ୍ ବୈଦ୍ୟଙ୍କ ଖଣ୍ଡପୀଠ ସରକାରଙ୍କୁ କହିଛନ୍ତି। ନାବାଳିକା ବଳାତ୍କାର ମାମଲାରେ ମେଡିକୋ-ଲିଗାଲ କେସ୍ ରିପୋର୍ଟର କୌଣସି ଅର୍ଥ ନାହିଁ। ଟୁ-ଫିଙ୍ଗର ଟେଷ୍ଟ କରାଇ ନାବାଳିକା ପୀଡ଼ିତାଙ୍କ ବ୍ୟକ୍ତିଗତ ଗୋପନୀୟତାର ଉଲ୍ଲଂଘନ କରାଯାଇଥିବାରୁ ଖଣ୍ଡପୀଠ ଡାକ୍ତରମାନଙ୍କୁ ସମାଲୋଚନା କରିଥିଲେ।

# ବିମାନ ବାତିଲ କରିପାରିବେ ଏୟାରଲାଇନ୍ସ

## ଏସ୍‌ଓପି ଜାରି କଲା ଡିଜିସିଏ



ନୂଆଦିଲ୍ଲୀ,୧୫।୧

ଘନ କୁହୁଡ଼ି ଯୋଗୁ ରବିବାର ଦିଲ୍ଲୀ ଏୟାରପୋର୍ଟରେ ବିଶୃଙ୍ଖଳିତ ସ୍ଥିତି ଉପୁଜିଥିଲା। ଆଗାମୀ ଦିନରେ ଏଭଳି ସ୍ଥିତିର ମୁକାବିଲା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସୋମବାର ଗାଇଡ୍‌ଲାଇନ ଜାରି କରିଛି। ଉକ୍ତ ଷ୍ଟାଣ୍ଡାର୍ଡ ଅପରେଟିଂ ପୋସିଜିଓର (ଏସ୍‌ଓପି) ଅନୁଯାୟୀ ଖରାପ ପାଗ ଯୋଗୁ ବିମାନ ୩ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଥିଲେ କିମ୍ବା ବିଳମ୍ବ ହେବାକୁ ଥିଲେ, ଏୟାରଲାଇନ୍ସ ଏହାକୁ ବାତିଲ କରିପାରିବେ। ଫଳରେ ବିମାନ ବିଳମ୍ବ ଯୋଗୁ ଅଟକି ରହୁଥିବା ଯାତ୍ରୀମାନେ ଉପକୃତ ହୋଇପାରିବେ। ସମସ୍ତ ଏୟାରଲାଇନ୍ସ ତୁରନ୍ତ ଉକ୍ତ ଏସ୍‌ଓପି ଅନୁପାଳନ କରିବାକୁ ଡିଜିସିଏ କହିଛି। ତେବେ ଏୟାରଲାଇନ୍ସ ନିୟନ୍ତ୍ରଣ ବାହାରେ କୌଣସି ଅସ୍ୱାଭାବିକ ସ୍ଥିତିରେ ଉକ୍ତ ଏସ୍‌ଓପି ଲାଗୁ ହେବନାହିଁ।

ଏସ୍‌ଓପି ଅନୁଯାୟୀ ଏୟାରଲାଇନ୍ସ ଗୁଡ଼ିକ ବିମାନ ବିଳମ୍ବ ସମ୍ପର୍କରେ ଠିକ୍ ସମୟରେ ସୂଚନା ଦେବେ, ଯାହାକୁ ସେମାନଙ୍କ ୱେବ୍‌ସାଇଟରେ ପ୍ରକାଶ କରାଯିବ। ବିଳମ୍ବ ଯୋଗୁ ପ୍ରଭାବିତ ହେବାକୁ ଥିବା ଯାତ୍ରୀମାନଙ୍କୁ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ ଏବଂ ଇମେଲ୍ ଜରିଆରେ ଆଗୁଆ ସୂଚନା ଦେବେ। ଅଧିକ ସମୟ ବିଳମ୍ବ ପାଇଁ ବିମାନ ବନ୍ଦରରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କ ନିମନ୍ତେ ସୂଚନାକୁ ସଂଶୋଧନ କରିବେ। ଏୟାରପୋର୍ଟରେ ଥିବା ଏୟାରଲାଇନ୍ସ କର୍ମଚାରୀମାନେ ଯାତ୍ରୀମାନଙ୍କୁ ସମ୍ବେଦନଶୀଳତାର ସହ କ୍ରମାଗତ ଭାବେ ଯୋଗାଯୋଗ ରକ୍ଷା କରିବେ। ଫଳରେ ଦୀର୍ଘ ସମୟ ବିଳମ୍ବ ଯୋଗୁ ବିମାନ ଭିତରେ ଅଟକି ରହି ଅସୁବିଧାର ସମ୍ମୁଖୀନ ହେଉଥିବା ଯାତ୍ରୀ ଉପକୃତ ହୋଇପାରିବେ। ଗତ କିଛିଦିନ ହେଲା ଦିଲ୍ଲୀରେ ଘନ କୁହୁଡ଼ି ଯୋଗୁ ବିମାନ ଚଳାଚଳରେ ଅସୁବିଧା ହୋଇଥିବାରୁ ଏୟାର ଇଣ୍ଡିଆ ଏକ ବିବୃତି ଜରିଆରେ ଦୁଃଖପ୍ରକାଶ କରିଛି।

## ବିମାନ ବିଳମ୍ବ ପାଇଁ ପାଇଲଟ୍‌ଙ୍କୁ ମାଡ଼

ଦିଲ୍ଲୀ ଏୟାରପୋର୍ଟରେ ବିମାନ ଉଡ଼ାଣରେ ବିଳମ୍ବକୁ ନେଇ ଇଣ୍ଡିଗୋ ବିମାନର ପାଇଲଟ୍‌ଙ୍କୁ ଜଣେ ଯାତ୍ରୀ ମାଡ଼ ମାରିଛନ୍ତି। ଆକ୍ରମଣକାରୀ ଯାତ୍ରୀଙ୍କୁ ଗିରଫ କରାଯାଇଛି। ରବିବାର ଏହି ଘଟଣା ଘଟିଥିବାବେଳେ ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗୋଆ ଯିବାକୁ ଥିବା ବିମାନ ବିଳମ୍ବ ହେବ ବୋଲି ପାଇଲଟ୍ ଘୋଷଣା କରୁଥିବାବେଳେ ସାହିଲ କଟାରିୟା ନାମକ ଯାତ୍ରୀ ତାଙ୍କୁ ମାଡ଼ ମାରିଥିଲେ। ରବିବାର ଘନ କୁହୁଡ଼ି ଯୋଗୁ ଦିଲ୍ଲୀ ଏୟାରପୋର୍ଟରେ ଅନେକ ବିମାନର ଉଡ଼ାଣରେ ବିଳମ୍ବ ହୋଇଥିଲା। କେତେକ ବିମାନକୁ ବାତିଲ ମଧ୍ୟ କରାଯାଇଥିଲା। ପ୍ରାୟ ୧୩ ଘଣ୍ଟାର ବିଳମ୍ବ ପରେ ସନ୍ଧ୍ୟା ୬ଟାରେ ଗୋଆ ଯିବାକୁ ଥିବା ବିମାନଟି ଦିଲ୍ଲୀ ଛାଡ଼ିଥିଲା।

ଦୀର୍ଘ ସମୟ ବିମାନ ଭିତରେ ବସି ରହିଲୁଣି। ଯଦି ବିମାନ ଉଡ଼ାଣ ନ କରୁଛି, ତେବେ ଆମକୁ ବାହାରକୁ ଯିବାକୁ ଦିଆଯାଉ ବୋଲି କଟାରିୟା କହୁଥିବା ଭାଇରାଲ ଭିଡିଓରେ ଶୁଣାଯାଇଛି। ଅନ୍ୟ ଏକ ଭିଡିଓ କ୍ଲିପ୍‌ରେ ସେ ତାଙ୍କର ଆଚରଣ ପାଇଁ କ୍ଷମା ମାଗିବା ସତ୍ତ୍ୱେ ସୁରକ୍ଷା କର୍ମୀମାନେ ତାଙ୍କୁ ବିମାନରୁ ବାହାରକୁ ନେଉଥିବା ଦେଖାଯାଇଛି। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ପୋଲିସରେ ଦାଏର ହୋଇଥିବା ଏତଲା ଅନୁଯାୟୀ ଗୋଆ ଯିବାକୁ ଥିବା ୬ଇ ୨୧୭୫ ବିମାନର କୋ-ପାଇଲଟ୍ ଅନୁପ କୁମାରଙ୍କୁ କଟାରିୟା ମାଡ଼ ମାରିବା ସହ ଦୁର୍ବ୍ୟବହାର କରିଥିଲେ ଏବଂ ବିମାନ ଭିତରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ବିଶୃଙ୍ଖଳିତ ଯାତ୍ରୀଙ୍କ ଆଚରଣ ଗ୍ରହଣୀୟ ନୁହେଁ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି।

## ଆନ୍ଧ୍ର କଂଗ୍ରେସ ସଭାପତିଙ୍କ ଇସ୍ତଫା

### ଶର୍ମିଳା ନେଇପାରନ୍ତି ଦାୟିତ୍ୱ

ଅମରାବତୀ,୧୫।୧

ଆନ୍ଧ୍ରପ୍ରଦେଶ କଂଗ୍ରେସ ସଭାପତି ପଦରୁ ଗିଡୁଗୁ ରୁଦ୍ର ରାଜୁ ଇସ୍ତଫା ଦେଇଛନ୍ତି। ନିକଟରେ କଂଗ୍ରେସରେ ଯୋଗଦେଇଥିବା ୱାଇ.ଏସ୍. ଶର୍ମିଳାଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ମିଳିପାରେ ବୋଲି କୁହାଯାଉଛି। ଖୁବ୍‌ଶୀଘ୍ର ଏନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଭଉଣୀ ଶର୍ମିଳା କିଛିଦିନ ପୂର୍ବରୁ ତାଙ୍କ ଦଳ ୱାଇଏସ୍‌ଆର୍ ତେଲଙ୍ଗାନା କଂଗ୍ରେସ ପାର୍ଟିକୁ କଂଗ୍ରେସ ଦଳରେ ସାମିଲ କରାଇଥିଲେ। କଂଗ୍ରେସରେ ଯୋଗଦେବା ପୂର୍ବରୁ ଏହି ଦଳକୁ ସମର୍ଥନ ଜଣାଇ ଶର୍ମିଳାଙ୍କ ଦଳ ତେଲଙ୍ଗାନା ବିଧାନସଭା ନିର୍ବାଚନ ଲଢ଼ି ନ ଥିଲା।



କଂଗ୍ରେସର ଭାରତ ଯୋଡୋ ନ୍ୟାୟ ଯାତ୍ରା ଅବସରରେ ମଣିପୁରର ଇମ୍ଫାଲ ୱେଷ୍ଟ ଜିଲାରେ ରାହୁଲ ଗାନ୍ଧୀଙ୍କ ସହ ସ୍ଥାନୀୟ ମହିଳା ସମର୍ଥକ।

## ରାମମନ୍ଦିରରେ ସ୍ଥାପନ ହେବ ଯୋଗୀରାଜଙ୍କ ନିର୍ମିତ ମୂର୍ତ୍ତି

ଅଯୋଧ୍ୟା,୧୫।୧

ଆସନ୍ତା ୨୨ ତାରିଖରେ ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ କର୍ନାଟକର ଖ୍ୟାତନାମା କାରିଗର ଅରୁଣ୍ ଯୋଗୀରାଜଙ୍କ ନିର୍ମିତ ମୂର୍ତ୍ତି ସ୍ଥାପନ କରାଯିବ ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ସୋମବାର ସ୍ପଷ୍ଟ କରାଯାଇଛି। ଭଗବାନ ଶ୍ରୀରାମଙ୍କ ଶ୍ରୀବିଗ୍ରହ ଭାବେ ଯୋଗୀରାଜଙ୍କ ଦ୍ୱାରା କ୍ରିଷ୍ଣଶିଳାରେ ନିର୍ମିତ ହୋଇଥିବା ମୂର୍ତ୍ତିକୁ ଚୟନ କରାଯାଇଛି ବୋଲି ମନ୍ଦିର ଟ୍ରଷ୍ଟ ଏକ୍ସ'ରେ ପୋଷ୍ଟ କରିଛି। ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ଯୋଗୀରାଜଙ୍କ ମୂର୍ତ୍ତିକୁ ଚୟନ କରାଯାଇଥିବା ନେଇ ବରିଷ୍ଠ ଭାଜପା



ନେତା ବି.ଏସ୍. ୟେଦୁରପ୍ପା ପୂର୍ବରୁ ସୂଚନା ଦେଇଥିବାବେଳେ ଟ୍ରଷ୍ଟ ଏହାକୁ ଖଣ୍ଡନ କରିଥିଲା। ମୂର୍ତ୍ତି ଚୟନ ଚୂଡ଼ାନ୍ତ ହୋଇ ନ ଥିବା ଟ୍ରଷ୍ଟ ମୁଖ୍ୟ ଚମ୍ପତି ରାୟ କହିଥିଲେ। ରାମମନ୍ଦିର ଗର୍ଭଗୃହରେ ସ୍ଥାପନ ଲାଗି ୩ଟି ମୂର୍ତ୍ତି ନିର୍ମାଣ କରାଯାଇଥିବାବେଳେ ସେଥିରୁ ଯୋଗୀରାଜଙ୍କ ନିର୍ମିତ ମୂର୍ତ୍ତିକୁ ଟ୍ରଷ୍ଟ ଚୟନ କରିଛି। ଏହାକୁ ୧୭ ତାରିଖରେ ମନ୍ଦିରକୁ ନିଆଯିବ। ବର୍ତ୍ତମାନର ରାମଲାଲା ମୂର୍ତ୍ତିକୁ ମଧ୍ୟ ନୂଆ ମନ୍ଦିର ଗର୍ଭଗୃହରେ ରଖାଯିବ ବୋଲି ରାୟ ଘୋଷଣା କରିଛନ୍ତି। ମହୀଶୂରର ଯୋଗୀରାଜଙ୍କ ୫ ପିଢ଼ି ମୂର୍ତ୍ତି ନିର୍ମାଣ ସହ ସମ୍ପୃକ୍ତ। ସେ ବାପାଙ୍କ ଦ୍ୱାରା ପ୍ରଭାବିତ ହୋଇ ଅତି କମ୍ ବୟସରୁ ମୂର୍ତ୍ତି ଗଢ଼ାକୁ ନିଜକୁ ନିୟୋଜିତ କରିଥିଲେ। ଏମ୍‌ବିଏ କରିବା ପରେ ସେ କିଛିଦିନ ପାଇଁ କର୍ପୋରେଟ୍ ସେକ୍ଟରରେ କାମ କରିଥିଲେ ମଧ୍ୟ ମୂର୍ତ୍ତି ଗଢ଼ିବା ତାଙ୍କର ନିଶା ଥିଲା। ୨୦୦୮ରେ ସେ ଚାକିରି ଛାଡ଼ି ମୂର୍ତ୍ତି ନିର୍ମାଣକୁ ପେସା କରିଥିଲେ। ଏହା ପରଠାରୁ ସେ ଅନେକ ମୂର୍ତ୍ତି ନିର୍ମାଣ କରି ପ୍ରସିଦ୍ଧି ଲାଭ କରିଛନ୍ତି। ଇଣ୍ଡିଆ ଗେଟ୍‌ର ଅମର ଯବାନ ଜ୍ୟୋତି ନିକଟରେ ୩୦ ଫୁଟ୍ ଉଚ୍ଚର ସୁଭାଷ ବୋଷ ମୂର୍ତ୍ତି ତାଙ୍କର କୃତି।

## ମହାରାଷ୍ଟ୍ର ବାଚସ୍ପତିଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ ଗଲେ ଉଦ୍ଧବ

ନୂଆଦିଲ୍ଲୀ,୧୫।୧

ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀକୁ ପ୍ରକୃତ ଶିବସେନା ଭାବେ ସ୍ୱୀକୃତି ଦେବା ପରେ ଏହା ବିରୋଧରେ ଶିବସେନାର ଉଦ୍ଧବ ଠାକ୍‌ରେ ଗୋଷ୍ଠୀ ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୨୨ରେ ବିଦ୍ରୋହ କରି ଦଳରେ ବିଭାଜନ ସୃଷ୍ଟି କରିଥିବା ଶିନ୍ଦେ ଗୋଷ୍ଠୀର ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଆବେଦନକୁ ବାଚସ୍ପତି ଖାରଜ କରିଦେଇଥିବାରୁ ଏହାକୁ ମଧ୍ୟ ଶିବସେନା (ୟୁବିଟି) ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଛି।

୨୦୨୨ ଜୁନ୍‌ରେ ଶିବସେନାରେ ବିଭାଜନ ପରେ ଶିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ପ୍ରକୃତ ଶିବସେନା ବୋଲି ନରୱେକର ଗତ ସପ୍ତାହରେ ନିଷ୍ପତ୍ତି ଶୁଣାଇଥିଲେ। ତାଙ୍କ ଗୋଷ୍ଠୀର ୧୬ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଠାକ୍‌ରେ ଗୋଷ୍ଠୀଙ୍କ ଆବେଦନକୁ ବାଚସ୍ପତି ଖାରଜ କରିଦେଇଥିଲେ। ୨୦୨୨ ଜୁନ୍ ୨୧ରେ ଦଳ ବିଭାଜିତ ହେବା ବେଳକୁ ଶିବସେନା(ୟୁବିଟି)ର ସୁନୀଲ ପ୍ରଭୁ ହ୍ୱିପ୍ କ୍ଷମତା ହରାଇଥିଲେ ଏବଂ ଶିନ୍ଦେ ଗୋଷ୍ଠୀର ବିଧାୟକ ଭରତ ଗୋଗାୱାଲେ ହ୍ୱିପ୍ ହୋଇଥିଲେ ବୋଲି ବାଚସ୍ପତି କହିଥିଲେ।

## ଏଆଇ ଯୋଗୁ ୪୦% ନିଯୁକ୍ତି ପ୍ରଭାବିତ ହେବ

### ଆଇଏମ୍‌ଏଫ୍ ରିପୋର୍ଟ

ନୂଆଦିଲ୍ଲୀ,୧୫।୧

କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ଯୋଗୁ ନିଯୁକ୍ତି କ୍ଷେତ୍ର ଗୁରୁତର ପ୍ରଭାବିତ ହେବ ବୋଲି ପୂର୍ବରୁ ଅଭିଯୋଗ ହୋଇଆସୁଛି। ଏବେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ମଧ୍ୟ ଉକ୍ତ ଅଭିଯୋଗକୁ ସତ୍ୟ ବୋଲି ଗ୍ରହଣ କରିଛି। ଏଆଇ ଏବେ ସାରା ବିଶ୍ୱକୁ କବଳିତ କରିଥିବାବେଳେ ଉଭୟ ଉତ୍ସାହ ଏବଂ ଆଶଙ୍କା ସୃଷ୍ଟି କରିଛି। ବିଶ୍ୱ ଅର୍ଥନୀତିରେ ଏହାର ସମ୍ଭାବ୍ୟ ପ୍ରଭାବ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିବାର ଆବଶ୍ୟକତା ରହିଛି ବୋଲି ଆଇଏମ୍‌ଏଫ୍‌ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା



କ୍ରିଷ୍ଟାଲିନା ଜିଓର୍ଜିଏଭା

ଜିଓର୍ଜିଏଭା ଏକ ବ୍ଲଗ୍‌ରେ ପୋଷ୍ଟ କରିଛନ୍ତି।

ବିଶ୍ୱ ଶ୍ରମ ବଜାର ଉପରେ ଏଆଇର ପ୍ରଭାବ ସମ୍ପର୍କରେ ଆଇଏମ୍‌ଏଫ୍ ଅନୁଧ୍ୟାନ କରୁଛି। ଏଆଇ ଯୋଗୁ ଅନେକ ଲୋକ ଚାକିରି ହରାଇପାରନ୍ତି ବୋଲି ବିଭିନ୍ନ ଅଧ୍ୟୟନରେ ପୂର୍ବାନୁମାନ କରାଯାଇଥିଲା। ଏଆଇ ଅନେକ କ୍ଷେତ୍ରରେ ମାନବ କାର୍ଯ୍ୟ ପୂରଣ କରିପାରୁଛି। ଆଇଏମ୍‌ଏଫ୍ ଏମ୍‌ଡିଙ୍କ କହିବା ଅନୁଯାୟୀ ଏଆଇ ପାଇଁ ବିଶ୍ୱ ନିଯୁକ୍ତିର ୪୦ ପ୍ରତିଶତ ପ୍ରଭାବିତ ହେବ। ପୂର୍ବରୁ ଦେଖାଯାଇଛି ଯେ ଅଟୋମେଶନ ଏବଂ ସୂଚନା ପ୍ରଯୁକ୍ତି ନିୟମିତ କାର୍ଯ୍ୟକୁ ପ୍ରଭାବିତ କରିଥିଲା। କିନ୍ତୁ ଏହା ବାଦ୍ ଏଆଇ ଉଚ୍ଚ କୌଶଳଗତ କାର୍ଯ୍ୟକୁ ପ୍ରଭାବିତ କରିବା ପାଇଁ ସମର୍ଥ ବୋଲି ଜିଓର୍ଜିଏଭା କହିଛନ୍ତି। ତେଣୁ ଅଗ୍ରଗତି କରୁଥିବା ଅର୍ଥନୀତି ଏଆଇ ପାଇଁ ବଡ଼ ବିପଦର ସମ୍ନା କରିବାକୁ ଯାଉଛି। ତେବେ ଏଆଇ ସୃଷ୍ଟି କରିବାକୁ ଥିବା ଅଧିକ ସୁଯୋଗ ବର୍ଦ୍ଧିତ ବଜାର ଓ ଅର୍ଥନୀତିକୁ ଏହା ତୁଳନାରେ ଅଧିକ ଲାଭ ଦେଇପାରିବ।

ଆଇଏମ୍‌ଏଫ୍‌ର ଅନୁଧ୍ୟାନ ଅନୁଯାୟୀ ଅଗ୍ରଗତି କରୁଥିବା ଅର୍ଥନୀତିରେ ୬୦ ପ୍ରତିଶତ ନିଯୁକ୍ତି ଏଆଇ ଦ୍ୱାରା ପ୍ରଭାବିତ ହୋଇପାରେ। ତେବେ ଏଆଇ ସାମିଲ ହେବା ଫଳରେ ସମ୍ପୃକ୍ତ ସଂସ୍ଥା ଲାଭବାନ ହେବ ଏବଂ ଉତ୍ପାଦନ ବୃଦ୍ଧି ପାଇବ। ଏଆଇ ଉପଯୋଗ କରାଗଲେ ମାନବ ଦ୍ୱାରା ପରିଚାଳିତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏହା ସମ୍ପାଦନ କରିବ। ଫଳରେ ଶ୍ରମ ଚାହିଦା ହ୍ରାସ ପାଇବା ସହ ମଜୁରୀ ହ୍ରାସ ପାଇବ ଏବଂ କମ୍ ଲୋକଙ୍କୁ ନିଯୁକ୍ତି ଦିଆଯିବ। କେତେକ ପଦବୀ ସମ୍ପୂର୍ଣ୍ଣ ଲୋପ ପାଇପାରେ ବୋଲି ଆଇଏମ୍‌ଏଫ୍ ରିପୋର୍ଟରେ କୁହାଯାଇଛି। ନିକଟରେ ଅର୍ଥନୀତିରେ ବିକଶିତ ହେଉଥିବା ଏବଂ କମ୍ ଆୟକାରୀ ଦେଶଗୁଡ଼ିକରେ ଏଆଇର ଉପଯୋଗ ଯୋଗୁ ଯଥାକ୍ରମେ ୪୦ ଏବଂ ୨୬ ପ୍ରତିଶତ ନିଯୁକ୍ତି ହ୍ରାସ ପାଇବା ଆଶା କରାଯାଉଛି। ଅନ୍ୟପକ୍ଷରେ ଏଭଳି ଅଧିକାଂଶ ଦେଶରେ ଏଆଇ ବ୍ୟବହାରକୁ ନିୟନ୍ତ୍ରଣ କରିବା ଲାଗି ଭିତ୍ତିଭୂମି ଏବଂ ଦକ୍ଷ ଶ୍ରମଶକ୍ତି ନାହିଁ। ଫଳରେ ଏହି ଦେଶଗୁଡ଼ିକରେ ପ୍ରଯୁକ୍ତି ଅସମାନତା ବଢ଼ାଇବ ବୋଲି ଜିଓର୍ଜିଏଭା କହିଛନ୍ତି। ତେଣୁ ଶ୍ରମିକ କର୍ମଚାରୀମାନଙ୍କ ଅସୁବିଧାକୁ ଦୂର କରିବା ପାଇଁ ଦେଶଗୁଡ଼ିକ ବିସ୍ତୃତ ସାମାଜିକ ନିରାପତ୍ତା ନେଟ୍ ସ୍ଥାପନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନେବା ଜରୁରୀ ବୋଲି ସେ କହିଛନ୍ତି।

## ଫୁରସତ୍



### ଅଯୋଧ୍ୟାରେ ଜାଗା କିଣିଲେ ବିଗ୍ ବି

ମୁମ୍ବାଇ

ଶ୍ରୀରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ଅଯୋଧ୍ୟା ନଗରୀ ଚଳଚଞ୍ଚଳ ହୋଇଉଠିଛି। ଏହି ଅବସରରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରଠାରୁ ଅଳ୍ପ କିଛି ଦୂରରେ ମେଗାଷ୍ଟାର ଅମିତାଭ ବଚ୍ଚନ ଏକ ଜାଗା କିଣିଛନ୍ତି, ଯାହା ଦଶହଜାର ବର୍ଗଫୁଟର ହେବ ବୋଲି କୁହାଯାଉଛି। ଜମି କିଣିବା ପରେ ଅମିତାଭ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି। ମୁମ୍ବାଇରେ ରହୁଥିବା ବିଗ୍ ବି' ନିଜ ଜନ୍ମସ୍ଥାନ ଉତ୍ତର ପ୍ରଦେଶକୁ ଫେରିପାରନ୍ତି ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ଏହି ପ୍ଲଟର ମୂଲ୍ୟ ୧୪.୫ କୋଟି ଟଙ୍କା ହେବ। ଏହା ଅଯୋଧ୍ୟାର ଦ ସରୟୁରେ ଥିବା ସାତତାରକା ଏନ୍‌କ୍ଲେଭରେ ରହିଛି। ମୁମ୍ବାଇସ୍ଥିତ ହାଉସ ଅଫ୍ ଅଭିନନ୍ଦନ ଲୋଢା ସହାୟତାରେ ଅମିତାଭ ଏହି ଜାଗା କିଣିଛନ୍ତି। ଅଯୋଧ୍ୟାରେ ଜାଗା କିଣିବା ପରେ ଘର ନିର୍ମାଣ କରିବାକୁ ଯାଉଥିବାରୁ ସେ ବେଶ୍ ଉତ୍ସାହିତ ବୋଲି କହିଛନ୍ତି। ତେବେ ଆସନ୍ତା ୨୨ ତାରିଖରେ ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେଉଥିବାରୁ ସମାରୋହରେ ଯୋଗେ ଦେବାକୁ ଅମିତାଭଙ୍କୁ ନିମନ୍ତ୍ରଣ ରହିଛି।

## ପଶ୍ଚିମଘାଟରେ ଦୁର୍ଲଭ ନୀଳ ରଙ୍ଗର ପ୍ରଜାପତି

ଚେନ୍ନାଇ

ପ୍ରକୃତି ସବୁବେଳେ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ନିକଟରେ ତାମିଲନାଡୁ ମଦୁରାଇସ୍ଥିତ ଶ୍ରୀଭିଲିପୁଥୁର ମେଗାମଲାଇ ଟାଇଗର ରିଜର୍ଭ ମେଗାମଲାଇ ଡିଭିଜନରେ ସିଲଭରଲାଇନ ପ୍ରଜାପତିର ଏକ ନୂଆ ପ୍ରଜାତି ସନ୍ଧାନ କରାଯାଇଛି। ଯାହା ଦୀର୍ଘ ୩୩ ବର୍ଷ ପରେ ପଶ୍ଚିମଘାଟରେ ପ୍ରଜାପତିଙ୍କ ଏକ ନୂଆ ପ୍ରଜାତି। ବୈଜ୍ଞାନିକମାନେ ଏହି ପ୍ରଜାପତିର ବୈଜ୍ଞାନିକ ନାମ 'ସିଗାରିଟିଜ୍ ମେଘାମଲାଇନ୍‌ସିସ୍' ରଖିଛନ୍ତି। ରାଜ୍ୟର ପର୍ଯ୍ୟାବରଣ, ଜଳବାୟୁ ପରିବର୍ତ୍ତନ ଏବଂ ବନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁପ୍ରିୟା ସାହୁ ଏକ ବୟାନରେ କହିଛନ୍ତି, ଏହି ନୂଆ ପ୍ରଜାତି ପ୍ରଜାପତିର ନାମ ମେଗାମଲାଇ ନାମରେ ରଖାଯାଇଛି। ଯାହାର ଇଂଲିଶ ବନାନ କ୍ଲାଉଡ ମାଉଣ୍ଟେନ'। ଆଇଏଏସ୍ ଅଫିସର ସାହୁ ଏହି ପ୍ରଜାପତିର ଫଟୋ ନିକଟରେ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ବନ ବିଭାଗର ଅଧିକାରୀ କହିଛନ୍ତି, ଏହା 'ଏଣ୍ଟାମନ' ନାମକ ଏକ ପତ୍ରିକାରେ ପ୍ରକାଶ ପାଇଛି। ବୈଜ୍ଞାନିକଙ୍କ ଏହି ସନ୍ଧାନ ସହ ପଶ୍ଚିମଘାଟରେ ପ୍ରଜାପତିଙ୍କ ପ୍ରଜାତି ସଂଖ୍ୟା ୩୩୭ରେ ପହଞ୍ଚିଛି। ଯେଉଁଥିରେ ୪୦ ସ୍ଥାନୀୟ ପ୍ରଜାତିର ପ୍ରଜାପତି ସାମିଲ ଅଛନ୍ତି,ଯାହାର ରଙ୍ଗ ଅତ୍ୟନ୍ତ ଉଜ୍ଜ୍ୱଳ ନୀଳ।






## ସବୁଠୁ ଉଚ୍ଚରେ ଥିବା ଏଟିଏମ୍

**ଇସଲାମାବାଦ୍:** ଯେତେବେଳେ ପଡ଼ୋଶୀ ଦେଶ ପାକିସ୍ତାନର କଥା ଆସେ, ସେତେବେଳେ ସେଠାରେ ଚାଲୁଥିବା ରାଜନୀତି, ଆତଙ୍କବାଦୀଙ୍କ ଚର୍ଚ୍ଚା ହୁଏ। ହେଲେ ବି ପାକିସ୍ତାନ ଏକ ଖାସ କାରଣ ପାଇଁ ପ୍ରସିଦ୍ଧ। ତେବେ ବିଶ୍ୱର ସବୁଠୁ ଉଚ୍ଚରେ ଏକ ଏଟିଏମ୍ ଏବଂ ସବୁଠୁ ଲମ୍ବା ଆମ୍ବୁଲାନ୍ସ ଚେନ ମଧ୍ୟ ପାକିସ୍ତାନରେ ରହିଛି। ଚାଇନା- ପାକିସ୍ତାନ ସୀମାରେ ୧୫,୩୯୬ ଫୁଟ ଉଚ୍ଚରେ ଥିବା ଖୁଞ୍ଜେରବ ପାଖରେ ଏହାକୁ ଲଗାଯାଇଛି। ଏହି ସ୍ଥାନ ଗିଲ୍‌ଗିଟ- ବେଲୁଚିସ୍ତାନରେ ଆସେ। ଏଠାରେ ସବୁବେଳେ ପାହାଡ଼ ବରଫରେ ଢାଙ୍କିହୋଇ ରହିଥାଏ। ଏଟିଏମ୍ ଏତେ ଉଚ୍ଚରେ ଥିବାରୁ ଏହାକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଛି। ଏଥିସହ ବିଶ୍ୱର ସବୁଠୁ ବଡ଼ ସଂଖ୍ୟକ ଭଲ୍ୟୁଣ୍ଟିୟର ଆମ୍ବୁଲାନ୍ସ ସେବା ଏଠାରେ ମିଳିଥାଏ। ଇଦ୍ଧି ଫାଉଣ୍ଡେଶନ ଏହାର ସଞ୍ଚାଳନ କରିଥାଏ। ପାକିସ୍ତାନ ପାଖରେ ପ୍ରାୟ ୧୮୦୦ ଆମ୍ବୁଲାନ୍ସ ରହିଛି। ଏହା ପ୍ରତି ସମୟରେ ଲୋକଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ରହିଥାଏ।





ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ପାଇଁ ସୋମବାର ବାହାରିଥିବା ସାଂସ୍କୃତିକ ଶୋଭାଯାତ୍ରାରେ ବିଭିନ୍ନ ଲୋକନୃତ୍ୟ ଦଳ ନିଜ ନିଜ କଳା ପ୍ରଦର୍ଶନ କରୁଛନ୍ତି।

## ଆଜିର କାର୍ଯ୍ୟକ୍ରମ

**ମଥୁରାନଗରୀ**

ସନ୍ଧ୍ୟା ୬ଟାରେ ରଙ୍ଗମହଲ ଉଦ୍‌ଘାଟନ(ଲୋକମଣ୍ଡପ ପଡ଼ିଆ), ରାତିରେ ସମଲେଶ୍ୱରୀ ମଣ୍ଡପସ୍ଥିତ କାରାଗାରରେ ଶ୍ରୀକୃଷ୍ଣ ଜନ୍ମ, ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ଯାତ୍ରା, ଉଗ୍ରସେନଙ୍କ ସହ ଭେଟ, ବିଜୁଳିକନ୍ୟା ସହ ମଥୁରା ପ୍ରତ୍ୟାବର୍ତ୍ତନ, ଦୁର୍ମିଳା ରାକ୍ଷସ ସହ କଂସଙ୍କ ଯୁଦ୍ଧ, ଦୁର୍ମିଳା ରାକ୍ଷସ ନିହତ, ଚାଣୁର-ମୁଷ୍ଟିକଙ୍କୁ ଆବାହନ ।

**ଗୋପପୁର**

ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ପ୍ରବେଶ, ବିଜୁଳି କନ୍ୟା ସହ ମଥୁରା ପ୍ରବେଶ।

## ଦେବଦର୍ହାରେ ଜନସମାଗମ

**ପଦ୍ମପୁର,୧୫।୧ (ପ୍ରଦୀପ୍ତ ଦାଶ):** ଓଡିଶା ଛତିଶଗଡ ସୀମାନ୍ତରେ ଥିବା ପ୍ରସିଦ୍ଧ ଶୈବପୀଠ ଦେବଦର୍ହାରେ ମକର ସଂକ୍ରାନ୍ତି ଉପଲକ୍ଷେ ପ୍ରବଳ ଜନସମାଗମ ହୋଇଥିଲା। ସ୍ୱର୍ଗତଃ ମହେନ୍ଦ୍ର ବଡେଇଙ୍କ ସ୍ମୃତିରେ ସ୍ତ୍ରୀ ମଞ୍ଜୁଶ୍ରୀଙ୍କ ଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଜିଲା ପରିଷଦ ସଦସ୍ୟା ବାସନ୍ତୀ ବାଲମ,ଅରକ୍ଷିତ ପ୍ରଧାନ, ଶେଷଦେବ ନାୟକ, ରକ୍ଷାପାଳ ସାହୁ,ଆନନ୍ଦ ବାଲମ ପ୍ରମୁଖ ସହଯୋଗ କରିଥିଲେ।

# ଶୋଭାଯାତ୍ରାରେ ଦୁଲୁକିଲା ମଥୁରା

**ମଥୁରାନଗରୀ,୧୫।୧(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ସ୍ୱାଗତ କରିବା ଅବସରରେ ସୋମବାର ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ପକ୍ଷରୁ ବିଗତବର୍ଷ ଭଳି ଏଥର ମଧ୍ୟ ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି କ୍ରମରେ ଗାନ୍ଧୀ ଛକ କଲ୍ୟାଣ ମଣ୍ଡପରେ ସକାଳୁ ଜିଲା ତଥା ଜିଲା ବାହାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଏକାଠି ହୋଇଥିଲେ। ଅପରାହ୍ନ ୨ଟାରେ ସମସ୍ତ କଳାକାର ସାଜସଜ୍ଜା ଏବଂ ବେଶ ହେବା ପରେ କଳା ପ୍ରଦର୍ଶନ ପାଇଁ ଗାନ୍ଧୀ ଛକକୁ ଯାଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍. ମୀନା, ପୌରାଧ୍ୟକ୍ଷା କଳ୍ପନା ମାଝି ପ୍ରମୁଖ ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ।

ଏହାପରେ ଗୋଟିଏ ପରେ ଗୋଟିଏ ସାଂସ୍କୃତିକ ଦଳର କଳାକାରମାନେ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରିଥିଲେ ଏବଂ କଳା ପ୍ରଦର୍ଶନ ସହିତ ତଳିପଡ଼ା ସମଲେଶ୍ୱରୀ ମନ୍ଦିର ଅଭିମୁଖେ ଯାଇଥିଲେ। ଶୋଭାଯାତ୍ରାରେ ଜିଲା ତଥା ଜିଲା ବାହାରର ୨୦ସାଂସ୍କୃତିକ ଦଳ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଦୁଲଦୁଲି, ଡାଁକା, ଘଣ୍ଟବାଦ୍ୟ, ସମ୍ବଲପୁରୀ, ଡଣ୍ଡା, ଆଦିବାସୀ ନୃତ୍ୟ, କରମସାନୀ ଆଦି କଳାକାରମାନେ ଥିଲେ। କଳାକାରଙ୍କ ସହିତ ସାମିଲ ହୋଇ ଜିଲାପାଳ, ଏସ୍‌ପି ଏବଂ ପୌରାଧ୍ୟକ୍ଷା ମଧ୍ୟ ଶୋଭାଯାତ୍ରାରେ କିଛିଦୂର ଯାଇଥିଲେ। ସେହିପରି ପ୍ରଚାର ପ୍ରସାର କମିଟିର ସଭ୍ୟମାନେ ଏଥିରେ ସାମିଲ ହୋଇ କଳାକାରଙ୍କ କଳା ପ୍ରଦର୍ଶନରେ ନାଚି ଉଠିଥିଲେ। ଶୋଭାଯାତ୍ରା ପରିଚାଳନାରେ ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ସାଂସ୍କୃତିକ ଶୋଭାଯାତ୍ରାରେ ଜିଲାପାଳ, ଏସ୍‌ପି ଏବଂ ପୌରାଧ୍ୟକ୍ଷା ସାମିଲ ହୋଇଛନ୍ତି ।

## ଧନୁଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ମଥୁରାନଗରୀ,୧୪।୧(ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ୧୧ଦିନ ବ୍ୟାପୀ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ତେବେ ଧନୁଯାତ୍ରାରେ ଦର୍ଶକଙ୍କ ଭିଡ଼କୁ ଆଖି ଆଗରେ ମଥୁରାନଗରୀ (ବରଗଡ଼ ସହର) ଏବଂ ଗୋପପୁର (ଅମ୍ବାପାଲି)ରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡ଼ିଆରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଧନୁଯାତ୍ରା ପାଇଁ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ଦାୟିତ୍ୱ ବଣ୍ଟନ ସହିତ ଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ପି.ଏସ୍. ମୀନା ପରାମର୍ଶ ଦେଇଥିଲେ।

ଏସପି ମୀନା କହିଛନ୍ତି, ଧନୁଯାତ୍ରା ଦେଖିବାକୁ ଆସୁଥିବା ଦର୍ଶକ, ପର୍ଯ୍ୟଟକମାନେ ଯେଭଳି ଭଲ ଭାବେ ମହୋତ୍ସବକୁ ଉପଭୋଗ କରିପାରିବେ ଏବଂ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଧନୁଯାତ୍ରା ମହୋତ୍ସବ ସମୟରେ କିଛି ନିର୍ଦ୍ଦିଷ୍ଟ ବ୍ୟସ୍ତବହୁଳ ରାସ୍ତାରେ ସାମୟିକ ଭାବେ ଗାଡ଼ି ଚଳାଚଳ ବନ୍ଦ ରଖାଯାଇଥିବା ବେଳେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି ରାଜ ଦରବାର, ରଙ୍ଗ ମହଲ, ମୀନା ବଜାର ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ସିସିଟିଭି ଲଗାଯାଇଛି ଏବଂ କଣ୍ଟ୍ରୋଲ ରୁମ୍‌ରୁ ନଜର ରଖିବା ସହିତ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଧନୁଯାତ୍ରା ମହୋତ୍ସବକୁ ନିରାପଦ ଏବଂ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଏସ୍‌ପି ମୀନାଙ୍କ ତତ୍ତ୍ୱାବଧାନରେ ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୭ଜଣ ଡିଏସ୍‌ପି, ୧୨ଜଣ ଇନ୍ସପେକ୍ଟର, ୧୦୫ଜଣ ସବ୍‌ଇନ୍ସପେକ୍ଟର, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୧୨ପ୍ଲାଟୁନ ଫୋର୍ସ ଏବଂ ୬ପ୍ଲାଟୁନ ହୋମଗାର୍ଡ ମୁତୟନ କରାଯାଇଛି। ଧନୁଯାତ୍ରା ମହୋତ୍ସବକୁ ଶୃଙ୍ଖଳିତ ଭାବେ ସମାପନ କରିବା ଦିଗରେ ଏସ୍‌ପି ମୀନା ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ତଦନ୍ତ ପାଇଁ ଡାକି ବିଟ୍ ହାଉସରେ ୨ ଭାଇଙ୍କୁ ମାଡ଼

**ସୋନପୁର,୧୫।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ଥାନା ଅଧିନସ୍ଥ ହରଡଖୋଲ ବିଟ୍ ହାଉସରେ ଏକ ଅଭାବନୀୟ ଘଟଣା ଘଟିଛି। ପୋଲିସ ତଦନ୍ତ ପାଇଁ ୨ ଭାଇଙ୍କୁ ଡାକି ନିସ୍ଥୁକ ମାଡ ମାରିଛି। ଏପରିକି ମାଡ ପରେ ଚେତାଶୂନ୍ୟ ହୋଇ ପଡ଼ିଥିବା ବାଗଦୁଲି ଗାଁର ଡିଙ୍ଗର ପଧାନଙ୍କୁ ବିଟ୍ ହାଉସର ପୋଲିସ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସୁସ୍ଥ ପରେ ଡିଙ୍ଗର ଓ ତାଙ୍କ ଭାଇ ଜଗବନ୍ଧୁ ପଧାନ ଘରକୁ ଫେରିଛନ୍ତି। ଏ ସମ୍ପର୍କରେ ଡିଙ୍ଗର ଓ ଜଗବନ୍ଧୁଙ୍କ ମା’ ଅହଲ୍ୟା ସୋନପୁର ଥାନାରେ ଶନିବାର ରାତିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୧୮/୨୪ ମୂଳେ ରବିବାର ଏକ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ ଅହଲ୍ୟାଙ୍କ ୨ ସମ୍ପର୍କୀୟ ଏକ ମୋଟର ପମ୍ପରେ ତାଲା ପକାଇବା ଘଟଣାକୁ ନେଇ ବିଟ୍ ହାଉସରେ ଅଭିଯୋଗ କରିଥିଲେ। ତଦନ୍ତ ପାଇଁ ପୋଲିସ ଶନିବାର ସକାଳେ ଫୋନ ଯୋଗେ ଡିଙ୍ଗର ଓ ଜଗବନ୍ଧୁଙ୍କୁ ଡକାଇଥିଲେ। ଦୁହେଁ ବିଟ୍ ହାଉସରେ ପହଞ୍ଚିବା ପରେ ବିଟ୍ ହାଉସର ୨ କନଷ୍ଟେବଲ ଡିଙ୍ଗରଙ୍କୁ ପ୍ରଥମେ ମାଡ ମାରିଥିଲେ। ମୋବାଇଲରେ ଏହି ଘଟଣାର ଭିଡିଓ ଉତ୍ତୋଳନ କରିଥିଲେ ଭାଇ ଜଗବନ୍ଧୁ। ଏଥିରେ କ୍ରୋଧିତ ହୋଇ ପୋଲିସ କର୍ମଚାରୀ ମୋବାଇଲ ଛଡାଇ ନେବା ସହ ୨ ପୁଅଙ୍କୁ ତଳେ ପକାଇ ମାଡ ମାରିଥିବା ମା’ ଅହଲ୍ୟା ଅଭିଯୋଗ କରିଛନ୍ତି। ସୋନପୁର ଥାନାର ଏଏସଆଇ ଶମ୍ଭୁ ଭୂଷଣ ଦେହୁରୀ ଏହି ମାମଲାର ତଦନ୍ତ କରୁଛନ୍ତି। ମେଡିକାଲ ରିପୋର୍ଟକୁ ଅପେକ୍ଷା କରା ଯାଇଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

**ପୋଲିସର ପାଲଟା ଅଭିଯୋଗ**

ଅନ୍ୟପକ୍ଷେ ବିଟ୍‌ର କନଷ୍ଟେବଲ ରାମେଶ୍ୱର ପଧାନ ଏ ସମ୍ପର୍କରେ ଏକ ପାଲଟା ଅଭିଯୋଗ କରିଛନ୍ତି। ତଦନ୍ତ ପାଇଁ ଜଗବନ୍ଧୁ ଓ ଡିଙ୍ଗରଙ୍କୁ ଡକା ଯାଇଥିବା ବେଳେ ସେମାନେ ବିଟ୍ ହାଉସରେ ପାଟିତୁଣ୍ଡ କରିବା ସହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଲିଖିତ ଅଭିଯୋଗ କରିଛନ୍ତି। ରାମେଶ୍ୱରଙ୍କ ଅଭିଯୋଗ କ୍ରମେ ସୋନପୁର ଥାନାରେ ଅନ୍ୟ ଏକ ମାମଲା (ନଂ.୧୭/୨୪) ରୁଜୁ ହୋଇଛି ।

## ରାଜବୋଡାସମ୍ବର ବିଶେଷାଙ୍କ ଉନ୍ମୋଚିତ

**ପଦ୍ମପୁର,୧୫।୧ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଆଗାମୀ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ ତଥା ମକର ମିଳନ ଉତ୍ସବ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ପାଳିତ ହୋଇଯାଇଛି। ଡ. ଜୟକେତନ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସଂସଦ ସଭାପତି ଡ. ପ୍ରମୋଦ ପାଢୀ ଅଧ୍ୟକ୍ଷତା କରିଥିଲେ। ଉପ ସଭାପତି ସଞ୍ଜୟ ବହିଦାର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଶୋକ ବହିଦାର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ମୋହନ ପଣ୍ଡା, ମୁଖ୍ୟ ବକ୍ତା ସମ୍ବଲପୁର ଆଇଆଇଏମର ପ୍ରାଧ୍ୟାପକ ଡ. ସୁଜିତ ପୃଷେଠ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ସଂସଦର ରାଜବୋଡାସମ୍ବର ବିଶେଷାଙ୍କ ଆଗାମୀ ଉନ୍ମୋଚନ କରାଯାଇଥିଲା। ମୁଖ୍ୟବକ୍ତା ଡ. ପୃଷେଠ ମକର ସଂକ୍ରାନ୍ତିର ବିଶେଷ ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ଚେତନାଧର୍ମି ସାହିତ୍ୟ ସୃଷ୍ଟି କରିବାରେ ଆଗାମୀ ସାହିତ୍ୟ ଅନୁଷ୍ଠାନ ମୁଖ୍ୟ ଆଧାର ହେବ ବୋଲି କହିଥିଲେ। ଉତ୍ସବରେ ସହରର ଅନେକ ବୁଦ୍ଧିଜୀବୀ, ସାହିତ୍ୟିକ, ସଂସ୍କୃତିପ୍ରେମୀ ଯୋଗଦେଇଥିଲେ। ନିରୋଜ ଦୋରା, ପ୍ରୀତିରଞ୍ଜନ ପ୍ରଧାନ, ଶେଷଦେବ ମେହେର, କରୁଣାକର ମେହେର, କୁଞ୍ଜବିହାରୀ ସରାଫ, ରାଜକୁମାର ସାହୁ, ଅଧ୍ୟାପକ ଦୁର୍ଗାଶୀଷ ପଟ୍ଟନାୟକ, ଭଗବାନ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ରାଜେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ସାହିତ୍ୟ ପତ୍ରିକା ରାଜବୋଡାସମ୍ବର ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

## ଲକ୍ଷ୍ମଣ ସାହୁ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ପଦ୍ମପୁର,୧୫।୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଡଙ୍ଗାଘାଟରେ ପ୍ରଥମ ଲକ୍ଷ୍ମଣ ସାହୁ ମେମୋରିଆଲ ତଥା ୨୩ତମ ବୁଢାରଜା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ଚନ୍ଦ୍ରଶେଖର (ପପୁ) ସାହୁଙ୍କ ସଭପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ବରଭଟା ଓ ଦହିତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲଟିରେ ବରଭଟା ଦଳ ଦହିତାକୁ ୪-୨ଗୋଲ ପରାସ୍ତ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ସରପଞ୍ଚ ଶଙ୍କରଷଣ ନାଗ, ସମିତି ସଭ୍ୟ ସୁଶାନ୍ତ ପାଣ୍ଡେ ଯୋଗଦେଇଥିଲେ। ଶିକ୍ଷକ ରବିଶଙ୍କର ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିରଞ୍ଜନ କୁଦେଇ, ତରଣୀ ପଟେଲ, ହରିହର ହାତୀ, ହେମରାଜ ବଗର୍ତ୍ତି, ଛୋଟେଲାଲ ସାହୁ, ଗୋବର୍ଦ୍ଧନ ମଲ୍ଲିକ, କ୍ଷୁଦ୍ର ମଣି ପାଣ୍ଡେ, ଦୁଖୀ ଶ୍ୟାମ ପଟେଲ, ପ୍ରସନ ମହାପାତ୍ର, ଫଗନୁ ମେହେର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ଗ୍ରାମର ବିଶିଷ୍ଟ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଜେତା ଦଳକୁ ପୁରସ୍କୃତ କରାଯାଉଛି।

## ଆଜି ୧୨ ଘଣ୍ଟିଆ ପଦ୍ମପୁର ବନ୍ଦ

**ପଦ୍ମପୁର,୧୫।୧(ପ୍ରଦୀପ୍ତ ଦାଶ)**

ଜିଲା ଗଠନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକତ୍ୱରେ ମଙ୍ଗଳବାର ପଦ୍ମପୁର ବନ୍ଦ ଡାକରାକୁ ସଫଳ କରିବା ପାଇଁ ସ୍ଥାନୀୟ ଟାଉନ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଇନଜୀବୀ ସନ୍ତୋଷ କୁମାର ଶତପଥୀ, ସଂପାଦକ ଚିନ୍ମୟ କୁମାର ପଣ୍ଡା ଓ ସଂଯୋଜକ ଅଜିତ କୁମାର ଶତପଥୀ ଉପସ୍ଥିତ ଥିଲେ। ପଦ୍ମପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ପଦ୍ମପୁରକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦେବାକୁ ଘୋଷଣା କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାହା ହୋଇପାରିଲା ନାହିଁ। ତେଣୁ ଏହାର ପ୍ରତିବାଦରେ ଅଞ୍ଚଳବାସୀ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରିବେ। ସମସ୍ତ ଜରୁରୀକାଳୀନ ସେବା ଜାରି ରହିବ। ସମସ୍ତ ଯାନବାହାନ, ଦୋକାନବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ସ୍କୁଲ କଲେଜ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଅନୁରୋଧ କରିଛି।

## ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲରେ ଜାତୀୟ ସେନା ଦିବସ

**ବରପାଲି,୧୫।୧(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲରେ ସୋମବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଜାତୀୟ ସେନା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କର୍ନେଲ ପି.ଡି. ଗେଟ୍ ସୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିକିନିପାଲିଠାରେ ଥିବା ଫାର୍ମ ହାଉସରେ ଫାୟାରିଂ ରେଞ୍ଜକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁବେଦାର ମେଜର ଶୁକ୍‌ବୀର ସିଂହ, ମାନବାହାଦୁର କନୱର ଏବଂ ହାବିଲଦାର ମାନବାହାଦୁର ଥାପ୍ପା ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଙ୍କ ସମେତ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ବରପାଲି ସ୍କୁଲ ଅଧ୍ୟକ୍ଷ ଏସ୍. ପି. କଲେତ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଉପାଧ୍ୟକ୍ଷ ସୁଶୀଲ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ପାୟଲ ଆଡବାଙ୍କ ଓ ଛାତ୍ର ଅନିକେତ ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି କ୍ୟାଡେଟ୍ ମାନଙ୍କୁ ଦେଶସେବାରେ ବ୍ରତୀ ହେବାକୁ ଉଦ୍‌ବୋଧନ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସିଟିଓ ଆକିଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସିଟିଓ ମିଲ୍କୀ ବାରିକ ଓ ଆକିଶ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କ୍ୟାଡେଟ୍ ।

# ସମ୍ବଲପୁରୀ ନୃତ୍ୟଗୀତରେ ଝୁମିଲେ ଦର୍ଶକ

**ଘଣ୍ଟାପଡ଼ା/ଖୁଣ୍ଟିଗୋରା,୧୫।୧ (ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ମକର ପଡିଆରେ ୫ମ ଖଡଙ୍ଗ ମହୋତ୍ସବର ସୋମବାର ଥିଲା ୩ୟ ସନ୍ଧ୍ୟା। ଏଥିରେ ରୁକୁ ସୁନାଙ୍କ ସମ୍ବଲପୁରୀ ଗୀତ ଓ ନାଚରେ ମହୋତ୍ସବ ପଡିଆ ଦୁଲକି ଉଠିଥିଲ। ଢୋଲ, ନିଶାନ, ତାସା ବାଦ୍ୟର ତାଳେତାଳେ ଉପସ୍ଥିତ ଦର୍ଶକ ଝୁମି ଉଠିଥିଲେ। ସମ୍ବଲପୁରୀ ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରଶାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ମୁଖଅତିଥି, ବିସିସିବିର ପୂର୍ବତନ ସଭାପତି ଲକ୍ଷ୍ମଣ ମେହେର ମୁଖ୍ୟବକ୍ତା, ବରଗୋଛା ସମିତି ସଭ୍ୟ ଶ୍ରଦ୍ଧାଞ୍ଜଳି ବାରିକ, ଆମ୍ବଗାଁ ସରପଞ୍ଚ ପ୍ରତିମା ରଣା, କୁଲତାଯୋର ସରପଞ୍ଚ ଚୁମକି ଭୋଇ, ଦିବ୍ୟଶଙ୍କର ରାଉତ, ନାରାୟର ପ୍ରସାଦ ସରପଞ୍ଚ ସତ୍ୟନାରାୟଣ ମାଝି, କଣ୍ଟାମାଳ ସରପଞ୍ଚ ଦିପାଞ୍ଜଳି ଖଟୁଆ, ବଲାଙ୍ଗୀର ଜିଲା ବଡବାହାଲ ପଞ୍ଚାୟତର ସରପଞ୍ଚ ଜୟନାରାୟଣ, ଲୋଇସିଂହାର ସୁଷମା ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମାଜସେବୀ ପ୍ରଶାନ୍ତ ରଣା ମଞ୍ଚ ପରିଚାଳନା ଓ ଅଭିରାମ ରଣା ଧନ୍ୟବାଦ ଦେଇଥିଲେ । ଏହି ମହୋତ୍ସବର ପ୍ରଥମ ଓ ଦ୍ୱିତୀୟ ସନ୍ଧ୍ୟାରେ ତୁଷୁରା କୃଷ୍ଣପ୍ରିୟା କଳାପରିଷଦ, ସାନବଡ ଘୁଡକା ନାଚ, କଣ୍ଟାମାଳର ପ୍ରଗତି ସାଂସ୍କୃତିକ ଅନୁଷ୍ଠାନ ଦୁଲଦୁଲି, ଅଭିନେତ୍ରୀ ହିରଣ୍ୟମୟୀ ଦାସ ବିଭିନ୍ନ ନାଚଗୀତ ପରିବେଷଣ କରିଥିଲେ।

**ଖଡଙ୍ଗ ଲୋକ ମହୋତ୍ସବର ୩ୟ ସନ୍ଧ୍ୟା**



ଖଡଙ୍ଗ ମହୋତ୍ସବର ୩ୟ ସନ୍ଧ୍ୟାରେ କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଉଦ୍ଧାର ଜନ୍ତୁ ଶମ୍ବର ନୁହେଁ, ନୀଳ ଗାଈ: ରେଞ୍ଜ ଅଧିକାରୀ



କୋକସରା, ୧୫।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରୁ ଏକ ବନ୍ୟପ୍ରାଣୀ ପାଣି ସନ୍ଧାନରେ ଆସି ଟେମରା ପଞ୍ଚାୟତ ସିର୍ଲିଗୁଡା ଦେଇଯାଇଥିବା ମେଗାଲିଫ୍ଟ କେନାଲରେ ପଡି ରହିଥିଲା। ବାହାରକୁ ଆସି ନ ପାରି ପାଣି ମଧ୍ୟରେ ରହି ଅସୁସ୍ଥ ହୋଇ ପଡିଥିଲା। ରବିବାର ସକାଳୁ ସ୍ଥାନୀୟ ଲୋକମାନେ ଦେଖି ବେହେରା ଫରେଷ୍ଟ କର୍ମଚାରୀଙ୍କୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ଜନ୍ତୁକୁ ଉଦ୍ଧାର କରି କୋକସରା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରିବା ପରେ ସୁସ୍ଥ ହେବା ପର୍ଯ୍ୟନ୍ତ ବେହେରା ଫରେଷ୍ଟ ଅଫିସରେ ରଖି ଚିକିତ୍ସା ସହ ଯତ୍ନ ନେଉଛନ୍ତି। ତେବେ ଉଦ୍ଧାର ହୋଇଥିବା ବନ୍ୟପ୍ରାଣୀକୁ ଏକ ମାଈ ଶମ୍ବର ବୋଲି ପ୍ରଥମେ ଚିହ୍ନଟ କରିଥିଲେ। ଏହା ଏକ ନିଳଗାଈ ବୋଲି ଧର୍ମଗଡ଼ ରେଞ୍ଜର ଭବାନୀ ଶଙ୍କର କାଉର କହିଛନ୍ତ। ସୁସ୍ଥ ହେବା ପରେ ତାର ନିଜସ୍ୱ ପରିବେଶ ମଧ୍ୟରେ ନେଇ ଛଡ଼ାଯିବ ବୋଲି କହିଛନ୍ତି।

### ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ଫକୀର ମୋହନ ଜୟନ୍ତୀ

ସିନାପାଲି, ୧୫।୧ (ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲିଠାରେ ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ମକର ମିଳନ ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ହାଇସ୍କୁଲସ୍ଥିତ ଏନସିସି ଭବନରେ ଆୟୋଜିତ ସାହିତ୍ୟ ଆସରରେ ସାହିତ୍ୟ ଓ ଭାଷାପ୍ରେମୀ ଉପସ୍ଥିତ ରହି ବ୍ୟାସକବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ମକର ମିଳନ ଓ କଥାସମ୍ରାଟ ଫକୀର ମୋହନଙ୍କ ସାହିତ୍ୟ କୃତୀ ବିଷୟରେ ଆଲୋଚନା କରିଥିଲେ। ଏଥିସହ ୨୦୨୪ରେ ସମିତି ପକ୍ଷରୁ ହେବାକୁ ଥିବା ସାହିତ୍ୟ କାର୍ଯ୍ୟକ୍ରମର ବାର୍ଷିକ ଯୋଜନା ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ ରମେଶ କୁମାର ହଂସ ଓ ଅତୁଳ କୁମାର ପାତ୍ରଙ୍କ ସହ ସମିତି ସମ୍ପାଦକ ତରୁଣ କୁମାର ମେହେର, ମୁରଲୀଧର ସା, ଲଳିତ କୁମାର ସୁନାରୀ, ପରେଶନାଥ ପାଣିଗ୍ରାହୀ, ଭ୍ରମର ବାଗ, ହରେକୃଷ୍ଣ ମେହେର, ପ୍ରେମାନନ୍ଦ ମେହେର, ବଂଶୀଧର ଜଗତ, ଲୋଚନ ମେହେର, ରଶ୍ମିରଞ୍ଜନ ସା ପ୍ରମୁଖ ଉପସ୍ଥିତ ଥିଲେ। ଗୌତମ ମେହେର ଧନ୍ୟବାଦ ଦେଇଥିଲେ।

### ୨୩ରେ ଏଚଏଲଏ ଶିବିର

ନୂଆପଡ଼ା, ୧୫।୧ (ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ ଅଗ୍ରେସନ ଭବନରେ ମାରୱାଡି ଯୁବା ମଞ୍ଚ ଜାଗୃତି ଶାଖା ପକ୍ଷରୁ ଥାଲାସେମିଆ ଓ ବଡ ସିକ୍ଲ୍ ରୋଗୀଙ୍କ ପାଇଁ ଏଚଏଲଏ (ମାନବ ଲ୍ୟୁକୋସାଇଟ ଆଣ୍ଟିଜେନ) ଶିବିର ଆସନ୍ତା ୨୩ରେ ଅନୁଷ୍ଠିତ ହେବ। ସୋମବାର ଏକ ଖବରଦାତା ସମ୍ମିଳନୀରେ ଜାଗୃତି ଶାଖା ସଂଯୋଜକ ରଚନା ଜୈନ ଏହି ସୂଚନା ଦେଇଛନ୍ତି। ମୁମ୍ବାଇର ଡା.ଶାନ୍ତନୁ ସେନ ଓ ବିଏମଟି ସଂଯୋଜକ ଜ୍ୟୋତି ଟଣ୍ଡନଙ୍କ ନେତୃତ୍ୱରେ ଥାଲାସେମିଆ ଓ ବଡ ସିକ୍ଲ୍ ରୋଗୀଙ୍କ ପାଇଁ ଏଚଏଲଏ (ମାନବ ଲ୍ୟୁକୋସାଇଟ ଆଣ୍ଟିଜେନ) ଶିବିର ଆୟୋଜିତ ହେବ। ଶହେ ପ୍ରତିଶତ ଏଚଏଲଏ ମ୍ୟାଚ କରୁଥିବା ପିଲାମାନଙ୍କ ଅସ୍ଥି ମଜ୍ଜା ପ୍ରତିରୋପଣ ମୁମ୍ବାଇ କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ମାଗଣାରେ କରାଯିବ। ୧୧ ବର୍ଷରୁ କମ ପିଲାମାନେ ପରୀକ୍ଷା କରି ପାରିବେ। ରୋଗୀଙ୍କୁ ତାଙ୍କ ପିତାମାତା ଓ ଭାଇଭଉଣୀଙ୍କ ଆଧାର କାର୍ଡ ଏବଂ ଜନ୍ମ ପ୍ରମାଣପତ୍ର ଆବଶ୍ୟକ। ପିଲାମାନଙ୍କ ଅସ୍ଥି ମଜ୍ଜା ପ୍ରତିରୋପଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଶିବିରରେ ଆସି ନାମ ପଞ୍ଜୀକରଣ କରନ୍ତୁ ନ ହେଲେ ଅନଲାଇନରେ ନାମ ପଞ୍ଜୀକରଣ କରି ପାରିବେ। ପଞ୍ଜିକରଣରେ ଦୁଇଟି ସକ୍ରିୟ ମୋବାଇଲ ନମ୍ବର ଅତି ଆବଶ୍ୟକ ଅଟେ। ଏହି ସମୟରେ ମାରୱାଡି ଯୁବା ମଞ୍ଚ ଖରିଆର ରୋଡ ଜାଗୃତି ଶାଖା ସଭାନେତ୍ରୀ ସନ୍ତୋଷ ଅଗ୍ରୱାଲ, ସମ୍ପାଦିକା ରିଚା ଅଗ୍ରୱାଲ, ଉପସଭାନେତ୍ରୀ କାନ୍ତା ଜୈନ, ସହସମ୍ପାଦିକା ଜ୍ୟୋତି ଅଗ୍ରୱାଲ, କୋଷାଧ୍ୟକ୍ଷା ସୁମନ ଜୈନ, ସସ୍ମିତା ଅଗ୍ରୱାଲ, ସଙ୍ଗିତା ଅଗ୍ରୱାଲ, ରେଣୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଲୁକ୍କାୟିତ ପ୍ରତିଭାକୁ ପୁନର୍ଜୀବିତ କରୁଛି କଳାହାଣ୍ଡି ଉତ୍ସବ

ଭବାନୀପାଟଣା, ୧୫।୧ (ଉତ୍ତମ କୁମାର ଦାଶ)



ଦ୍ୱିତୀୟ ଦିବସରେ ଯୋଗଦେଇଥିବା ଅତିଥିଗଣ।

**ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାର ଦ୍ୱିତୀୟ ସନ୍ଧ୍ୟା**

- ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ଶହୀଦ ରେଣ୍ଡୋ ମାଝି ମଞ୍ଚ
- ଧାନ ଉତ୍ପାଦନରେ କଳାହାଣ୍ଡି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୬ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଦିବସ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଟୁକୁନି ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ସିଡିଓ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, ଧର୍ମଗଡ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଷୀ, ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଥୁଆମୂଳ ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ନଗରପାଳ ନୃପରାଜ ଯାଦବ, ଏମ୍. ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ, କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡି ହେଉଛି କଳାର ମାଟି, ସଂସ୍କୃତିର ମାଟି, ଭାଇଚାରର ମାଟି। ଲୁକାୟିତ ପ୍ରତିଭାକୁ ପୁର୍ନର୍ଜିବିତ କରିବାର ମାଧ୍ୟମ ହେଉଛି କଳାହାଣ୍ଡି ଉତ୍ସବ ବୋଲି ମୁଖ୍ୟଅତିଥି ମନ୍ତ୍ରୀ ସାହୁ କହିଥିଲେ। ଜିଲାର ବୀରବାଦ୍ୟ ଘୁମୁରା କେବଳ ଭାରତ ନୁହେଁ ଦେଶ ବାହାରରେ ମଧ୍ୟ ପରିଚୟ ସୃଷ୍ଟି କରିଛି। ଦିନେ କଳାହାଣ୍ଡିକୁ ଭୋକର ଭୁଗୋଳ କହୁଥିଲେ। ଏବେ କିନ୍ତୁ ଧାନ ଉତ୍ପାଦନରେ ରାଜ୍ୟ ତଥା ରାଜ୍ୟ ବାହାରକୁ ଯୋଗାଣ କରି କଳାହାଣ୍ଡି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିପାରିଛି। ସେହିପରି ଶହୀଦ ରେଣ୍ଡୋ ମାଝିଙ୍କ ନାମରେ ମେଡିକାଲ କଲେଜ ନାମିତ ହୋଇଛି। ରୂପାନ୍ତରିଣ କ୍ଷେତ୍ରରେ କଳାହାଣ୍ଡିକୁ ଆଗକୁ ବଢ଼ିଛି ବୋଲି ମନ୍ତ୍ରୀ କହିଥିଲେ। ଭବାନୀପାଟଣା ମହ୍ଲାର କଳାନିକେତନ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଭାକୁ ଶୁଭେନ୍ଦୁ ମହାପାତ୍ର ପରିଚାଳନା କରିଥିଲେ। ଏହାପରେ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଏଥିରେ ଜିଲାସ୍ତରୀୟ ଶ୍ରେଷ୍ଠ ଘୁମୁରା ସହ ଜୁନାଗଡ କଳାବିକାଶ କେନ୍ଦ୍ରର ଓଡିଶୀ, ଭବାନୀପାଟଣା ସଂସ୍କୃତି ଅନୁଷ୍ଠାନର ଘୁଡକା ଡ୍ୟାନ୍ସ, କାରୁଣ୍ଡ କଳାର ବଜାଶାଲ, ବଲାଙ୍ଗୀର ଜିଲା ଟିଟିଲାଗଡର ଢାପ୍, ରାୟଗଡା ଜିଲା ସଂସ୍କୃତି ପରିଷଦ, କୋରାପୁଟର ଢେମସା, ବାଗେଶ୍ୱରୀ କଳାକୁଞ୍ଜର ଓଡିଶୀ, ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ଛତିଶଗଡର ପନ୍ଥୀ ନୃତ୍ୟ, ଆସାମର ବିହୁ, ପଞ୍ଜାବର ଭାଙ୍ଗଡା, ହରିୟାଣାର ଫାକ୍ ନୃତ୍ୟ ଦର୍ଶକଙ୍କୁ ମଧ୍ୟରାତ୍ରି ଯାଏ ବାନ୍ଧି ରଖିଥିଲା। ପଶ୍ଚିମ ଓଡିଶାର ଲୋକପ୍ରିୟ ଗାୟକ ରୁକୁ ସୁନା ଓ ତାଙ୍କ ସାଥିଙ୍କ ଗୀତରେ ଉପସ୍ଥିତ ଦର୍ଶକ ଝୁମିଉଠିଥିଲେ। ସେହିପରି ଉତ୍ସବର ଦ୍ୱିତୀୟ ପାରବା ମଞ୍ଚରେ ଜିଲାର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର କଳାକାରଙ୍କ ପ୍ରଦର୍ଶନ ଦର୍ଶକଙ୍କୁ ଶୀତୁଆ ରାତିର ଆନନ୍ଦ ଆଣିଦେଇଥିଲା।

# ଇଭିଏମ୍, ଭିଭିପାଟ ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟିତ

ଭବାନୀପାଟଣା, ୧୫।୧ (ଉତ୍ତମ କୁମାର ଦାଶ)

**ଆଞ୍ଚଳିକ ପରିବହନ ବିଭାଗର ଦସ୍ତଖତ ଅଭିଯାନ**

୨୦୨୪ ସାଧାରଣ ନିର୍ବାଚନରେ ଭୋଟର କିପରି ନିର୍ଭୁଲ ଭାବେ ଇଭିଏମରେ ନିଜର ମତଦାନ କରିପାରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମ କଳାହାଣ୍ଡି ଉତ୍ସବ ପଡ଼ିଆରେ ଇଭିଏମ ଓ ଭିଭିପାଟ ପ୍ରଦର୍ଶନ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଅଭିଲାଷ ଜି., ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ, ଡେପୁଟି କଲେକ୍ଟର ରମେଶ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଇଭିଏମ, ଭିଭିପାଟ ସଚେତନ କରିବା ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଭୋଟ ଦେବା ପ୍ରକ୍ରିୟାର ଇଭିଏମରେ ଡେମୋ ପ୍ରଦର୍ଶନ କରାଯାଇଥିଲା। ସେହିପରି ଅତିଥିମାନେ ପରିସରରେ ଥିବା ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ସଡ଼କ ସୁରକ୍ଷା ଅଭିଯାନର ଉପରେ ପରିଚାଳିତ ଦସ୍ତଖତ ଅଭିଯାନରେ ସାମିଲ ହୋଇ ନିଜର ବାର୍ତ୍ତା ଦେଇଥିଲେ।



ଜିଲାପାଳ ଇଭିଏମ ଓ ଭିଭିପାଟ ପ୍ରଦର୍ଶନ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

# ଦେବ ନିମନ୍ତ୍ରଣ, ଶୁଭଖମ୍ଭ ସ୍ଥାପନ

ନୂଆପଡ଼ା, ୧୫।୧ (ମକାରୁ ବେମାଲ)



ଶୁଭଖମ୍ଭ ସ୍ଥାପନ ପାଇଁ ଦେବ ପୂଜନ କରାଯାଉଛି।

**କୋମନା ଲୋକ ମହୋତ୍ସବ**

ନୂଆପଡା ଜିଲା କୋମନା ଲୋକ ମହୋତ୍ସବ-୨୦୨୪ ପାଇଁ ମକର ସଂକ୍ରାନ୍ତି ସୋମବାର ଦେବ ନିମନ୍ତ୍ରଣ ଓ ଶୁଭଖମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋମନା ଅଞ୍ଚଳ ତଥା ଜିଲା ଓ ଜିଲା ବାହାର ଲୋକଗୀତ, ଲୋକନୃତ୍ୟ, ଲୋକ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ପାଇଁ ଆସନ୍ତା ମାର୍ଚ୍ଚ ୧୭ରୁ ୧୯ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କୋମନା ଲୋକ ମହୋତ୍ସବ ପାଇଁ କୋମନା ଗଡରୁ ପୂଜା ଅର୍ଚ୍ଚନା କରି ଶତାଧିକ ଗ୍ରାମବାସୀ ଓ ମହୋତ୍ସବ କମିଟି ସଦସ୍ୟ ପାରମ୍ପରିକ ବାଦ୍ୟ ସହ ନଗର ପରିକ୍ରମା କରିଥିଲେ। ସେଠାରୁ ସମଲେଶ୍ୱରୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ରକ୍ତାମ୍ବରୀ, ବନଦୁର୍ଗା, ଠାକୁରାଣୀ, ଲଙ୍କେଶ୍ୱରୀ, ବଳଶଘରେନ, ବୈଷ୍ଣୋବୀ, ଛୁଟିଗୁଡି, ଜଗନ୍ନାଥ, ରାଧାକୃଷ୍ଣ, ଚଣ୍ଡିସମଲେଇ, ମହାଦେବ, ହନୁମାନ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯାଇ ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶୁଭଖମ୍ଭ ସ୍ଥାପନ କରାଯାଇଥିଲା। ଗଙ୍ଗାଧର ପାଣିଗ୍ରାହୀ ଓ ସୋନାଳି ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଦେବ ନିମନ୍ତ୍ରଣ ଓ ଶୁଭଖମ୍ଭ ସ୍ଥାପନ ଉତ୍ସବରେ ମହୋତ୍ସବ କମିଟି ସଭାପତି ଜଗଦୀଶ ଚନ୍ଦ୍ର ଦୁରିଆ, ଉପସଭାପତି ଶାହରୁଖ୍ ଖାନ, ସମ୍ପାଦକ ମନୋଜ କୁମାର ଅଦା, ଯୁଗ୍ମସମ୍ପାଦକ ଗୌତମ ଦୁରିଆ, କୋଷାଧ୍ୟକ୍ଷ ଅସମଲ ମହମ୍ମଦ, କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ରଜନା ସରପଞ୍ଚ କ୍ଷୀରସିନ୍ଧୁ ଭୋଇ, କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ମଙ୍ଗଳା ବର୍ଗେ, ପ୍ରବୀଣ କୁମାର ଭୋଇ, ବଳରାମ ସରାଫ, କ୍ଷମାରାଜ ସରାଫ, ରମେଶ ଶବର, ଦିଲୀପ ପାଣିଗ୍ରାହୀ, ସାଗର ଠେଲା, ମୁକୁନ୍ଦ ଚିରାଗୁଲ, ଗୌରାଙ୍ଗ ମଲ୍ଲିକ, ଶିବ ପ୍ରଧାନୀ ପ୍ରମୁଖ ସାମିଲ ହୋଇଥିଲେ।

### ଖଡ଼ିଆଳ ମହୋତ୍ସବ ପାଇଁ ଉଦ୍‌ଘୋଷକ, ଉଦଘୋଷିକା ଚୟନ ପ୍ରକ୍ରିୟା

ଖଡ଼ିଆଳ, ୧୫।୧ (ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ-୨୦୨୪ ଆସନ୍ତା ଜାନୁଆରୀ ୨୯ରୁ ଫେବୃଆରୀ ୨ ତାରିଖ ଯାଏଁ ୫ ଦିନ ବ୍ୟାପୀ ସ୍ଥାନୀୟ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ସ୍ଥାନୀୟ ସ୍କୁଲ, କଲେଜ ସମେତ ବିଭିନ୍ନ ଅନୁଷ୍ଠାନ ନେଇ ଦଳଗତ ନୃତ୍ୟ ସହ ପ୍ରତଦିନ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାର ସାଂସ୍କୃତିକ ଦଳ ଭାଗ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଉଦଘୋଷକ, ଉଦଘୋଷିକା ମୁଖ୍ୟ ଭୂମିକା ରହିଥାଏ। ଏହାକୁ ଦୃଷ୍ଟିରେ ସ୍ଥାନୀୟ ଅଞ୍ଚଳର ପ୍ରତିଭାକୁ ଗୁରୁତ୍ୱ ଦେବା ସକାଶେ ସ୍ଥାନୀୟ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଉଦଘୋଷକ, ଉଦଘୋଷିକା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଉକ୍ତ ଚୟନ ପ୍ରକ୍ରିୟାରେ ୬ଜଣ ପୁରୁଷ ଏବଂ ୧୩ଜଣ ମହିଳା ପ୍ରତିଯୋଗୀ ଭାଗ ନେଇଥିଲେ। ଚୟନ ପ୍ରକ୍ରିୟାରେ ବିଚାରକ ଭାବେ ଆୟୋଜକ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମ୍ପାଦକ ସୁନୀଲ କୁମାର ସାହୁ ଏବଂ ଦଳଗତ ନୃତ୍ୟ କମିଟି ଆବାହକ ଗଙ୍ଗାଧର ମହାଉତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ମକର ସଂକ୍ରାନ୍ତି

ପଲମ/କର୍ଲାମୁଣ୍ଡା, ୧୫।୧ (ଭିକାରି ଗଉଡ/ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁର୍ଶୁଲା ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ସୋମବାର ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଉତ୍ସବରେ ୪୫ଖଣ୍ଡ ଗ୍ରାମର ଭକ୍ତ ଆସି ଆନନ୍ଦ ଉଲ୍ଲାସର ସହିତ ମହାଦେବାଙ୍କ ପୂଜାର୍ଚ୍ଚନା କରିଛନ୍ତି। ମହାପ୍ରଭୁଙ୍କ ମକର ଚାଉଳ ସମସ୍ତେ ଭକ୍ଷଣ କରିବା ସହ ପରିବାର ଭିତରେ କିମ୍ବା ଅନ୍ୟବନ୍ଧୁ ବାନ୍ଧବ ସହ ଭେଦଭାବ ଭୁଲି ମକର ଚାଉଳ ପ୍ରସାଦ ଭକ୍ଷଣ କରି ଭାଇଚାରା ସୃଷ୍ଟି କରିବା ମକର ସଂକ୍ରାନ୍ତି ପାଳନ କରିବା ଉଦ୍ଦେଶ୍ୟ ରହିଛି। ନୀଳକଣ୍ଠେଶ୍ୱର ମହାଦେବଙ୍କୁ ରଥାରୁଢ କରି କୁର୍ଶୁଲା ଗ୍ରାମ ପରିକ୍ରମା କରିଥାନ୍ତି। ନଗର ପରିକ୍ରମା କରିବା ବେଳେ ମହିଳାମାନେ ଭକ୍ତିର ସହିତ ଦାଣ୍ଡଦୁଆରେ ଝୋଟି ଆଙ୍କି ମହାଦେବଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ୭୪ତମ ମକର ମେଳାରେ କମିଟି ସଭାପତି ଜଗତରାମ ଭୋଇ, ସମ୍ପାଦକ ସୁଶାନ୍ତ ଜାନୀ, ଉପସଭାପତି ହିରାମଣି ସାହୁ, ସହ ସମ୍ପାଦକ ଦୟାନିଧି ବାଗ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଗଜ ମାଝି, ସଭ୍ୟ ରମେଶ ମାଝି, ନୈରୁତ ଜାନୀ, ଜୟଦେବ ସାହୁ, ଅନିରୁଦ୍ଧ ସାହୁ, ଲୋକନାଥ ଦାସ, ରାଜେନ୍ଦ୍ର ବେହେରା ଏବଂ ସମସ୍ତ ଭକ୍ତବୃନ୍ଦ ନଗର ପରିକ୍ରମାରେ ସହଯୋଗ କରିଥିଲେ। ପୂଜକ ନେତ୍ରାନନ୍ଦ ବଡମାଲି ଭଗବାନଙ୍କ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା ପାଇଁ ଭୋର ସକାଳ ୫ଟାରୁ ଅପରାହ୍ନ ଘ.୩.୩୦ମି. ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ ଜମି ରହିଥିଲା। ମେଳାରେ ବିଭିନ୍ନ ଜିଲାରୁ ବ୍ୟବସାୟୀମାନେ ଆସି ଅନେକ ପ୍ରକାର ସାମଗ୍ରୀ ବିକ୍ରିକରି ଲାଭାନ୍ୱିତ ହୋଇଥାନ୍ତି। ୭ ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଉପଲକ୍ଷେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର କୋଚିଂ ସେଣ୍ଟର କୁର୍ଶୁଲା ଦ୍ୱାରା ଆୟୋଜନ କରାଯାଇଥିଲା। ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣାଙ୍କ ଦ୍ୱାରା ଜନସାଧାରଣଙ୍କ ପଇଁ ମାଗଣାରେ ଥଣ୍ଡା ପାନୀୟ ଜଳ ପ୍ରଦାନ କରାଯାଇଥିଲା।



ନୀଳକଣ୍ଠେଶ୍ୱର ମହାଦେବଙ୍କୁ ରଥାରୁଢ଼ କରି କୁର୍ଶୁଲା ଗ୍ରାମ ପରିକ୍ରମା କରାଯାଉଛି।

# ପାରବା ମଞ୍ଚରେ ଶିଶୁ ଘୁମୁରା ପ୍ରତିଯୋଗିତା

ଭବାନୀପାଟଣା, ୧୫।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ର ଦ୍ୱିତୀୟ ଦିବସ ସୋମବାର ଭବାନୀପାଟଣା ଲାଲ ବାହାଦୂରଶାସ୍ତ୍ରୀ ପଡିଆ ପାରବା ମଞ୍ଚରେ ଶିଶୁ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶିଶୁ ଘୁମୁରା ଦଳ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ କଳାହାଣ୍ଡି ଉତ୍ସବ ଘୁମୁରା ଉପସମିତି ଅଧ୍ୟକ୍ଷ ଗୌରାଙ୍ଗ ରାଉତ, ସଙ୍କିତ ରତେ, ଦିଲୀପ ଠାକୁର, ସୋମନାଥ ରାଜୁ, ବିଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚୈତନ୍ୟ ରାଉତ, ଭାରତଭୂଷଣ ଚଲାନ, ପ୍ରଦୀପ କୁମାର ଧଙ୍ଗଡ଼ାମାଝି ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏଥିରେ ଦୁଆରସୁନି ଦାମୋଦରପୁର ମା' ଆଦ୍ୟାଶକ୍ତି ଦଳ, ନର୍ଲା ଜବାହର ନବୋଦୟ ବିଦ୍ୟାଳୟ, ମଶାଣିବନ୍ଧ ସରସ୍ୱତୀ ଶିଶୁ ମନ୍ଦିର, ଏମ୍. ରାମପୁର ଶ୍ରୀରାମକୃଷ୍ଣ ଆଶ୍ରମ, ଗୌଣ୍ଡିଆପଡ଼ା ମାଣିକେଶ୍ୱରୀ ଦଳ, ବାଲଗୋପାଳ ସେବା ନିକେତନ, ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲ ଦଳ ଭାଗ ନେଇଥିଲେ। ସେଥିମଧ୍ୟରୁ ନର୍ଲା ଜବାହର ନବୋଦୟ ସ୍କୁଲ ପ୍ରଥମ, ଏମ୍. ରାମପୁର ରାମକୃଷ୍ଣ ଆଶ୍ରମ ଦ୍ୱିତୀୟ, ମ୍ୟୁନିସିପାଲ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ଚିଲଡଙ୍ଗରି ଚାମ୍ପିୟନ

କୋକସରା, ୧୫।୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୂଷାପାଲି ଖେଳ ପଡିଆଠାରେ ଚାଲିଥିବା ମା' ମାଉଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗହନାମୁଣ୍ଡା ଓ ଚିଲଡଙ୍ଗରି ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଚିଲଡଙ୍ଗରି ଟିମ ସୁନ୍ଦର ଖେଳ ପ୍ରଦର୍ଶନ କରି ବିଜୟଲାଭ କରିଥିଲା। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୋଷଧି ବାଗ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ଏକଜ୍ୟୁକେଟିଭ ମେମ୍ବର ଜନାର୍ଦ୍ଦନ ପଣ୍ଡା, ଧର୍ମଗଡ ଏନଏସି ଉପାଧ୍ୟକ୍ଷା ମନୀଷା ମିଶ୍ର, ମୂଷାପାଲି ସମିତି ସଭ୍ୟା ଅଞ୍ଜନା ଦୁର୍ଗା, ସାମାଜିକ କର୍ମୀ ବିବେକ ମିଶ୍ର, ବିଶିଷ୍ଟ କବି ଅଲେଖ ଚନ୍ଦ୍ର ଗୋପାଳ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ଅଭୟ ନାଏକ କରିଥିବା ବେଳେ ଭିକାରୀ ଦୁର୍ଗା ଓ ଛବିଲାଲ ନାଏକ ଖେଳ ପରିଚାଳନା କରିଥିଲେ। ସଭାପତି ଦିଗାମ୍ବର ନାଗ, ଭିକାରୀ ଦୁର୍ଗା, ରମେଶ ନାଗଙ୍କ ନେତୃତ୍ୱରେ କମିଟିର ଓମ ପ୍ରକାଶ ଗୋପାଳ, ରାଜୁ ଗୋପାଳ, ଅକ୍ଷୟ ଗୋପାଳ, ଆକାଶ ନାଏକ, ରାକେଶ ଗୋପାଳ, ପ୍ରହ୍ଲାଦ ଗୋପାଳ, କୁନୁ ରାଉତ, ମନୋଜ ରାଉତ, ଗୁପ୍ତେଶ୍ୱର ନାଗ, ପପୁନ ନାଗ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଲୋଡ୍ରାକୁ ହରାଇ ଉଦ୍ୟାନବନ୍ଧ ଚାମ୍ପିୟନ

ନୂଆପଡ଼ା, ୧୫।୧ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ସୁନାବେଡା ଭଗତ ସିଂ ଷ୍ଟାଡିୟମରେ ୬ତମ ମା' ସୁନାଦେଈ କପ କ୍ରିକେଟ ସୋମବାର ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଲୋଡ୍ରାକୁ ହରାଇ ଉଦ୍ୟାନବନ୍ଧ ଦଳ ଚାମ୍ପିୟନ ହୋଇଛି। ଉଦ୍ୟାନବନ୍ଧ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରେ ୪ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ୧୨୩ ରନର ବିଜୟ ଲକ୍ଷ୍ୟ ନେଇ ମଇଦାନକୁ ଓହ୍ଲାଇ ଥିବା ଲୋଡ୍ରା ଦଳ ୧୦ ଓଭରରେ ୨ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ମାତ୍ର ଗୋଟିଏ ରନରେ ଉଦ୍ୟାନବନ୍ଧ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍ୟାନବନ୍ଧ ଚାମ୍ପିୟନ ଦଳ ଓ ଲୋଡ୍ରା ରନର୍ ଅପ୍ ଦଳକୁ ମୁଖ୍ୟଅତିଥି ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଦିବେସ, ମ୍ୟାନ ଅଫ ଦି ସିରିଜ ଓ ସିକ୍ସର ଜଗନ୍ନାଥ ସାହୁ, ବେଷ୍ଟ ବୋଲର ଡିଗେଶ୍ୱର କୁମାର ମାଝିଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

**ସୁନାଦେଈ କପ୍ କ୍ରିକେଟ ଉଦ୍‌ଯାପିତ**

ଉଦଯାପନୀରେ ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ମୁଖ୍ୟଅତିଥି, ସିଆରପିଏଫ ଅପରେସନ କମାଣ୍ଡେଣ୍ଟ ମୁକେଶ ପିପି, ଜିଲା ପରିଷଦ ସଦସ୍ୟ ମୁରଲିଧର ଭୋଇ, ସ୍ଥାନୀୟ ସରପଞ୍ଚ ରଜନୀ ଜଗତ, ସମିତି ସଭ୍ୟ ହେମନ ଲାଲ ରାଉତ, ସୁନାଦେଈ ମନ୍ଦିର ପୂଜକ ବିଶ୍ରାମ ଛତ୍ରିଆ, ଗୋଡାରାଇଜ ବିକାଶ କମିଟି ସଭାପତି ଭୁଜବଳ ମାଝି, ଦିବ୍ୟରାଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁ ସିଂ ଓ ରଶ୍ମି ରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ କୁନୁ ବାରିକ ଓ ଝାଲି କୁମାର ମାଝି ସ୍କୋର ଦାୟିତ୍ୱରେ ଥିଲେ। ପୁରନ ବିଶ୍ୱାଳ, ଧବଳେଶ୍ୱର ଝାଙ୍କର, ରୋହିତ କୁମାର ଅହିର, ରାଜେଶ ରଞ୍ଜନ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ। ୟଙ୍ଗ ରାଇଜିଂ କ୍ଲବ ସୁନାବେଡା ଆୟୋଜନ କରିଥିବା ବେଳେ ସଭାପତି କଲିରାମ ସୁଆର, ସମ୍ପାଦକ ଗୌତମ ଭୋଇ, ଆକାଶ ସାହୁ, ମୁକେଶ ରଣା, ନନ୍ଦ କୁମାର ଅହିର, ନିରଞ୍ଜନ ସ୍ୱାଇଁ, ୱାଇଆରସି କ୍ୟାପଟେନ ନବୀନ ଖମାରୀ, ରୁଦ୍ର ପ୍ରତାପ ନାଗ, ରୁପସିଂ ଚିନ୍ଦା, ତପେଶ୍ୱର ନାଏକ, କାର୍ତ୍ତିକ ଚିନ୍ଦା, ସୁଶାନ୍ତ ଭୋଇ, ମାଖନ ସୁଆର, ଜଗଦୀଶ ମାଝି, ସେରରା ମସୁଆର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆଜି ବିଦ୍ୟୁତ୍ ସରବରାହ ବନ୍ଦ ରହିବ

ରାଉରକେଲା,୧୫ା୧(ଦିନେଶ ମିଶ୍ର): ରାଉରକେଲା ବାସନ୍ତୀ କଲୋନି ଅଞ୍ଚଳରେ ମଙ୍ଗଳବାର ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଉକ୍ତ ଅଞ୍ଚଳରେ ଟ୍ରାନ୍ସଫର୍ମର କାର୍ଯ୍ୟ ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ଟିପିଡବ୍ଲ୍ୟୁଓଡ଼ିଏଲ ପକ୍ଷରୁ କୁହାଯାଇଛି।

### ଡମ୍ଫର ଧକ୍କାରେ ସାଇକେଲ ଚାଳକ ମୃତ

ରାଉରକେଲା,୧୫ା୧(ଦିନେଶ ମିଶ୍ର): ରାଉରକେଲା ଦେଇ ଯାଇଥିବା ଏନ୍‌ଏଚ୍-୧୪୩ରେ ସୋମବାର ଡମ୍ଫର ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାଠୁ ଗରଡିଆ(୩୯)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୁଣ୍ଡା ବସ୍ତିର ମାଠୁ ସୋମବାର ସକାଳେ ପାନପୋଷ ଅଭିମୁଖେ ସାଇକେଲ ଯୋଗେ ଯାଉଥିଲେ। ଏହି ସମୟରେ ତାଙ୍କୁ ପଛପଟୁ ଏକ ଡମ୍ଫର ଧକ୍କାଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମଦ ଚାଲାଣ ବେଳେ ୩ ଗିରଫ

ରାଉରକେଲା, ୧୫ା୧(ସଙ୍ଗୀତା ଜେନା): ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ଏଫ୍‌ଏଲ୍ ପଏଣ୍ଟରୁ ରବିବାର ବିଦେଶୀ ମଦ ଚାଲାଣ ବେଳେ ୩ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୋକାନ ମ୍ୟାନେଜର ଅଶୋକ ଲେଙ୍କା, ସତ୍ୟେନ୍ଦ୍ର ପାଲ ଓ ଧରମଜିତ୍ ସିଂହ। ଏ ନେଇ ପୋଲିସ ଏକ ମାମଲା (ନଂ.୧୬/୨୪) ରୁଜୁ କରି ସୋମବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନେ ଏକ ସ୍କର୍ପିଓ (ନଂ.ଓଡ଼ି୧୪ଡ଼ବ୍ଲ୍ୟୁ/୫୮୫୫)ରେ ୨୦୧ ଲିଟର ମଦ ନୂଆଗାଁକୁ ଚାଲାଣ କରୁଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ମଦର କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ।

### ରାଉରକେଲା ଏୟାରଷ୍ଟ୍ରିପ୍ ପାଚେରି ନିର୍ମାଣକୁ ବିରୋଧ

ରାଉରକେଲା, ୧୫ା୧(ସଙ୍ଗୀତା ଜେନା): ଛେଣ୍ଡ ଥାନା ଅଧୀନ ରାଉରକେଲା ଏୟାର ଷ୍ଟ୍ରିପ୍ ପାଚେରି ନିର୍ମାଣକୁ ସୋମବାର ବନପୋଷ ବାସିନ୍ଦା ବିରୋଧ କରିଛନ୍ତି। ଖବର ପାଇ ଏସ୍‌ଡିପିଓ ଉପାସନା ପାଢ଼ୀଙ୍କ ନେତୃତ୍ୱରେ ରଘୁନାଥପାଲୀ ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ଓ ଏକ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସୂଚନା ଅନୁଯାୟୀ, ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଉକ୍ତ ଏୟାରଷ୍ଟ୍ରିପ୍‌ର ବନପୋଷ ପାର୍ଶ୍ୱରେ ଥିବା ତାରବାଡ଼ ପାଚେରିକୁ ଭାଙ୍ଗି ସ୍ଥାୟୀ ପାଚେରି ନିର୍ମାଣ କରିବାକୁ ସୋମବାର ପହଞ୍ଚିଥିଲେ। ହେଲେ ସ୍ଥାନୀୟ ଲୋକେ ଏହା ତାଙ୍କର ପୂର୍ବପୁରୁଷଙ୍କ ଜମି ଦର୍ଶାଇ ବିରୋଧ କରିଥିଲେ। ନିର୍ମାଣ କାର୍ଯ୍ୟଶେଷ ହେବା ଯାଏ ଉକ୍ତ ସ୍ଥାନରେ ପୋଲିସ ଫୋର୍ସ ନିୟୋଜିତ ରହିବେ ବୋଲି କୁହାଯାଇଛି।

### କ୍ରିକେଟ୍: ପିଲେଟ୍ ଲାଇନ୍ସ ବିଜୟୀ

ରାଉରକେଲା,୧୫ା୧(ଦିନେଶ ମିଶ୍ର): ବାସନ୍ତୀ କଲୋନି ସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ୧୭ତମ ଅଲ ଓଡ଼ିଶା ପ୍ରକାଶ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ କୁଲୁଙ୍ଗା ପିଲେଟ୍ ଲାଇନ୍ସ ଓ ସିଆଇଟିଇ କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ପିଲେଟ୍ ଲାଇନ୍ସ ଦଳ ପ୍ରଥମ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ ଓଭରରେ ତାର ସମସ୍ତ ଉଇକେଟ୍ ହରାଇ ୧୫୮ ରନ୍ କରିଥିଲା। ଦଳ ପକ୍ଷରୁ ନାରାୟଣ ପଲାଡୁ ୪୬ ବଲ ଖେଳି ସର୍ବାଧିକ ୪୯ ରନ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ସିଆଇଟିଇ କ୍ରିକେଟ ଦଳ ୨୭ ଓଭରରେ ତାର ସମସ୍ତ ଉଇକେଟ୍ ହରାଇ ମାତ୍ର ୧୧୯ ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ପ୍ରଭାତ ଶୁକ୍ଳା ମାତ୍ର ୩୭ଟି ବଲ ଖେଳି ୪୨ ରନ ସଂଗ୍ରହ କରିଥିଲେ। ପିଲେଟ୍ ଲାଇନ୍ସ ୩୯ ରନରେ ବିଜୟୀ ହୋଇଥିଲା। ନାରାୟଣ ପୋଲାଡୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସରୋଜ ପଟ୍ଟନାୟକ ଓ ଶୁଭେନ୍ଦୁ ମହାପାତ୍ର ଅମ୍ପାୟାର ଥିଲେ। ମଙ୍ଗଳବାର ଜିମଖାନା ଓ କୁଲୁଙ୍ଗା ଆରପିସିଏଲ ମଧ୍ୟରେ ମ୍ୟାଚ୍ ହେବ ବୋଲି କ୍ଲବର ସଭାପତି ବାନାମ୍ବର ସାହୁ ସୂଚନା ଦେଇଛନ୍ତି।

# ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

- ୨୦ ମାସ ହେଲା ମିଳୁନି ଯୋଜନାର ସୁଫଳ
- ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତି ପାତରଅନ୍ତର ଅଭିଯୋଗ

ରାଉରକେଲା,୧୫ା୧(ସଙ୍ଗୀତା ଜେନା)

ଦେଶର ଶିଶୁମାନଙ୍କ ସ୍ଥାୟୀ ବିକାଶ ଲକ୍ଷ୍ୟ ନେଇ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଏହାଦ୍ୱାରା କୋଟି କୋଟି ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ତେବେ ସୁନ୍ଦରଗଡ଼ ଜିଲାର ସ୍ୱତନ୍ତ୍ର ବିଦ୍ୟାଳୟରେ ପଢୁଥିବା ହଜାରେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବର୍ତ୍ତମାନ ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ଆର୍ଥିକ ଅନୁଦାନରେ ପରିଚାଳିତ ସୁନ୍ଦରଗଡ଼ ଜିଲାର ୬ରୁ ଊର୍ଦ୍ଧ୍ୱ ସ୍କୁଲରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଏହାର ସୁଫଳ ପାଉନାହାନ୍ତି। ପୂର୍ବରୁ ସମସ୍ତ ବିଦ୍ୟାଳୟ ଭଳି ଏହି ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନ ଭୋଜନ ମିଳୁଥିଲା। କୋଭିଡ୍ ପରେ ଅର୍ଥାତ ୨୦୨୨ ଏପ୍ରିଲ ମାସରୁ ଏହି ଯୋଜନା ବନ୍ଦ ରହିଛି। ପରେ କେବଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନ ଭୋଜନ ମିଳିବ ବୋଲି କୁହାଯାଇ ସ୍ୱତନ୍ତ୍ର ବିଦ୍ୟାଳୟକୁ ଏହି ବ୍ୟବସ୍ଥାରୁ ବାଦ୍ ଦିଆଯାଇଛି।

ସୂଚନା ଅନୁସାରେ, ସୁନ୍ଦରଗଡ଼ ଆଭା ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟରେ ୫୫ଜଣ, ସୁନ୍ଦରଗଡ଼ ସାର୍ଥକ ଦୃଷ୍ଟିହୀନ ସ୍କୁଲରେ ୪୫ ଜଣ, ସାର୍ଥକ ମୂକବଧିର ସ୍କୁଲରେ ୧୨୫ ଜଣ, ଆର୍‌ଆର୍‌ଆର୍‌ସି ମାନସିକ ଅନଗ୍ରସର ସ୍ୱତନ୍ତ୍ର ସ୍କୁଲ ତଥା ଆର୍‌ଆର୍‌ଆର୍‌ସି ମସ୍ତିଷ୍କ ପକ୍ଷାଘାତ ସ୍କୁଲରେ ୯୫ ଜଣ, ହୋମ୍ ଆଣ୍ଡ୍ ହୋପ୍‌ରେ ମଧ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତେବେ କିଛି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ଅଭିଯୋଗ ଅନୁସାରେ, ପ୍ରାୟ ୨୦ ମାସ ହେଲା ପିଲାମାନେ ଏହି ଯୋଜନାରୁ ବଞ୍ଚିତ ରହିଛନ୍ତି। ଏ ନେଇ ବହୁବାର ବିଭାଗକୁ ଚିଠି ଲେଖାଯାଇଛି। ହେଲେ କୌଣସି ଉତ୍ତର ମିଳିପାରିନାହିଁ।

ଆର୍‌ଆର୍‌ଆର୍‌ସିର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା କହିଛନ୍ତି, ଏହି ନିୟମ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ବର୍ହିଭୂତ ଥିବାରୁ ସେମାନେ ମଧ୍ୟାହ୍ନ ଭୋଜନ ଦେଇ ପାରୁନାହାନ୍ତି। ଏଥିପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିବା ଉଚିତ୍ ବୋଲି ବେହେରା କହିଥିଲେ। ସେହିପରି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ହାବଡ଼ାସିଂହଙ୍କୁ ପଚରାଯିବାରୁ ସେ କହିଲେ, ଏହି ଯୋଜନାକୁ ପୁନଃ ଚାଲୁ କରିବା ପାଇଁ ବିଚାର କରାଯାଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖାଯାଇଛି। ନିକଟରେ ୫-ଟି ଅଧକ୍ଷଙ୍କଙ୍କୁ ମଧ୍ୟ ଲିଖିତ ଭାବେ ଦିଆଯାଇଥିଲା। ତେବେ ଶୀଘ୍ର ଏହା ଆରମ୍ଭ ହେବାର ଆଶା କରାଯାଉଛି ବୋଲି ହାବଡାସିଂହ କହିଥିଲେ।

# ଦେଓ ନଦୀକୂଳ ସଫେଇ କଲେ ସ୍ୱେଚ୍ଛାସେବୀ


ସ୍ୱେଚ୍ଛାସେବୀମାନେ ନଦୀ କୂଳରେ ସଫେଇ କରୁଛନ୍ତି।

ରାଉରକେଲା,୧୫ା୧(ସଙ୍ଗୀତା ଜେନା)

**ଧରିତ୍ରୀ ପ୍ରଭାବ**

ରାଉରକେଲାର କୋଏଲ ଓ ଦେଓ ନଦୀ କୂଳକୁ ସୋମବାର ସମ୍ଭବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସଫେଇ କରାଯାଇଛି। ଉକ୍ତ ନଦୀ ଅବବାହିକାକୁ ପ୍ରତ୍ୟେକ ଦିନ ପର୍ଯ୍ୟାୟକ୍ରମେ ଶ୍ରମଦାନ କରି ସଫେଇ କରିବା ପାଇଁ ସ୍ୱେଚ୍ଛାସେବୀମାନେ ଅଣ୍ଟା ଭିଡ଼ିଛନ୍ତି। ଟ୍ରଷ୍ଟି ତଥା ପାରିବାରିକ ଅଦାଲତର କାଉନ୍‌ସିଲର ଆରତୀ ଚୌଧୁରୀ, ସଭାପତି ପଦ୍ମିନୀ ଦାସ, ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, ଉମା ନାୟକ, ସିପ୍ରା ମହାନ୍ତି, କୁନ୍ତୀ ଲାଲ, ଜବା ମାଝୀ, ମାନସ ଷଡ଼ଙ୍ଗୀ, ଅଜୟ ରାଉତ, ଶ୍ୱେତଲିନା ନାୟକ ପ୍ରମୁଖ ନଦୀର ୨ ଶହ ମିଟର ସ୍ଥାନକୁ ପ୍ରଥମ ଦିନରେ ସଫେଇ କରିଛନ୍ତି। ଏହାସହ ଉକ୍ତ ସ୍ଥାନକୁ ବଣଭୋଜି କରିବାକୁ ଆସୁଥିବା ଲୋକଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସଚେତନ କରାଯାଇଛି। ଆଗାମୀ ଦିନରେ ସଫେଇ କାର୍ଯ୍ୟରେ ବହୁ ସଂଖ୍ୟାରେ ଲୋକ ଯୋଗଦେବେ ବୋଲି ସଦସ୍ୟମାନେ ଆଶାପୋଷଣ କରିଛନ୍ତି। ସୂଚନାଯୋଗ୍ୟ, ଗତ ୫ ଦିନ ତଳେ 'ପ୍ରଦୂଷିତ ହେଉଛି ପ୍ରାକୃତିକ ଜଳଉତ୍ସ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଫଳରେ ଏହି ପ୍ରାକୃତିକ ମନୋରମ ସ୍ଥଳୀକୁ ସଫେଇ କରିବାକୁ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଟ୍ରଷ୍ଟି ଚୌଧୁରୀ ମତ ଦେଇଛନ୍ତି।

# ଜଗନ୍ନାଥ ସଂସ୍କୃତି କୁଇଜ୍ ପ୍ରତିଯୋଗିତା


ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

ରାଉରକେଲା,୧୫ା୧(ଦିନେଶ ମିଶ୍ର)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂଆ-ଓ ଓଡିଶା ସାହିତ୍ୟ ପ୍ରତିଯୋଗିତାରେ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ କୁଇଜ ଓ ପ୍ରଶ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ପ୍ରତିଯୋଗିତାର ଯୁକ୍ତ ୨ ବର୍ଗର ସଂଯୋଜକ ପ୍ରଦୀପ ଟପ୍ପୋ ଓ ରଞ୍ଜିତା ଓରାମ, ଯୁକ୍ତ ୩ ବର୍ଗ ପାଇଁ ସଂଯୋଜକ ଡ. ସୁଷମା ମୋଦି, ସୁରତ ଗିରିଙ୍କ ନେତୃତ୍ୱରେ ସମସ୍ତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କୀତ କୁଇଜ ଓ ପଜଲ୍ ପ୍ରଶ୍ନ ଦିଆଯାଇଥିଲା। ଏଥିସହ ଓଡିଆ ବ୍ୟାକରଣ ସମ୍ପର୍କିତ ପ୍ରଶ୍ନ ଦ୍ୱାରା ପ୍ରତିଯୋଗୀମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ସ୍ନାତକୋତ୍ତର ନୋଡାଲ ଅଧିକାରୀ ମାୟାଧର ବାରିକ ଓ ଯୁକ୍ତ ୨ ପାଇଁ ନୋଡାଲ ଅଧିକାରୀ ଅଜୟ ବେହେରା ମାର୍ଗଦର୍ଶନ ଦେଇଥିଲେ।

# ଏନ୍‌ଆଇଟିରେ ଜାତୀୟ ଯୁବ ଦିବସ ପାଳିତ

ରାଉରକେଲା,୧୫ା୧(ସଙ୍ଗୀତା ଜେନା): ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ପରିସରରେ ଥିବା ଇନଷ୍ଟିଚ୍ୟୁଶନ୍ ଅଫ୍ ଇଞ୍ଜିନିୟର୍ସ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ 'ରାଷ୍ଟ୍ରୀୟ ବିକାଶ ପାଇଁ ଇଞ୍ଜିନିୟରିଂରେ ଯୁବଚିନ୍ତନ' ଶୀର୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧକ୍ଷ ଇଂ. ସନ୍ତୋଷ ପୋଲାକିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାରିଣୀ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଇଂ. ଅଭୟ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ୪ଡି ଇଣ୍ଡିଆ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଅଭିଷେକ ମଣ୍ଡଳ, ମେଟ୍ରୋଲୋଜିକାଲ ଇଞ୍ଜିନିୟରିଂ ବିଭାଗର ପିଏଚ୍‌ଡି ଛାତ୍ର ଅର୍କ ଘୋଷ, ମେଟାଲ ୩ଡି ପେଣ୍ଟିଂର ସଂଜୀବ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଆଲୋଚନା କରିଥିଲେ। ଏଥିରେ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଡ. ଅଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳୁନି ଆବଶ୍ୟକ ଔଷଧ

ରାଉରକେଲା,୧୫ା୧(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କ ସିଟି ହେଲ୍‌ଥ ମିଶନ ଯୋଜନାରେ ରାଉରକେଲା ଅର୍ବାନ ଅଞ୍ଚଳରେ ବସବାସ କରୁଥିବା ଲକ୍ଷ ଲକ୍ଷ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି। ସହରରେ ୧୦ଟି ସମନ୍ୱିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ଆର୍‌ଏମ୍‌ସିର ୪୦ଟି ୱାର୍ଡ ଅଧୀନ ୧୩୨ଟି ବସ୍ତିର ୫/୬ ଲକ୍ଷ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଉଛି। ବିଶେଷଜ୍ଞ ଡାକ୍ତର ରୋଗ ମୁତାବକ ପ୍ରେସ୍କ୍ରିପ୍‌ଶନ କରି ଔଷଧ ପ୍ରଦାନ କରନ୍ତି। ଗୁରୁତର ରୋଗୀମାନଙ୍କୁ ଆର୍‌ଜିଏଚ୍‌କୁ ରେଫର କରାଯାଇଥାଏ। ମାତ୍ର ପରିତାପର ବିଷୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଅନୁପାତରେ ଜାନୁୟାରୀ ମାସର ଔଷଧ ଏପର୍ଯ୍ୟନ୍ତ ଆସିନାହିଁ। ଡାକ୍ତରଖାନାରେ ମଧୁମେହ ରୋଗର ଔଷଧ ନାହିଁ। ବିଶେଷ କରି ମଧୁମେହ ଏବଂ ରକ୍ତଚାପ ଜନିତ ଔଷଧର ସର୍ବଦା ଘୋର ଅଭାବ ରହୁଛି। ଏଥିସହିତ ଶିଶୁମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଜରୁରୀକାଳୀନ ଡ୍ରପ୍ ମଧ ଆସୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ରରେ ନାମୀଦାମୀ ଔଷଧ ଶୀତତାପ ଯନ୍ତ୍ର ଅଭାବରୁ ଖୋଲାରେ ନଷ୍ଟ ହେଉଛି। ତୁରନ୍ତ ସହରର ୧୦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଔଷଧ ବିତରଣ କରିବାକୁ ଦାବି ହେଉଛି। ଏ ନେଇ ଜିଲା ମୁଖ୍ୟ ଔଷଧକେନ୍ଦ୍ରର ଫାର୍ମାସିଷ୍ଟ ନିତ୍ୟାନନ୍ଦ ରଣାଙ୍କୁ ପଚାରିବାରୁ ଖୁବଶୀଘ୍ର ଚଳିତ ମାସର ଔଷଧ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ପଠାଯିବ ବୋଲି ସେ କହିଛନ୍ତି।

# ନିଃସ୍ୱାର୍ଥପର କର୍ତ୍ତବ୍ୟ କଲେ ସାମଗ୍ରିକ ବିକାଶ ସମ୍ଭବ

**ଧାମରା ସଂଘର ୩୫ତମ ବାର୍ଷିକ ଉତ୍ସବ**

ରାଉରକେଲା,୧୫ା୧(ବିପ୍ଳବ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା ଛେଣ୍ଡ୍ କଲୋନି ସ୍ଥିତ ଧାମରା ସଂଘର ୩୫ତମ ବାର୍ଷିକୋତ୍ସବ ଏବଂ ମକର ମିଳନ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଶାନ୍ତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ଧାମରା ସଂଘ ପୂର୍ବତନ ସଭାପତି ସ୍ୱର୍ଗତ ଶ୍ୟାମ ସୁନ୍ଦର ପରିଡା ଓ କାର୍ଯ୍ୟକାରିଣୀ ସଭାପତି ଧ୍ରୁବ ଚରଣ ପରିଡାଙ୍କ ପ୍ରତିମୂର୍ତ୍ତିକୁ ଏମ୍‌ପି ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାଧାରଣ ସମ୍ପାଦକ ଭଗବାନ ରାଉତ ସମ୍ପାଦକୀୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଅକ୍ଷୟ କୁମାର ଦାସ ସମାରୋହର ମୁଖ୍ୟଅତିଥି ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ସମ୍ମାନୀତ ଅତିଥି ବିଧାୟକ ସୁବ୍ରତ ତରେଇ ଓ ମୁଖ୍ୟବକ୍ତା ସାହିତ୍ୟିକ ଡ. ଅରୁଣ କୁମାର ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ମଞ୍ଚକୁ ଆମନ୍ତ୍ରିତ କରିଥିଲେ। ମୁଖ୍ୟ ଅତିଥି ନାୟକ ଧାମରା ସଂଘ ରାଉରକେଲା ସହରର ସାମାଜିକ, ସାଂସ୍କୃତିକ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ଦୀର୍ଘ ୩୫ ବର୍ଷ ଧରି କାର୍ଯ୍ୟ ଜାରି ରଖିଥିବାରୁ ପ୍ରଶଂସା କରିଥିଲେ। ଏଥିସହ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ଶ୍ୟାମ ସୁନ୍ଦର ପରିଡା ରାଉରକେଲା ସାମାଜିକ ବିକାଶ କ୍ଷେତ୍ରରେ ଜଣେ ଅନନ୍ୟ ବିଦ୍ଧାଣୀ ଥିଲେ। ନିଃସ୍ୱାର୍ଥପର ସାମାଜିକ ସେବାନୁବ୍ରତୀ ଓ ସମର୍ପଣ ଭାବନା ଯୋଗୁ ସଂଘ ଆଜି ସଫଳତା ଶୀର୍ଷକୁ ପହଞ୍ଚି ପାରିଛି। ଏଣୁ ନିଃସ୍ୱାର୍ଥପର କର୍ତ୍ତବ୍ୟ କଲେ ସମାଜର ସାମଗ୍ରିକ ବିକାଶ ସମ୍ଭବ ବୋଲି ମୁଖ୍ୟ ଅତିଥି ନାୟକ କହିଥିଲେ। ବିଧାୟକ ତରେଇ ମକର ମହାମିଳନ ମହିମା ବର୍ଣ୍ଣନା କରିବା ସହିତରେ ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ. ପଣ୍ଡା ଧାମରାର ଐତିହ୍ୟ ତଥା କୀର୍ତ୍ତିରାଜିର ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଏହାପରେ ଅତିଥିମାନଙ୍କ ଦ୍ୱାରା ଧାମରା ସଂଘର ମୁଖପତ୍ର-୨୦୨୪ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ସୁଶ୍ରୀ ବିଦୁସ୍ମିତା ପତି, ସୁଶ୍ରୀ ସଙ୍ଗୀତା ବେହେରା, ଶ୍ରଦ୍ଧା ସୁମନ ନାୟକଙ୍କ ସମେତ ଜାତୀୟ ସ୍ତରୀୟ ଯୁଡୋ ପ୍ରତିଯୋଗିତାର ସ୍ୱର୍ଣ୍ଣ ପଦକ ବିଜେତା ଅଂଶୁମାନ ପରିଡାଙ୍କୁ ମୁଖ୍ୟ ଅତିଥି ନାୟକ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ସ୍କୁଲ ଏବଂ କଲେଜର ପ୍ରତିଭାଧାରୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏମ୍‌ସି ଉପଆୟୁକ୍ତଙ୍କୁ ଭେଟିଲେ ଗାନ୍ଧୀୟାନ ବସ୍ତିବାସୀ

ରାଉରକେଲା,୧୫ା୧(ଦିନେଶ ମିଶ୍ର)

**ବସ୍ତି ସମସ୍ୟା ସମାଧାନ ଦାବି**

ରାଉରକେଲା ଗାନ୍ଧୀୟାନ ବସ୍ତିର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ସ୍ଥାନୀୟ ବସ୍ତିବାସୀ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ସୋମବାର ସାକ୍ଷାତ କରିଛନ୍ତି। ଏହି ବସ୍ତି ୱାର୍ଡ ନଂ-୯ରେ ଥିବାବେଳେ ଏଠାରେ ୫ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ବସ୍ତି ଲୋକଙ୍କ ଯାତାୟାତ ପାଇଁ ତିଆରି ହୋଇଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଖୋଳି ହୋଇ ଯାଇଛି। ଫଳରେ ଯାତାୟତ କରିବାକୁ ବହୁ ଅସୁବିଧା ହେଉଛି। ବସ୍ତି ରାସ୍ତାଗୁଡିକ ଦୀର୍ଘ ଦିନ ଧରି ମରାମତି ହୋଇନାହିଁ। ସେହିପରି ବସ୍ତି ଭିତରେ କୌଣସି ଡ୍ରେନେଜ ବ୍ୟବସ୍ଥା ନାହିଁ। ଫଳରେ ରାସ୍ତାରେ ପାଣି ଭାସିବା ସହ ଗର୍ତ୍ତରେ ଜମି ରହୁଛି। ଗୋଷ୍ଠୀ ଶୌଚାଳୟ ନ ଥିବାରୁ ବସ୍ତିବାସୀ ରେଲୱେ ସାଇଡିଂ ପଡିଆ ନଚେତ ରେଳ ଧାରଣାରେ ଶୌଚ କରୁଛନ୍ତି। ଏହିସବୁ ସମସ୍ୟା ବହୁଦିନ ଧରି ଲାଗି ରହିଥିଲେ ମଧ୍ୟ ଏଥିପ୍ରତି ସ୍ଥାନୀୟ ପ୍ରଶାସନ କି ରାଜନେତାଙ୍କ ଦୃଷ୍ଟି ପଡିନାହିଁ। ଏଣୁ ଆରଏମ୍‌ସି କର୍ତ୍ତୃପକ୍ଷ ଏହାର ତୁରନ୍ତ ସମାଧାନ କରିବା ଲାଗି ବସ୍ତିବାସୀ ଦାବି କରିଛନ୍ତି। ଆଗାମୀ ଦିନରେ ଏହିସବୁ ସମସ୍ୟାକୁ କିଭଳି ସମାଧାନ କରାଯାଇପାରିବ ସେ ନେଇ ବସ୍ତିବାସୀଙ୍କ ସହିତ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ଭୋଇ ପ୍ରତିଶ୍ରୁତି ଦେଇଛନ୍ତି।

# ଭାରତୀୟ ସ୍ଥଳସେନା ଦିବସ ପାଳିତ

ରାଉରକେଲା,୧୫ା୧(ସଙ୍ଗୀତା ଜେନା)

ରାଉରକେଲା ଏସ୍‌ଟିଆଇ ଛକ ଅମୃତଗଙ୍ଗା ପରିସରରେ ସୋମବାର ପଶ୍ଚିମ ଓଡ଼ିଶା ବିକାଶ ସେନା ପକ୍ଷରୁ ୭୬ତମ ଭାରତୀୟ ସ୍ଥଳସେନା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିନୋଦ ରାଉତ, ଅବିନାଶ ଶୁକ୍ଳା, ରୂପେଶ ଦାସ, ଅନୁଷ୍ଠାନର ସଭାପତି ନିର୍ମଳ ଦାସ, ପଶ୍ଚିମ ଓଡ଼ିଶା ଯବାନ ବିକାଶ ପରିଷଦର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଜା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଯୋଜକ ଚକ୍ରାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପ୍ରତିଶ୍ରୁତିରେ ଅଟକିଛି ଥଇଥାନ

**ଜେଲ ରୋଡ୍ ଭେଣ୍ଡିଂ ଜୋନ-୨**

ରାଉରକେଲା,୧୫ା୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଜେଲ ରୋଡ ଭେଣ୍ଡିଂ ଜୋନ୍-୨ ନିର୍ମାଣ ହେବାର ଇତିମଧ୍ୟରେ ଦୀର୍ଘଦିନ ବିତିଗଲାଣି। ମାତ୍ର ଏହି ଭେଣ୍ଡିଂ ଜୋନ୍‌ରେ ଉଠାଦୋକାନୀମାନଙ୍କୁ ଥଇଥାନ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହୋଇନାହିଁ।

ଜେଲ୍ ରୋଡ୍ ଭେଣ୍ଡିଂ ଜୋନ୍-୨ରେ ୧୩୦ଜଣ ଉଠାଦୋକାନୀଙ୍କୁ ଥଇଥାନ କରିବାର ଯୋଜନା ରହିଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏଠାରେ କେବଳ ୧୦ଟି ଦୋକାନ ଖୋଲାଯାଇଛି। ଏ ନେଇ ଗତ ତା୧୬।୯।୨୩ରିଖ ଧରିତ୍ରୀରେ 'ଥଇଥାନ ଧର୍ମକୁ ଆଖିଠାର' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଉକ୍ତ ଭେଣ୍ଡିଂ ଜୋନରେ ଦୋକାନୀମାନଙ୍କୁ ତୁରନ୍ତ ଥଇଥାନ କରିବାକୁ ଆର୍‌ଏମ୍‌ସି ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ସେପ୍ଟେମ୍ବର ୩୦ତାରିଖ ଯାଏ ସବୁ ଉଠାଦୋକନୀଙ୍କୁ ଦୋକାନ ଖୋଲିବା ପାଇଁ ସମୟ ଦିଆଗଲା। ଏଥିସହିତ ୨୦୨୩ ଅକ୍ଟୋବର ୧ରୁ ଦୋକାନୀମାନଙ୍କ ଉପରେ କ୍ୟାବିନ ଭଡା ମଧ ଲାଗୁ କରାଯିବ ବୋଲି କୁହାଗଲା। ସେହିପରି ବେଆଇନ ଭାବେ ଖୋଲିଥିବା ଦୋକାନକୁ ଉଠାଇ ନେବାକୁ କୁହାଗଲା। ଭେଣ୍ଡି ଜୋନ ପରିସର ଯେଭଳି ସ୍ୱଚ୍ଛତା ବଜାୟ ରହିବ ସେ ଦିଗରେ ଦୋକାନୀମାନଙ୍କୁ ଯତ୍ନଶୀଳ ହେବାକୁ ଆରଏମସି ପକ୍ଷରୁ ନିର୍ଦ୍ଦେଶ ଦିଆଗଲା। ମାତ୍ର ପରିତାପ ବିଷୟ, ଏଯାଏ ଆର୍‌ଏମ୍‌ସି ଉଠା ଦୋକାନୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ହେଲାନାହିଁ। ଏହାକୁ ନେଇ ରାଉରକେଲା କଂଗ୍ରେସ ଓ ସ୍ଥାନୀୟ ଭେଣ୍ଡିଂ ଜୋନ୍‌ର ଦୋକାନୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।



ଭେଣ୍ଡିଂ ଜୋନ୍ କ୍ୟାବିନ୍‌ଗୁଡିକରେ ତାଲା ପଡିଛି।

ଏ ନେଇ ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି କହିଛନ୍ତି, ଭେଣ୍ଡିଂ ଜୋନ-୨ର ରକ୍ଷଣାବେକ୍ଷଣରେ ଆର୍‌ଏମ୍‌ସି ଚରମ ଅବହେଳା କରୁଛି। ସ୍ଥାନୀୟ ବିଧାୟକ କେବଳ ଉଦ୍‌ଘାଟନ କରିବା ଜାଣନ୍ତି, ମାତ୍ର ସାଧାରଣ ଗରିବ ଜନତାଙ୍କ ସମସ୍ୟା ଓ ଅସୁବିଧା ପ୍ରତି ନିରବ ରହିଥାନ୍ତି ବୋଲି ସେନାପତି କହିଛନ୍ତି। ଅନ୍ୟପକ୍ଷେ ଉକ୍ତ ଭେଣ୍ଡିଂ ଜୋନ୍‌ରେ ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ବ୍ୟବସାୟୀ ପଦ୍ମାବତୀ ସାହୁ, ସୁକାନ୍ତି ମଲ୍ଲିକ, ସସ୍ମିତା ନାୟକ, ଉତ୍ତମ ଦାସ, ଏସ୍. କେ. ମୁସ୍ତାକ ଅଲ୍ଲୀ ପ୍ରମୁଖ ଦାବି କରିଛନ୍ତି।

# ବାମରାରେ ହରିହରଙ୍କ ମକର ମିଳନ



ହରିହରଙ୍କ ଅଲୌକିକ ମିଳନ ଦୃଶ୍ୟ।

**କୁଚିଣ୍ଡା,୧୫।୧(ବିରଞ୍ଚି ଦର୍ଜୀ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ବାମରା ମକର ମହୋତ୍ସବ ସୋମବାର ଶୁଭାରମ୍ଭ ହୋଇଛି। ଗୋବିନ୍ଦପୁରସ୍ଥିତ ମକର ପଡ଼ିଆରେ ଭଗବାନ ମଦନମୋହନ ଓ ମହାପ୍ରଭୁ ଧବଳେଶ୍ୱର ମହାଦେବଙ୍କ ଅଲୌକିକ ମିଳନ ଉତ୍ସବକୁ ସହସ୍ରାଧିକ ଶ୍ରଦ୍ଧାଳୁ ଉପଭୋଗ କରିଛନ୍ତି। ବାମରା ନିକଟ କେନ୍ଦୁପାଣି ଶିବମନ୍ଦିରଠାରୁ ଧବଳେଶ୍ୱର ମହାଦେବ ରଥାରୂଢ଼ ହୋଇ ବାଜା ରୋଷଣୀ ସହ ଦୁଲଦୁଲି, ଘଣ୍ଟ ବାଦ୍ୟ, ସମ୍ପ୍ରଦା ମଣ୍ଡଳୀ, କୃଷ୍ଣଗୁରୁଙ୍କ ସମେତ ନୃତ୍ୟଗୀତର ତାଳେ ତାଳେ ପ୍ରାୟ ୮ କିମି ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାମରା ମିଳନ ପଡିଆକୁ ପହଞ୍ଚିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ଭଜନ କୀର୍ତ୍ତନ ସହ ମିଳନ ପଡିଆକୁ ପାଛୋଟି ନିଆଯାଇଥିଲା। ପୁରୋହିତ, ପଣ୍ଡିତମାନେ ଯଥାବିଧି ପୂଜାର୍ଚ୍ଚନା କରି ଉଭୟ ମହାପ୍ରଭୁଙ୍କ ମକର ମିଳନ କରାଇଥିଲେ। ପରେ ବିଭିନ୍ନ ଗ୍ରାମରୁ ଯୁବତୀଯୁବକ ପରସ୍ପର ମଧ୍ୟରେ ମିତ୍ରତାର ସୂତ୍ରରେ ବାନ୍ଧି ହୋଇ ମକର ବସିଥିଲେ। ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ଅଜୟ ପୂଜାରୀ, ସହଯୋଗୀ ସୁବ୍ରତ ମିଶ୍ର, ମହାଦେବଙ୍କ ପୂଜକ ବିନୋଦ ଭଇଁଷା, ସୁରେନ୍ଦ୍ର ଭଇଁଷା ପ୍ରମୁଖ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ୮ଦିନ ଧରି ହେବାକୁ ଥିବା ଏହି ମହୋତ୍ସବ ୨୧ତାରିଖରେ ଉଦଯାପିତ ହେବ। ମକର ମେଳାରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଆଦି ରାଜ୍ୟରୁ ଦୋକାନୀ ଆସି ପସରା ମେଲାଇଛନ୍ତି। ହରିହରଙ୍କ ଶୋଭାଯାତ୍ରା ସମୟରେ ବିଭିନ୍ନ ଛକରେ ଶ୍ରଦ୍ଧାଳୁଙ୍କ ତରଫରୁ ପାଣି, ସର୍ବତ, ଜଳଖିଆ ଆଦି ବଣ୍ଟନ କରାଯାଇଥିଲା। ଷ୍ଟେଶନବସ୍ତି କାଳୀ ପୂଜା ମଣ୍ଡପରେ ପ୍ରାୟ ୧ କୁଇଣ୍ଟାଲ ମିଷ୍ଟାନ୍ନ ବିତରଣ କରଯାଇଥିଲା। ଚଳିତବର୍ଷ ପ୍ରାୟ ୨୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୀର୍ତ୍ତନ ମଣ୍ଡପ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ ଲାଗିଥିଲା। ମହୋତ୍ସବରେ ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ଓ ରାଜେନ୍ଦ୍ର ଛତ୍ରିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ସେହିପରି କୁଚିଣ୍ଡା ଉପଖଣ୍ଡର ବକ୍ସମା, ସଇଡା, ତିହାଡିପାଲି, ତୁରେଇ, ଲପଡା, କିନାବଗା,ବାଉରୀଗୋଡା ଆଦି ଗ୍ରାମରେ ଆନନ୍ଦ ଉଲ୍ଲାସର ସହ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ମକର ବସି ପରମ୍ପରା ବଜାୟ ରଖିଲେ

**ସମ୍ବଲପୁର,୧୫।୧ (ଭବାନୀ ଶଙ୍କର ଭୋଇ)**

ମକର ସଂକ୍ରାନ୍ତିରେ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ଏହି ଦିନଠାରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହୁଏ। ପୌରାଣିକ ମତରେ ଏହି ସମୟରେ ଭଗବାନ ଶିବ ଓ ବିଷ୍ଣୁଙ୍କ ମିଳନ ହୁଏ। ସମ୍ବଲପୁର ଉପକଣ୍ଠ ଠେମରା ଗାଁରେ ମହାଦେବ ଶିବ ଓ ବିଷ୍ଣୁଙ୍କ ଏହି ମିଳନ ଉତ୍ସବ ସୋମବାର ଆରମ୍ଭ ହୋଇଛି। ଗାଁର ଉପର ମୁଣ୍ଡରେ ଥିବା ମହାଦେବ ଶିବଙ୍କ ମନ୍ଦିରରୁ ଭଗବାନ ରଥାରୂଢ଼ ହୋଇ ବାହାରିଥିବା ବେଳେ ଗାଁର ତଳମୁଣ୍ଡରେ ଥିବା ରାଧାକୃଷ୍ଣ ମନ୍ଦିରରୁ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ରଥାରୂଢ଼ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହ ଶୀତ କମିବା ଆରମ୍ଭ ହୋଇଥାଏ। ମକର ଦିନକୁ ପ୍ରକୃତି ଅନୁସାରେ ଶୀତ ଓ ଗ୍ରୀଷ୍ମର ମିଳନ ପର୍ବ ମଧ୍ୟ କୁହାଯାଏ। ଦୀର୍ଘବର୍ଷ ହେବ ଠେମରାରେ ପାରମ୍ପରିକ ଭାବେ ମକର ମେଳା ଆୟୋଜିତ ହେଉଛି। ମକର ମିଳନ ଅବସରରେ ଅରୁଆ ଚାଉଳ, ଗୁଡ, ଛେନା, ନଡିଆ, କଦଳୀ, ଘିଅରେ ପ୍ରସ୍ତୁତ ମକର ଚାଉଳକୁ ଭକ୍ତଙ୍କୁ ପ୍ରସାଦ ରୂପେ ବଣ୍ଟନ କରାଯାଇଥିଲା। ମେଳାରେ ମକର ଚାଉଳ ଧରି ବନ୍ଧୁମାନେ ମକର ବା ମୈତ୍ର ବସିବାର ପରମ୍ପରା ରହିଥିବା ବେଳେ ଅନେକ ସାଙ୍ଗ ଏହି ପରମ୍ପରାକୁ ବଜାୟ ରଖିଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଛି। ମେଳାରେ ମିନାବଜାରଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରୁଛି। ଠେମରା ପ୍ରସିଦ୍ଧ କାଠ କାରିଗରମାନଙ୍କ ଗାଁ ହୋଇଥିବାବେଳେ ଏଠାରେ ଶିବ ଓ ବିଷ୍ଣୁଙ୍କ ପାଇଁ ନିର୍ମାଣ ହେଉଥିବା ରଥ ବେଶ ଆକର୍ଷଣୀୟ ହୋଇପାରିଛି। କାରୁକାର୍ଯ୍ୟପୂର୍ଣ୍ଣ ରଥ ମକର ମେଳାର ଅନ୍ୟତମ ଆକର୍ଷଣ।



ଠେମରାରେ ଆକର୍ଷଣୀୟ ରଥ।

## କେନ୍ଦୁପତ୍ର କର୍ମଚାରୀ ସଂଘ ସମାବେଶ ସ୍ଥଗିତ

**ସମ୍ବଲପୁର,୧୫।୧(ବି.ଶଙ୍କର)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ୧୪ଦଫା ଦାବି ନେଇ ଚଳିତ ଜାନୁଆରୀ ୧୯ରେ ଭୁବନେଶ୍ୱରଠାରେ ସମାବେଶ ହେବାର ଥିଲା । ଏହି ସମାବେଶ ଜରିଆରେ ରାଜ୍ୟ ସରକାରଙ୍କୁ ଶେଷ ଦାବିପତ୍ର ଦେବାକୁ ସ୍ଥିର ହୋଇଥିଲା । କିନ୍ତୁ ସମାବେଶକୁ ସ୍ଥଗିତ କରାଯାଇଛି। ଗତ ୧୩ ତାରିଖରେ ସଂଘ କର୍ମକର୍ତ୍ତା ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସମ୍ବଲପୁର ସର୍କିଟ ହାଉସରେ ସାକ୍ଷାତ କରି ସଂଘର ଦାବି ସମ୍ପର୍କରେ ଜଣାଇଥିଲେ। ଏହାସହିତ ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡା ଓ ରେଢ଼ାଖୋଲରେ ଅନୁଷ୍ଠିତ ସଭାମାନଙ୍କରେ ତୋଳାଳି, କର୍ମଚାରୀମାନେ ପାଣ୍ଡିଆନଙ୍କୁ ଦାବିପତ୍ର ଦେଇଥିଲେ। ପରେ ପାଣ୍ଡିଆନ ରେଢ଼ାଖୋଲ ସାଧାରଣ ସଭାରେ ଆଗାମୀ ୧୫ ଦିନ ମଧ୍ୟରେ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଡ ଘୋଷଣା କରିବେ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ମଧ୍ୟ ସର୍କିଟ ହାଉସରେ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ଏହି ଘୋଷଣାକୁ ସମ୍ମାନ ଜଣାଇ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଜାନୁଆରୀ ୧୯ରେ ଭୁବନେଶ୍ୱରରେ ହେବାକୁ ଥିବା ସମାବେଶକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ୧୫ଦିନ ପରେ ସଂଘ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ସୋମବାର ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଜୟନ୍ତପୁରରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସମ୍ବଲପୁର,୧୫।୧ (ଭବାନୀ ଶଙ୍କର ଭୋଇ):** ଯୁଯୁମୁରା ବ୍ଲକ ଜୟନ୍ତପୁର ଗ୍ରାମରେ ଦୀର୍ଘ ୨୩ବର୍ଷର ସ୍ୱପ୍ନ ସାକାର ହେବାକୁ ଯାଉଛି। ଆସନ୍ତା ୧୭ ତାରିଖରେ ପୁରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଦିବସରେ ଏହି ଗାଁରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସମାପନ ହେବ। ଗାଁରେ ଅନେକ ବର୍ଷ ହେବ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜିତ ହୋଇଆସୁଛି। ୨୩ବର୍ଷ ପୂର୍ବରୁ ମହାପ୍ରଭୁଙ୍କ ପାଇଁ ଜୟନ୍ତପୁର ଗାଁରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ଲାଗି ଗ୍ରାମବାସୀ ମନସ୍ଥ କରିଥିଲେ। ଏହାପରେ ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ନିର୍ମାଣ କାମ ମଧ୍ୟ ଆରମ୍ଭ ହୋଇଥିଲା। ତେବେ ଅର୍ଥ ଅଭାବରୁ ଏହାର ନିର୍ମାଣ କାମ ଶେଷ ହେବାକୁ ୨୩ ବର୍ଷ ସମୟ ଲାଗିଯାଇଥିଲା। ନିର୍ମାଣ ଶେଷ ହେବା ପରେ ଗତ ୧୩ତାରିଖରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୭ ତାରିଖରେ ସମାପନ ହେବ। ଗତ ୧୪ ତାରିଖରେ ଗାଁ ଏବଂ ଆଖପାଖ ଅଞ୍ଚଳର ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇଥିଲା। ସେହିଦିନଠାରୁ ମନ୍ଦିର ପରିସରରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ରବିରତ୍ନ ଦେହୁରି ସପତ୍ନିକ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ସୋମବାର ଜ୍ୟୋତ୍ସ୍ନାମୟୀ ଦୀକ୍ଷିତଙ୍କ ଦ୍ୱାରା ଭାଗବତ ପାରାୟଣ ଆୟୋଜନ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଆଶିଷ ସାହୁ ଓ ପ୍ରମିତା ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ମଙ୍ଗଳବାର ବାବା ମାନଭଞ୍ଜନ ଦାଶଙ୍କ ଦ୍ୱାରା ଭଜନ ସନ୍ଧ୍ୟା, ବୁଧବାର ବିଗ୍ରହ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମନ୍ଦିର ପ୍ରତିଷ୍ଠା ନିମନ୍ତେ ବଳରାମ ସାହୁ, ଦୀନବନ୍ଧୁ ପାଧାନ, ଅମୂଲ୍ୟ ସାହୁ, ନରେନ୍ଦ୍ର ସାହୁ, ପ୍ରତାପ ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ବିଭିନ୍ନ ଦାୟିତ୍ୱ ତୁଲାଉଛନ୍ତି।

### ମକର ସଂକ୍ରାନ୍ତିରେ କାଇଟ୍ ଫେଷ୍ଟିଭାଲ

**ସମ୍ବଲପୁର,୧୫।୧ (ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ୟୁଥ୍ ପକ୍ଷରୁ ଦୁଇଦିନିଆ କାଇଟ୍ ଫେଷ୍ଟିଭାଲ୍ ଆୟୋଜିତ ହୋଇଯାଇଛି। ରବିବାର ପ୍ରଥମ ଦିନରେ ଶିଶୁ, କିଶୋର, ଯୁବତୀଯୁବକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସୋମବାର ବରଗଡ ଏମ୍‌ପି ସୁରେଶ ପୂଜାରୀ ଯୋଗଦେଇ ସାମୂହିକ ବେଲୁନ ଓ ଗୁଡ଼ି ଉଡାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ବହୁଭାଷୀ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଲୋକନୃତ୍ୟ, ଲୋକ ସଙ୍ଗୀତ ପ୍ରଚାର ପ୍ରସାର ପାଇଁ ଦୁର୍ଗା ପ୍ରସାଦ ଦାଶ, ଲୋକ ଗାୟକ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ନବ ମହନ୍ତମ, ନାଟ୍ୟକାର ଓ ନିର୍ଦ୍ଦେଶନା ପାଇଁ ବିରୁପାକ୍ଷ ପ୍ରଧାନ ଓ ଚିତ୍ରକଳା ପାଇଁ ଦେବାଶିଷ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସମାଜସେବା ପାଇଁ ସମ୍ବଲ୍, ଯୁବ ଉଦୟନ ଓ ଏବିସିଡି ଚାରିଟେବୁଲ ଟ୍ରଷ୍ଟକୁ ସମ୍ମାନିତ କରାଯାଇଥିଲା। ସମ୍ବଲପୁର ୟୁଥ୍‌ର ସଭାପତି ରିକନ ପଟ୍ଟନାୟକ, ପ୍ରେମାନନ୍ଦ ମହାକୁଡ, ଦଶରଥ ମେହେର, ବିକାଶ ଭୋଇ, ଅନିରୁଦ୍ଧ ଶର୍ମା, ରାହୁଲ୍ ଗୁପ୍ତା, ପର୍ଶୁରାମ ପଣ୍ଡା, ତାପସ ପଣ୍ଡା ପ୍ରମୁଖ ବିଭିନ୍ନ ବିଭାଗର ସଂଯୋଜକ ଦାୟିତ୍ୱ ତୁଲାଇଥିଲେ।

### ଧାରଣାରତ ଘୁଂଘୁଟିପଡ଼ାବାସୀଙ୍କୁ ସମର୍ଥନ

**ସମ୍ବଲପୁର,୧୫।୧(ପ୍ରମୋଦ ବହିଦାର):** ସମଲେଇ ପ୍ରକଳ୍ପରେ ବିସ୍ଥାପିତ ଘୁଂଘଟିପଡ଼ା ଓ ବଜନିଆପଡ଼ାବାସୀ ଉପଯୁକ୍ତ କ୍ଷତିପୂରଣ ଦାବିରେ ଗତ ୧୦ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସେମାନଙ୍କ ସମର୍ଥନରେ ବାହାରି ସୋମବାର ସମ୍ବଲପୁର ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର କ୍ଷେତରାଜପୁର ଧାରଣାରେ ସାମିଲ ହୋଇଛି। ଏହାସହ ଆସନ୍ତା ୨୨ରେ ହେବାକୁ ଥିବା ଅଯୋଧ୍ୟା ରାମମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ଅକ୍ଷତ ଚାଉଳ ବଣ୍ଟନ କରି ନିମନ୍ତ୍ରଣ କରିଥିଲା। ଧାରଣାରେ ବସିଥିଲେ ମଧ୍ୟ ସେମାନେ ଶ୍ରୀରାମ ମନ୍ଦିରର ଭବ୍ୟ ପ୍ରତିଷ୍ଠା ଉତ୍ସବରେ ପ୍ରଦୀପ ପ୍ରଜ୍ୱଳନ ସହ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୁଧୀର ବହିଦାର, ଦେବରାଜ ପଟେଲ, ରାଜୁ ସାହୁ, ଭକ୍ତ ମହନ୍ତ ପ୍ରମୁଖ ଅକ୍ଷତ ଚାଉଳ ବଣ୍ଟନ କରିଥିଲେ।




ଭେଟ୍‌ଘାଟ୍‌ରେ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ମହିଳାମାନେ।

## କାହ୍ନା ଅନୁଷ୍ଠାନର ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

**ସମ୍ବଲପୁର,୧୫।୧(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ କଲ୍ୟାଣ ନଗରଠାରେ କାହ୍ନା ଅନୁଷ୍ଠାନର ବାର୍ଷିକ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନ ରାୟଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀବନ୍ତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ପରସ୍ପର ସମ୍ପର୍କ, ଭାଇଚାରା ବୃଦ୍ଧି ହୋଇଥାଏ ବୋଲି କହିଥିଲେ। ପ୍ରଫେସର ପଙ୍କଜ କୁମାର ପଟେଲ କଲ୍ୟାଣ ନଗରର ବିକାଶ କାର୍ଯ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବେଣୁଧର ତ୍ରିପାଠୀ, ଡ. ଗିରିନ୍ଦ୍ର ସାହୁ, ଅଶୋକ ଦାଶ, କନକଲତା ସାହୁ, ଇ. ଅଜୟ କୁମାର ସାହୁ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ଆୟୋଜିତ ଝୋଟି, ମ୍ୟୁଜିକ ଚେୟାର, କୁଇଜ୍, ଚିତ୍ରାଙ୍କନ, ବକ୍ତୃତା, ଗଣିତ ଦୌଡ଼, ବେଲୁନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭୂତି ଦାଶ, ଲିପିକା ପଣ୍ଡା, ସଞ୍ଜୁ ତ୍ରିପାଠୀ, ରେଖା ଦାଶ, ଅଶ୍ୱିନୀ କର, କୁମୁଦିନୀ ପାଣିଗ୍ରାହୀ, ପ୍ରଶାନ୍ତ ପଣ୍ଡା, ଅମିତ ଦାଶ ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଯୋଗେଶ ହୋତା, ଗୋପାଳ ମିଶ୍ର, ବୃନ୍ଦାବତୀ ଭୋଇ ଓ ଅଳକା ମହାପାତ୍ର ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସହ ସମ୍ପାଦକ ସୁଶିଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଏମ୍‌ୟୁ ପରୀକ୍ଷା ଘୁଞ୍ଚାଇବାକୁ ଭାଜପା ଯୁବମୋର୍ଚ୍ଚାର ବିରୋଧ

**ସମ୍ବଲପୁର,୧୫।୧ (ଭବାନୀ ଶଙ୍କର ଭୋଇ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସମେତ ଅନ୍ୟ କେତେକ ମହାବିଦ୍ୟାଳୟର ସେମିଷ୍ଟର ପରୀକ୍ଷା ତାରିଖକୁ ନୂଆ-ଓ କାର୍ଯ୍ୟକ୍ରମ ପାଇଁ ଘୁଞ୍ଚାଇ ଦିଆଯିବା ଘଟଣାକୁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନିନ୍ଦା କରାଯାଇଛି। ସୋମବାର ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି ଅଭିଯୋଗ କରିଥିଲେ ଯେ, ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି। ଏହାସହ ଜିଏମ୍‌ୟୁରେ ସେମିଷ୍ଟର ପରୀକ୍ଷା ତାରିଖ ଘୁଞ୍ଚାଇବା ଘଟଣାକୁ ବିରୋଧ କରିଥିବା ଏବିଭିପି ସଦସ୍ୟମାନଙ୍କୁ ପୋଲିସ ବଳପୂର୍ବକ ଗିରଫ କରିବାକୁ ମଧ୍ୟ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନିନ୍ଦା କରାଯାଇଥିଲା। ବିରୋଧ କରୁଥିବା ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ଅତ୍ୟାଚାର ଉପରେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ପାଇଁ ବିଚାର ବିମର୍ଶ କରାଯାଉଛି ଏବଂ ଆଗାମୀ ଦିନରେ ଥାନାରେ ଏହାକୁ ନେଇ ମାମଲା ରୁଜୁ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି, ଭାଜପା ଯୁବମୋର୍ଚ୍ଚା ଆଇନ ପ୍ରକୋଷ୍ଠର ରାଜ୍ୟ ସହସଂଯୋଜକ ଦିନେଶ ସାହୁ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ରେଙ୍ଗାଲପାଲି ଚାମ୍ପିୟନ



ବିଜେତା ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି।

**ନାକଟିଦେଉଳ,୧୫।୧(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ସାଲେଭଟା ଗ୍ରାମ ପଞ୍ଚାୟତ ବସାଲୋଇ ଗ୍ରାମର ବାଜି ରାଉତ କ୍ଲବ ପକ୍ଷରୁ ଚାଲିଥିବା ୧୪ତମ ବାଜି ରାଉତ କପ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୮ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ରେଙ୍ଗାଲପାଲି ଓ ତେଲିମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେଲିମୁଣ୍ଡା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୫ ଓଭରରେ ୩ ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଥିଲା। ଜବାବରେ ରେଙ୍ଗାଲପାଲି ଦଳ ୫ ଓଭରରେ ଗୋଟିଏ ଉଇକେଟ ହରାଇ ୬୬ ରନ କରି ଚାମ୍ପିୟନ ହୋଇଥିଲା। ନରେନ ସାହୁ ଓ ସରୋଜ ସାହୁ ମ୍ୟାଚ ପରିଚାଳନା କରିଥିଲେ। ସତ୍ୟନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ ମୁଖ୍ୟ ଅତିଥି ଓ ସାଲେଭଟା ସରପଞ୍ଚ ପାଣ୍ଡବ ପ୍ରଧାନ, ପୂର୍ବତନ ସମିତିସଭ୍ୟ ବଳରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ।

## ଝାରସୁଗୁଡ଼ା ଝାଡେଶ୍ୱର କ୍ଲବ ଚାମ୍ପିୟନ

**ସମ୍ବଲପୁର,୧୫।୧(ବି.ଶଙ୍କର)**

**ତାଲବ କପ ଫୁଟ୍‌ବଲ ଟୁର୍ନାମେଣ୍ଟ**

ତାଲବ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ସମ୍ବଲପୁର ଜିଲା ତାଲବ ଖେଳ ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି। ତାଲବ ଫୁଟ୍‌ବଲ କ୍ଲବ ଓ ଜ୍ୟୋତି ଯୁବକ ସଂଘ ଆୟୋଜିତ ଟୁର୍ନାମେଣ୍ଟରେ ୧୨ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ତାଲବ ଫୁଟବଲ କ୍ଲବ ଓ ଝାରସୁଗୁଡ଼ା ଝାଡ଼େଶ୍ୱର କ୍ଲବ ମଧ୍ୟରେ ହୋଇଥିଲା। ଝାଡ଼େଶ୍ୱର କ୍ଲବ ୫-୧ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି । ରେଫରି ପି ଶ୍ରୀନିବାସ ରାଓ, ମଥୁରା ଓରାଓ, ମନୋଜ ଭୋଇ, ସତାବ୍ଦି ଜୟପୁରିଆ ଓ ସଚିନ ଭୁଏ ମ୍ୟାଚ ପରିଚାଳନା କରିଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଭାଜପା ନେତା ରାଧେଶ୍ୟାମ ବାରିକ, ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡା, ମାନେଶ୍ୱର ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର ମିଶ୍ର, ପୁରୁଖା ଫୁଟବଲ ଖେଳାଳିରାଜା ଚାନ୍ଦ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସାହେବ ଖମାରୀ ସମ୍ମାନିତ ଅତିଥି ଥିଲେ।




ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

## ଭାରତୀୟ ପାଣିପାଗ ବିଭାଗର ୧୫୦ବର୍ଷ ପୂର୍ତ୍ତି

**ସମ୍ବଲପୁର, ହୀରାକୁଦରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

**ସମ୍ବଲପୁର,୧୫।୧(ପ୍ରମୋଦ ବହିଦାର)**

ଭାରତୀୟ ପାଣିପାଗ ବିଭାଗର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଛି। ସମ୍ବଲପୁର ଓ ହୀରାକୁଦରେ ଥିବା ପାଣିପାଗ ବିଭାଗ ଆଞ୍ଚଳିକ କାର୍ଯ୍ୟାଳୟରେ ମଧ୍ୟ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସମ୍ବଲପୁର ସହର ବିଣାଖଣ୍ଡିସ୍ଥିତ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ରଞ୍ଜନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଓ ଜିଲା ଜରୁରିକାଳୀନ ଅଧିକାରୀ ସଞ୍ଜୟ ମାର୍କେ ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଣିପାଗ ବିଭାଗ ଦ୍ୱାରା ମିଳୁଥିବା ସୂଚନାରୁ ଜନସାଧାରଣଙ୍କ ସହ ବିଭିନ୍ନ ସରକାରୀ ବିଭାଗ ବିଶେଷ କରି ଚାଷୀ, ମତ୍ସ୍ୟଜୀବୀ, ଉପକୂଳ ଅଞ୍ଚଳର ଲୋକେ କିଭଳି ଉପକୃତ ହୋଇପାରୁଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବନ୍ୟା ବାତ୍ୟା ସମ୍ପର୍କରେ ଆଗୁଆ ସୂଚନା ମିଳୁଥିବାରୁ ଅନେକ ଧନଜୀବନ ସୁରକ୍ଷିତ ରହିପାରୁଛି ବୋଲି କହିଥିଲେ। ସେହିପରି ହୀରାକୁଦ କାର୍ଯ୍ୟାଳୟରେ ପାଣିପାଗ ବିଭାଗ ଅଧିକାରୀ ଶ୍ରଦ୍ଧାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ହୀରାକୁଦ ଆଇଟିଆଇର ଅତିଥି ଶିକ୍ଷକ ପୁରୁଷୋତ୍ତମ ମିଶ୍ର ମୁଖ୍ୟଅତିଥି ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଯାଯାତି କେଶରୀ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ନୂଆଦିଲ୍ଲୀର ମୌସମ ଭବନରେ ଚାଲିଥିବା ଉତ୍ସବର ସିଧାପ୍ରସାରଣକୁ ଉଭୟ ସମ୍ବଲପୁର ଓ ହୀରାକୁଦ ପାଣିପାଗ କେନ୍ଦ୍ରରେ ଟିଭି ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହାସହ ପାଣିପାଗ କେନ୍ଦ୍ରରେ ସୂଚନା ସଂଗ୍ରହ ଓ କିଭଳି ପ୍ରସାରିତ ହୋଇଥାଏ ସେ ନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଶିବ ପ୍ରସାଦ ଘୋଷ, ଅଜୟ କୁମାର ମହାପାତ୍ର ପାଣିପାଗ କାର୍ଯ୍ୟାଳୟର କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ୧୮୭୫ ଜାନୁଆରୀ ୧୫ରେ ତତ୍କାଳୀନ କଲିକତାରେ ପ୍ରତିଷ୍ଠା ହୋଇଥିଲା ଭାରତୀୟ ପାଣିପାଗ କେନ୍ଦ୍ର। ପରେ ଏହା ସିମ୍ଲାକୁ ସ୍ଥାନାନ୍ତରିତ କରାଯାଇ ସେଠାରୁ ପୁଣେ ଏବଂ ପରବର୍ତ୍ତୀକାଳରେ ୧୯୨୮ରେ ଏହାକୁ ସ୍ଥାନାନ୍ତର କରାଯାଇ ନୂଆଦିଲ୍ଲୀରେ ପ୍ରତିଷ୍ଠା କରାଯାଇଛି। ଯାହା ବର୍ତ୍ତମାନ ନୂଆଦିଲ୍ଲୀର ମୌସମ ଭବନରେ କାର୍ଯ୍ୟ କରୁଛି।



ଭାରତୀୟ ପାଣିପାଗ ବିଭାଗର ୧୫୦ ବର୍ଷ ପୂର୍ତ୍ତି ପାଳନ।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ଲୋଇସିଂହା, ୧୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ୧୮ ଲିଟର ରନ୍ଧା ମଦ ଜବତ କରିବା ସହ ଜଣଙ୍କୁ ସୋମବାର ଗିରଫ କରିଛି । ଅଭିଯୁକ୍ତ ଉଛବାହାଲ ଗୌରପାଲି ଅଞ୍ଚଳର ସୁବ୍ରତ ଦୋରା(୨୭) । ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହଜାତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି ।

### ମକର ସଂକ୍ରାନ୍ତିରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ, ୧୫।୧ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପବିତ୍ର ପୁଣ୍ୟକ୍ଷେତ୍ର ହରିଶଙ୍କରଠାରେ ମକର ସଂକ୍ରାନ୍ତିରେ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ସକାଳୁ ଶ୍ରଦ୍ଧାଳୁମାନେ ପାପନାଶିନି ଝରଣାରେ ବୁଡ଼ ପକାଇ ହରିଶଙ୍କର ଠାକୁରଙ୍କ ଦର୍ଶନ କରିଥିଲେ । ମନ୍ଦିରରେ ସ୍ୱତନ୍ତ୍ର ମକର ଭୋଗ ଲାଗି ହୋଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା ।

### ସୁନାଦେଇ ପାହାଡ଼ ମକର ମହୋତ୍ସବ

ମୁରିବାହାଲ, ୧୫।୧ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ସୁନାଦେଇ ପାହାଡ(ବାରପାଲି ହଳଦୀ)ରେ ଚାଲିଥିବା ପ୍ରଥମ ମକର ମହୋତ୍ସବ ତଥା ଅଷ୍ଟ ପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଅଧିବାସ ଦିନ ଯମୁନା ମହାଦେବ ବନ୍ଧରୁ ଶ୍ରଦ୍ଧାଳୁମାନେ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । ଏହାପରେ ମୁରିବାହାଲ ମଠାଧୀଶ ସାଧୁ ସୁଶିଲ ଦାସଙ୍କ ନେତୃତ୍ୱରେ ମହିମାଧର୍ମାବଲମ୍ବୀ ସାଧୁ ସନ୍ୟାସୀମାନଙ୍କ ଦ୍ୱାରା ରାତିସାରା ବ୍ରହ୍ମଧୁନି ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା । ଅଷ୍ଟ ପ୍ରହର ନାମଯଜ୍ଞରେ କର୍ତ୍ତାଭାବେ ରମେଶଚନ୍ଦ୍ର ଭୋଇ ଓ ତାଙ୍କ ଧର୍ମପତ୍ନୀ ପଙ୍କଜିନି ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ । ମକର ମହୋତ୍ସବକୁ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ମହୋତ୍ସବରେ ନିମନ୍ତ୍ରିତ ଅତିଥିଭାବେ ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ବରିଷ୍ଠ ଭାଜପା ନେତା ଲକ୍ଷ୍ମଣ ବାଗ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ପୂର୍ବତନ ବିଧାୟକ ଆୟୁବ ଖାଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ,ଏସଡିସି ଉପାଧ୍ୟକ୍ଷା ନିରୂପମା ମାଝି, ପୂର୍ବ ସେନା କର୍ମଚାରୀ ଧନେଶର ମାଝି, ରାଜ୍ୟ ସଭା ସଦସ୍ୟ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ପତ୍ରାପାଲି(କ)ସମିତି ସଭ୍ୟ ସନ୍ୟାସୀ ପୁଟେଲ ପ୍ରମୁଖ ଯୋଗଦେଇଥିଲେ । ଆୟୋଜକ ମକର ମହୋତ୍ସବ କମିଟି ସଭାପତି ନେତ୍ରାନନ୍ଦ ମହାକୁର, ଉପସଭାପତି ରମେଶ ଭୋଇ, ସମ୍ପାଦକ ନିତ୍ୟାନନ୍ଦ ମହାକୁର, ସହ ସମ୍ପାଦକ ଭିକାରୀ ପାତ୍ର, କୋଷାଧ୍ୟକ୍ଷ ଲୋଚନ ମହାକୁର, ଉପକୋଷାଧ୍ୟକ୍ଷ ଗାନ୍ଧିଲାଲ ମହାକୁର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ପ୍ରଥମ ମକର ମହୋତ୍ସବ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା ।

# ୫ ଅଭିଯୁକ୍ତ ଖଡ଼ିଆଳରୁ ଗିରଫ

ବେଲପଡ଼ା, ୧୫।୧ (ମନୋଜ କୁମାର ମିଶ୍ର)

**ବନ୍ଧୁକ ଦେଖାଇ ସାମଗ୍ରୀ ସହ ଭ୍ୟାନ ଲୁଟ୍ ଘଟଣା**

- ଅଭିଯୁକ୍ତଙ୍କ ସହ ଧରା ପଡ଼ିଛନ୍ତି ୨ନାବାଳକ
- ପିସ୍ତଲ, ୧୦ ମୋବାଇଲ, ଲୁଟ୍ ସାମଗ୍ରୀ ଜବତ

ବଲାଙ୍ଗୀର ଜିଲା ବେଲପଡା ଥାନା ନୁନହାଡ ଅଞ୍ଚଳରେ ଗତ ୧୧ତାରିଖ ରାତିରେ ସାମଗ୍ରୀ ବୋଝେଇ ଏକ ଭ୍ୟାନକୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୁଟି ନେଇଥିଲେ । ଏହି ଘଟଣାରେ ୫ଜଣଙ୍କୁ ବେଲପଡା ଥାନା ପୋଲିସ ଖଡିଆଳରୁ ଗିରଫ କରିଛି । ସେମାନେ ହେଲେ ଖରିଆରର ପିଣ୍ଟୁ ଝା(୨୦), ପ୍ରଶାନ୍ତ କୁମ୍ଭାର(୧୯), କରନ ବାଗ (୨୩), ସୁମନ ଶବର (୧୮) ଓ କଣ୍ଟାବାଞ୍ଜିର ରାହୁଲ ପରାଭୁଏ (୨୨) । ଏମାନଙ୍କ ସହ ଆଉ ୨ଜଣ ନାବାଳକଙ୍କୁ ପୋଲିସ ଧରିଛି । ଅଭିଯୁକ୍ତମାନଙ୍କଠାରୁ ଚୋରି ଭ୍ୟାନ, ଗୋଟିଏ ପସ୍ତଲ, ଅପରାଧୀମାନଙ୍କ ୫ଟି ମୋବାଇଲ, ଅନଲାଇନରେ ମଗାଯାଇଥିବା ୫ଟି ନୂଆ ମୋବାଇଲ, କିଛି କପଡ଼ା,ହେଡ ଫୋନ, ବ୍ଲୁଟୁଥ, ହେଡ ସେଟ, ଏୟାର ବ୍ୟାଗ ଆଦି ଜବତ କରାଯାଇଛି । ବେଲପଡା ଥାନାରେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ସୋମବାର ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ।



ଖବରଦାତା ସମ୍ମିଳନୀରେ ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ସୂଚନା ଅନୁସାରେ ଗତ ୧୧ତାରିଖ ବେଲପଡା ବ୍ଲକ ନୁନହାଡ ଗାଁରୁ ୩୦୦ ମିଟର ଦୂରରେ ଇକମ ସାର୍ଭିସର ଅନଲାଇନ ସାମଗ୍ରୀ ବୋଝେଇ କରି ନେଉଥିବା ଏକ ଭ୍ୟାନକୁ ଦୁର୍ବୃତ୍ତ ଅଟକାଇଥିଲେ । ଡ୍ରାଇଭରଙ୍କୁ ମାରପିଟ କରିବା ସହିତ ସାମଗ୍ରୀ ବୋଝେଇ ଭ୍ୟାନକୁ ନେଇ ଚାଲିଯାଇଥିଲେ । ଏ ନେଇ ଇକମ ସର୍ଭିସ କର୍ମଚାରୀ ଭବାନୀପାଟଣାର ସୁମିତ ପ୍ରଧାନ ବେଲପଡା ଥାନାରେ ୧୨ ତାରିଖରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବେଲପଡା ଥାନା ଆଇଆଇସି ସୁଶାନ୍ତ କୁମାର ଦାସ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ । ବଲାଙ୍ଗୀର ସାଇବର ସେଲର ସହଯୋଗ କ୍ରମେ ପୋଲିସ ଟିମ୍ ଖଡ଼ିଆଳରୁ ଅଭିଯୁକ୍ତମାନଙ୍କୁ ୧୪ତାରିଖ ରାତିରେ କାବୁ କରିଥିଲେ । ପଚରାଉଚରା କରିବା ସମୟରେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ କରନ ବାଗ ଓ ରାହୁଲ ପରାଭୁଏ ବେଲପଡା ବ୍ଲକ ସିହିନୀ ଗ୍ରାମକୁ ଡକାୟତି କରିବାକୁ ଆସିଥିଲେ । କିନ୍ତୁ ସେ ଘଟଣାକୁ କାର୍ଯ୍ୟରୂପ ନଦେଇ ନୁନହାଡ ପାଖରେ ଭ୍ୟାନ ଲୁଟ୍ କରିବା ପାଇଁ ଯୋଜନା କରିଥିଲେ । ଏହି ବାବଦରେ ଅନ୍ୟ ସାଥିଙ୍କୁ ଯୋଗାଯୋଗ କରିବାକୁ ନୁନହାଡ ଆସିଥିଲେ । ରାତିରେ ଭ୍ୟାନଲୁଟ୍ କରିଥିଲେ । ଅନ୍ୟପକ୍ଷେ ଅଭିଯୋଗକାରୀ ସୁମିତ ପ୍ରଧାନଙ୍କ କହିବା ଅନୁଯାୟୀ ଗାଡ଼ିରେ ୭ରୁ ୮ଲକ୍ଷ ଟଙ୍କାର ସାମଗ୍ରୀ ଥିଲା । କିନ୍ତୁ ଏଯାବତ୍ ସମ୍ପୂର୍ଣ୍ଣ ସାମଗ୍ରୀ ଜବତ ହୋଇପାରିନାହିଁ ।

## ଜଳସମ୍ପଦ ବଙ୍ଗଳାର ଶିଳାନ୍ୟାସ



ମନ୍ତ୍ରୀ ଟୁକୁନୀ ସାହୁ ଜଳ ସମ୍ପଦ ବଙ୍ଗଳା ପାଇଁ ଶିଳାନ୍ୟାସ କରୁଛନ୍ତି ।

ଟିଟିଲାଗଡ଼, ୧୫।୧ (ଶରତ ମିଶ୍ର)

ଟିଟିଲାଗଡ଼ ନୂତନ ଜଳସମ୍ପଦ ବିଭାଗ ବଙ୍ଗଳା ଲାଗି ସୋମବାର ଭୂମି ପୂଜନ ସମ୍ପନ୍ନ ହୋଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ତାଙ୍କ ବଲାଙ୍ଗୀର ଗସ୍ତ ଅବସରରେ ପ୍ରକଳ୍ପକୁ ମଞ୍ଜୁରୀ ସହ ଶିଳାନ୍ୟାସ ରଖିଥିଲେ । ଆଜି ମନ୍ତ୍ରୀ ଟୁକୁନି ସାହୁ ବିଭାଗୀୟ ଅଧିକାରୀଙ୍କ ଗହଣରେ ପ୍ରକଳ୍ପ ସ୍ଥଳରେ ଭୂମିପୂଜା କରିଥିଲେ । ପ୍ରାୟ ୨କୋଟି ଟଙ୍କା ବ୍ୟୟ ଅଟକଳରେ ବଙ୍ଗଳା ନିର୍ମାଣ ହେବ । ଏଠାରୁ ଉଠିଯାଇଥିବା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଖୁବ୍‌ଶୀଘ୍ର ପୁଣି ଥରେ ଖୋଲିବା ରାସ୍ତା ପ୍ରଶସ୍ତ ହୋଇଛି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଚାଷୀଙ୍କ ଜମିକୁ ଜଳସେଚନ ପାଇଁ ପ୍ରାୟ ୧୭୦୦ କୋଟି ଟଙ୍କାର ପ୍ରକଳ୍ପ ତ୍ୱରାନ୍ୱିତ ହେବ । ଏହି ଅବସରରେ ଜଳସମ୍ପଦ ବିଭାଗ ବଲାଙ୍ଗୀର ଅଧିକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ନାଗ, ବରିଷ୍ଠ ବିଜେଡ଼ି ନେତା ଭରତ ତାଣ୍ଡି, ଲଳିତ ସାହୁ, ରାଜେଶ ପ୍ରଧାନ, କିଶୋର ସାହୁ, ଅରୁଣ ବାଗ, ପ୍ରେମରାଜ ଖରସେଲ, କଦମ୍ବ ଠେଲା, ସମିତି ସଭ୍ୟ ପବନ ଗୁପ୍ତା, ମଣ୍ଟୁ ବାଗ ତଥା ଜଳସମ୍ପଦ ବିଭାଗ ଯନ୍ତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ ।

## ଅଞ୍ଚଳର ବିକାଶ ଲାଗି ନିଷ୍ଠାପର ଉଦ୍ୟମ ଲୋଡ଼ା

**ଶୁଲିଆ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଦେଓଗାଁ, ୧୫।୧ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଖଇରଗୁରା ଶୁଲିଆ ପାହାଡ ପାଦଦେଶରେ ଚାଲିଥିବା ଶୁଲିଆ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ଦିବସ । ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଅଞ୍ଚଳର ବିକାଶ କରିବାକୁ ହେଲେ ନିଷ୍ଠାର ସହ କାମ କରିବା ଦରକାର ବୋଲି କହିଥିଲେ । କୋଶଲି ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ କରାଯାଉ ଓ ପଶ୍ଚିମ ଓଡିଶା ପ୍ରତି ଅବହେଳା କଲେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନକୁ କେହି ରୋକି ପାରିବେ ନାହିଁ ବୋଲି ସେ କହିଥିଲେ । ମୁଖ୍ୟବକ୍ତାଭାବେ ବଲାଙ୍ଗୀର ଝାଙ୍କରପାଲି ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର, ସମ୍ମାନୀତ ଅତିଥି ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଦେଓଗାଁ ବିଡିଓ କ୍ଷମାନିଧି ଭୋଇ, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ ଯୋଗଦେଇଥିଲେ । ପରେ ଅନୀଲ କୁମାର ନାଏକ ଓ ସାଥିଙ୍କ ଦ୍ୱାରା ରାବଣ ଦରବାର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବଲାଙ୍ଗୀର ସମଲେଶ୍ୱରୀ କଳା ପରିଷଦ, କଳାହାଣ୍ଡିର ଅଜିତ ଓ ସାଥିଙ୍କ ଘୁମୁରା ନୃତ୍ୟ, କୁମୁରିଆର ଆଦିବାସୀ ନୃତ୍ୟ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚଳନାରେ ଉପସଭାପତି ପ୍ରଫୁଲ୍ଲ ଦାଶ, ଅନନ୍ତ ଚୌହାନ, ସମ୍ପାଦକ ପ୍ରଭାତ କୁମାର ପାତ୍ର, ସହସମ୍ପାଦକ ରାଜେନ୍ଦ୍ର ପାଣି, ଝସକେତନ କାଲସାଏ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ରଣା, ମନବୋଧ ହରପାଲ, ହିମାଂଶୁ ଗଡତ୍ୟା ତଥା ଶୁଲିଆ ମହୋତ୍ସବ କମିଟି କର୍ମକର୍ତ୍ତା ସହଯୋଗ କରୁଛନ୍ତି ।



ଶୁଲିଆ ମହୋତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ପୁଷ୍ୟାଭିଷେକ ମହୋତ୍ସବ ପାଇଁ ଚୂଡାନ୍ତ ବୈଠକ

ଦେଓଗାଁ, ୧୫।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ କୁଲିଆବାହାଲରେ ଚଳିତ ମାସ ୨୩ରୁ ୨୫ତାରିଖ ଯାଏ ଅନୁଷ୍ଠିତ ହେବାକୁ ଥିବା ପୁଷ୍ୟାଭିଷେକ ମହୋତ୍ସବ ପାଇଁ ସୋମବାର ଅପରାହ୍ନରେ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହୋତ୍ସବ ଓ ଶ୍ରୀରାମ ରଥଯାତ୍ରା ତଥା ସୁନ୍ଦରାକାଣ୍ଡ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଆଲୋଚନା କରାଯାଇଥିଲା । ୨୩ତାରିଖରେ କଳସ ଶୋଭାଯାତ୍ରା, ୨୪ରେ ପାରାୟଣ ଆରମ୍ଭ, ୨୫ରେ ଶ୍ରୀରାମ ରାଜ୍ୟାଭିଷେକ ଓ ବିଜୟରଥ ପରିକ୍ରମା ଅନୁଷ୍ଠିତ ହେବ । ଏହାସହ ପ୍ରତ୍ୟେକ ଦିନ ସାଂସ୍କୃତିକ ଦଳ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଆଞ୍ଚଳିକ କଳାକାରମାନେ ମଧ୍ୟ ନିଜକଳା ପ୍ରଦର୍ଶନ କରିବେ । ମହିଳାମାନଙ୍କ ଦ୍ୱାରା ଛୋଟି ପ୍ରତିଯୋଗୀତା ହେବା ସ୍ଥିରୀକୃତ ହୋଇଛି । କାର୍ଯ୍ୟକ୍ରମରେ ବ୍ୟାସଭାବେ ପ୍ରଶାନ୍ତ କୁମାର ମିଶ୍ର, ପୂଜକ ଭାବେ ପରମେଶ୍ୱର ତ୍ରିପାଠୀ ଦାୟିତ୍ୱ ତୁଲାଇବେ । କାର୍ଯ୍ୟକ୍ରମ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା । ଛବିଳ ସିଂ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ । କମିଟି ସଭାପତି ସୁଶାନ୍ତ ମନହିରା, ତ୍ରିଲୋଚନ ସିଂ ଚିନ୍ଦା, ହଳଧର ସିଂ ଚିନ୍ଦା, ନରସିଂହ ସିଂ, ପ୍ରମୋଦ ସିଂ ନିନା, ପୃଥ୍ୱୀରାଜ ସିଂ ଚିନ୍ଦା, ଚିନ୍ତାମଣୀ ନାଏକ, ବ୍ରହ୍ମା ଧରୁଆ, ଶିବ ପ୍ରସାଦ ସାହୁ, କୈଳାସ ଚନ୍ଦ୍ର କର୍ତ୍ତି, ସ୍ନିଗ୍ଧା ସିଂ ଚିନ୍ଦା, ମାଧବୀ ଧରୁଆ, ଯଶୋବନ୍ତୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୯୮୫ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଲୋଇସିଂହା, ୧୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ୧୯୮୫ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ୟାଚର ୩୦ ସହପାଠୀ ସ୍କୁଲ ସମୟର ସ୍ମୃତି ଚାରଣ କରିଥିଲେ । ବନ୍ଧୁ ମିଳନରେ ଶିକ୍ଷାଦାନ ଦେଇଥିବା ଶିକ୍ଷକ ଏବଂ କର୍ମଚାରୀ ଉପସ୍ଥିତ ରହିଥିଲେ । ଗୁରୁ ଏବଂ କର୍ମଚାରୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ସମ୍ପତ ନନ୍ଦ ଏବଂ ଅନ୍ୟ ସହପାଠୀଙ୍କ ଉଦ୍ୟମକ୍ରମେ ବନ୍ଧୁମିଳନ ଆୟୋଜିତ ହୋଇଥିଲା ।

## ରୁଗୁଡ଼ିପଡ଼ାରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

ବଲାଙ୍ଗୀର, ୧୫।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୌରାଞ୍ଚଳର ରୁଗୁଡିପଡାଠାରେ ସୋମବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା । ପୌରାଧ୍ୟକ୍ଷା ଲିକା ସାହୁ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି ଓ ପୂର୍ବତନ ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ଜୀବନ ବିନ୍ଦୁ ଜିଲା ସଂଯୋଜକ ବିନୁ ଶତପଥୀ, କାଉନସିଲର ମୁନା ଖାନ୍, ବିଜେଡି ନେତା ଟିମା ମହାନ୍ତି, ବିଭୂତି ଭୂଷଣ ମିଶ୍ରଙ୍କ ଉପସ୍ଥିତିରେ ଶତାଧିକ ମହିଳା ଓ ପୁରୁଷ ସ୍ୱାଗତ କରିଥିଲେ । ରୁଗୁଡିପଡାରେ ଶ୍ରଦ୍ଧାଳୁମାନେ ଅର୍ପଣ ରଥରେ ଗୁଆ ଓ ରାଉଳ ଅର୍ପଣ କରିଥିଲେ । ଏହି ସମୟରେ ସହରର ସ୍ୱୟଂ ସହାୟକ ଗୋଷ୍ଠୀ, ପୌର ପରିଷଦର କର୍ମଚାରୀ, ସଂକୀର୍ତ୍ତନ ମଣ୍ଡଳୀ, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

**PUBLIC NOTICE**

Notice is hereby given to all concerned that, Smt. Salita Nag, W/o. Saroj Kumar Nag, Ro.-Thakurpali, PO-Sargarh, PS- Loisingha, Dist- Balangir has sworn an **affidavit on dt. 19.12.2023** and has reported to **IIC, Loisingha PS. Balangir on dt.26.12.2023** regarding loss of original link **Regd. Sale Deed No. 3022 dt.25.06.1979 of Registering Officer, Loisingha**.

Smt. Salita Nag, W/o. Saroj Kumar Nag has applied to the **LIC HOUSING FINANCE LTD. Sambalpur** to avail loan on the above property by mortgaging the said property documents.

All concerned therefore, having any claim over the property purchased under the said document **Regd. Sale Deed No. 3022 dt.25.06.1979 of Registering Officer, Loisingha** is required to file her claim with the undersigned within 15(Fifteen) days from the date of publication of this notice, failing which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15(Fifteen) days of publication of this notice.

Sd./- A.K. Debta, Advocate,
Sambalpur, Dt. 11.01.2024
LIC Housing Finance Ltd, At/Po.- Modipara, PS.-Town, Dist.-Sambalpur, Mobile No.9437158519.

## କଂଗ୍ରେସରେ ମିଶିଲେ ବିଜେଡି ସଂଖ୍ୟାଲଘୁ ସେଲ ସଭାପତି

ବଲାଙ୍ଗୀର, ୧୫।୧ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ସାଲେପାଲିଠାରେ ନଗର କଂଗ୍ରେସ ସଭାପତି ବୁଲୁ ଦାନିଙ୍କ ସଭାପତିତ୍ୱରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ଅସରଫ୍ ଅଲ୍ଲୀ ଖାନଙ୍କସହ ଆକବର ଖାନ, ମେଟିନେଲ ଖାନ, ସେକ୍ ମୁସ୍ତାକ ମୁସ୍ତାସିନ, ସିଦ୍ଦିକି ଖାନଙ୍କ ସହ ଅନ୍ୟ ବିଜେଡି ନେତା ଓ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ । ମିଶ୍ରଣ ପର୍ବ ପରବର୍ତ୍ତି ସଭାରେ ବକ୍ତବ୍ୟ ରଖି ବିଧାୟକ ମିଶ୍ର ୨୦୧୪ ମସିହା ପରେ ବିକାଶ ବିରୋଧୀଙ୍କ ବିରୋଧ ସତ୍ତ୍ୱେ ସରକାର ସହ ଲଢି ବଲାଙ୍ଗୀର ସହର ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡା, ଗମନାଗମନ, ପାନୀୟ ଜଳ, ଜଳାଶୟର ପୁନରୁଦ୍ଧାର, ଜଳସେଚନର ଅନେକ ବିକାଶ ହୋଇଛି । ଆହୁରି କାମ ବାକି ଅଛି ଯାହାକି ଆସନ୍ତା ୫ ବର୍ଷ ଭିତରେ ପୂରଣ କରିବାକୁ ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୀରେନ୍ଦ୍ର ମିଶ୍ର, ଜିଲା ଉପସଭାପତି ମନୀଷ ମିଶ୍ର, ଯୁବ କଂଗ୍ରେସ ସଭାପତି ନାସୀର ଖାନ, ସୌମ୍ୟଦୀପ ସରାଫ, ଲୁଲୁ ପଟ୍ଟନାୟକ, ଅଶୋକ ନନ୍ଦ, ବବିତା ସାହୁ, ସାଇନା ବେଗମ୍, ସୁରେନ୍ଦ୍ର ଅଶ୍ୱପାଲ, ଅଙ୍କିତ ସାହୁ ଉପସ୍ଥିତ ଥିଲେ ।

## ଶୈବ ପୀଠ ଦେବଦର୍ହାରେ ଜନସମାଗମ

ପଦ୍ମପୁର, ୧୫।୧ (ପ୍ରଦୀପ୍ତ ଦାଶ)

ଓଡିଶା ଛତିଶଗଡ ସୀମାନ୍ତରେ ଥିବା ପ୍ରସିଦ୍ଧ ଶୈବପୀଠ ଦେବଦର୍ହାରେ ମକର ସଂକ୍ରାନ୍ତି ଉପଲକ୍ଷେ ପ୍ରବଳ ଜନସମାଗମ ହୋଇଥିଲା । ସ୍ୱର୍ଗତଃ ମହେନ୍ଦ୍ର ବଡେଇଙ୍କ ସ୍ମୃତିରେ ସ୍ତ୍ରୀ ମଞ୍ଜୁଶ୍ରୀଙ୍କ ଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା । ଏଥିରେ ଜିଲା ପରିଷଦ ସଦସ୍ୟା ବାସନ୍ତୀ ବାଲମ,ଅରକ୍ଷିତ ପ୍ରଧାନ, ଶେଷଦେବ ନାୟକ, ରକ୍ଷାପାଳ ସାହୁ,ଆନନ୍ଦ ବାଲମ ପ୍ରମୁଖ ସହଯୋଗ କରିଥିଲେ ।

**OFFICE OF THE**
**PR. CHIEF COMMISSIONER OF INCOME TAX, ODISHA, BHUBANESWAR**
Aayakar Bhawan, Rajaswa Vihar, Bhubaneswar, PIN - 751007

**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The Office of the Pr. Chief Commissioner of Income Tax, Bhubaneswar invites applications from eligible advocates for empanelment as Special Public Prosecutors (SPP) to represent the Department before the Courts of Session and its subordinate Courts in terms of CBDT Instruction No. 02/2023 Dated: 30.11.2023 issued in F. No. 279/Misc./M-77/2011-ITJ.

2. The proforma of application, eligibility criteria and other terms & conditions for empanelment as SPP may be obtained from the O/o. the Pr. Chief Commissioner of Income Tax, Aayakar Sahayata Kendra, Ground Floor, Aayakar Bhawan, Rajaswa Vihar, Bhubaneswar - 751007 from 15.01.2024 to 31.01.2024 during office hours only or may be downloaded from the official website of the Department i.e. **www.incometaxindia.gov.in**.
3. The advocates desirous of and eligible for the post may send their completed applications in the prescribed proforma only through Speed Post/Registered Post to the following address:
   **The Pr. Chief Commissioner of Income Tax, Aayakar Bhawan, Rajaswa Vihar, Bhubaneswar - 751007; or through E-mail to: bhubaneswar.pccit@incometax.gov.in**
4. Canvassing in any form shall constitute a disqualification.
5. All the existing Special Public Prosecutors empanelled in the Income Tax Department, Odisha region will have to apply afresh in respnse to this advertisement.
6. The applications received earlier to this advertisement or received after the last date are liable to be rejected.
7. Applications received through any mode other than Speed Post/Registered Post/E-mail shall also be summarily rejected.
8. Applications submitted in a format other than the prescribed proforma or having deficiencies in any respect are also be rejected.
9. The last date for receipt of application is **05.02.2024**.

**Sd./- Dy. Commissioner of Income Tax (Hqrs.) (Admn. & Vig.)**
**O/o. the Pr. Chief Commissioner of Income Tax, Odisha, Bhubaneswar**

## ବୁଥସ୍ତରୀୟ ଭାଜପା କର୍ମୀ ସମାବେଶ

**ଅନ୍ୟ ଦଳର ୨୦୩ଜଣ ଦଳରେ ଯୋଗଦେଲେ**

ମୁରିବାହାଲ, ୧୫।୨ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗଁରେଇ ମଣ୍ଡଳ ଅନ୍ତର୍ଗତ ୬ ଗ୍ରାମ ପଞ୍ଚାୟତର ବୁଥସ୍ତରୀୟ କର୍ମକର୍ତ୍ତାମାନଙ୍କୁ ନେଇ ଗଁରେଇ ବି.ଆର.ଆମ୍ବେଦକର ହାଇସ୍କୁଲ ନିକଟରେ ଏକ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଗଁରେଇ ମଣ୍ଡଳ ସଭାପତି ମହାଦେବ ଠାହାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏମ୍‌ପି ସଙ୍ଗୀତ କୁମାରୀ ସିଂଦେଓ ଯୋଗଦେଇ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ସମାଜର ତଳସ୍ତରରେ ପହଞ୍ଚାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ସଭାରେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ବରିଷ୍ଠ ନେତା ଲକ୍ଷ୍ମଣ ବାଗ, ଜିଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, କାର୍ଯ୍ୟକାରିଣୀ ସଭ୍ୟ ସୁରେଶ ଚନ୍ଦ୍ର ନେଉରା, ଧ୍ରୁବଲେଶର ଲୁହା, ସିନ୍ଧେକେଲା ମଣ୍ଡଳ ସଭାପତି ମୁନିରାମ ନାଗ, ଗଁରେଇ ମଣ୍ଡଳ ସାଧାରଣ ସମ୍ପାଦକ ପଦ୍ମନାଭ ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକର୍ତ୍ତାମାନେ ନିଜ ବୁଥରେ ସଙ୍ଗଠନକୁ ସୁଦୃଢ କରି ଆଗାମୀ ସାଧାରଣ ନିର୍ବାଚନରେ ଉଭୟ ଏମ୍‌ପି ଓ ବିଧାୟକଭାବେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ନେତୃବର୍ଗ ଆହ୍ୱାନ ଦେଇଥିଲେ । ଏହି ଅବସରରେ କଂଗ୍ରେସ ଓ ବିଜେଡି ଛାଡି ୨୦୩ଜଣ କର୍ମୀ ଦଳରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ପ୍ରଦୀପ ବଛା ପରିଚାଳନା କରିଥିଲେ । ବିଷ୍ଣୁ ବେହେରା, ତହସିଲ ନାଗ, ତେଜୁରାମ ବାଗ, ହରିଦାସ ଛୁରା, ମାଲିକ ମହାକୁର, ସୁବାଷ ପୋଢ଼, ନାରାୟଣ ସାହୁ, ଈଶ୍ୱର ପୁଟେଲ, ଦୟାସାଗର ବେହେରା ଏଥିରେ ସହଯୋଗ କରିଥିଲେ ।

## ସମାଜ ସଂସ୍କାରରେ କଳାକାରଙ୍କ ଭୂମିକା ରହିଛି

**କୁଶଙ୍ଗ ମକର ମିଳନ ଉତ୍ସବ**

ଲୋଇସିଂହା, ୧୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ମା' ଉଗ୍ରତାରା ସାଂସ୍କୃତିକ କଳାକାର ସଂଘ ଆନୁକୂଲ୍ୟରେ କୁଶଙ୍ଗାଇ ପୀଠ ପରିସରରେ ମକର ମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ବିଭିନ୍ନ ଅଞ୍ଚଳର ଶତାଧିକ କଳାକାର ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ । ପୁରୀ ଜିଲା ବ୍ରହ୍ମଗିରିର ମା' ବିନ୍ଧେଶ୍ୱରୀ କଳା ପରିଷଦ କଳାକାର ପ୍ରମୋଦ କୁମାର ଲେଙ୍କା, କୁଳମଣୀ ପଧାନ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଚଇତି ଘୋଡା ନାଚ ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା । ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷର ଦମୋଦର ଭୋଇ ସ୍ମୃତି ସମ୍ମାନ କୀର୍ତ୍ତନ ଗାୟକ ଦାଶରଥି ଦାଶଙ୍କୁ ପ୍ରଦାନ କରାଯାଇଥିଲା । ସାଂସ୍କୃତିକ ସଭା ତଥା ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଆବାହକ ଗୋଲକ ବିହାରୀ ପଟେଲ ଅଧ୍ୟକ୍ଷତା କରିଥିଲେ । ଏଥିରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ବ୍ଲକ କଳାକାର ସଂଘ ସଭାପତି ସରୋଜ ବିଶ୍ୱାଳ, ସୁରସଙ୍ଗମ ସମ୍ପାଦକ ସରୋଜ ମହାକୁର, ଭବାନୀ ଶଙ୍କର ଭୋଇସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରତିବର୍ଷ ମକର ମିଳନ ଉତ୍ସବରେ ଶତାଧିକ କଳାକାରଙ୍କୁ ଏକାଠି କରି ପାରୁଥିବାରୁ ଆୟୋଜକଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ । ସମାଜରେ ସଂସ୍କାର ଆଣିବାରେ କଳା ଓ କଳାକାରଙ୍କ ଅଗ୍ରଣୀ ଭୂମିକା ରହିଛି ବୋଲି କହିଥିଲେ ଅତିଥି । ଅଂଶ ଗ୍ରହଣ କରିଥିବା କଳାକାର ସଂଘ ଏବଂ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିବା ଅନୁଷ୍ଠାନ ଓ କଳାକାରଙ୍କୁ ଅୟୋଜକଙ୍କ ତରଫରୁ ପୁରସ୍କୃତ କରାଯାଇଥିଲା ।



ଅତିଥିଙ୍କ ଗହଣରେ ପୁରସ୍କୃତ କଳାକାର ।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

ଅମରପାଲି,୧୫।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧିନସ୍ଥ ଖୁଣ୍ଟୁଲାପାଲି ଗ୍ରାମରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଖୁଣ୍ଟୁଲାପାଲି ଗ୍ରାମର ସରୋଜ ଭୁଏ ନାମକ ବ୍ୟକ୍ତିଙ୍କୁ ଗାଁର କିଛି ଯୁବକ ଅତର୍କିତ ଭାବେ ସଂଘବଦ୍ଧ ଭାବେ ଆକ୍ରମଣ କରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସରୋଜ କୌଣସି କାମରେ ସୋନପୁରରୁ ଘରକୁ ସନ୍ଧ୍ୟାରେ ଫେରୁଥିବାବେଳେ ଗ୍ରାମର ନାରାୟଣୀ ମନ୍ଦିର ଠାରେ ପୂର୍ବରୁ ଛପି ରହିଥିବା କିଛି ଯୁବକ ହଠାତ ଆକ୍ରମଣ କରିଥିଲେ। ଆକ୍ରମଣରେ ସରୋଜଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିବାବେଳେ ଚିକିତ୍ସା ପରେ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାରକରି ବୀରମହାରାଜପୁର ଥାନାରେ ଏକ ମାମଲା (ନଂ. ୧୯/୨୪) ରୁଜୁ ହୋଇଛି। ହରିହର ଯୋର ଫାଣ୍ଡି ଅଧିକାରୀ ଅରକ୍ଷିତ ମାଝି ଅଧିକ ତଦନ୍ତ ଜାରି ରଖିଛନ୍ତି ।

### ଆରମ୍ଭ ହେଲା ପଲଶାଗୋରା ପ୍ରସିଦ୍ଧ ମକର ଯାତ୍ରା, ଜଳନ୍ଧର ଦରବାର

କନ୍ଧମାଳ, ୧୫।୧(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ପଲଶାଗୋରାର ପ୍ରସିଦ୍ଧ ମକର ଯାତ୍ରା ସୋମବାର ସକାଳୁ ଆରମ୍ଭ ହୋଇଛି। ମକର ସଂକ୍ରାନ୍ତି ଭୋରରେ ବାବା କପିଳେଶ୍ୱରଙ୍କ ସେବକମାନେ ମନ୍ଦିର ଖୋଲିବା ପରେ ସର୍ବସାଧାରଣ ଭକ୍ତ ଦର୍ଶନ କରିଥିଲେ। ପରେ ବାବାଙ୍କଠାରେ ମକର ଚାଉଳ ଭୋଗ ଲଗାଯାଇଥିଲା। ସେବକ ନିରଞ୍ଜନ ଖମାରୀ, ଅଚ୍ୟୁତ ଖମାରୀ, ବ୍ରହ୍ମା ଖମାରୀ, ସଚ୍ଚିଦାନନ୍ଦ ଖମାରୀ, ଅଜିତ ଖମାରୀ, ତରଣୀ ଖମାରୀ ସର୍ବସାଧାରଣରେ ମକର ଚାଉଳ ବଣ୍ଟନ କରିଥିଲେ। ଏହି ଅବସରରେ ୨୪ ପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଗତ ରବିବାର ରାତି ଯାତ୍ରା ଅବସରରେ ପ୍ରଥମ ଥର ପାଇଁ ଜଳନ୍ଧର ଦରବାର କାର୍ଯ୍ୟକ୍ରମ କନ୍ଧମାଳ ବିଧାୟକ ମହୀଧର ରଣା ଓ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଦ୍ୱାରା ଉଦଘାଟିତ ହୋଇଯାଇଛି। ଜଳନ୍ଧର ଭୂମିକାରେ ମନୋରଞ୍ଜନ ଚିରଗୁନ ଅଭିନୟ କରୁଛନ୍ତି। ଯାତ୍ରାରେ ଚଳିତବର୍ଷ ବହୁ ଦୋକାନ ସହ ମିନାବଜାର ଆସର ଜମିଛି। ଯାତ୍ରା ୧୯ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ତରଫରୁ ସୂଚନା ମିଳିଛି।

### ସ୍ୱାଧୀନତା ସଂଗ୍ରାମୀ ଗୌର ମୋହନ ମିଶ୍ରଙ୍କ ପରଲୋକ

ବୌଦ୍ଧ,୧୫।୧ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ଶେଷ ସ୍ୱାଧୀନତା ସଂଗ୍ରାମୀ ତଥା ରାଜତନ୍ତ୍ର ବିରୋଧରେ ଗଡଜାତ ଆନ୍ଦୋଳନର ନେତା ଗୌରମୋହନ ମିଶ୍ରଙ୍କ ୧୦୨ ବର୍ଷରେ ସୋମବାର ସନ୍ଧ୍ୟାରେ ବୌଦ୍ଧସ୍ଥିତ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ଗୌରମୋହନ ରାଜାଙ୍କ ଅଧିନରେ କରୁଥିବା ସରକାରୀ ଚାକିରି ଛାଡି ରାଜତନ୍ତ୍ରର କୁସଂସ୍କାର ବିରୋଧରେ ପ୍ରଜାମାନଙ୍କୁ ସଚେତନ କରିବା ପାଇଁ ଗଡଜାତ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ ବୌଦ୍ଧ ରାଜାଙ୍କ ବିରୋଧରେ ଆନ୍ଦୋଳନ ଜାରି ରଖିବା ସହିତ ସମ୍ବଲପୁର ଓ କଟକ ସ୍ୱରାଜ ଆଶ୍ରମରେ ଦୀର୍ଘ ଦିନ ଅବସ୍ଥାନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନ ବେଳେ ସେ ଦୁଇ ଥର ମହାତ୍ମାଗାନ୍ଧୀଙ୍କୁ ସାକ୍ଷାତ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ ସେ କୌଣସି ସ୍ୱାଧୀନତା ସଂଗ୍ରାମୀ ଭତ୍ତା ନେବାକୁ ଅସ୍ୱିକାର କରିବା ସହ ଜୀବନର ଶେଷ ପର୍ଯ୍ୟନ୍ତ ଜଣେ ସ୍ୱାଭିମାନୀ ମଣିଷ ଭାବେ ବୌଦ୍ଧ ମାଟିର ସେବା କରିଆସିଥିଲେ। ତାଙ୍କର ତିନି ପୁତ୍ର ବରିଷ୍ଠ ଆଇନଜୀବୀ ଓମପ୍ରକାଶ ମିଶ୍ର, କ୍ରାନ୍ତି ପ୍ରକାଶ ଓ ଜୟପ୍ରକାଶ ଏବଂ ଝିଅ ସନ୍ଧ୍ୟାରାଣୀ, ବୋହୁ, ନାତିନାତୁଣୀ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମୀ ଗୌର ମୋହନଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବୌଦ୍ଧ ଏନଏସି ଅଧକ୍ଷ୍ୟ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ଓକିଲ ସଂଘ ସଭାପତି ଧୁରୀଣ କୁମାର ଦେହୁରୀ, ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ବହୁ ଆଇନଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପ୍ରଶାସନ ପକ୍ଷରୁ ଉପଜିଲାପାଳ ରବିନ୍ଦ୍ରନାଥ କହଁର ପହଞ୍ଚି ସ୍ୱାଧୀନତା ସଂଗ୍ରାମୀ ଗୌରମୋହନଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମଙ୍ଗଳବାର ସକାଳେ ନିର୍ବାଣ ଧାମରେ ଅନ୍ତେଷ୍ଟିକ୍ରିୟା କରାଯିବ ବୋଲି ବଡ ପୁଅ ଓମ ପ୍ରକାଶ କହିଛନ୍ତି।

# ଅବହେଳିତ ସ୍ୱାସ୍ଥ୍ୟସେବା

## ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଚାଲିଛି ସୁବଳୟା ସ୍ୱାସ୍ଥ୍ୟକେନ୍ଦ୍ର

ସୁବଳୟା,୧୫।୧(ଜୟାନନ୍ଦ ରଥ)



ସୁବଳୟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ବର୍ତ୍ତମାନ ଯୋଜନା ପରେ ଯୋଜନା ଚାଲିଛି । କିନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନିଜ ଜିଲା ସୁବର୍ଣ୍ଣପୁରରେ ସ୍ୱାସ୍ଥ୍ୟ ସେବାର ବାସ୍ତବ ସ୍ଥିତି ଓଲଟା। ଜିଲାର ବୀରମହାରାଜପୁର ବ୍ଲକ ସୁବଳୟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ଜଣେ ମାତ୍ର ସ୍ୱାସ୍ଥ୍ୟକର୍ମୀ ଦେବୀଦତ୍ତ ସାହୁଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ଦୀର୍ଘ ଦୁଇ ବର୍ଷ ହେଲା ଫାର୍ମାସିଷ୍ଟ ପଦବୀ ଖାଲି ପଡିଛି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ୩୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟ ସେବା ନ ପାଇ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ସ୍ୱାସ୍ଥ୍ୟକନ୍ଦ୍ର ଉପରେ ପିତାମହୁଲ, ଜଟେସିଂହା, କମିରା, ସୁବଳୟା ଓ ସଂଗ୍ରମପୁର ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। ସୁବଳୟା ଉନ୍ନୟନ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାକୁ ନେଇ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କୁ ପୂର୍ବରୁ ଭୁବନେଶ୍ୱରରେ ସାକ୍ଷାତ କରିଥିଲେ। ଜନସଂଖ୍ୟା ଦୃଷ୍ଟିରୁ ସୁବଳୟା ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୀତ କରିବା ପାଇଁ ଦାବି ହୋଇଥିଲା । ତେବେ ଏ ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଅନ୍ୟପକ୍ଷେ ବିନା ଡ଼ାକ୍ତରରେ ଡାକ୍ତରଖାନା ଚାଲିବା ଅଞ୍ଚଳବାସୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ଏସବୁ ବିଷୟକୁ ନେଇ ୩୦।୧୧।୨୦୨୩ରେ ସୁବଳୟା ଉନ୍ନୟନ କ୍ରିୟାନୁଷ୍ଠାନ କମିଟିର ସଭାପତି ସଦାନନ୍ଦ ମହାନନ୍ଦଙ୍କ ଆହ୍ୱାନ କ୍ରମେ ଏକ ଜରୁରକାଳୀନ ବୈଠକ ହୋଇଥିଲା। ଏହି ବୈଠକରେ ସୁବଳୟା ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ଲଳିତ ପାତ୍ର, ସରୋଜ ବାରିକ, ରାଜକିଶୋର ନାୟକ, ଶ୍ରୀକୃଷ୍ଣ ପଧାନଙ୍କ ସମେତ ଟୁନା ଅଧିକାରୀ, ଆଶିଷ ପଧାନ, ଯୋଗୀନ୍ଦ୍ର ମେହେର, ରଞ୍ଜନ କୁମାର ମିଶ୍ର, ବିନୋଦ ମେହେର, ଫକୀର ବେରିହା, ମଙ୍ଗୁଲୁ ରଣା, ଧୋବାଇ ମେହେର, ଯଦୁମଣି ମେହେର, ସମାଜସେବୀ ହରିହର ସାହୁ, ସନ୍ତୋଷ ମେହେର, ଉପେନ୍ଦ୍ର ଦାସ ଓ ଭାଜପା ମଣ୍ଡଳ ସଭାପତି ଶରତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସରକାର ପୂରଣ କରିବା ପାଇଁ ଅନୁରୋଧ କରା ଯାଇଥିଲା। ସରକାର ଖାଲିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ କରିବା ସହ ଏହାକୁ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଉନ୍ନିତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଡୁଙ୍ଗୁରିପାଲିରେ ଦଳିତ ଏକତା ସମ୍ବିଧାନ ସୁରକ୍ଷା ରଥକୁ ସ୍ୱାଗତ

ଡୁଙ୍ଗୁରିପାଲି, ୧୫।୧ (ଦୀନବନ୍ଧୁ ସୁନା)

ସୁବର୍ଣପୁର ଜିଲା ଡୁଙ୍ଗୁରିପାଲିରେ ସୋମବାର ଭ୍ରମଣ କରୁଥିବା ଦଳିତ ଏକତା ସମ୍ବିଧାନ ସୁରକ୍ଷା ରଥକୁ ଭବ୍ୟ ସାଗତ କରାଯାଇଛି। ଡୁଙ୍ଗୁରିପାଲି ଆରଏମସି ଛକଠାରେ ସୋନପୁର ଜିଲା ଅଶୃସ୍ୟ ସଂରକ୍ଷଣ ସୁରକ୍ଷା ସମିତି ଜିଲା ସଭାପତି ଲକ୍ଷ୍ମଣ ଭରାସାଗରଙ୍କ ନେତୃତ୍ୱରେ ସମ୍ବିଧାନ ସୁରକ୍ଷା ରଥକୁ ସ୍ୱାଗତ ଜଣାଇ ଡୁଙ୍ଗୁରିପାଲି ସହର ପରିକ୍ରମା କରି ଚାରି ଛକରେ ପହଞ୍ଚିଥିଲା। ଛକରେ ଥିବା ବାବା ସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଦଳିତ ଏକତା ସମ୍ବିଧାନ ସୁରକ୍ଷା ରଥକୁ ଡୁଙ୍ଗୁରିପାଲି ରାଜଲକ୍ଷ୍ମୀପଡାରେ ମଧ୍ୟ ଭବ୍ୟ ସାଗତ କରାଯାଇଥିଲା ।


ଡୁଙ୍ଗୁରିପାଲିରେ ଦଳିତ ଏକତା ସମ୍ବିଧାନ ସୁରକ୍ଷା ରଥକୁ ସ୍ୱାଗତ କରାଯାଉଛି।

## ରାମଲୀଳା ଯାତ୍ରା ନେଇ ପ୍ରସ୍ତୁତି ବୈଠକ

ବୌଦ୍ଧ,୧୫।୧(ଅଜିତ କୁମାର ବାରିକ)

ପବିତ୍ର ମକରସଂକ୍ରାନ୍ତି ଅବସରରେ ବୌଦ୍ଧର ଗଣପର୍ବ ଭାବରେ ମାନ୍ୟତା ଲାଭ କରିଥିବା ପ୍ରସିଦ୍ଧ ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ରଘୁନାଥ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଆବାହକତ୍ୱରେ କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନମୋହନ ପାତ୍ର, କନ୍ଧମାଳ ସାଂସଦ ପ୍ରତିନିଧି ତାରେଣୀ କୁମାର ମହାପାତ୍ର, ଜିଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର, ରଜନୀକାନ୍ତ ଦାଶ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂସଦର କୋଷାଧ୍ୟକ୍ଷ ପ୍ରମୋଦ କୁମାର ପ୍ରଧାନ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ଓ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଅତିଥି ଅତିରିକ୍ତ ଜିଲାପାଳ ପାତ୍ର ଜିଲା ପ୍ରଶାସନ ପକ୍ଷରୁ ରାମଲୀଳା ଉତ୍ସବ ପାଇଁ ସମସ୍ତ ପ୍ରକାର ସହଯୋଗ ଦିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ଆସନ୍ତା ରାମନବମୀ ଅବସରରେ ମନ୍ଦିରରେ ପ୍ରଭୁଙ୍କ ନୂତନ ବିଗ୍ରହ ସ୍ଥାପନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ସେହିପରି ରାମଲୀଳା ଯାତ୍ରା ଅବସରରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବାଣିଜ୍ୟମେଳା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ବିଭିନ୍ନ ରାମଲୀଳା କମିଟିର ରାବଣ କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ସଂସଦର ସମସ୍ତ କର୍ମକର୍ତ୍ତା ଓ ଛୋଟ ବଡ କଳାକାରମାନେ ସାମିଲ ଥିଲେ ।

## ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା

ବିନିକା, ୧୫।୧(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାର ଦୁର୍ଗା ମନ୍ଦିର ପ୍ରତିଷ୍ଠା ପାଇଁ ସୋମବାର କଳସ ଯାତ୍ରା ହୋଇଯାଇଛି। ଦୀର୍ଘ ୫୨ବର୍ଷ ଧରି ବିନିକା ପୁରୁଣା ବସଷ୍ଟାଣ୍ଡ ଠାରେ ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ଦେବୀ ଦୁର୍ଗାଙ୍କ ଭବ୍ୟ ମନ୍ଦିର କମିଟି କର୍ମକର୍ତ୍ତା,ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ସହଯୋଗରେ ନିର୍ମାଣ ହେବା ପରେ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଣିକି ଜଗତଜନନୀ ମା' ଦୁର୍ଗାଙ୍କୁ ପ୍ରତିଦିନ ଦର୍ଶନ କରିବାର ସୌଭାଗ୍ୟ ପାଇବେ ଶ୍ରଦ୍ଧାଳୁ ଭକ୍ତ। ସେଥିପାଇଁ ଭକ୍ତ ମହଲରେ ଉତ୍ସାହର ବାତାବରଣ ସୃଷ୍ଟି କରିଛି। ପ୍ରତିଷ୍ଠା ଉତ୍ସବର ପ୍ରାରମ୍ଭରେ ଅଞ୍ଚଳର ହଜାର ହଜାର ମହିଳା କଳସ ଧରି ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ମହାନଦୀଠାରୁ ପାଣି ସଂଗ୍ରହ କରିଥିଲେ। ଶୋଭାଯାତ୍ରାରେ ଘଣ୍ଟ, ଶଙ୍ଖ, ହୁଳହୁଳି ସହ ଭକ୍ତଙ୍କ ଜୟ ଧ୍ୱନି ସହରକୁ ପ୍ରକମ୍ପିତ କରିଥିଲା। କଳସଧରି ଶୋଭାଯାତ୍ରାକାରୀ ମନ୍ଦିରକୁ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ପୂଜକମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। କଳସ ଯାତ୍ରାକୁ ସହରାଞ୍ଚଳ ସମେତ ବ୍ଲକର ସମସ୍ତ ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

## ଜେଏନଭିରେ ମକର ସଂକ୍ରାନ୍ତି, ଫକୀର ମୋହନଙ୍କ ଜୟନ୍ତୀ

ପାଇକମାଲ,୧୫।୧( ବଡ ଶତପଥି)

ବରଗଡ ଜିଲା ପାଇକମାଲ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ମକର ସଂକ୍ରାନ୍ତି ଓ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଉପ ଅଧ୍ୟକ୍ଷକ ଅରବିନ୍ଦ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ମକର ସଂକ୍ରାନ୍ତିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା ସାଙ୍ଗକୁ ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଅବଦାନ ସମ୍ପର୍କରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଶ୍ମି ରଞ୍ଜନ ପଟ୍ଟନାୟକ ନିଜର ଅଭିଭାଷଣ ମାଧ୍ୟମରେ ଦିବସର ଗୁରୁତ୍ୱାରୋପ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହ ଏକ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ବିକ୍ରମ ସିଂହ ସଞ୍ଚାଳନ କରିଥିଲା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଉମେଶ ଚନ୍ଦ୍ର ଝଙ୍କାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଫୁଲାକୁ ହରାଇ ଖଣ୍ଡହତା ଚାମ୍ପିୟନ

### ପଞ୍ଚଖଣ୍ଡା ସ୍ପୋର୍ଟିଂ କ୍ରିକେଟ ଟୁର୍ନାମେଣ୍ଟ

ଅମରପାଲି,୧୫।୧(ପୀତାମ୍ବର ସାହୁ)


ଚାମ୍ପିୟନ ଦଳର ଖେଳାଳି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ଖେଳ ପଡିଆରେ ହେଉଥିବା ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଉଫୁଲାକୁ ହରାଇ ଖଣ୍ଡହତା ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟ ଟି-୧୦ ଓ ୫-୫ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମ ଫର୍ମାଟରେ ଉଫୁଲା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୨ ଉଇକେଟ ହରାଇ ୧୫୧ ରନ କରିଥିଲା। ଦଳର ଲିପୁନ ୬୫ ଓ ସମିତ ୬୨ ରନ କରିଥିଲେ। ବିପକ୍ଷ ଗୋପୀନାଥ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଖଣ୍ଡହତା ଦଳ ୯.୩ ଓଭର ରେ ୫ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଦଳର ରାକେଶ କର୍ମୀ ୬୩ ଓ ରଞ୍ଜନ ବେହେରା ୨୬ ରନ୍ କରିଥିଲେ। ବିପକ୍ଷ ଲିକୁନ ଗୋଟିଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଉଫୁଲା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୩ ଉଇକେଟ ହରାଇ ୬୭ ରନ୍ କରିଥିଲା। ଜବାବରେ ଖଣ୍ଡହତା ଦଳ ୪ ଓଭରରେ ୪ ଉଇକେଟ ହରାଇ ୬୮ ରନ୍ କରିଥିଲା।

ଉଭୟ ଫର୍ମାଟରେ ବିଜୟୀ ହୋଇ ଖଣ୍ଡହତା ଦଳ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଏବଂ ଜୋନ ୨ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖଣ୍ଡହତାର ରାକେଶ କର୍ମୀଙ୍କୁ ମ୍ୟାନ୍ ଅଫ୍ ଫାଇନାଲ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରିଥିଲେ। ଚାମ୍ପିୟନ ଖଣ୍ଡହତା ଦଳକୁ ନଗଦ ୧୧ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ ଉଫୁଲା ଦଳକୁ ନଗଦ ୭ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ମୁନ୍ନା ପଧାନ ଓ ସୁଦର୍ଶନ ପଣ୍ଡା ପରିଚାଳନା କରିଥିବା ବେଳେ ବାଙ୍କା ବିହାରୀ ମହାକୁର ସ୍କୋରର ଏବଂ ବିକାଶ ଗାଇଗରିଆ ଓ ଗୋବିନ୍ଦ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ।

### ମଦ ଜବତ, ଜଣେ ଗିରଫ

ଲୋଇସିଂହା,୧୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ୧୮ ଲିଟର ରନ୍ଧା ମଦ ଜବତ କରିବା ସହ ଜଣଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ଉଚ୍ଚବାହାଲ ଗୌରପାଲି ଅଞ୍ଚଳର ସୁବ୍ରତ ଦୋରା(୨୭) । ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ।

### ମକର ସଂକ୍ରାନ୍ତିରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ, ୧୫।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପବିତ୍ର ପୁଣ୍ୟକ୍ଷେତ୍ର ହରିଶଙ୍କରଠାରେ ମକର ସଂକ୍ରାନ୍ତିରେ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସକାଳୁ ଶ୍ରଦ୍ଧାଳୁମାନେ ପାପନାଶିନି ଝରଣାରେ ବୁଡ଼ ପକାଇ ହରିଶଙ୍କର ଠାକୁରଙ୍କ ଦର୍ଶନ କରିଥିଲେ। ମନ୍ଦିରରେ ସ୍ୱତନ୍ତ୍ର ମକର ଭୋଗ ଲାଗି ହୋଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।

## ବରଗଡ଼କୁ ହରାଇ ଫୁଲବାଣୀ ଫାଇନାଲରେ


ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

ବୌଦ୍ଧ/ପୁରୁଣାକଟକ,୧୫।୧
(ଅଜିତ କୁମାର ବାରିକ/ସୁକାନ୍ତ ପଟ୍ଟନାୟକ)

### ସର୍ବଭାରତୀୟ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିନ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ଫକିର ଚରଣ ଖେଳପଡିଆରେ ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ପ୍ରଥମ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଖେଳରେ ମୁଖ୍ୟ ଅତିଥିଭାବେ ଉପବାଚସ୍ପତି ସାଲୁଗା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲା, ରାମଗଡ଼ ସରପଞ୍ଚ ପ୍ରଭାସିନି ଯୋଶୀ, ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ୟୁନାଇଟେଡ କ୍ଲବ ବରଗଡ ଓ ଜେଡି କ୍ଲବ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳର ଖେଳାଳି ଚମତ୍କାର ଖେଳ ଖେଳିଥିବାବେଳେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଖେଳରେ ଟ୍ରାଇବ୍ରେକର ଜରିଆରେ ଜେଡି କ୍ଲବ ଫୁଲବାଣୀ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ଦିଲୀପ କୁମାର ରାଉତ, ଜାତୀୟ ରେଫରୀ ସୁବ୍ରତ କୁମାର ପୁରୋହିତ, ସୁଜିତ ରାଜହଂସ ପରିଚାଳନା କରିଥିଲେ। ଚତୁର୍ଥ ରେଫରି ଭାବେ ମାନସ ବିଶ୍ୱାଳ ଓ ମ୍ୟାଚ କମିଶନର ଭାବେ ରଞ୍ଜନ ଯୋଶୀ କାର୍ଯ୍ୟ ତୁଲାଇଥିଲେ। ଖେଳକୁ ଫ୍ରେଣ୍ଡସ ଆସୋସିଏଶନର ସଭାପତି ଝୁନୁ ବେହେରା, ସମ୍ପାଦକ ରମେଶ ସାମଲ, ସୁଶିଲ ଦେହୁରୀ, ଦେବରାଜ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ସୁଜ୍ଞାନ କର୍ଣ୍ଣ, ନିକୁଞ୍ଜ ବେହେରାଙ୍କ ସହଯୋଗରେ ଆୟୋଜିତ ହେଉଛି। ଚିୟରଗାର୍ଲସଙ୍କ ନୃତ୍ୟ ଖେଳପ୍ରେମୀଙ୍କୁ ଆନନ୍ଦ ଯୋଗାଇଥିଲା। ମଙ୍ଗଳବାର ଟୁର୍ନାମେଣ୍ଟର ଫାଇନାଲ ଜେଡି କ୍ଲବ ଫୁଲବାଣୀ ଓ ବିଏସ୍ଏଫ୍ କ୍ଲବ ସୋନପୁର ମଧ୍ୟରେ ଅନୁଷ୍ଠିତ ହେବ।


## PUBLIC NOTICE

Notice is hereby given to all concerned that, Smt. Salita Nag, W/o. Saroj Kumar Nag, Ro.-Thakurpali, PO-Sargarh, PS- Loisingha, Dist- Balangir has sworn an **affidavit on dt. 19.12.2023** and has reported to **IIC, Loisingha PS. Balangir on dt.26.12.2023** regarding loss of original link **Regd. Sale Deed No. 3022 dt.25.06.1979 of Registering Officer, Loisingha**.

Smt. Salita Nag, W/o. Saroj Kumar Nag has applied to the **LIC HOUSING FINANCE LTD. Sambalpur** to avail loan on the above property by mortgaging the said property documents.

All concerned therefore, having any claim over the property purchased under the said document **Regd. Sale Deed No. 3022 dt.25.06.1979 of Registering Officer, Loisingha** is required to file her claim with the undersigned within 15(Fifteen) days from the date of publication of this notice, failing which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15(Fifteen) days of publication of this notice.

Sd./- A.K. Debta, Advocate,
Sambalpur, Dt. 11.01.2024
LIC Housing Finance Ltd, At/Po.- Modipara, PS.-Town, Dist.-Sambalpur, Mobile No.9437158519.

## OFFICE OF THE PR. CHIEF COMMISSIONER OF INCOME TAX, ODISHA, BHUBANESWAR

Aayakar Bhawan, Rajaswa Vihar, Bhubaneswar, PIN - 751007

**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The Office of the Pr. Chief Commissioner of Income Tax, Bhubaneswar invites applications from eligible advocates for empanelment as Special Public Prosecutors (SPP) to represent the Department before the Courts of Session and its subordinate Courts in terms of CBDT Instruction No. 02/2023 Dated: 30.11.2023 issued in F. No. 279/Misc./M-77/2011-ITJ.

2. The proforma of application, eligibility criteria and other terms & conditions for empanelment as SPP may be obtained from the O/o. the Pr. Chief Commissioner of Income Tax, Aayakar Sahayata Kendra, Ground Floor, Aayakar Bhawan, Rajaswa Vihar, Bhubaneswar - 751007 from 15.01.2024 to 31.01.2024 during office hours only or may be downloaded from the official website of the Department i.e. **www.incometaxindia.gov.in**.
3. The advocates desirous of and eligible for the post may send their completed applications in the prescribed proforma only through Speed Post/Registered Post to the following address:
   **The Pr. Chief Commissioner of Income Tax, Aayakar Bhawan, Rajaswa Vihar, Bhubaneswar - 751007; or through E-mail to: bhubaneswar.pccit@incometax.gov.in**
4. Canvassing in any form shall constitute a disqualification.
5. All the existing Special Public Prosecutors empanelled in the Income Tax Department, Odisha region will have to apply afresh in respnse to this advertisement.
6. The applications received earlier to this advertisement or received after the last date are liable to be rejected.
7. Applications received through any mode other than Speed Post/Registered Post/E-mail shall also be summarily rejected.
8. Applications submitted in a format other than the prescribed proforma or having deficiencies in any respect are also be rejected.
9. The last date for receipt of application is **05.02.2024**.

**Sd./- Dy. Commissioner of Income Tax (Hqrs.) (Admn. & Vig.)**
**O/o. the Pr. Chief Commissioner of Income Tax, Odisha, Bhubaneswar**

## ଉଦ୍ଧାର ଜନ୍ତୁ ଶମ୍ବର ନୁହେଁ, ନୀଳ ଗାଈ: ରେଞ୍ଜ ଅଧିକାରୀ

କୋକସରା,୧୫ା୧(ଦୁଷ୍ମନ୍ତ କୁମାର ପାଢୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରୁ ଏକ ବନ୍ୟପ୍ରାଣୀ ପାଣି ସନ୍ଧାନରେ ଆସି ଟେମରା ପଞ୍ଚାୟତ ସିର୍ଲିଗୁଡା ଦେଇଯାଇଥିବା ମେଗାଲିଫ୍ଟ କେନାଲରେ ପଡି ରହିଥିଲା । ବାହାରକୁ ଆସି ନ ପାରି ପାଣି ମଧ୍ୟରେ ରହି ଅସୁସ୍ଥ ହୋଇ ପଡିଥିଲା । ରବିବାର ସକାଳୁ ସ୍ଥାନୀୟ ଲୋକମାନେ ଦେଖି ବେହେରା ଫରେଷ୍ଟ କର୍ମଚାରୀଙ୍କୁ ଖବର ଦେଇଥିଲେ । ବନ କର୍ମଚାରୀ ପହଞ୍ଚି ଜନ୍ତୁକୁ ଉଦ୍ଧାର କରି କୋକସରା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରିବା ପରେ ସୁସ୍ଥ ହେବା ପର୍ଯ୍ୟନ୍ତ ବେହେରା ଫରେଷ୍ଟ ଅଫିସରେ ରଖି ଚିକିତ୍ସା ସହ ଯତ୍ନ ନେଉଛନ୍ତି । ତେବେ ଉଦ୍ଧାର ହୋଇଥିବା ବନ୍ୟପ୍ରାଣୀକୁ ଏକ ମାଈ ଶମ୍ବର ବୋଲି ପ୍ରଥମେ ଚିହ୍ନଟ କରିଥିଲେ । ଏହା ଏକ ନୀଳଗାଈ ବୋଲି ଧର୍ମଗଡ଼ ରେଞ୍ଜର ଭବାନୀ ଶଙ୍କର କାଉର କହିଛନ୍ତି ।

# ସୁନାଚେନ୍, ମୋବାଇଲ ଫୋନ୍ ଲୁଟେରା ଗ୍ୟାଙ୍ଗର ୪ଗିରଫ

ସୁନ୍ଦରଗଡ,୧୫ା୧(ଜୟ ନାରାୟଣ ମେଣ୍ଡୁଲି)

ଗତ କିଛିଦିନ ଧରି ସୁନ୍ଦରଗଡ ସହରର ବିଭିନ୍ନ ସ୍ଥାନରେ ସୁନା ଚେନ ଛିନତାଇ ଓ ମୋବାଇଲ ଫୋନ ଲୁଟୁଥିବା ଏକ ଲଟେରା ଗ୍ୟାଙ୍ଗର ୪ଜଣଙ୍କୁ ଟାଉଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟର ସୋନୁ କୁମାର (୨୦),ହରିୟାଣାର ସଞ୍ଜୟ ପାଲ(୩୮), ବିହାରର ପିଣ୍ଟୁ କୁମାର(୪୦) ଓ ରାଜୀବ କୁମାର ସିଂ(୩୭) । ପୋଲିସ ଏମାନଙ୍କ ନିକଟରୁ ୧୮ଟି ମୋବାଇଲ ଫୋନ, ନଗଦ୪୦ହଜାର ଟଙ୍କା ଜବତ କରିଥିବା ନେଇ ସୋମବାର ଟାଉନଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ହିମାନଂଶୁ ବେହେରା ସୂଚନା ଦେଇଛନ୍ତି । ସୂଚନା



ପୋଲିସଙ୍କ ଗହଣରେ ୪ ଅଭିଯୁକ୍ତ ।

ଅନୁସାରେ, ଗତ ୧୧ତାରିଖରେ ଏଡିବି କଲୋନୀର ଜଣେ ମହିଳା ସ୍କୁଟରରେ ଘରକୁ ଫେରୁଥିବା ବେଳେ ୨ ଯୁବକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ ଓ ଭ୍ୟାନିଟି ବ୍ୟାଗକୁ ଝାମ୍ପି ଫେରାର ହୋଇଯାଇଥିଲେ । ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ ୧୨/୨୪) ରୁଜୁ କରି ତଦନ୍ତ ଚଳାଇଥିଲା । ସେହିପରି ୧୪ରେ ଅନୁରୂପଭାବେ ଜଣେ ମହିଳାଙ୍କ ଠାରୁ ମୋବାଇଲ ଫୋନ୍ ଓ ଭ୍ୟାନିଟି ବ୍ୟାଗ ଧରି ଫେରାର ହୋଇଯାଇଥିଲେ । ଏନେଇ ସମ୍ପୃକ୍ତ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ । ମୋବାଇଲ ଫୋନ ଓ ଭ୍ୟାନିଟ ବ୍ୟାଗ ଲୁଟ ଘଟଣାରେ ପୋଲିସ ସୋନୁ ଓ ସଞ୍ଜୟଙ୍କୁ ଗିରଫ କରି ସେମାନଙ୍କଠାରୁ ୧୬ଟି ଚୋରି ମୋବାଇଲ ଫୋନ ଓ ଭ୍ୟାନିଟି ବ୍ୟାଗ ଜବତ କରିଥିଲା । ଛିନତାଇ ମାମଲାରେ ପିଣ୍ଟୁ ଓ ରାଜୀବଙ୍କ ପାଖରୁ ଏକ ବାଇକ, ନଗଦ୪୦ହଜାର ଟଙ୍କା ଜବତ କରିଛି । ଏମାନେ ସୁନାଚେନକୁ ୨୦ହଜାର ଟଙ୍କାରେ ଜଣଙ୍କୁବିକ୍ରି କରିଦେଇଥିବା ପୋଲିସ ନିକଟରେ କହିଥିଲେ । ଏଥିସହ ସ୍ଥାନୀୟ ହସ୍ପିଟାଲ ଛକରେ ସେହି ଗୋଟିଏ ଦିନରେ ଜଣେ ମହିଳାଙ୍କ ଠାରୁ ୬୫ହଜାର ଟଙ୍କା ଲୁଟ ଘଟଣାରେ ମଧ୍ୟ ସମ୍ପୃକ୍ତ ଥିବା ମଧ୍ୟ ସ୍ୱୀକାର କରିଛନ୍ତି । ପୋଲିସ ଏହି ଲୁଟିଆ ଗ୍ୟାଙ୍ଗର ଅନ୍ୟମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି ।

## ଗୋଟିଏ ରଥରେ ନଗର ପରିକ୍ରମା କଲେ ହରି ଓ ହର



ରଥାରୂଢ଼ ଠାକୁରଙ୍କୁ ନଗର ପରିକ୍ରମା କରାଯାଉଛି ।

ବ୍ରଜରାଜନଗର,୧୫ା୧(ବିଜୟ ବରାଡ଼)

### ଖଲିଆକାନୀରେ ମକର ମହୋତ୍ସବ ଉଦ୍‌ଘାଟିତ

ବ୍ରଜରାଜନଗର ସହରାଞ୍ଚଳର ଖଲିଆକାନୀ ଗ୍ରାମରେ ୬୪ତମ ମକର ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି । ପୂର୍ବାହ୍ନରେ ଏକ ସୁସଜ୍ଜିତ ରଥରେ ହରି ଓ ହରଙ୍କୁ ଉପବେଶନ କରାଇ ଗ୍ରାମବାସୀ ନଗର ପରିକ୍ରମା କରିଥିଲେ । ପ୍ରତ୍ୟେକ ପରିବାର ଠାକୁରଙ୍କୁ ନିଜ ଘର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲେ । ଅପରାହ୍ନରେ ରଥ ଟଣାଯାଇ ମକର ପଡିଆକୁ ଅଣାଯାଇଥିଲା । ଶ୍ରମ ମନ୍ତ୍ରୀ ସାରଦା ନାୟକ ମୁଖ୍ୟଅତିଥି ଓ ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରଥରୁଢ଼ ଠାକୁରଙ୍କୁ ଦର୍ଶନ କରିବା ସହିତ ରଥ ଉପରୁ ଭକ୍ତ ମାନଙ୍କ ଉଦ୍ଦେଶ୍ୟରେ ପ୍ରସାଦ ବଣ୍ଟନ କରିଥିଲେ । ସନ୍ଧ୍ୟାରେ ମକର ପଡିଆରେ ଏକ ସାଧାରଣ ସଭା କରାଯାଇଥିଲା । ଏଥିରେ ମନ୍ତ୍ରୀ ସାରଦା ନାୟକ, ବିଧାୟିକା ଅଳକା ମହାନ୍ତି, ବରିଷ୍ଠ ନେତା ମିତ୍ରଭାନୁ ବାବୁ, ଆଇନଜୀବୀ ବିଶ୍ୱନାଥ ନାୟକ, ତ୍ରିନାଥ ଗୁଆଳ, ମକର ମହୋତ୍ସବର ଉପଦେଷ୍ଟା ମହେନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ନିଜ ନିଜର ମତ ରଖିଥିଲେ । ରାଧାକୃଷ୍ଣ ଉନ୍ନୟନ ପରିଷଦ ଦ୍ୱାରା ଆୟୋଜିତ ସଭାରେ ସଭାପତି କ୍ଷୀରୋଦ ପ୍ରଧାନ ଅଞ୍ଚଳର ସମସ୍ୟା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ହାଇୱା ଧକ୍କାରେ ଶଳା, ଭିଣୋଇ ମୃତ

ଲହୁଣୀପଡ଼ା,୧୫ା୧(ଦଶରଥୀ ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ବରସୁଆଁ ପୂର୍ତ୍ତ ବିଭାଗ ରାସ୍ତା ଦଲମକୁଚା ଗ୍ରାମ ନିକଟରେ ରବିବାର ବିଳମ୍ବିତ ରାତିରେ ହାଇୱା ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଅଭିରାମ ମୁଣ୍ଡା(୩୫) ଓ ଅମିତ ଟପ୍ପୋ (୨୨) । ଉଭୟ ସମ୍ପର୍କରେ ଶଳା ଭିଣୋଇ ବୋଲି ଜଣାପଡିଛି । ସୋମବାର ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି । ଏଥିସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖଣ୍ଡାଧାର ନିକଟସ୍ଥ ତାଳବାହାଲି ଗ୍ରାମର ନାଥିନଏଲ ମୁଣ୍ଡାଙ୍କ ପୁଅ ଅଭିରାମ ଟେନ୍‌ସା ସି ଜୋନରେ ରହୁଥିବା ଜୀବନ ଟପ୍ପୋଙ୍କ ଝିଅକୁ ବିବାହ କରିଥିଲେ । ଅମିତ ଭିଣୋଇ ଅଭିରାମଙ୍କ ଘରକୁ ଆସିଥିଲେ । ରବିବାର ରାତିରେ କୌଣସି କାମରେ ଅଭିରାମ ଓ ଅମିତ ଏକ ବାଇକ୍ ଯୋଗେ ଟେନ୍‌ସାକୁ ଯାଉଥିବା ବେଳେ ଦଲମକୁଚା ଗ୍ରାମ ନିକଟରେ ଲହୁଣୀପଡ଼ା ପଟେ ଆସୁଥିବା ଓଡ଼ି- ୧୪ଏବି -୧୪୯୭ ଲୁହାପଥର ବୋଝେଇ ହାଇୱା ଟ୍ରକ୍‌ଟି ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ୨ ଜଣଙ୍କର ମୃତ୍ୟୁ ଘଟିଥିଲା ।



ମକର ସଂକ୍ରାନ୍ତି ଅବସରରେ ବୀରମିତ୍ରପୁର ବିଆର୍‌ଆଇ କ୍ଲବ ପଡ଼ିଆରେ ଅନୁଷ୍ଠିତ ଗୁଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉପସ୍ଥିତ ପ୍ରତିଯୋଗୀମାନେ । (ଫଟୋ: ମହେନ୍ଦ୍ର କୁମାର ସାହୁ)

## ପରିକ୍ରମା ପ୍ରକଳ୍ପ,ରାମ ମନ୍ଦିର ଉଦ୍‌ଘାଟନୀ ପାଇଁ ଶାନ୍ତି କମିଟି ବୈଠକ

କୁଆଁରମୁଣ୍ଡା,୧୫ା୧(ମହେନ୍ଦ୍ର କୁମାର ସାହୁ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଓ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ଓ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା – ଝାଡଖଣ୍ଡ ସୀମାନ୍ତବର୍ତ୍ତି ବୀରମିତ୍ରପୁର ପୌରାଞ୍ଚଳ ଚଳଚଞ୍ଚଳ ହୋଇଉଠିଛି । ଏହାକୁ କିଭଳି ଶୃଙ୍ଖଳାଭାବେ ପାଳନ କରାଯିବ ସେଥିପାଇଁ ସୋମବାର ବୀରମିତ୍ରପୁର ଥାନାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୦ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବୀରମିତ୍ରପୁର ସହରରେ ଏକ ଶୋଭାଯାତ୍ରା ବାହାରିବ । ଶୋଭାଯାତ୍ରାରେ ବାଜା, ଡିଜେ ଇତ୍ୟାଦିକୁ ସଠିକ୍ ଢଙ୍ଗରେ ପରିଚାଳନା କରିବା ପାଇଁ ଏସ୍‌ଡିପିଓ ସୁଶାନ୍ତ ଦାସ ଉପସ୍ଥିତ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ଆଇଆଇସି ଆଶିଷ ଜେନା ଉପସ୍ଥିତ ରହି ସମସ୍ତେ ପୋଲିସର ପରାମର୍ଶ ମାନି ଉକ୍ତ ଧାର୍ମିକ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି ।

## ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ଫକୀର ମୋହନ ଜୟନ୍ତୀ

କୋଲାବିରା,୧୫ା୧(ଚିନ୍ମୟ କୁମାର ବହିଦାର)

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସୋମବାର ସମଲେଶ୍ୱରୀ ସାହିତ୍ୟ ସଂସଦ କୋଲାବିରା ପକ୍ଷରୁ ପାଳିତ ହୋଇଯାଇଛି । ଏଥିରେ ପ୍ରଜ୍ଞାସୌରଭ ଶୋଭାଚନ୍ଦ୍ର ନାଏକ ମୁଖ୍ୟଅତିଥି ଓ ବରିଷ୍ଠ ନାଗରିକ ବୀରେନ୍ଦ୍ର ମହାପାତ୍ର, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଶ୍ୟାମସୁନ୍ଦର ସାହିତ୍ୟ ସଂସଦ ସଭାପତି ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ସ୍ୱରଝଙ୍କାର ସାହିତ୍ୟ ସଂସଦ ସମ୍ପାଦକ ପିଙ୍କୁ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଶିକ୍ଷକ ଶଚିନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିମାନେ ଫକୀର ମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଓଡିଆ ଭାଷା ସାହିତ୍ୟକୁ ସୁରକ୍ଷା ଦେବାରେ ହେଉ କିମ୍ବା ସମାଜ ସଂସ୍କାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ । ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ବିରଞ୍ଚି କୁମାର ପଟେଲ, ଲଳିନ୍ଦ୍ର ଗୋଖରା, ଅଶୋକ କୁମାର ବେହେରା, ସ୍ମୃତି ରଞ୍ଜନ ରାଏ, ଯୋଗେନ୍ଦ୍ର ରାଏ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ସଂସଦର ସଭ୍ୟାସଭ୍ୟ ତଥା ଅଞ୍ଚଳର ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ ।

## ବ୍ରାହ୍ମଣମରା ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାଲିଶଙ୍କରା,୧୫ା୧( ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ତିଲଡେଗା ପଞ୍ଚାୟତ ବ୍ରାହ୍ମଣମରା ଗୋପବନ୍ଧୁ ଯୁଥ କ୍ଲବ ଆନୁକୂଲ୍ୟରେ ବ୍ରାହ୍ମଣମରା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସମ୍ମାନିତ ଅତିଥି ପୂର୍ବତନ ଜିଲାପରିଷଦ ରଘୁନନ୍ଦନ ତାଣ୍ଡିଆ, ସାମାଜିକ କର୍ମୀ ହରେକୃଷ୍ଣ ସେଠ ପ୍ରମୁଖ ଯୋଗଦେଇଥିଲେ । ୨ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ମୋଟ



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ।

୧୬ଟି ଦଳ ଅଂଶଗ୍ରହଣ କରିଥିଲେ । କିଞ୍ଜିରକେଲା ଓ ବନ୍ଧବାହାଲ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ଟ୍ରାଇବେକାରରେ କିଞ୍ଜିରକେଲା ବିଜୟୀ ହୋଇ ୧୦ ହଜାର ଟଙ୍କା ଓ ବନ୍ଧବାହାଲ ଉପବିଜେତା ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପୁରସ୍କୃତ କରାଯାଇଥିଲା । ରବୀନ୍ଦ୍ର କୁମାର ପ୍ରଧାନ, ସଚ୍ଚିଦାନନ୍ଦ ମାଝି, ଭୂପତି ଭୈସାଲ, ବାବୁଲୁ ଭିତ୍ରିଆ, ସଞ୍ଜୀବ ପ୍ରଧାନ ପ୍ରମୁଖ କାର୍ଯ୍ୟଭାର ତୁଲାଇଥିଲେ ।

## ସ୍କାନ ଷ୍ଟିଲରେ ସଡ଼କ ସୁରକ୍ଷା ସପ୍ତାହ

କୁତ୍ରା,୧୫ା୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରାସ୍ଥିତ ସ୍କାନ ଷ୍ଟିଲ ୟୁନିଟ୍ ୨ ବୁଡାକଟାଠାରେ ସୋମବାର ୩୫ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହାକୁ ସ୍କାନ ଷ୍ଟିଲ କାରଖାନାର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅଙ୍କୁର ମଦାନ ଉଦ୍‌ଘାଟନ କରି ସମସ୍ତଙ୍କୁ ସଡକ ସୁରକ୍ଷା ବିଷୟରେ ସଚେତନ କରିଥିଲେ । ଏହି ଅବସରରେ କାରଖାନାର ସାଧାରଣ ପରିଚାଳକ ସୌରଭସେନ ଗୁପ୍ତା, ଏଚ୍ ଆର ପରିଚାଳକ ପ୍ରଭୁରାମ ଦେ, ସୁରକ୍ଷା ଅଧିକାରୀ ସରୋଜ ମହାକୁଲ, ଯୋଗାଯୋଗ ପରିଚାଳକ ସୁବ୍ରତ ନାଏକ, ମଧୁସୂଦନ ପଟ୍ଟନାୟକ,ବିପିନ ସାହୁ, ସନ୍ତୋଷ ପାସବନ, ବିନୟ ଝା, ମନୋଜ ବିଶ୍ୱାଳ, ପ୍ରକାଶ ପରିଡା ପ୍ରମୁଖ ଉପସ୍ଥିତ ଥିବାବେଳେ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କ ଦ୍ୱାରା ଏକ ରାଲି କରାଯାଇ ସଚେତନ କରାଯାଇଥିଲା ।



କାରଖାନା କର୍ମଚାରୀ ଓ ଶ୍ରମିକଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଶିକ୍ଷା ସମାଜ ବିକାଶର ଅବିଚ୍ଛେଦ୍ୟ ଅଙ୍ଗ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

କୋଲାବିରା,୧୫ା୧(ଚିନ୍ମୟ କୁମାର ବହିଦାର)

କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତର କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ତୁଳାରାମ ସେନାପତି ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାରସୁଗୁଡା ବିଧାୟିକା ଦୀପାଳି ଦାସ ଯୋଗଦେଇ ବିଦ୍ୟାଳୟର କାର୍ଯ୍ୟଦକ୍ଷତାକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ । ସମ୍ପାଦକ ମଦନ ମୋହନ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ସାହୁ, ସ୍ଥାନୀୟ ସରପଞ୍ଚ କରୁଣାକର ସେଟ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଯୋଗଦେଇ ଶିକ୍ଷା ସମାଜ ବିକାଶର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ । ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଅତିଥି ପରିଚୟ ଦେଇଥିଲେ । ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପୂଜାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ । ସନ୍ଧ୍ୟାରେ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।


**PUBLIC NOTICE**

Notice is hereby given to all concerned that, Smt. Salita Nag, W/o. Saroj Kumar Nag, Ro.-Thakurpali, PO-Sargarh, PS- Loisingha, Dist- Balangir has sworn an **affidavit on dt. 19.12.2023** and has reported to **IIC, Loisingha PS. Balangir on dt.26.12.2023** regarding loss of original link **Regd. Sale Deed No. 3022 dt.25.06.1979 of Registering Officer, Loisingha**.

Smt. Salita Nag, W/o. Saroj Kumar Nag has applied to the **LIC HOUSING FINANCE LTD. Sambalpur** to avail loan on the above property by mortgaging the said property documents.

All concerned therefore, having any claim over the property purchased under the said document **Regd. Sale Deed No. 3022 dt.25.06.1979 of Registering Officer, Loisingha** is required to file her claim with the undersigned within 15(Fifteen) days from the date of publication of this notice, failing which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15(Fifteen) days of publication of this notice.

Sd./- A.K. Debta, Advocate,
LIC Housing Finance Ltd, At/Po.- Modipara, PS.-Town, Dist.-Sambalpur, Mobile No.9437158519.

Sambalpur,
Dt. 11.01.2024


## ଆର୍‌ଏସ୍‌ପି ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା,୧୫ା୧(ବିପ୍ଳବ ରଞ୍ଜନ ଦାଶ)

ଆରଏସପିର ହଟ୍ ଷ୍ଟ୍ରିପ୍ ମିଲ-୨ ବିଭାଗ ସମ୍ମିଳନୀ କକ୍ଷରେ ତତ୍କାଳ ସ୍ୱୀକୃତି ଯୋଜନା ମୁତାବକ ଠିକା ଶ୍ରମିକମାନଙ୍କୁ ପୁରସ୍କୃତ କରାଯାଇଛି । ଏହି ଅବସରରେ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଆର. କେ. ମୁଦୁଲି ଯୋଗଦେଇ ପୁରସ୍କାର ସଭାରେ ଅଧ୍ୟକ୍ଷତା କରିବା ସହ ମେସର୍ସ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ୍‌ର ହଟ୍ ଷ୍ଟ୍ରିପ୍ ମିଲ-୨ ରେ ନିୟୋଜିତ ୪ଜଣ ଠିକା କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ । ଏଥିରେ କାର୍ମିକ ସିଏଲ୍‌ସି ବିଭାଗର ମହାପ୍ରବନ୍ଧକ ସଞ୍ଜୟ ମେହରୋତ୍ରା, ଅନ୍ୟ ବରିଷ୍ଠ ଅଧିକାରୀ, ହଟ୍ ଷ୍ଟ୍ରିପ୍ ମିଲ-୨ ବିଭାଗର କର୍ମଚାରୀ ଓ ସଂପୃକ୍ତ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଆର୍. କେ. ମୁଦୁଲି ଶ୍ରମିକମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ନେଇ ପ୍ରଶଂସା କରିବା ସହିତ ପ୍ରତିବଦ୍ଧତା ସହିତ ପ୍ରଦର୍ଶନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ମେହେରୋତ୍ରା ଆର୍‌ଏସ୍‌ପିର କଲ୍ୟାଣକାରୀ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମକୁ ବିଭାଗୀୟ ଓ.ସି.ଟି ସମୀର ଦାସ ସଂଯୋଜନା କରିଥିଲେ ।

## ନାଟକ ବନ୍ଧନ, ଜନନୀ ଜନ୍ମଭୂମି ଏଇ ଆମ ଗାଁ ଓ କଳିଯୁଗର ପରିବର୍ତ୍ତନ ମଞ୍ଚସ୍ଥ

### ଆନ୍ତଃ ବିଦ୍ୟାଳୟ ବହୁଭାଷୀ ଲଘୁ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ରାଉରକେଲା,୧୫ା୧(ବିପ୍ଳବ ରଞ୍ଜନ ଦାଶ)

କଳିଙ୍ଗ କଳା ପରିଷଦ ଓ ଆରଏସ୍‌ପି ଆନୁକୂଲ୍ୟରେ ରାଉରକେଲା ସିଭିକ୍ ସେଣ୍ଟରରେ ଚାଲିଥିବା ଆନ୍ତଃ ବିଦ୍ୟାଳୟ ସ୍ତରୀୟ ବହୁଭାଷୀ ଲଘୁ ନାଟକ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ସନ୍ଧ୍ୟାରେ ଆରଏସପି ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ମୁଖ୍ୟଅତିଥି ଓ ମୁଖ୍ୟ ମହାପ୍ରବନ୍ଧକ ଏସ୍.ଏସ୍ ରାୟ ଚୌଧୁରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପରେ ପ୍ରଥମ ନାଟକ ବନ୍ଧନ ମଞ୍ଚସ୍ଥ ହୋଇଥିଲା ।



ଜନନୀ ଜନ୍ମ ଭୂଇଁ ଏଇ ଆମ ଗାଁ ନାଟକର ଏକ ଦୃଶ୍ୟ ।

ନାଟକଟି ଦୁଇଜଣ ବନ୍ଧୁ ମଧ୍ୟରେ କିଭଳି ଆଜୀବନ ନିବିଡ ସମ୍ପର୍କ ରହିଛି ତାହା ଉପରେ ଆଧାରିତ ଥିଲା । ଏହାକୁ ଗୀତାରାଣୀ ବେହେରା ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ନାଟକଟି ଶ୍ରୀ ଅରବିନ୍ଦ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରୀ ଅଭିନୀତ ଥିଲା । ଦ୍ୱିତୀୟ ନାଟକ ଜନନୀ ଜନ୍ମଭୂମି ଏଇ ଆମ ଗାଁ ମଞ୍ଚସ୍ଥ ହୋଇଥିଲା । ଆଧୁନିକ ସଭ୍ୟତା ମଧ୍ୟରେ ହଜିଯାଉଥିବା ଗ୍ରାମୀଣ ଜୀବନର ଲାଳିତ୍ୟ ଓ ଗାଁର ଅପୂର୍ବ ମହକକୁ ଖୋଜିବାକୁ ନେଇ ନାଟକଟି ଗତିଶୀଳ ହୋଇଛି । ଭାସ୍କର ମହାପାତ୍ର ନାଟକକୁ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି । ଏହା ମଧୁସୂଦନ ଶିକ୍ଷା ନିବାସ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ହୋଇଥିଲା । ଶେଷରେ ତୃତୀୟ ଲଘୁ ନାଟକ କଳିଯୁଗରେ ପରିବର୍ତ୍ତନ ମଞ୍ଚସ୍ଥ ହୋଇଥିଲା । ନାଟକଟି ହିଂସା, ଦ୍ୱେଷ, ଘୃଣା ପରିବର୍ତ୍ତେ ଶାନ୍ତି ସୌହାର୍ଦ୍ଦ୍ୟ ଭାବନାକୁ ଜାଗ୍ରତ କରାଇବା ଉପରେ ଆଧାରିତ ଥିଲା । ନାଟକକୁ ରଚନା କରିଥିଲେ ଶାଶ୍ୱତ ପଣ୍ଡା ଓ ନିର୍ଦ୍ଦେଶନା ଦେଇଥିଲେ ସନ୍ଧ୍ୟା ତାରା ମହାପାତ୍ର । ସେହିପରି ପ୍ରଥମ ସନ୍ଧ୍ୟାରେ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ 'ମଧୁର ବିଶ୍ୱାସ' ଓ ସେଣ୍ଟ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା 'ଭୁଲ କାହାର ମଞ୍ଚସ୍ଥ ହୋଇଥିଲା ।


OFFICE OF THE
**PR. CHIEF COMMISSIONER OF INCOME TAX, ODISHA, BHUBANESWAR**
Aayakar Bhawan, Rajaswa Vihar, Bhubaneswar, PIN - 751007

**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The Office of the Pr. Chief Commissioner of Income Tax, Bhubaneswar invites applications from eligible advocates for empanelment as Special Public Prosecutors (SPP) to represent the Department before the Courts of Session and its subordinate Courts in terms of CBDT Instruction No. 02/2023 Dated: 30.11.2023 issued in F. No. 279/Misc./M-77/2011-ITJ.

2. The proforma of application, eligibility criteria and other terms & conditions for empanelment as SPP may be obtained from the O/o. the Pr. Chief Commissioner of Income Tax, Aayakar Sahayata Kendra, Ground Floor, Aayakar Bhawan, Rajaswa Vihar, Bhubaneswar - 751007 from 15.01.2024 to 31.01.2024 during office hours only or may be downloaded from the official website of the Department i.e. **www.incometaxindia.gov.in**.
3. The advocates desirous of and eligible for the post may send their completed applications in the prescribed proforma only through Speed Post/Registered Post to the following address:
**The Pr. Chief Commissioner of Income Tax, Aayakar Bhawan, Rajaswa Vihar, Bhubaneswar - 751007; or through E-mail to: bhubaneswar.pccit@incometax.gov.in**
4. Canvassing in any form shall constitute a disqualification.
5. All the existing Special Public Prosecutors empanelled in the Income Tax Department, Odisha region will have to apply afresh in respnse to this advertisement.
6. The applications received earlier to this advertisement or received after the last date are liable to be rejected.
7. Applications received through any mode other than Speed Post/Registered Post/E-mail shall also be summarily rejected.
8. Applications submitted in a format other than the prescribed proforma or having deficiencies in any respect are also be rejected.
9. The last date for receipt of application is **05.02.2024**.

**Sd./- Dy. Commissioner of Income Tax (Hqrs.) (Admn. & Vig.)
O/o. the Pr. Chief Commissioner of Income Tax, Odisha, Bhubaneswar**

# ୫ ଅଭିଯୁକ୍ତ ଖଡ଼ିଆଳରୁ ଗିରଫ

ବେଲପଡ଼ା, ୧୫।୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଥାନା ନୁନୁହାଡ ଅଞ୍ଚଳରେ ଗତ ୧୧ତାରିଖ ରାତିରେ ସାମଗ୍ରୀ ବୋଝେଇ ଏକ ଭ୍ୟାନକୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୁଟି ନେଇଥିଲେ। ଏହି ଘଟଣାରେ ୫ଜଣଙ୍କୁ ବେଲପଡା ଥାନା ପୋଲିସ ଖଡିଆଳରୁ ଗିରଫ କରିଛି। ସେମାନେ ହେଲେ ଖରିଆରର ପିଣ୍ଟୁ ଝା(୨୦), ପ୍ରଶାନ୍ତ କୁମ୍ଭାର(୧୯), କରନ ବାଗ (୨୩), ସୁମନ ଶବର (୧୮) ଓ କଣ୍ଟାବାଞ୍ଜିର ରାହୁଲ ପରାଭୁଏ (୨୨)। ଏମାନଙ୍କ ସହ ଆଉ ୨ଜଣ ନାବାଳକଙ୍କୁ ପୋଲିସ ଧରିଛି। ଅଭିଯୁକ୍ତମାନଙ୍କଠାରୁ ଚୋରି ଭ୍ୟାନ, ଗୋଟିଏ ପସ୍ତଲ, ଅପରାଧୀମାନଙ୍କ ୫ଟି ମୋବାଇଲ, ଅନଲାଇନରେ ମଗାଯାଇଥିବା ୫ଟି ନୂଆ ମୋବାଇଲ, କିଛି କପଡ଼ା,ହେଡ ଫୋନ, ବ୍ଲୁଟୁଥ, ହେଡ ସେଟ, ଏୟାର ବ୍ୟାଗ ଆଦି ଜବତ କରାଯାଇଛି। ବେଲପଡା ଥାନାରେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା ସୋମବାର ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ସୂଚନା ଅନୁସାରେ ଗତ ୧୧ତାରିଖ ବେଲପଡା ବ୍ଲକ ନୁନହାଡ ଗାଁରୁ ୩୦୦ ମିଟର ଦୂରରେ ଇକମ ସାର୍ଭିସର ଅନଲାଇନ ସାମଗ୍ରୀ ବୋଝେଇ କରି ନେଉଥିବା ଏକ ଭ୍ୟାନକୁ ଦୁର୍ବୃତ୍ତ ଅଟକାଇଥିଲେ। ଡ୍ରାଇଭରଙ୍କୁ ମାରପିଟ କରିବା ସହିତ ସାମଗ୍ରୀ ବୋଝେଇ ଭ୍ୟାନକୁ ନେଇ ଚାଲିଯାଇଥିଲେ। ଏ ନେଇ ଇକମ ସର୍ଭିସ କର୍ମଚାରୀ ଭବାନୀପାଟଣାର ସୁମିତ ପ୍ରଧାନ ବେଲପଡା ଥାନାରେ ୧୨ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବେଲପଡା ଥାନା ଆଇଆଇସି ସୁଶାନ୍ତ କୁମାର ଦାସ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ବଲାଙ୍ଗୀର ସାଇବର ସେଲର ସହଯୋଗ କ୍ରମେ ପୋଲିସ ଟିମ୍ ଖଡ଼ିଆଳରୁ ଅଭିଯୁକ୍ତମାନଙ୍କୁ ୧୪ତାରିଖ ରାତିରେ କାବୁ କରିଥିଲେ। ପଚରାଉଚରା କରିବା ସମୟରେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ କରନ ବାଗ ଓ ରାହୁଲ ପରାଭୁଏ ବେଲପଡା ବ୍ଲକ ସିହିନୀ ଗ୍ରାମକୁ ଡକାୟତି କରିବାକୁ ଆସିଥିଲେ। କିନ୍ତୁ ସେ ଘଟଣାକୁ କାର୍ଯ୍ୟରୂପ ନଦେଇ ନୁନହାଡ ପାଖରେ ଭ୍ୟାନ ଲୁଟ୍ କରିବା ପାଇଁ ଯୋଜନା କରିଥିଲେ। ଏହି ବାବଦରେ ଅନ୍ୟ ସାଥିଙ୍କୁ ଯୋଗାଯୋଗ କରିବାକୁ ନୁନହାଡ ଆସିଥିଲେ। ରାତିରେ ଭ୍ୟାନଲୁଟ୍ କରିଥିଲେ। ଅନ୍ୟପକ୍ଷେ ଅଭିଯୋଗକାରୀ ସୁମିତ ପ୍ରଧାନଙ୍କ କହିବା ଅନୁଯାୟୀ ଗାଡ଼ିରେ ୭ରୁ ୮ଲକ୍ଷ ଟଙ୍କାର ସାମଗ୍ରୀ ଥିଲା। କିନ୍ତୁ ଏଯାବତ୍ ସମ୍ପୂର୍ଣ୍ଣ ସାମଗ୍ରୀ ଜବତ ହୋଇପାରିନାହିଁ।

**ବନ୍ଧୁକ ଦେଖାଇ ସାମଗ୍ରୀ ସହ ଭ୍ୟାନ ଲୁଟ୍ ଘଟଣା**

- ଅଭିଯୁକ୍ତଙ୍କ ସହ ଧରା ପଡ଼ିଛନ୍ତି ୨ନାବାଳକ
- ପିସ୍ତଲ, ୧୦ ମୋବାଇଲ, ଲୁଟ୍ ସାମଗ୍ରୀ ଜବତ

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

ଲୋଇସିଂହା,୧୫।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ୧୮ ଲିଟର ରନ୍ଧା ମଦ ଜବତ କରିବା ସହ ଜଣଙ୍କୁ ସୋମବାର ଗିରଫ କରିଛି । ଅଭିଯୁକ୍ତ ଉଢବାହାଲ ଗୌରପାଲି ଅଞ୍ଚଳର ସୁବ୍ରତ ଦୋରା(୨୭) । ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହଜାତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି ।

### ମକର ସଂକ୍ରାନ୍ତିରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ, ୧୫।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପବିତ୍ର ପୁଣ୍ୟକ୍ଷେତ୍ର ହରିଶଙ୍କରଠାରେ ମକର ସଂକ୍ରାନ୍ତିରେ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସକାଳୁ ଶ୍ରଦ୍ଧାଳୁମାନେ ପାପନାଶିନି ଝରଣାରେ ବୁଡ଼ ପକାଇ ହରିଶଙ୍କର ଠାକୁରଙ୍କ ଦର୍ଶନ କରିଥିଲେ। ମନ୍ଦିରରେ ସ୍ୱତନ୍ତ୍ର ମକର ଭୋଗ ଲାଗି ହୋଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।

### ସୁନାଦେଇ ପାହାଡ଼ ମକର ମହୋତ୍ସବ

ମୁରିବାହାଲ, ୧୫।୧(ଶ୍ରୀବତ୍ସ ବେହେରା )

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ସୁନାଦେଇ ପାହାଡ(ବାରପାଲି ହଳଦୀ)ରେ ଚାଲିଥିବା ପ୍ରଥମ ମକର ମହୋତ୍ସବ ତଥା ଅଷ୍ଟ ପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧିବାସ ଦିନ ଯମୁନା ମହାଦେବ ବନ୍ଧରୁ ଶ୍ରଦ୍ଧାଳୁମାନେ ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ମୁରିବାହାଲ ମଠାଧୀଶ ସାଧୁ ସୁଶିଲ ଦାସଙ୍କ ନେତୃତ୍ୱରେ ମହିମାଧର୍ମାବଲମ୍ବୀ ସାଧୁ ସନ୍ୟାସୀମାନଙ୍କ ଦ୍ୱାରା ରାତିସାରା ବ୍ରହ୍ମଧୁନି ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅଷ୍ଟ ପ୍ରହର ନାମଯଜ୍ଞରେ କର୍ତ୍ତାଭାବେ ରମେଶଚନ୍ଦ୍ର ଭୋଇ ଓ ତାଙ୍କ ଧର୍ମପତ୍ନୀ ପଙ୍କଜିନି ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ। ମକର ମହୋତ୍ସବକୁ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବରେ ନିମନ୍ତ୍ରିତ ଅତିଥିଭାବେ ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ବରିଷ୍ଠ ଭାଜପା ନେତା ଲକ୍ଷ୍ମଣ ବାଗ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ପୂର୍ବତର୍ନ ବିଧାୟକ ଆୟୁବ ଖାଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ,ଏସଡିସି ଉପାଧ୍ୟକ୍ଷା ନିରୂପମା ମାଝି, ପୂର୍ବ ସେନା କର୍ମଚାରୀ ଧନେଶର ମାଝି, ରାଜ୍ୟ ସଭା ସଦସ୍ୟ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ପତ୍ରାପାଲି(କ)ସମିତି ସଭ୍ୟ ସନ୍ୟାସୀ ପୁଟେଲ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ମକର ମହୋତ୍ସବ କମିଟି ସଭାପତି ନେତ୍ରାନନ୍ଦ ମହାକୁର, ଉପସଭାପତି ରମେଶ ଭୋଇ, ସମ୍ପାଦକ ନିତ୍ୟାନନ୍ଦ ମହାକୁର, ସହ ସମ୍ପାଦକ ଭିକାରୀ ପାତ୍ର, କୋଷାଧ୍ୟକ୍ଷ ଲୋଚନ ମହାକୁର, ଉପକୋଷାଧ୍ୟକ୍ଷ ଗାନ୍ଧିଲାଲ ମହାକୁର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ପ୍ରଥମ ମକର ମହୋତ୍ସବ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

# ଭାଜପାର କାନ୍ଥ ଲିଖନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଦେବଗଡ଼,୧୫।୧(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଇଠାରେ ଭାଜପା ପକ୍ଷରୁ କାନ୍ଥ ଲିଖନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରଙ୍ଗ ତୂଳି ଧରି କାନ୍ଥରେ ପଦ୍ମ ଫୁଲ ଆଙ୍କିବା ସହ ଆଶା ଭରସାର ଚିହ୍ନ ପଦ୍ମ ବୋଲି କହିଛନ୍ତି। ମୋଦିଙ୍କ ଚିହ୍ନ ପଦ୍ମ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦେଶର ଗରିବ, ମହିଳା, ଚାଷୀ, ଯୁବକ, ଜନଜାତି ତଥା ପଛୁଆବର୍ଗଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇଛନ୍ତି। ମୋଦି ସରକାରଙ୍କ କଲ୍ୟାଣକାରୀ କାର୍ଯ୍ୟକୁ ନେଇ ଆମ ଦଳ ରାଜ୍ୟରେ ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନରେ ଲୋକମାନଙ୍କ ଅଧିକ ଆସ୍ଥାଭାଜନ ହେବା ପାଇଁ ଅଭିଯାନ ଆରମ୍ଭ କରିଛି ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

# ଘର ଭାଙ୍ଗିଲା ଦନ୍ତା

ଦେବଗଡ଼,୧୫।୧(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ବନଖଣ୍ଡ ବାରକୋଟ ବନାଞ୍ଚଳ ଅନ୍ତର୍ଗତ ଜୟପିଛୁଳା ଗ୍ରାମରେ ରବିବାର ରାତିରେ ଏକ ଦନ୍ତା ପଶି ବ୍ୟାପକ କ୍ଷୟକ୍ଷତି କରିଛି। ଏହି ଗ୍ରାମର ଜଗନ୍ନାଥ ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଦେଇଛି। ଏଥିସହ ଘରର ବହୁ ଆସବାବ ପତ୍ର ମାଡି ଦଳି ନଷ୍ଟ କରି ଦେଇଛି। ସୂଚନା ପାଇ ବନବିଭାଗ କର୍ମଚାରୀ ସୋମବାର ସକାଳେ ସେଠାରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ।

# ମକରଧ୍ୱଜ ଶୃଙ୍ଗରେ ଉଡ଼ିଲା ମାନସିକ ଧ୍ୱଜା

ଦେବଗଡ଼,୧୫।୧(ଶଶାଙ୍କ ଶେଖର ଝାଙ୍କର)

ପବିତ୍ର ମକର ସଂକ୍ରାନ୍ତି ପର୍ବ ଉପଲକ୍ଷେ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ଥିବା ମକର ଧ୍ୱଜ ଶୃଙ୍ଗରେ ମକର ଉତ୍ସବ ପାଳିତ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ମକର ଧ୍ୱଜ ଗିରି ଶୃଙ୍ଗ ଲୋକାରଣ୍ୟ ହୋଇଉଠିଥିଲା। ଶ୍ରଦ୍ଧାଳୁମାନେ ପାହାଡ ପାଦ ଦେଶରୁ ପାୟ ୪ କି.ମି. ଉପରେ ପର୍ବତାରୋହଣ କରି ମକର ଧ୍ୱଜ ଗିରିଶୃଙ୍ଗରେ ପହଞ୍ଚି ପୂଜାର୍ଚ୍ଚନା ପରେ ଉକ୍ତ ପର୍ବତରେ ମାନସିକ ଧାରୀମାନେ ଧ୍ୱଜା ବାନ୍ଧି ଥିଲେ। ଏହି ମକର ଧ୍ୱଜ ପୂଜା ବହୁ ପୁରାତନ ହୋଇଥିଲେ ମଧ୍ୟ ଗତ କିଛି ବର୍ଷ ହେବ ଏହା ଦେବଗଡ଼ ଜିଲାରେ ଏକ ନୂତନ ପରମ୍ପରା ଭାବେ ଦେଖାଦେଇଛି। ଶ୍ରଦ୍ଧାଳୁମାନେ ନୂତନ ବସ୍ତ୍ର ପରିଧାନ କରି ଘରେ ପିଠା ପଣା ଖାଇ ମକର ଧ୍ୱଜ ଯାତ୍ରା ନିମନ୍ତେ ପର୍ବତାରୋହଣ କରିଥିଲେ। ପୂଜକ ସୁଦୀପ୍ତ ବେହେରା ଭୋରରୁ ପର୍ବତ ଶିଖରରେ ଗିରି ଚୂଡାକୁ ଯାଇ ଶିବପାର୍ବତୀଙ୍କ ପୂଜାର୍ଚ୍ଚନା କରିବା ପରେ ଭକ୍ତମାନେ ଦର୍ଶନ କରିଥିଲେ। ପର୍ବତ ଶିଖରରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ଥାନୀୟ ମକର ଧ୍ୱଜ ବାବା କମିଟି ପକ୍ଷରୁ ଅନ୍ନ ପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। କମିଟି ସଭାପତି ଅତିଲ ଖଡ଼ିଆ, ସମ୍ପାଦକ ସୁମନ୍ତ ସଂଖାରି, ରୀଙ୍କୁ କେରକେଟା ପ୍ରମୁଖ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ପାହାଡ ଉପରୁ ପୂଜକ ଆଜ୍ଞାମାଳ ନେଇ ଆସିବା ପରେ ଭଜନ କୀର୍ତ୍ତନ ସହ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ତଅଁଳା ସାହିର ଶଙ୍କର ମଧୁସୂଦନ କ୍ଲବ ପକ୍ଷରୁ ଶିବଶଙ୍କରଙ୍କ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜାର ସଭାପତି ସୁଶାନ୍ତ ବେହେରା ଓ ସଂପାଦକ ପ୍ରଶାନ୍ତ ବେହେରା ତଥା ଗୋଲବଦନ ବେହେରା, ଶଙ୍କର ବେହେରା, ଗଙ୍ଗା ବେହେରା ପ୍ରମୁଖ ସଭ୍ୟ ଦାୟିତ୍ୱ ତୁଲାଇ ଥିଲେ।



ମାନସିକଧାରୀ ଶୃଙ୍ଗରେ ଧ୍ୱଜା ଉଡାଉଛନ୍ତି।

# ପୁଷ୍ୟାଭିଷେକ ମହୋତ୍ସବ ପାଇଁ ଚୂଡାନ୍ତ ବୈଠକ

ଦେଓଗାଁ, ୧୫।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ କୁଲିଆବାହାଲରେ ଚଳିତ ମାସ ୨୩ରୁ ୨୫ତାରିଖ ଯାଏ ଅନୁଷ୍ଠିତ ହେବାକୁ ଥିବା ପୁଷ୍ୟାଭିଷେକ ମହୋତ୍ସବ ପାଇଁ ସୋମବାର ଅପରାହ୍ନରେ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହୋତ୍ସବ ଓ ଶ୍ରୀରାମ ରଥଯାତ୍ରା ତଥା ସୁନ୍ଦରାକାଣ୍ଡ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଆଲୋଚନା କରାଯାଇଥିଲା। ୨୩ତାରିଖରେ କଳସ ଶୋଭାଯାତ୍ରା, ୨୪ରେ ପାରାୟଣ ଆରମ୍ଭ, ୨୫ରେ ଶ୍ରୀରାମ ରାଜ୍ୟାଭିଷେକ ଓ ବିଜୟରଥ ପରିକ୍ରମା ଅନୁଷ୍ଠିତ ହେବ। ଏହାସହ ପ୍ରତ୍ୟେକ ଦିନ ସାଂସ୍କୃତିକ ଦଳ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଆଞ୍ଚଳିକ କଳାକାରମାନେ ମଧ୍ୟ ନିଜକଳା ପ୍ରଦର୍ଶନ କରିବେ। ମହିଳାମାନଙ୍କ ଦ୍ୱାରା ଛୋଟି ପ୍ରତିଯୋଗୀତା ହେବା ସ୍ଥିରୀକୃତ ହୋଇଛି । କାର୍ଯ୍ୟକ୍ରମରେ ବ୍ୟାସଭାବେ ପ୍ରଶାନ୍ତ କୁମାର ମିଶ୍ର, ପୂଜକ ଭାବେ ପରମେଶ୍ୱର ତ୍ରିପାଠୀ ଦାୟିତ୍ୱ ତୁଲାଇବେ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଛବିଳ ସିଂ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ । କମିଟି ସଭାପତି ସୁଶାନ୍ତ ମନହିରା, ତ୍ରିଲୋଚନ ସିଂ ଚିନ୍ଦା, ହଳଧର ସିଂ ଚିନ୍ଦା, ନରସିଂହ ସିଂ, ପ୍ରମୋଦ ସିଂ ନିନା, ପୃଥ୍ୱୀରାଜ ସିଂ ଚିନ୍ଦା, ଚିନ୍ତାମଣୀ ନାଏକ, ବ୍ରହ୍ମା ଧରୁଆ, ଶିବ ପ୍ରସାଦ ସାହୁ, କୈଳାସ ଚନ୍ଦ୍ର କର୍ତ୍ତି, ସ୍ନିଗ୍ଧା ସିଂ ଚିନ୍ଦା, ମାଧବୀ ଧରୁଆ, ଯଶୋବନ୍ତୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ମନ୍ଦିର ଦର୍ଶନ, ସ୍ୱଚ୍ଛତା ଶ୍ରମଦାନ



ଦେବଗଡ଼,୧୫।୧(ଶଶାଙ୍କ ଶେଖର ଝାଙ୍କର )

ମକର ସଂକ୍ରାନ୍ତି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଦେବଗଡ ସ୍ଥିତ ଗୋପାଳଜୀଉ ମନ୍ଦିରରେ ଠାକୁର ଦର୍ଶନ କରିବାସହ ହାତରେ ଝାଡୁ ଓ ୱାଇପର ଧରି ସ୍ୱଚ୍ଛତା ଶ୍ରମଦାନ କରିଛନ୍ତି। ସକାଳେ ମନ୍ତ୍ରୀ ପ୍ରଧାନ ମନ୍ଦିର ପରିସରକୁ ସଫା କରିବା ସହ ଗୋପାଳଜୀଉଙ୍କ ପୁରାତନ ମନ୍ଦିର ଜିଲାବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ବୋଲି କହିଥିଲେ। ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ହେବାପାଇଁ ଆଉ ମାତ୍ର ୭ ଦିନ ବାକି ଥିବାବେଳେ ୫୦୦ ବର୍ଷର ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି। ଏହି ଅବସରରେ ପ୍ରତ୍ୟେକ ଜନସାଧାରଣ ନିକଟସ୍ଥ ଦେବାଳୟ, ଶକ୍ତିପୀଠ, ଗ୍ରାମ ଦେବତାଙ୍କ ମନ୍ଦିର ତଥା ତୀର୍ଥ ସ୍ଥାନକୁ ସ୍ୱଚ୍ଛ ଓ ପବିତ୍ର ରଖିବାକୁ କହିଥିଲେ। ଆସନ୍ତା ୨୨ରେ ଦୀପ ଜାଳି ଦିନକୁ ଦୀପାବଳୀ ଉତ୍ସବ ଭାବେ ପାଳନ କରିବା ପାଇଁ ଆହ୍ୱାନ ଜଣାଇଥିଲେ ଧର୍ମେନ୍ଦ୍ର ପ୍ରଧାନ।

**PUBLIC NOTICE**

Notice is hereby given to all concerned that, Smt. Salita Nag, W/o. Saroj Kumar Nag, Ro.-Thakurpali, PO-Sargarh, PS- Loisingha, Dist- Balangir has sworn an **affidavit on dt. 19.12.2023** and has reported to **IIC, Loisingha PS. Balangir on dt.26.12.2023** regarding loss of original link **Regd. Sale Deed No. 3022 dt.25.06.1979 of Registering Officer, Loisingha**.

Smt. Salita Nag, W/o. Saroj Kumar Nag has applied to the **LIC HOUSING FINANCE LTD. Sambalpur** to avail loan on the above property by mortgaging the said property documents.

All concerned therefore, having any claim over the property purchased under the said document **Regd. Sale Deed No. 3022 dt.25.06.1979 of Registering Officer, Loisingha** is required to file her claim with the undersigned within 15(Fifteen) days from the date of publication of this notice, failing which it will be presumed that, the property having link with the said document/s is/are free from encumbrances and any claim in respect thereof against the applicant as a mortgager and the company as the mortgagee shall be void and ineffective after the lapse of 15(Fifteen) days of publication of this notice.

Sd./- A.K. Debta, Advocate,
Sambalpur, Dt. 11.01.2024
LIC Housing Finance Ltd, At/Po.- Modipara, PS.-Town, Dist.-Sambalpur, Mobile No.9437158519.

# ପୁଣି ଭାଜପାକୁ ଫେରିଲେ ମୀନକେତନ

ଦେବଗଡ଼,୧୫।୧(ଶଶାଙ୍କ ଶେଖର ଝାଙ୍କର )

ଗତ ଏପ୍ରିଲରେ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ପୂର୍ବତନ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ ବିଜେଡି ଛାଡି ସୋମବାର ପୁଣିଥରେ ଭାଜପାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାରକୋଟ ବ୍ଲକ ସଦର ମହକୁମାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୀନକେତନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ଏହି ସମୟରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ଉପସଭାପତି ଭାରତ ଭୂଷଣ ପ୍ରଧାନ, ରଞ୍ଜିତ ପଟେଲ ଓ ପୂର୍ବତନ ଜିଲା ପରିଷଦ ସଦସ୍ୟା ଫକୀର ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମୀନକେତନ ୨୦୨୩ ଏପ୍ରିଲ ୧୩ରେ ଦଳ ଛାଡି ବିଜେଡି ଦଳରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ। ମାତ୍ର ବିଜେଡି ଦଳରେ ଅନ୍ତଃକନ୍ଦଳ ଯୋଗୁ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି। ମୀନକେତନ ରବିବାର ତାଙ୍କର ଇସ୍ତଫା ପତ୍ର ଜିଲା ବିଜେଡି ସଭାପତିଙ୍କ ଜରିଆରେ ବିଜେଡି ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଥିଲେ। ପୂର୍ବରୁ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ବାସୁପାଲି ଗ୍ରାମର ନିରଞ୍ଜନ ବେହେରା ମଧ୍ୟ ଭାଜପା ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



**OFFICE OF THE PR. CHIEF COMMISSIONER OF INCOME TAX, ODISHA, BHUBANESWAR**

Aayakar Bhawan, Rajaswa Vihar, Bhubaneswar, PIN - 751007

**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The Office of the Pr. Chief Commissioner of Income Tax, Bhubaneswar invites applications from eligible advocates for empanelment as Special Public Prosecutors (SPP) to represent the Department before the Courts of Session and its subordinate Courts in terms of CBDT Instruction No. 02/2023 Dated: 30.11.2023 issued in F. No. 279/Misc./M-77/2011-ITJ.

2. The proforma of application, eligibility criteria and other terms & conditions for empanelment as SPP may be obtained from the O/o. the Pr. Chief Commissioner of Income Tax, Aayakar Sahayata Kendra, Ground Floor, Aayakar Bhawan, Rajaswa Vihar, Bhubaneswar - 751007 from 15.01.2024 to 31.01.2024 during office hours only or may be downloaded from the official website of the Department i.e. **www.incometaxindia.gov.in**.
3. The advocates desirous of and eligible for the post may send their completed applications in the prescribed proforma only through Speed Post/Registered Post to the following address:
   **The Pr. Chief Commissioner of Income Tax, Aayakar Bhawan, Rajaswa Vihar, Bhubaneswar - 751007; or through E-mail to: bhubaneswar.pccit@incometax.gov.in**
4. Canvassing in any form shall constitute a disqualification.
5. All the existing Special Public Prosecutors empanelled in the Income Tax Department, Odisha region will have to apply afresh in respnse to this advertisement.
6. The applications received earlier to this advertisement or received after the last date are liable to be rejected.
7. Applications received through any mode other than Speed Post/Registered Post/E-mail shall also be summarily rejected.
8. Applications submitted in a format other than the prescribed proforma or having deficiencies in any respect are also be rejected.
9. The last date for receipt of application is **05.02.2024**.

**Sd./- Dy. Commissioner of Income Tax (Hqrs.) (Admn. & Vig.)**
**O/o. the Pr. Chief Commissioner of Income Tax, Odisha, Bhubaneswar**

# ବଲାଙ୍ଗୀରକୁ ପରାସ୍ତ କରି ସମ୍ବଲପୁର ଚାମ୍ପିୟନ

ଦେବଗଡ଼,୧୫।୧(ଶଶାଙ୍କ ଶେଖର ଝାଙ୍କର )

ରିଆମାଳ ବ୍ଲକ କଣ୍ଟାବାହାଳ ପଞ୍ଚାୟତ ସଦର ମହକୁମାରେ ରାଧାକୃଷ୍ଣ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ୨୦ତମ ରାଜ୍ୟ ସ୍ତରୀୟ ରାଧାକୃଷ୍ଣ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଲାଙ୍ଗିରର ବିସିଏକୁ ୯ ଉଇକେଟରେ ପରାସ୍ତ କରି ସମ୍ବଲପୁରର ଏମ୍‌ଏମ୍‌ସି ଚାମ୍ପିୟନ ହୋଇଛି। ବଲାଙ୍ଗିରର ବିସିଏ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାସହ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିବାସହ ସମ୍ବଲପୁର ଏମ୍‌ଏମ୍‌ସି ଆଗରେ ୧୪୭ ରନର ଲକ୍ଷ୍ୟ ଦେଇଥିଲା। ଏହାର ଜବାବରେ ସମ୍ବଲପୁର ଏମ୍‌ଏମ୍‌ସି ବ୍ୟାଟିଂ ଆରମ୍ଭ କରି ୧୨.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ଆବଶ୍ୟକ ଲକ୍ଷ୍ୟ ପୂରଣ କରିବାସହ୯ ଓଇକେଟରେ ବିଜୟୀ ହୋଇଥିଲା। ମ୍ୟାଚକୁ ଓଡିଶା କ୍ରିକେଟ ଆସୋସିଏଶନ ଦ୍ୱାରା ସ୍ୱିକୃତୀ ପ୍ରାପ୍ତ ଅମ୍ପାୟାର କେ. ଇନ୍ଦ୍ରଜିତ ପ୍ରସାଦ ଓ ଦେବାଶିଷ ଗୁପ୍ତା ପରିଚାଳନା କରିଥିଲେ। ଅନୀଲ କୁମାର ନାୟକ ଓ ଅମୀୟ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ ପ୍ରଧାନ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ ରାଧାକୃଷ୍ଣ କ୍ରିକେଟ କ୍ଲବ ସଭାପତି ବିକାଶ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଚାମ୍ପିୟନ ସମ୍ବଲପୁରର ଏମ୍‌ଏମ୍‌ସିକୁ ଟ୍ରଫୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଓ ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଯୋଗଦେଇ ରନର୍ସ ଅପ୍ ବଲାଙ୍ଗୀର ବିସିଏକୁ ଟ୍ରଫି ପ୍ରଦାନ କରିଥିବା ବେଳେ ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ ବଲାଙ୍ଗୀର ବିସିଏର ଖେଳାଳି ରାହୁଲ ଟପ୍ପୋଙ୍କୁ ମ୍ୟାନ ଅଫ୍ ଦ ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ସରପଞ୍ଚ ସଂଘ ସଭାପତି ତଥା ଓଡିଶା ସରପଞ୍ଚ ମହାସଂଘର ମୁଖ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ପାଣି, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ଜିଲା ବିଜେଡି ସଭାପତି ଇଂ.ଚିତରଞ୍ଜନ ପ୍ରଧାନ,ଗୋବର୍ଦ୍ଧନ ପ୍ରଧାନ, ନିର୍ମଳ କୁମାର ଦାସ, ମୁନସୁନ କୁମାର ସାହୁ, କୁବେର କୁମାର ପ୍ରଧାନ, ଶରତ ଚନ୍ଦ୍ର ପ୍ରଧାନ, ସୁକାନ୍ତ କୁମାର ପ୍ରଧାନ ଓ ରୌପ୍ୟ ନାରାୟଣ ଗଡନାୟକ ଯୋଗଦେଇଥିଲେ। ଶେଷରେ ରାଧାକୃଷ୍ଣ କ୍ରିକେଟ କ୍ଲବର ସମ୍ପାଦକ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

- ରାଧାକୃଷ୍ଣ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ଗିଜର ବ୍ୟବହାର କରୁଥିଲେ..



**ବର୍ତ୍ତମାନ ଥଣ୍ଡାପାଗ ହୋଇଥିବାରୁ ଉଷୁମପାଣିରେ ଗାଧେଇବା ପାଇଁ ଅନେକେ ବାଥ୍‌ରୁମ୍‌ରେ ଗିଜର ବ୍ୟବହାର କରୁଛନ୍ତି। ହେଲେ ଆପଣ ଜାଣନ୍ତି କି ଏହାକୁ ବ୍ୟବହାର କରିବା ସମୟରେ କେବେ କେବେ ବିଭିନ୍ନ ଦୁର୍ଘଟଣା ଏମିତିକି ଜୀବନହାନି ହେବା ଆଶଙ୍କା ରହିଛି। ତେଣୁ ଏହାକୁ ବ୍ୟବହାର କରିବା ବେଳେ ସୁରକ୍ଷା ଦୃଷ୍ଟିରୁ କେଉଁ ସବୁ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ ଜାଣିରଖନ୍ତୁ ...**

■ ଅଧିକ ସମୟ ଗିଜର ଅନ୍ ରଖନ୍ତୁ ନାହିଁ। ନ ହେଲେ ଫାଟିଯିବାର ଆଶଙ୍କା ରହିଛି।

■ ଗିଜର ଅନ୍ ରଖି ଗାଧାନ୍ତୁ ନାହିଁ। କାରଣ କେବେ କେବେ ଲିକେଜ୍ ହେବା ଯୋଗୁ କରେଣ୍ଟ ଲାଗି ପ୍ରାଣହାନି ହେବାର ନଜିର ରହିଛି। ତେଣୁ ଗାଧୋଇବାର କିଛି ସମୟ ପୂର୍ବରୁ ଗିଜର ଅନ୍ କରନ୍ତୁ ଏବଂ ଗାଧେଇବା ପୂର୍ବରୁ ସୁଇଚ୍ ଅଫ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ।

■ ବର୍ତ୍ତମାନ ଅଧିକାଂଶ ଗିଜରରେ ଅଟୋମେଟିକ୍ କଟ୍ ଅଫ୍ ଅପ୍ସନ ରହୁଛି। ଏହାଦ୍ୱାରା ପାଣି ଗରମ ହୋଇଗଲେ ଅଟୋମେଟିକ୍ ଅଫ୍ ହୋଇଯାଉଥିବାରୁ ସୁଇଚ୍ ବନ୍ଦ କରିବାରେ ସୁବିଧା ହୋଇଥାଏ। ହେଲେ ପୁରୁଣା ଗିଜରରେ ଏହି ଅପ୍ସନ ନ ଥିବାରୁ କେତେ ଗରମ ହେଲା ଜଣା ପଡ଼େନାହିଁ। ତେଣୁ ଅନ୍ ହେବାର କିଛି ସମୟ ପରେ ସୁଇଚ୍ ଅଫ୍ କରି ଗାଧାନ୍ତୁ।

■ ଅନେକେ ବାଥ୍‌ରୁମ୍‌ରେ ଇଲେକ୍ଟ୍ରିକ ବଦଳରେ ଗ୍ୟାସ୍ ଗିଜର ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଅଧିକ ଗରମ ହୋଇଗଲେ ଫାଟି ଗ୍ୟାସ୍ ଲିକ୍ ହେବା ଆଶଙ୍କା ଥାଏ। କେବଳ ଏତିକି ନୁହେଁ , ଏଥିରୁ ନିର୍ଗତ ହେଉଥିବା ଗ୍ୟାସ୍ ଯୋଗୁ କେବେ କେବେ ଶ୍ୱାସରୁଦ୍ଧ ହୋଇ ମଧ୍ୟ ଜୀବନ ପ୍ରତି ବିପଦ ରହିଛି।

■ ଯଦି ଗ୍ୟାସ୍ ଗିଜର ବ୍ୟବହାର କରୁଛନ୍ତି ତେବେ ବାଥ୍‌ରୁମ୍‌ର ଭେଣ୍ଟିଲେଶନ ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନଦିଅନ୍ତୁ।

# ଶାଲ୍ ଫ୍ୟାଶନ

**ଶୀତଦିନେ କେବଳ ଶୀତରୁ ସୁରକ୍ଷା ପାଇଁ ନୁହେଁ ଶାଲ୍ ବ୍ୟବହାର କରିବା ଏବେ ଅଧିକାଂଶ ଯୁବତୀ ଓ ମହିଳାଙ୍କ ପାଇଁ ଫ୍ୟାଶନ ପାଲଟିଛି। ଯଦି ଆପଣ ବି ଶାଲ୍‌କୁ ନିଜ ଫ୍ୟାଶନରେ ସାମିଲ କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ ଟିପ୍ସ...**



▶▶କଶ୍ମୀରୀ ଶାଲ୍‌ର ବର୍ଡର ହିଁ ତାକୁ ଆଟ୍ରାକ୍ଟିଭ୍ କରିଥାଏ। ଏହାକୁ ଯେକୌଣସି ଏଥ୍‌ନିକ୍ ଡ୍ରେସ୍ ସହ ଟିମ୍‌ଅପ୍ କରିପାରିବେ। ଖାସ୍‌କରି ଶାଢ଼ି ସହ କ୍ୟାରି କରନ୍ତୁ, କ୍ଲାସିକ୍ ଲୁକ୍ ପାଇବେ।

▶▶ବୁଲିବାକୁ ଯାଉଥିଲେ ଫ୍ଲୋରାଲ୍ ଶାଲ୍ କ୍ୟାରି କରନ୍ତୁ। ବ୍ରାଇଟ୍ କଲର ଏବଂ ଫ୍ଲୋରାଲ୍ ପ୍ରିଣ୍ଟ ଥିବା ଏହି ଶାଲ୍‌କୁ ଜିନ୍ସ କିମ୍ବା କୁର୍ତ୍ତି ସହ ଟିମ୍‌ଅପ୍ କରି ପିନ୍ଧିପାରିବେ। ଏହା ଦେଖିବାକୁ କଲର୍‌ଫୁଲ୍ ହୋଇଥିବାରୁ ଏଥିରେ ଫଟୋଶୁଟ୍ କଲେ ସୁନ୍ଦର ଲାଗିବେ।

▶▶ପଶ୍ମିନା ଶାଲ୍ ଦେଖିବାକୁ ବହୁତ ସୁନ୍ଦର। ଏଥିରେ ହୋଇଥିବା ଫ୍ଲୋରାଲ୍ ଆର୍ଟ ଯୋଗୁ ଶାଲ୍‌ଟି ଆକର୍ଷଣୀୟ ଦେଖାଯାଏ। ଏହି ଶାଲ୍‌ର ବିଭିନ୍ନ ଭେରାଇଟି ଓ ଡିଜାଇନ୍ ମାର୍କେଟ୍‌ରେ ଉପଲବ୍ଧ। ଶାଲ୍‌ଓ୍ୱାର୍ ସୁଟ୍‌ରେ ଏହି ଶାଲ୍‌କୁ କ୍ୟାରି କରିପାରିବେ।

▶▶ଷ୍ଟ୍ରିପ୍ ଡିଜାଇନ ଶାଲ୍‌ର ଅନେକ ଭେରାଇଟି ଏବେ ମାର୍କେଟ୍‌ରେ ଉପଲବ୍ଧ। ଏହି ଶାଲ୍‌କୁ ଜିନ୍ସ ସହ କ୍ୟାରି କରନ୍ତୁ ଷ୍ଟାଇଲିଶ୍ ଦେଖାଯିବେ।

▶▶ଶାଲ୍‌ରେ ବେଲ୍ଟ ବ୍ୟବହାର କରି ଡିଫରେଣ୍ଟ ଲୁକ୍ ପାଇପାରିବେ। ଯେକୌଣସି ଓ୍ୱେଷ୍ଟର୍ନ କିମ୍ବା ଟ୍ରାଡିଶନାଲ୍ ଡ୍ରେସ୍‌ରେ ଶାଲ୍‌କୁ କହୁଣି ଯାଏଁ ରଖି ନିଜ ବେଲ୍ଟ ବାନ୍ଧି ନିଅନ୍ତୁ, ଦେଖିବେ ଟ୍ରେଣ୍ଡି ଲାଗିବେ।

▶▶ଶାଲ୍‌କୁ ଆପଣ ସ୍ରଗ୍ ଭାବରେ ମଧ୍ୟ ବ୍ୟବହାର କରିପାରିବେ। ସ୍ରଗ୍ ପିନ୍ଧିବା ଷ୍ଟାଇଲ୍ ଯାହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ତେଣୁ ଏହାକୁ ଟ୍ରାଏକରି ଆପଣ ଷ୍ଟାଇଲିଶ୍ ଦେଖାଯିବେ।

# ସଂକଳ୍ପ ନିଜ ପାଇଁ

ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଭିତରେ ଅଧିକାଂଶ ମହିଳା ନିଜ ଯତ୍ନ ନେବାକୁ ଭୁଲିଯାଆନ୍ତି। ଫଳରେ ସେମାନଙ୍କୁ ଅଳ୍ପ ବୟସରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସେଥିରୁ ଦୂରେଇ ରହି ଏକ ସୁସ୍ଥ ଜୀବନ ଜିଇଁବା ଲାଗି ଜୀବନଶୈଳୀରେ ପରିବର୍ତ୍ତନ କରିବା ସହ କେତେକ କଥା ପ୍ରତି ଦୃଷ୍ଟିଦେବା ନିହାତି ଆବଶ୍ୟକ...



**ପରିବାରର ସମସ୍ତ ଦାୟିତ୍ୱ ଥାଏ ନାରୀ ହାତରେ। ଆଉ ପୁଣି କେବେ ଘର ସହ ବି ତୁଲେଇବାକୁ ହୁଏ ଅଫିସ୍ କାମ। ଏମିତିରେ ସେ ଭୁଲିଯାଏ ନେବାକୁ ନିଜର ଯତ୍ନ, ଯେଉଁଥିପାଇଁ ଅଳ୍ପ ବୟସରେ ଆରମ୍ଭ ହୋଇଯାଏ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା। ତେଣୁ ଏସବୁଠାରୁ ଦୂରେଇ ରହିବା ଲାଗି ଲୋଡ଼ା ଦୃଢ଼ ସଂକଳ୍ପ– ନିଜ ପାଇଁ କିଛି ସମୟ...**

**ହେଲ୍‌ଦି ବ୍ରେକ୍‌ଫାଷ୍ଟ:** ଘର ହେଉ କିମ୍ବା ଏହା ସହ ଜବ୍ ଆଦି କାର୍ଯ୍ୟବ୍ୟସ୍ତତା ଭିତରେ ସକାଳ ଜଳଖିଆ ନ ଖାଇବା ଅନେକ ମହିଳାଙ୍କଠାରେ ଏକ ବଦଭ୍ୟାସରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ହେଲେ ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ଦୀର୍ଘସମୟ ପେଟ ଖାଲି ରହି ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। ତା'ଛଡ଼ା ପେଟ ଖାଲିଥିବାରୁ ପରବର୍ତ୍ତୀ ସମୟରେ ଆବଶ୍ୟକଠାରୁ ଅଧିକ ଖାଦ୍ୟ ଖାଇ ହୋଇଯିବା କାରଣରୁ ମେଦବହୁଳତା ଦେଖାଦେଇଥାଏ। ଆମେରିକାନ୍ ମେଡିକାଲ ଆସୋସିଏଶନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ରକ୍ତଚାପ, ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ୨୭% ବୃଦ୍ଧି କରିଥାଏ। ତେଣୁ ପ୍ରତିଦିନ ସକାଳ ସମୟରେ ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଆଦି ବଦଳରେ ଭଲ ଜଳଖିଆ ଖାଇବା ନିହାତି ଆବଶ୍ୟକ। ପ୍ରତିଦିନ ଏପରି ଖାଦ୍ୟାଭ୍ୟାସ ଶରୀରକୁ ଶକ୍ତି ଯୋଗାଇଥାଏ। ଏହାଦ୍ୱାରା ସାରା ଦିନ ଆକ୍ଟିଭ୍, ଏନର୍ଜେଟିକ୍ ଏବଂ ଫ୍ରେଶ୍ ଲାଗିଥାଏ।

**ଯୋଗ, ବ୍ୟାୟାମ:** ବର୍ତ୍ତମାନ ଅନେକ ମହିଳାଙ୍କଠାରେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ମେଦବହୁଳତା ସାଙ୍ଗକୁ ଶାରୀରିକ ପରିଶ୍ରମର ଅଭାବ। ଏହା ଦୂରକରିବା ଲାଗି ପ୍ରତିଦିନ ଏକ୍ସରସାଇଜ୍ କରିବା ନିହାତି ଆବଶ୍ୟକ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ଏବଂ ସୁସ୍ଥ ରଖିଥାଏ। ସମସ୍ତ କାମ ବାଦ୍ ନିଜ ପାଇଁ କିଛି ସମୟ ବାହାର କରନ୍ତୁ। ଆରମ୍ଭ ଦିନଗୁଡ଼ିକରେ ଛାତ ଉପରେ କିମ୍ବା ନିକଟସ୍ଥ ପାର୍କ, ରାସ୍ତାକଡ଼ ଅବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲନ୍ତୁ। ମର୍ନିଂ ୱାକ୍ କରିବା ଦ୍ୱାରା ମହିଳାମାନଙ୍କଠାରେ ଇଷ୍ଟ୍ରୋଜେନ୍ ହର୍ମୋନ୍ କ୍ଷରଣ ଠିକ୍ ଭାବେ ହୋଇଥାଏ। ଏହାଦ୍ୱାରା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଏହା ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ମାଂସପେଶୀ ଏବଂ ହାଡ଼ ମଜଭୁତ ରଖେ। ମାସିକ ଋତୁସ୍ରାବ ଠିକ୍ ଭାବେ ହେବା ସହ ପ୍ରଜନନ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ। ପ୍ରତିଦିନ କିଛି ସମୟ ଏକ୍ସରସାଇଜ୍ କଲେ ଡୋପାମାଇନ୍ ହର୍ମୋନ୍ କ୍ଷରଣ ହୋଇଥାଏ।







## ଏମାନେ କ'ଣ କରନ୍ତି



ଝରଣା

**ଝରଣା ମହାପାତ୍ର**(କର୍ମଜୀବୀ, ବାସୁଦେବପୁର)– ଜଣେ କର୍ମଜୀବୀ ଭାବେ ମୋତେ ଉଭୟ ଘର ଏବଂ ଅଫିସ୍ କାମକୁ ସମାନ ଭାବେ ଗୁରୁତ୍ୱ ଦେବାକୁ ପଡିଥାଏ। କାମ ଭିତରେ ନିଜ ପ୍ରତି ଅବହେଳା ହୋଇଯାଏ। ଖାଇବା, ପିଇବା, ଶୋଇବା ଆଦିର ସମୟ ଠିକ୍ ରହେନାହିଁ। ଫଳରେ ବେଳେ ବେଳେ ଥକା ଲାଗିବା, ଗ୍ୟାସ୍ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦିଏ। ତେଣୁ ଏଥର ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବାକୁ ନୂଆ ବର୍ଷରେ ମନସ୍ଥ କରିଛି। କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ଏହାର ସୁରକ୍ଷା କରିବା ଆମ ଦାୟିତ୍ୱ।



ସୋନାଲି

**ସୋନାଲି ଦାସ**(ଗୃହିଣୀ, ଫୁଲନଖରା, କଟକ)– କର୍ମଜଞ୍ଜାଳ ଭିତରେ ନିଜ ପାଇଁ କିଛି ସମୟ ବାହାର କରିବା ବହୁତ କଷ୍ଟ। ହେଲେ କେବଳ କାମ କରି ନିଜ ସ୍ୱାସ୍ଥ୍ୟକୁ ଅଣଦେଖା କରିବା ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। କାରଣ ଶରୀର ସୁସ୍ଥ ରହିଲେ ହିଁ ଯେକୌଣସି କାର୍ଯ୍ୟ କରିବାକୁ ଆଗ୍ରହ ବଢିବ ଓ ଶକ୍ତି ମିଳିବ। ତେଣୁ ଚଳିତ ବର୍ଷ ଆରମ୍ଭରୁ ସମୟରେ ଖାଇବା, ଶୋଇବା ସହ ଯୋଗ କରିବା ଉପରେ ବିଶେଷ ଧ୍ୟାନ ଦେଉଛି। ଯୋଗ ମୋତେ ନା କେବଳ ଶାରୀରିକ ସ୍ତରରେ ଫିଟ୍ ରଖଛି ବରଂ ମାନସିକ ଶାନ୍ତି ଦେଉଛି।

ଏହି ହର୍‌ମୋନ୍‌କୁ ହାପି ହର୍‌ମୋନ ବୋଲି ମଧ୍ୟ କୁହାଯାଇଥାଏ ; ଯାହା ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ସମସ୍ୟା ଦୂରକରି ମଣିଷକୁ ଖୁସି ରଖିବାରେ ସାହାଯ୍ୟ କରିଥାଏ।

**ଖାଆନ୍ତୁ ସନ୍ତୁଳିତ ଆହାର :** ଅଧିକାଂଶ ମହିଳା ପରିବାରର ସମସ୍ତ ସଦସ୍ୟଙ୍କୁ ଖାଇବାକୁ ଦେବା ପରେ ନିଜେ ଖାଆନ୍ତି। ଏମିତିରେ କେବେ ବିଳମ୍ବ ତ କେବେ ଖାଦ୍ୟ ସରି ମଧ୍ୟ ଯାଇଥାଏ। ତେଣୁ ଏପରି ନ କରି ଠିକ୍ ସମୟରେ ଖାଆନ୍ତୁ। ସର୍ବଦା ପେଟ ପୂରା ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ବିଶେଷ କରି ତଟକା ପନିପରିବା ଜାତୀୟ ଖାଦ୍ୟ ଅଧିକ ଖାଆନ୍ତୁ। ବାହାରକୁ ଯିବା ବେଳେ ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍ ଆଦି ଯଥା ସମ୍ଭବ କମ୍ ଖାଆନ୍ତୁ।

**ରୁହନ୍ତୁ ଟେନ୍‌ସନ ଫ୍ରି:** ଅନେକ ମହିଳା ବିଭିନ୍ନ କଥାକୁ ନେଇ ହେଉ କିମ୍ବା କେହି କେହି ପାରିବାରିକ ପରିସ୍ଥିତି, ସ୍ୱାମୀଙ୍କ ସହ ଝଗଡ଼ା, ଆର୍ଥିକ ପରିସ୍ଥିତି ଚାପ ଆଦି ଭଳି ଅନେକ କାରଣକୁ ନେଇ ଟେନ୍‌ସନ ବା ଉଦାସ ରହୁଥିବା ଦେଖିବାକୁ ମିଳୁଛି। ହେଲେ ଅଧିକ ଦିନ ଏହି ଟେନ୍‌ସନ ମନରେ ରହିବା, କାହା ଆଗରେ ପ୍ରକାଶ ନ କରି ମନ ଭିତରେ ଚାପି ରଖିବା ଦ୍ୱାରା ତାହା ଡିପ୍ରେଶନର ରୂପ ନେଇଥାଏ। ତେଣୁ କୌଣସି କଥା ମନକୁ ଭାରାକ୍ରାନ୍ତ କରୁଥିଲେ ଦୀର୍ଘଦିନ ଚାପି ନ ରଖି କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ। ତା'ଛଡା କିଛି ସମୟ ବାହାର କରି ପ୍ରତିଦିନ ପ୍ରାଣାୟମ, ଧ୍ୟାନ କରନ୍ତୁ। ମନପସନ୍ଦର ମ୍ୟୁଜିକ୍ ଶୁଣନ୍ତୁ। କେବେ କେବେ ସମୟ ବାହାର କରି ବୁଲିବାକୁ ଯାଆନ୍ତୁ।

**ଶୋଇବା ସମୟ ଠିକ୍ ରଖନ୍ତୁ:** ଘର କାମ ସାରି ବିଳମ୍ବରେ ଖାଇବା ଏବଂ ଶୋଇବା ଅଭ୍ୟାସ ହିଁ ଗ୍ୟାସ, ବଦହଜମୀ, ମେଦବହୁଳତା ଭଳି ସମସ୍ୟାର ମୁଖ୍ୟ କାରଣ। ତା'ଛଡା ରାତିରେ ଠିକ୍ ଭାବେ ନ ଶୋଇଲେ ବା ପର୍ଯ୍ୟାପ୍ତ ନିଦ ନ ହେଲେ ଥକା ଲାଗିବା ସହ ମାନସିକ ସ୍ତରରେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡିଥାଏ। ସମସ୍ତ କାର୍ଯ୍ୟ ବାଦ୍ ପ୍ରତିଦିନ ଶୋଇବା ଲାଗି ଅତିକମ୍‌ରେ ୬ ରୁ ୭ ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ। ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଇଲେ ଆପଣଙ୍କ ସମସ୍ୟାରୁ ଉପଶମ ମିଳିପାରିବ।

ସୌନ୍ଦର୍ଯ୍ୟ

# ଓ୍ୱିଣ୍ଟର ଫେସ୍ ପ୍ୟାକ୍



**ଶୀତଦିନେ ପାଗ ଥଣ୍ଡା ଥିବାରୁ ଅନେକଙ୍କ ସ୍କିନ୍ ଡ୍ରାଏ ହୋଇଯାଏ। ଏମିତିରେ ତ୍ୱଚାର ସୁରକ୍ଷା ସହ ସୁନ୍ଦର କରିବା ଲାଗି ବିଭିନ୍ନ ଘରୋଇ ଫେସ୍ ପ୍ୟାକ୍ ବେଶ୍ ଲାଭଦାୟକ। ଜାଣିରଖନ୍ତୁ ଏହାକୁ ପ୍ରସ୍ତୁତ କରିବା ଏବଂ ଲଗାଇବାର ଉପାୟ...**

▶ ୧ ଚାମଚ ମହୁରେ ୧ ଚାମଚ ଗୋଲାପଜଳ ଭଲଭାବେ ମିଶାଇଦିଅନ୍ତୁ। ଏହାକୁ ମୁହଁ ଏବଂ ବେକରେ ଭଲ ଭାବେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ୧୦ ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ। ଶୀତଦିନେ ପ୍ରତିଦିନ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ଗ୍ଲୋ କରିବ ଏବଂ ଡ୍ରାଏ ହେବା ସମସ୍ୟା ଆଦୌ ଦେଖାଦେବ ନାହିଁ।

▶ ଶୀତଦିନେ ପ୍ରାକୃତିକ ଉପାୟରେ ତ୍ୱଚାକୁ ମଶ୍ଚରାଇଜ୍ ଏବଂ ଉଜ୍ଜ୍ୱଳ ରଖିବା ଲାଗି ନଡ଼ିଆ ଫେସ୍‌ପ୍ୟାକ୍ ଖୁବ୍ ଭଲ ଉପାୟ। ଏଥିପାଇଁ ଏକ ନଡ଼ିଆକୁ ଭଲ ଭାବେ କୋରି ଏହାକୁ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ୨୦ ମିନିଟ୍ ରଖନ୍ତୁ। ପରେ ଏହାକୁ ପାଣିରେ ଧୋଇଦିଅନ୍ତୁ। ଏହି ପ୍ୟାକ୍‌ର ବେଷ୍ଟ ରେଜଲ୍ଟ ପାଇବା ଲାଗି ପ୍ରତିଦିନ କିମ୍ବା ସପ୍ତାହରେ ଅତି କମ୍‌ରେ ୪ ଦିନ ଲଗାନ୍ତୁ।



▶ ପାଚିଲା ଅମୃତଭଣ୍ଡା ପେଷ୍ଟ ୨ଚାମଚ ନେଇ ସେଥିରେ କ୍ଷୀର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଭଲ ଭାବେ ମୁହଁ ଏବଂ ବେକରେ ଲଗାନ୍ତୁ। ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ୩ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚା ସଫ୍ଟ, ଗ୍ଲୋଇଂ ହେବା ସହ ଗୋରା ମଧ୍ୟ ଲାଗିବ।

▶ ୧ ଚାମଚ ଅରୁଆ ଚାଉଳ, ୧ ଚାମଚ ଓଟ୍ସ ନେଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ସେଥିରେ ୧ ଚାମଚ ମହୁ ଏବଂ ଗୋଲାପଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ ରଖିବା ସହ ଟ୍ୟାନ୍ ଫ୍ରି ରଖିବା ଏବଂ ସ୍କିନ୍‌ଟୋନ୍ ବଢ଼ାଇବାରେ ସାହାଯ୍ୟ କରିଥାଏ। ଶୀତଦିନେ ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ସୁଫଳ ପାଇପାରିବେ।

ଖାଦ୍ୟରୁଚି

# ବ୍ରେଡ୍ କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ୮ଟି ବ୍ରେଡ୍ ସ୍ଲାଇସ୍, ୨ଟି ବଡ଼ ସାଇଜ୍‌ର ସିଝା ଆଳୁ, ଅଧା କପ୍ ଗ୍ରୀନ୍ ମଟର ସିଝା, ୧ କପ୍ ଲେଖାଏ ଛୋଟ କଟାହୋଇଥିବା ବନ୍ଧାକୋବି ଓ ଗାଜର, ୧/୨ କପ୍ ଶୁଖିଲା ବ୍ରେଡ୍ କ୍ରମ୍ବ, ଛୋଟ ଛୋଟ କଟାହୋଇଥିବା ଗୋଟିଏ ବଡ଼ ପିଆଜ, ଛୋଟ ଛୋଟ କଟାହୋଇଥିବା ୧–୨ଟି କଞ୍ଚାଲଙ୍କା, ୧ ଚାମଚ ଅଦା ଛେଚା, ଅଧା ଚାମଚ ଗରମ ମସଲା, ୨ ଚାମଚ ଲେମ୍ବୁରସ, ୫–୬ ଚାମଚ ତେଲ, ୪ଟି ଚିଜ୍ କ୍ୟୁବ୍, ଟମାଟୋ ସସ୍, ପାଣି, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ପ୍ୟାନ୍ ବସାଇ ମଧ୍ୟମ ଆଞ୍ଚରେ ଗରମ କରନ୍ତୁ। କଟା ପିଆଜ ପକାଇ ଅଳ୍ପ ବ୍ରାଉନ୍ ହେବା ଯାଏ ଭାଜନ୍ତୁ। ସେଥିରେ ଅଦା, ଲଙ୍କା ପକାଇ ଭାଜନ୍ତୁ। ସେଥିରେ କଟା ଗାଜର, ବନ୍ଧାକୋବି, ସିଝା ମଟର ଏବଂ ଗରମ ମସଲା ପକାଇ ଅଳ୍ପ ସମୟ ଭାଜନ୍ତୁ। ଚୁଲା ବନ୍ଦକରି ଥଣ୍ଡାହେବାକୁ ଛାଡ଼ନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ସିଝା ଆଳୁକୁ ଚକଟି ଦିଅନ୍ତୁ। ବ୍ରେଡ୍‌କୁ ପାଣିରେ ବୁଡ଼ାଇ ଭଲଭାବେ ଚିପୁଡ଼ି ଆଳୁରେ ମିଶାନ୍ତୁ। ସେଥିରେ ଭଜା ହୋଇଥିବା ପରିବା, ବ୍ରେଡ୍ କ୍ରମ୍ବ, ଲେମ୍ବୁରସ ଏବଂ ସ୍ୱାଦାନୁସାରେ ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଛୋଟ ଛୋଟ ଗୁଳାକରି ହାତରେ ଅଳ୍ପ ଚାପି ବରା ଭଳି କରିଦିଅନ୍ତୁ। ଏକ ଥାଳିରେ ଅଧା କପ୍ ବ୍ରେଡ୍ କ୍ରମ୍ବ ନେଇ ଏଥିରେ ପ୍ରସ୍ତୁତ ହୋଇଥିବା ଗୁଳାକୁ ଭଲ ଭାବେ ଲଗାଇ ଦିଅନ୍ତୁ। ପ୍ୟାନ୍‌ରେ ତେଲ ଗରମକରି ସେଥିରେ ଏହି ଗୁଳାଗୁଡ଼ିକୁ ଭାଜି ଦିଅନ୍ତୁ। ବ୍ରାଉନ୍ କଲର ହୋଇଗଲେ ଏହାକୁ ପ୍ଲେଟ୍‌ରେ କାଢ଼ି ଏହା ଉପରେ ଚିଜ୍ ଏବଂ ଟମାଟୋ ସସ୍ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ବ୍ରେଡ୍ କଟ୍‌ଲେଟ୍, ଏହାକୁ ଷ୍ଟାର୍ଟର କିମ୍ବା ସନ୍ଧ୍ୟାରେ ଚା' ସହ ଖାଇବାର ମଜା ନିଅନ୍ତୁ।



# ବିଜେଡିରେ ୪, ଭାଜପାରେ ୨, କଂଗ୍ରେସରେ ଜଣେ

ସାଲେପୁର,୧୫।୧ (ଅରବିନ୍ଦ ଭୂୟାଁ)

## ସାଲେପୁର-ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀ



କଟକ ଜିଲା ସାଲେପୁର-ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ଓ ଅଣକଂଗ୍ରେସ ରାଜନୀତି ପାଇଁ ଚର୍ଚ୍ଚାରେ ରହିଆସିଛି। ନିକଟ ଅତୀତକୁ ଦେଖିଲେ ୨୦୦୦, ୨୦୦୪ ଓ ୨୦୦୯ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ଜିତିଥିଲେ। ପରେ ୨୦୧୯ରେ ବିଜେଡି ହାତକୁ ଏହି ନିର୍ବାଚନମଣ୍ଡଳୀ ଫେରିଥିଲା। ଆଗାମୀ ନିର୍ବାଚନରେ କେଉଁ ପ୍ରାର୍ଥୀଙ୍କୁ ଭୋଟର ପସନ୍ଦ କରୁଛନ୍ତି ତାହାକୁ ନେଇ ନିର୍ବାଚନମଣ୍ଡଳୀରେ ଚୁପୁରଚାପର ଆରମ୍ଭ ହୋଇଗଲାଣି।

ଟାଙ୍ଗୀ ବ୍ଲକର ୧୩ ଓ ସାଲେପୁର ବ୍ଲକର ୩୫ ଗ୍ରାମପଞ୍ଚାୟତକୁ ନେଇ ସାଲେପୁର-ଟାଙ୍ଗୀ ନିର୍ବାଚନମଣ୍ଡଳୀ। ୨୦୨୪ ସାଧାରଣ ନିର୍ବାଚନକୁ ନେଇ ଏଠାରୁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଦଳୀୟ ଟିକେଟ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ମହିଳା ରହିଛନ୍ତି। ୨୦୧୪ ନିର୍ବାଚନରେ ସାଲେପୁର ବିଧାନସଭା ଆସନରୁ ବିଜେଡିରୁ ଲଢ଼ିବା ପାଇଁ ପ୍ରଶାନ୍ତ ବେହେରା ସୁଯୋଗ ପାଇଥିଲେ। ମାତ୍ର ୨ ହଜାର ଭୋଟରେ ପରାଜିତ ହୋଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀ ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ଏହି ସମୟରେ ଅନେକ ଦଳୀୟ ପ୍ରାର୍ଥୀଙ୍କୁ ସେ ବିଜୟୀ କରାଇଥିଲେ। ସେଥିପାଇଁ ୨୦୧୯ରେ ତାଙ୍କୁ ଏଠାରୁ ପୁଣି ଦଳ ପକ୍ଷରୁ ଲଢ଼ିବା ପାଇଁ ସୁଯୋଗ ଦିଆଯାଇଥିଲା ଓ ସେ ବିଜୟୀ ହୋଇଥିଲେ। ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ତାଙ୍କ ନେତୃତ୍ୱରେ ଦଳ ଭଲ ପ୍ରଦର୍ଶନ କରିଥିବାରୁ ସେ ଆଗାମୀ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ହେଲେ ଯୁବ ବିଜେଡି ମୁଖପାତ୍ର ତଥା ରାଜ୍ୟ ଯୁବ ବିଜେଡି ଉପସଭାପତି ଅପୂର୍ବା ଅପରୂପା, ଯୁବ ସାମାଜିକ କର୍ମୀ ବିଶ୍ୱରଞ୍ଜନ ଖଟାଇ ଓ ହିମାଂଶୁ କୁମାର ମହାନ୍ତି ଦଳୀୟ ପ୍ରାର୍ଥୀ ହେବା ଲାଗି ଲବି କରୁଥିବାରୁ ପ୍ରଶାନ୍ତ ବେହେରା ଚିନ୍ତାରେ ଅଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ବିଜେଡି ପ୍ରତିଷ୍ଠା ଦିବସରେ ବିଧାୟକ ସାଲେପୁର ହାଇସ୍କୁଲ ପଡ଼ିଆରେ ବୈଠକ କରିଥିବା ବେଳେ ହିମାଂଶୁ ପୀର ବଜାର ପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଅପୂର୍ବା ସେହି ଦିନ ସାଲେପୁର ବଜାରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ପରେ ସ୍ଥାନୀୟ ଡାକ୍ତରଖାନାରେ ଫଳ ବଣ୍ଟନ କରିଥିଲେ। ଏହିଭଳି ଭାବେ ବିଜେଡି ନେତାମାନେ ନିଜସ୍ୱ ସଙ୍ଗଠନ ଚଳାଇ ରଖିଥିବାରୁ କେଉଁ ଆଶାୟୀଙ୍କୁ ଦଳୀୟ କର୍ତ୍ତୃପକ୍ଷ ବିଶ୍ୱାସକୁ ନେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ବିଜେଡି ପରି ଭାଜପାରେ ମଧ୍ୟ ଏକାଧିକ ଆଶାୟୀ। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିବା ପୂର୍ବତନ ବିଧାୟକ ତଥା ଭାଜପା କଟକ ଜିଲା ସଭାପତି ପ୍ରକାଶ ବେହେରା ଘର ଘର ବୁଲି ପ୍ରଧାନମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ପହଞ୍ଚାଇବାରେ ଲାଗିଛନ୍ତି। ୨୦୧୯ ନିର୍ବାଚନରେ ମିଥ୍ୟା ପ୍ରଚାର କରି ଭୋଟରଙ୍କୁ ଭୁଆଁ ବୁଲାଇ ବିଜେଡି ଏହି ଆସନକୁ ଅକ୍ତିଆର କରିଥିଲା ବୋଲି ପ୍ରକାଶ ଅଭିଯୋଗ ଆଣିଛନ୍ତି। ତାଙ୍କ ସମର୍ଥକମାନେ କହୁଛନ୍ତି, ପ୍ରକାଶ ଦଳୀୟ ପ୍ରାର୍ଥୀ ହେଲେ ଆସନ୍ତା ନିର୍ବାଚନରେ ଭୋଟର ମିଥ୍ୟା ପ୍ରଚାରର ଉପଯୁକ୍ତ ଜବାବ ଦେଇ ତାଙ୍କୁ ଜିତାଇବେ। ତେବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଆଧାର କରି ସାଲେପୁର ନିର୍ବାଚନମଣ୍ଡଳୀରେ ଭାଜପାରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଯୁବନେତା ରଶ୍ମିରଞ୍ଜନ ଲେଙ୍କା ସଙ୍ଗଠନକୁ ମଜଭୁତ କରିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି। ସାଲେପୁର ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାବେଳେ ଏଠାରେ ଶୀତଳଭଣ୍ଡାରର ବ୍ୟବସ୍ଥା ନାହିଁ। ଚାଷୀମାନେ ଚାଷରୁ ମୁହଁ ଫେରାଉଥିବାରୁ ସାଲେପୁର ଓ ଟାଙ୍ଗୀରେ ୨ଟି ଶୀତଳଭଣ୍ଡାର ସ୍ଥାପନର ଆବଶ୍ୟକତା ରହିଛି। ଦଳୀୟ ଟିକେଟ ପାଇଲେ ଏହି ପ୍ରସଙ୍ଗକୁ ନେଇ ସେ ଭୋଟରଙ୍କ ପାଖକୁ ଯିବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଫଳରେ ପ୍ରକାଶଙ୍କ ପାଇଁ ରଶ୍ମିରଞ୍ଜନ ବାଧକ ସାଜିଲେଣି ବୋଲି କୁହାଯାଉଛି।

କଂଗ୍ରେସ ନେତା ଇଂ.ଆକିବ୍ ଖାଁ କଂଗ୍ରେସ ସଙ୍ଗଠନର ମଙ୍ଗ ଧରିଛନ୍ତି। ଖାଁଙ୍କ ସମର୍ଥକମାନେ କହୁଛନ୍ତି ଯେ, ତାଙ୍କ ନେତା ଦଳୀୟ ଟିକେଟ ପାଇବେ। ଅନ୍ୟପକ୍ଷରେ ଚର୍ଚ୍ଚା ହେଉଛି ଯେ, ପ୍ରକାଶ ଗତ ନିର୍ବାଚନରେ ଭାଜପାରେ ଯୋଗଦେବା ବେଳେ ତାଙ୍କର ଅନେକ କଂଗ୍ରେସ ଅନୁଗତ ଓ କର୍ମୀଙ୍କୁ ନେଇ ଚାଲିଯାଇଥିଲେ। ଫଳରେ ଦଳରେ ଅନ୍ୟ କେହି ଆଶାୟୀ ଏ ଯାଏ ଉଭା ହୋଇ ନ ଥିବା କୁହାଯାଉଛି।

# ଜଣେ ସୁଶ୍ରୀ, ଆଉ ଜଣେ ବାବା

ନିମାପଡ଼ା, ୧୫।୧
(ରଞ୍ଜନ କୁମାର ପଟ୍ଟନାୟକ)

## ନିମାପଡ଼ା ରାଜନୀତି


ସୁଶ୍ରୀ ରୋଜାଲିନ ନାୟକ


ବାବା ଅରୁଣ ସାହୁ

ନିର୍ବାଚନ ଯେତେ ପାଖେଇ ଆସୁଛି କିଏ କେଉଁଠାରେ ପ୍ରାର୍ଥୀ ହେଉଛନ୍ତି ତାହା ଜାଣିବା ଲାଗି ଭୋଟରଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଉଛି । ଏହି କ୍ରମରେ ନିମାପଡ଼ା ନିର୍ବାଚନମଣ୍ଡଳୀ କଥା ଦେଖିଲେ ଏବେ ବିଜେଡିରୁ ବିଧାୟକ ଅଛନ୍ତି ସମୀର ରଞ୍ଜନ ଦାଶ। ତାଙ୍କ ସହ ଅନ୍ୟ କେତେଜଣ ବିଜେଡି ଟିକେଟ ପାଇବା ପାଇଁ ଲବିରେ ଥିବା ଚର୍ଚ୍ଚା ହେଉଛି। ଅନୁରୂପ ଭାବେ ଭାଜପା ଓ କଂଗ୍ରେସରେ ଏକାଧିକ ଆଶାୟୀ। ତେବେ କିଛି ଏମିତି ବ୍ୟକ୍ତିତ୍ୱ ବର୍ତ୍ତମାନ ନଜରକୁ ଆସୁଛନ୍ତି, ସେମାନଙ୍କ ପଛରେ ଦଳୀୟ ଷ୍ଟାମ୍ପ ନ ଥିଲେ ମଧ୍ୟ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି କହି ବୁଲିଲେଣି। ସେଥିମଧ୍ୟରୁ ଜଣେ ସୁଶ୍ରୀ ଥିବା ବେଳେ ଆଉ ଜଣେ ବାବା ଉଭା ହୋଇଛନ୍ତି।

ଓଡ଼ିଶାର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପ୍ରାଣକୃଷ୍ଣ ନାୟକଙ୍କ ଝିଅ ସୁଶ୍ରୀ ରୋଜାଲିନ ନାୟକ କୌଣସି ଦଳୀୟ ଟିକେଟ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଚାହୁଁଥିବା ବେଳେ ଅନ୍ୟଜଣକ ସିଦ୍ଧ ମହାବୀର ସାଧକ ଭାବେ ପରିଚିତ ବାବା ଅରୁଣ ସାହୁ ଦଳରେ ବିଶ୍ୱାସ ନ କରି ସ୍ୱାଧୀନ ଲଢ଼ିବେ ବୋଲି କହୁଛନ୍ତି । ଉଭୟେ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼। ରୋଜାଲିନ ଉଚ୍ଚଶିକ୍ଷିତା ଓ ପାଇଲଟ ଟ୍ରେନିଂ ନେଇଥିଲେ ମଧ୍ୟ ରାଜନୀତିରେ କ୍ୟାରିୟର କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି। ସେଥିପାଇଁ ସେ ବର୍ତ୍ତମାନ ନିମାପଡ଼ା ଅଞ୍ଚଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନନ୍ଦିଘୋଷ ଫାଉଣ୍ଡେଶନ' ସହଯୋଗରେ ଅସହାୟଙ୍କୁ ସହାୟତା କରୁଥିବା ଦେଖିବାକୁ ମିଳୁଛି । ସମସ୍ତ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଜନସାଧାରଣଙ୍କ ନିକଟତର ହେବାର ସୁଯୋଗକୁ ସେ ହାତଛଡ଼ା କରୁନାହାନ୍ତି। ପୁଣି ଆଲୋଚନା ହେଉଛି ସୁଶ୍ରୀ ରୋଜାଲିନ ଉଭୟ ଭାଜପା ଏବଂ ବିଜେଡି ସହିତ ସମାନ୍ତରାଳ ସମ୍ପର୍କରେ ରହିଛନ୍ତି । ଯେଉଁଠୁ ସୁଯୋଗ ମିଳିବ ସେଥିରୁ ସେ ପ୍ରାର୍ଥୀ ହେବେ ବୋଲି ତାଙ୍କ ସହ ବୁଲୁଥିବା ବ୍ୟକ୍ତିମାନେ କହୁଛନ୍ତି।

ବାବା ଅରୁଣ ସାହୁ ନୂଆକରି ରାଜନୀତିରେ ପାଦ ଥାପୁଛନ୍ତି । ଅନ୍ୟ ଆଶାୟୀମାନେ ଅଭିନନ୍ଦନ, ବଡ଼ବଡ଼ ତୋରଣ ଲଗାଇ ନିଜକୁ ପ୍ରୋଜେକ୍ଟ କରୁଥିବା ବେଳେ ତାଙ୍କ ପ୍ରଚାର ଶୈଳୀ ଅନ୍ୟମାନଙ୍କ ଠାରୁ ଅଲଗା । ଗାଁଗଣ୍ଡାଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଜନସାଧାରଣଙ୍କ ନିକଟତର ହେବାକୁ ସେ ପ୍ରଚେଷ୍ଟା କରୁଛନ୍ତି। ଆସନ୍ତା ୨୨ ତାରିଖରୁ ଆଧ୍ୟାତ୍ମିକ ପରିକ୍ରମା ମାଧ୍ୟମରେ ସେ ନିର୍ବାଚନମଣ୍ଡଳୀ ବୁଲିବେ ବୋଲି ସୂଚନା ଦେଲେଣି। ଉଦ୍ଦେଶ୍ୟ ହେଉଛି ନିଜ ଗ୍ରାମରେ ପ୍ରଭୁ ରାମଙ୍କ ମନ୍ଦିର ପ୍ରତିଷ୍ଠା କରିବା ସହିତ ଜନସାଧାରଣଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରିବା । ବାବା ଅରୁଣ କୌଣସି ରାଜନୈତିକ ଦଳରୁ ପ୍ରାର୍ଥୀ ହେବେ ନାହିଁ ବୋଲି ସିଧାସଳଖ କହୁଛନ୍ତି। ସ୍ୱାଧୀନ ଭାବେ ଲଢ଼ିବେ । କାରଣ ସ୍ୱାର୍ଥାନ୍ୱେଷୀ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସେ ରାଜନୀତି କରିବେ ବୋଲି କହୁଛନ୍ତି ।

# ମନ୍ଦିର ସଫେଇ କଲେ ମନମୋହନ

ଭୁବନେଶ୍ୱର, ୧୫।୧ (ସୁନିତ୍ ମିଶ୍ର)

ଆସନ୍ତା ୨୨ରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାନୁୟାରୀ ୧୪ରୁ ୨୨ ପର୍ଯ୍ୟନ୍ତ ସବୁ ମନ୍ଦିର ଓ ତୀର୍ଥ ସ୍ଥାନକୁ ସ୍ୱଚ୍ଛ ରଖିବା ପାଇଁ 'ଶ୍ରମଦାନ' କାର୍ଯ୍ୟକ୍ରମ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ସୋମବାର ରାଜଧାନୀ ସ୍ଥିତ ରାମମନ୍ଦିର ପରିସରରେ ଅନୁଷ୍ଠିତ 'ସ୍ୱଚ୍ଛ ତୀର୍ଥ ଅଭିଯାନ'ରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ମନ୍ଦିରରେ ଝାଡୁ, ପୋଛା ମାରି 'ଶ୍ରମଦାନ' କରିଛନ୍ତି। ସେହିପରି ଆସନ୍ତା ୨୨ରେ 'ରାମ ଜ୍ୟୋତି ପ୍ରଜ୍ୱଳନ' କରି ଦୀପାବଳି ଉତ୍ସବ ପାଳନ କରିବାକୁ ରାଜ୍ୟବାସୀଙ୍କୁ ମନମୋହନ ନିବେଦନ କରିଛନ୍ତି। ପ୍ରତ୍ୟେକ ଗାଁରେ ବର୍ତ୍ତମାନ ମୋଦି ଗ୍ୟାରେଣ୍ଟି ପହଞ୍ଚାଇବା ପାଇଁ ଭାଜପା ପକ୍ଷରୁ 'କାନ୍ଥ ଲିଖନ' ଅଭିଯାନ ଆରମ୍ଭ ହୋଇଛି। ସେହିକ୍ରମରେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଏକାମ୍ର ନିର୍ବାଚନମଣ୍ଡଳୀ ୱାର୍ଡ ନମ୍ବର ୫୫ଠାରେ 'କାନ୍ଥ ଲିଖନ' କାର୍ଯ୍ୟକ୍ରମରେ ଯୋଗ ଦେବା ସହ ମନମୋହନ ପଦ୍ମ ଚିହ୍ନ ଆଙ୍କିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି ଯେ, 'କାନ୍ଥ ଲିଖନ' ଅଭିଯାନ ମାଧ୍ୟମରେ ଦେଶବାସୀଙ୍କୁ ପୁଣିଥରେ ମୋଦି ସରକାରଙ୍କୁ ଶାସନକୁ ଆଣିବା ପାଇଁ ମନମୋହନ ନିବେଦନ କରିଛନ୍ତି। 'କାନ୍ଥ ଲିଖନ' ଅଭିଯାନକୁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସଫଳ କରିବାକୁ ମନମୋହନ କହିଛନ୍ତି।

# ପୁରୀ ଜିଲା ପାଇଁ ୪ ବିଜେଡି ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୧୫।୧
(ଅନିଲଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଜିଲା ବିଧାନସଭା ଆସନ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସୋମବାର ବିଜେଡି ପକ୍ଷରୁ ଏ ନେଇ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପ୍ରମୋଦ କୁମାର ସାମଲଙ୍କୁ ସତ୍ୟବାଦୀ ଓ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବା ବେଳେ କାଶୀନାଥ ରଣାଙ୍କୁ ପୁରୀ ଓ କାକଟପୁର, ପ୍ରତାପ ଚନ୍ଦ୍ର ମଲ୍ଲିକଙ୍କୁ ପିପିଲି ଏବଂ ଭୂପେଶ ଚନ୍ଦ୍ର ପ୍ରଧାନଙ୍କୁ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି।

## ରାଜ୍ୟ ଖବର

# ଜିଲା ବଣିକ ସଂଘ ସଭାପତିଙ୍କ ସନ୍ଦେହଜନକ ମୃତ୍ୟୁ

ବଲାଙ୍ଗୀର, ୧୫।୧
(ବୀରେନ୍ଦ୍ର କୁମାର ଝାଙ୍କର)

- ରେଳଧାରଣା କଡ଼ରୁ ମିଳିଲା ମୃତଦେହ
- ରାତି ୧୧ଟାରୁ ଘରୁ ଚାଲିଆସିଥିଲେ
- ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ବଣିକ ସଂଘ


ତ୍ରିପୁରାରୀ ପାଣିଗ୍ରାହୀ।

ସୁନା ଅଳଙ୍କାର ବ୍ୟବସାୟୀ, ରାଧିକା ଜୁଏଲର୍ସର ମାଲିକ ତଥା ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ (୬୦)ଙ୍କ ମୃତଦେହ ସୋମବାର ସକାଳୁ ବଲାଙ୍ଗୀର ରେଳଷ୍ଟେଶନ୍ ନିକଟ ବିଜାଖମନ ପୋଲ ପାଖ ରେଳଧାରଣା କଡରୁ ଉଦ୍ଧାର ହୋଇଛି। ଏକ ଅପମୃତ୍ୟୁ ମାମଲା (୩/୨୪) ରୁଜୁକରି ରେଳବାଇ ଥାନା ପୋଲିସ ତଦନ୍ତ ଜାରି ରଖିଛି। କିଭଳି ପରିସ୍ଥିତିରେ ପାଣିଗ୍ରାହୀଙ୍କ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇ ନ ଥିବାରୁ ମୃତ୍ୟୁକୁ ନେଇ ନାନା କଥା ଶୁଣାଯାଉଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟାକଲା ପରେ ରେଳଧାରଣା କଡରେ ପକାଇ ଦେଇଛି ତାହା ଜଣାପଡିନାହିଁ। ଅନ୍ୟପଟେ ସେ କୌଣସି ଟ୍ରେନରୁ ତଳକୁ ପଡିଯାଇଥିବା ନେଇ ସନ୍ଦେହ କରାଯାଉଥିବାରୁ ତାଙ୍କ ମୃତ୍ୟୁ ରହସ୍ୟଜନକ ହୋଇପଡିଛି।

ଜଣେ ବିଶିଷ୍ଟ ବ୍ୟବସାୟୀ ଭାବେ ପାଣିଗ୍ରାହୀ ପରିଚିତ ଥିଲେ। ସୁନା ଅଳଙ୍କାର, ରିଏଲ ଇଷ୍ଟେଟ ବ୍ୟବସାୟ ସହ ସେ ସମ୍ପୃକ୍ତ ଥିଲେ। ତାଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ ଅଛନ୍ତି। ବ୍ୟବସାୟଗତ ଦୃଷ୍ଟିରୁ ତାଙ୍କୁ କେହି ହତ୍ୟା କରିଥାଇପାରେ ନା ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ତାହା ସ୍ପଷ୍ଟ ହୋଇନାହିଁ। ରେଳବାଇ ପୋଲିସ ଥାନା ଅଧିକାରୀ ପ୍ରବୀଣ କୁଅଁରଙ୍କ କହିବା ମୁତାବକ ସୋମବାର ସକାଳୁ ପାଟ୍ରୋଲିଂ ଟିମ୍ ରେଳଧାରଣା କଡରେ ଏକ ମୃତଦେହ ମିଳିଥିବା ରିପୋର୍ଟ କରିଥିଲେ। ମୃତଦେହ ବ୍ୟବସାୟୀ ପାଣିଗ୍ରାହୀଙ୍କର ବୋଲି ପରେ ଚିହ୍ନଟ ହୋଇଥିଲା। ପ୍ରାରମ୍ଭିକ ତଦନ୍ତରୁ ସେ ଟ୍ରେନ୍‌ରୁ ଖସି ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କୁଅଁର କହିଥିଲେ। ମୃତଦେହ ପଡିଥିବା ସ୍ଥାନର ପାରିପାର୍ଶ୍ୱିକ ସ୍ଥିତି, ମୃତଦେହରେ ହୋଇଥିବା କ୍ଷତଚିହ୍ନ ଏବଂ ବ୍ୟବସାୟିକ ଦିଗକୁ ଦୃଷ୍ଟିରେ ରଖି କେହି ତାଙ୍କୁ ହତ୍ୟା କରିଥାଇପାରେ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ଜିଲା ବଣିକ ସଂଘ ଉପସଭାପତି କିଶୋର କୁମାର ରଥ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅନ୍ୟପଟେ ତାଙ୍କ ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଆର୍‌ଟିଓ ଅଫିସ ଏବଂ ଉପଜିଲାପାଳ ଅଫିସରେ ସେ କିରାଣି ଭାବେ କାମ କରୁଥିଲେ। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ରାଧିକା ଜୁଏଲର୍ସ ଅଳଙ୍କାର ଦୋକାନ କରିଥିଲେ। ସେ ଦୀର୍ଘବର୍ଷ ହେଲା ଜିଲା ବଣିକ ସଂଘ ସଭାପତି ଦାୟିତ୍ୱରେ ରହିଆସିଥିଲେ। ରାତିରେ ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି, ବ୍ୟବସାୟୀ, ବିଭିନ୍ନ ସଙ୍ଗଠନ ସଦସ୍ୟ ଏବଂ ରାଜନେତା ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଦୁଇ ସପ୍ତାହରେ ଗିରଫ ହେଲେଣି ୫ ସରକାରୀ ବାବୁ

ଭୁବନେଶ୍ୱର,୧୫।୧
(ସତ୍ୟଜିତ୍ ରାଉତ)

## ଭିଜିଲାନ୍ସ ଜାଲ

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଭିଜିଲାନ୍ସ ଜାଲରେ ଧରାପଡୁଛନ୍ତି। ଚଳିତ ବର୍ଷ ଆରମ୍ଭରୁ ଏଭଳି ବାବୁଙ୍କ ଉପରେ ଭିଜିଲାନ୍ସ କଡ଼ା ନଜର ରଖିଛି। ଜାନୁଆରୀ ମାସର ଦୁଇ ସପ୍ତାହରେ ୫ ଅଧିକାରୀଙ୍କୁ ଗିରଫ କରି କଡ଼ା ଚେତାବନୀ ଦେଇଛି। ଗିରଫ ହୋଇ ଜେଲ ଯାଇଥିବା ଅଧିକାରୀଙ୍କ ମଧ୍ୟରେ ଫରେଷ୍ଟ ଗାର୍ଡ, ରାଜସ୍ୱ ନିରୀକ୍ଷକ, ଏଏସ୍‌ଆଇ, ଏମ୍‌ଭିଆଇ ଓ ଟ୍ରାଫିକ୍ ଇନ୍ସପେକ୍ଟର ରହିଛନ୍ତି। ରିପୋର୍ଟ ଅନୁଯାୟୀ, ନବରଙ୍ଗପୁର ଜିଲା ଜଗନ୍ନାଥପୁର ବିଟ୍ ଫରେଷ୍ଟ ଗାର୍ଡ ବିନାୟକ ଚନ୍ଦ୍ର ସୋରି ଜାନୁଆରୀ ୪ରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ବାଇକରେ ୧ ଲକ୍ଷ ୫୩ ହଜାର ଟଙ୍କା ନେଇ ଖାତିଗଡ଼ାରୁ ଜଗନ୍ନାଥପୁର ଯାଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। କେନ୍ଦୁଝର ଜିଲା ବିଲେଇପଦା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ମୀରମହମ୍ମଦ ଖାନ୍ ଜଣେ ବ୍ୟକ୍ତିଙ୍କ ମ୍ୟୁଟେଶନ୍ କେସ୍‌ର ତଦନ୍ତ ରିପୋର୍ଟ ଓ ଜମି ପଟା କରାଇଦେବାକୁ ୨୦ ହଜାର ଲାଞ୍ଚ ନେଉଥିବାବେଳେ ଜାନୁଆରୀ ୬ରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ସେହିପରି ଗତ ଜାନୁଆରୀ ୮ରେ ଜୟପୁର ଟାଉନ ଥାନା ଏଏସ୍‌ଆଇ ଅନିଲ କୁମାର ନାୟକ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଜଣେ ବ୍ୟକ୍ତିଙ୍କ ଗାଡି ମୁକୁଳାଇବାକୁ ଏଏସ୍‌ଆଇ ଅନିଲ ୫ ହଜାର ଟଙ୍କା ନେବାବେଳେ ଗିରଫ ହୋଇଥିଲେ। ଅନ୍ୟପକ୍ଷରେ ନୟାଗଡ଼ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ପଞ୍ଚାନନ ବେହେରା ଭିଜିଲାନ୍ସ ସ୍କାନରକୁ ଆସିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜାନୁଆରୀ ୯ରେ ଭିଜିଲାନ୍ସ ପଞ୍ଚାନନଙ୍କ ଘର ସମେତ ୭ଟି ସ୍ଥାନରେ ଚଢ଼ାଉ କରି ୩୧ ପ୍ଲଟ୍, ଏକାଧିକ କୋଠଶ ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରିଥିଲା। ପରେ ପଞ୍ଚାନନଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିପରି ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ଓଏମ୍‌ଭିଡି ଟ୍ରାଫିକ୍ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରା ୧୧ଲକ୍ଷ ୧୯ହଜାର ୧୫୦ଟଙ୍କା ନେଇ ଅସ୍ତରଙ୍ଗସ୍ଥିତ ଘରକୁ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗତ ୧୧ ତାରିଖ ରାତିରେ ଗିରଫ ହୋଇଥିଲେ। ଏପରିକି ଯାଞ୍ଚବେଳେ ଦୁଇଟି ଘରୁ ଆଉ ୧୩.୮୦ଲକ୍ଷ ଟଙ୍କା ମିଳିଥିଲା। ସୂଚନାଯୋଗ୍ୟ, ଗତବର୍ଷ ଅର୍ଥାତ୍ ୨୦୨୩ରେ ଭିଜିଲାନ୍ସ ୧୬୬ଜଣ ବାବୁଙ୍କୁ ଗିରଫ କରିଥିବାବେଳେ ଚଳିତବର୍ଷ ବ୍ୟାପକ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଜନା କରିଛି।

# ଆକ୍ରମଣ ଘଟଣାରେ ଯୁବକ ଗିରଫ

ରାଉରକେଲା, ୧୫।୧ (ସଙ୍ଗୀତା ଜେନା)

ସେକ୍ଟର-୧୫ ମଲ୍ଲିକ ବସ୍ତିର ଜଣେ ଯୁବକ ଜ୍ୟୋତି ସୋରେନଙ୍କୁ ୨୦୨୩ ଜୁଲାଇ ୫ତାରିଖରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ମାମଲାରେ ସୋମବାର ଜଣେ ଅଭିଯୁକ୍ତଙ୍କୁ ସେକ୍ଟର-୧୫ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଭିଷେକ ବାରିକ(୨୫)। ସୂଚନାଯୋଗ୍ୟ, ୩ ଜଣ ଯୁବକ ଜ୍ୟୋତିଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଅବିନାଶ ବାରିକଙ୍କୁ ଗିରଫ କରିଥିବା ବେଳେ ୨ ଜଣ ଫେରାର ଥିଲେ। ସୋମବାର ଅଭିଷେକଙ୍କୁ ଗିରଫ ପରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

# ଓଡ଼ିଶାର ପ୍ରଥମ 'ପୋଷ୍ଟର ପୋଏମ୍' ଲୋକାର୍ପିତ


ଜେଡି ଆର୍ଟ ସେଣ୍ଟରଠାରେ ସୋମବାର ଅତିଥିମାନେ 'ପୋଷ୍ଟର ପୋଏମ୍'କୁ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୧୫।୧ (ଶର୍ମିଷ୍ଠା ପାଣିଗ୍ରାହୀ)

## କବିର ହାତଲେଖା କବିତା, ଦସ୍ତଖତ, ଚିତ୍ରର ସମ୍ମେଳନ

ସହରଠୁ ଦୂରରେ ଏକ ଶାନ୍ତ ପରିବେଶ। ପାହାଡ଼, ଗଛ ଲତା ଭିତରେ ଭାଷା, କଳାକୁ ଜାବୁଡ଼ି ଧରିବାର ଏକ ନୂଆ ପ୍ରୟାସ। କବିର କବିତା ସହ ଦସ୍ତଖତ, ଚିତ୍ର ଏକତ୍ର ହୋଇ ରହିଛି ସେହି 'ପୋଷ୍ଟର ପୋଏମ୍'ରେ। ଓଡ଼ିଶାର ଏହି ପ୍ରଥମ ପୋଷ୍ଟର ପୋଏମ୍‌କୁ ଭୁବନେଶ୍ୱରସ୍ଥିତ ଜେଡି ଆର୍ଟ ସେଣ୍ଟରଠାରେ ସୋମବାର ଲୋକାର୍ପଣ କରାଯାଇଛି। ଜେଡି ସେଣ୍ଟର ଫର୍ ଆର୍ଟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସହଯୋଗରେ ପ୍ରସ୍ତୁତ ୮ଟି ପୋଷ୍ଟର ପୋଏମ୍‌ରେ ୮ଜଣ ବିଶିଷ୍ଟ କବିଙ୍କ କବିତା ସହ ସେମାନଙ୍କ ଦସ୍ତଖତ ଓ ଚିତ୍ର ସ୍ଥାନ ପାଇଛି। ସେମାନେ ହେଲେ ମାୟାଧର ମାନସିଂହ, ଜୟନ୍ତ ମହାପାତ୍ର, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ଜଗନ୍ନାଥ ପ୍ରସାଦ ଦାସ, ଦେବୀପ୍ରସନ୍ନ ପଟ୍ଟନାୟକ, ବିୟତ୍ ପ୍ରଜ୍ଞା ତ୍ରିପାଠୀ ଓ ଯତୀନ ଦାସ। ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସ କହିଲେ, ପୋଷ୍ଟର ପୋଏମ୍ ମାଧ୍ୟମରେ କବିର ହାତଲେଖା ସହ ଦସ୍ତଖତ ସବୁଦିନ ପାଇଁ ରହିବ। ଏହା ବିକ୍ରି ହେଲେ ପଇସା ଆସିବ ଓ ପରବର୍ତ୍ତୀ ସମୟରେ ପୁଣି କବିମାନଙ୍କର ପୋଷ୍ଟର କରାଯିବ। ତେବେ କଳା, ସଂସ୍କୃତି ମଧ୍ୟରେ ଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏକ ସୁସମ୍ପର୍କ ଆଉ ଦେଖିବାକୁ ମିଳୁନି। ଚିତ୍ରଶିଳ୍ପୀ, କବି, ଲେଖକ, ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀଙ୍କ ଭଳି ସମସ୍ତେ କିଭଳି ପରସ୍ପର ସହ ମିଶିବେ ଓ ସୂଚନା ପ୍ରଦାନ କରିବେ ସେ ସବୁର ବର୍ତ୍ତମାନ ଆବଶ୍ୟକତା ରହିଛି। ଆମର ବଡ଼ ବଡ଼ ଚିତ୍ରକର, ଲେଖକ ଅଛନ୍ତି। ସେମାନଙ୍କୁ ସମସ୍ତେ ଜାଣିବା ଦରକାର ବୋଲି ଡ. ଦାସ କହିଛନ୍ତି।

ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଏଥିରେ ପୌରୋହିତ୍ୟ କରି କହିଲେ, ସାହିତ୍ୟର ୨ଟି ରୂପ ରହିଛି। ବାକ୍ ରୂପ ଓ ଚିତ୍ର ରୂପ। ସମସ୍ତେ ଆଜି ସାହିତ୍ୟକୁ ଚିତ୍ର ମାଧ୍ୟମରେ ଦେଖିବାକୁ ପାଇବେ। କାଲିକୁ ଏହା ମୂଲ୍ୟବାନ୍ ହୋଇଯିବ। ସ୍ମୃତି ଭଳି ମନେହେବ, ଆଉ ସଂଗ୍ରହାଳୟରେ ସ୍ଥାନ ପାଇବ। ପୋଷ୍ଟର କବିତା ଚିତ୍ର ଅପେକ୍ଷା କବିତାକୁ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି ସେ କହିଥିଲେ। ସାହିତ୍ୟିକ ସୀତାକାନ୍ତ ମହାପାତ୍ର ଓ ଯତୀନ ଦାସ ପୋଷ୍ଟର ପୋଏମ୍‌ରେ ସ୍ଥାନ ପାଇଥିବା ସେମାନଙ୍କ କବିତା ଆବୃତ୍ତି କରିଥିଲେ। ବିୟତ୍ ପ୍ରଜ୍ଞା ଓ ହୃଷୀକେଶ ମଲ୍ଲିକ ସେମାନଙ୍କ କବିତା ସହ ଅନୁପସ୍ଥିତ ଓ ପରଲୋକରେ ଥିବା କବିଙ୍କ କବିତା ଆବୃତ୍ତି କରିଥିଲେ। କବି ମାନସିଂହଙ୍କ ଅବର୍ତ୍ତମାନରେ ତାଙ୍କ ପୁତ୍ର ଲଳିତ ମାନସିଂହ ପୋଷ୍ଟର ଗ୍ରହଣ କରିଥିଲେ। ଚିତ୍ରଶିଳ୍ପୀ ରାମହରି ଜେନା ଅତିଥିଙ୍କୁ ସ୍ୱାଗତ କରିଥିଲେ।

# ବାଲେଶ୍ୱରର ନାବାଳିକା କଟକ ଷ୍ଟେଶନରୁ ଉଦ୍ଧାର

କଟକ,୧୫।୧ (କାର୍ତ୍ତିକ ସାହୁ)

କଟକ ଆର୍‌ପିଏଫ୍‌ର ମେରି ସହେଲି ଟିମ୍ ଦ୍ୱାରା ଉଦ୍ଧାର ନାବାଳିକାଙ୍କୁ ତାଙ୍କ ପରିବାରକୁ ସୋମବାର ହସ୍ତାନ୍ତର କରାଯାଇଛି। ନାବାଳିକାଙ୍କ ବୟସ ୧୫ ହୋଇଥିବାବେଳେ ସେ ବାଲେଶ୍ୱର ଅଙ୍ଗାରଗଡ଼ିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନାନୁସାରେ, ରବିବାର ରାତିରେ ସାନ୍ତ୍ରାଗାଛି-ତିରୁପତି ଏକ୍ସପ୍ରେସ୍ ଟ୍ରେନ୍‌ର କୋଚ୍ ନଂ- ଏସ୍ ୫ରେ ନାବାଳିକା ଜଣକ ଏକୁଟିଆ ବସିଥିବାର ମେରି ସହେଲି ଟିମ୍ ଜାଣିବାକୁ ପାଇଥିଲେ। ମେରି ସହେଲି ଟିମ୍ ତାଙ୍କର ପରିଚୟ ଓ ଯାତ୍ରା ବିଷୟରେ ପଚାରିବାରୁ ସେ କୌଣସି ତଥ୍ୟ ଦେବାକୁ ମନା କରିଦେଇଥିଲେ। ପ୍ରାଥମିକ ଅବସ୍ଥାରେ ମେରି ସହେଲି ଟିମ୍ ଜାଣିପାରିଥିଲେ ଯେ, ନାବାଳିକା ଜଣକ ଏକ ଭଲ ପରିବାରର ବୋଲି। ତେଣୁ ସେମାନେ ତାଙ୍କୁ ଅଧିକ ପଚରାଉଚରା ପାଇଁ କଟକ ରେଳଷ୍ଟେଶନରେ ଓହ୍ଲାଇ ମହିଳା ଓ ଶିଶୁ ସହାୟତା ଡେସ୍କକୁ ଆଣିଥିଲେ। ସେଠାରେ ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ଭାବେ ତାଙ୍କୁ ପଚାରିବାରୁ ସେ ନିଜର ପରିଚୟ ଦେଇଥିଲେ। ନାବାଳିକ ଜଣକ ଏକାଦଶ ଶ୍ରେଣୀରେ ପଢ଼ନ୍ତି। ତେବେ ପାଠପଢ଼ା ଚାପ ହେତୁ ସେ ଘରୁ ରାଗି ପଳାଇ ଆସିଥିଲେ। ମେରି ସହେଲି ଟିମ୍ ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ସହ ଯୋଗାଯୋଗ କରି ଜଣାଇଥିଲେ। ଏଥିସହ ଚାଇଲ୍ଡ ଲାଇନ୍‌କୁ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ କଟକରେ ପହଞ୍ଚିବା ପରେ ଚାଇଲ୍ଡ ଲାଇନ୍ ନାବାଳିକାଙ୍କୁ ହସ୍ତାନ୍ତର କରିଥିଲେ।

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୫ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୭୫୯ (୭୫୯.୪୯) ପଏଣ୍ଟ ବଢି ୭୩,୩୨୮ (୭୩,୩୨୭.୯୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ ୨୦୩ (୨୦୨.୯୦) ପଏଣ୍ଟ ବୃଦ୍ଧି ଘଟି ୨୨,୦୯୭ (୨୨,୦୯୭.୪୫) ଅଙ୍କରେ କାରବାର ବନ୍ଦ କରିଥିଲା।


ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେମେନ ଏସ୍ଇ ସହ କାବିଲର ଐତିହାସିକ ଚୁକ୍ତିନାମା

**ଭୁବନେଶ୍ୱର,୧୫।୧ (ଅଭୟ ଦାଶ)**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ ବା କାବିଲ ଏବଂ ଆର୍ଜେଣ୍ଟିନାର କାଟାମାର୍କା ପ୍ରଦେଶ ସରକାରଙ୍କ ଅଧୀନ କେମେନ ଏସ୍ଇ ମଧ୍ୟରେ ସୋମବାର ଏକ ଐତିହାସିକ ଚୁକ୍ତିନାମା କାଟାମାର୍କାଠାରେ ସ୍ୱାକ୍ଷରିତ ହୋଇଯାଇଛି। କାଟାମାର୍କାର ଗଭର୍ନର ଏଲ୍ଆସି. ରଲ ଜଲିଲ, ଭାଇସ ଗଭର୍ନର ଇଂ ରୁବେନ ଡସୋ, କାଟାମାର୍କା ପ୍ରଦେଶର ଖଣି ମନ୍ତ୍ରୀ ମାରସେଲୋ ମାରୁଆ ଏବଂ ଆର୍ଜେଣ୍ଟିନାରେ ଭାରତର ରାଷ୍ଟ୍ରଦୂତ ଦିନେଶ ଭାଟିଆଙ୍କ ଉପସ୍ଥିତିରେ ଉପରୋକ୍ତ ଚୁକ୍ତିନାମା ବା ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସଚିବ ଭି.ଏଲ୍. କାନ୍ଥାରାଓ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଭିଡିଓ କନଫରେନସ ମାଧ୍ୟମରେ ଉପସ୍ଥିତ ଥିଲେ।

ଏହି ଅବସରରେ ନାଲ୍କୋ ସିଏମ୍ଡି ତଥା କାବିଲର ଚେୟାରମ୍ୟାନ ଶ୍ରୀଧର ପାତ୍ର ଏବଂ ନାଲକୋର ବାଣିଜ୍ୟିକ ନିର୍ଦ୍ଦେଶକ ତଥା କାବିଲର ସିଇଓ ସଦାଶିବ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଏ ନେଇ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ଉଭୟ ଭାରତ ଓ ଆର୍ଜେଣ୍ଟିନା ପାଇଁ ଏହା ଏକ ଐତିହାସିକ ଦିନ ହୋଇଥିଲାବେଳେ କାବିଲ ଏବଂ କେମେନ ମଧ୍ୟରେ ହୋଇଥିବା ବୁଝାମଣା ଦ୍ୱାରା ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କରେ ଆଉ ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି। ଉକ୍ତ ବୁଝାମଣା ଦ୍ୱାରା ଉଭୟ ଶକ୍ତି କ୍ଷେତ୍ର ଏବଂ ଭାରତର ବିଭିନ୍ନ ଶିଳ୍ପରେ ବ୍ୟବହୃତ ଅତ୍ୟାବଶ୍ୟକ ଖଣିଜ ପଦାର୍ଥଗୁଡିକର ବିବିଧ ଓ ଦୀର୍ଘସ୍ଥାୟୀ ଯୋଗାଣ ଶୃଙ୍ଖଳ ନିଶ୍ଚିତ କରିବ । କୌଣସି ଭାରତୀୟ ସରକାରୀ କମ୍ପାନୀ ବିଦେଶରେ ଲିଥିୟମ ଅନୁସନ୍ଧାନ ଏବଂ ଉତ୍ତୋଳନ କ୍ଷେତ୍ରରେ କାର୍ଯ୍ୟ କରିବାରେ ଏହା ସର୍ବପ୍ରଥମ ପ୍ରକଳ୍ପ ଭାବେ ବିବେଚିତ ହୋଇଛି। ଆର୍ଜେଣ୍ଟିନାର କାଟାମାର୍କା ପ୍ରଦେଶରେ ୧୫,୭୦୩ ହେକ୍ଟର ପରିମିତ କ୍ଷେତ୍ରରେ କାବିଲ ପକ୍ଷରୁ ୫ଟି ଲିଥିୟମ ଖଣି ଯଥା କର୍ଡ଼ୋଡେରା-୧, କର୍ଡ଼ୋଡେରା-୭, କର୍ଡ଼ୋଡେରା-୮, କାଟିଓ ୨୦୨୨-୦୧୮୧୦୧୩୨ ଏବଂ କର୍ଡ଼ୋଡେରା-୬ର ଅନୁସନ୍ଧାନ ଏବଂ ବିକାଶର ପ୍ରକ୍ରିୟା ଆରମ୍ଭ କରିବା ସହିତ କାବିଲ ଆର୍ଜେଣ୍ଟିନାର କାଟାମାର୍କାରେ କମ୍ପାନୀର ଏକ ଶାଖା କାର୍ଯ୍ୟାଳୟ ସ୍ଥାପନ କରିବ ବୋଲି ଜଣାପଡିଛି। ଉକ୍ତ ପ୍ରକଳ୍ପର ସମୁଦାୟ ବ୍ୟୟ ୨୦୦କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉକ୍ତ ବୁଝାମଣା ଦ୍ୱାରା କାବିଲକୁ ୫ଟି ଖଣିଜ ବ୍ଲକର ଅବଧାରଣା ମୂଲ୍ୟାଙ୍କନ ଏବଂ ଅନୁସନ୍ଧାନ ପାଇଁ ସ୍ୱତନ୍ତ୍ର ଅଧିକାର ତଥା ଅନୁମୋଦନ ମିଳିପାରିଛି, ଯାହା ଦ୍ୱାରା ପରବର୍ତ୍ତୀ ସମୟରେ ଖଣିଜ ପଦାର୍ଥର ସ୍ଥିତି ଅନୁସାରେ ଲିଥିୟମର ଉତ୍ତୋଳନ ଓ ବାଣିଜ୍ୟିକ କାରବାର କରାଯାଇପାରିବ। ଏହି ପ୍ରୟାସ ଭାରତ ନିମନ୍ତେ ଲିଥିୟମର ଆବଶ୍ୟକତାକୁ ପୂରଣ କରିବା ଦିଗରେ ତଥା ବ୍ରାଇନ ଲିଥିୟମର ଅନୁସନ୍ଧାନ ଓ ଉତ୍ତୋଳନ କ୍ଷେତ୍ରରେ ଜ୍ଞାନକୌଶଳ ଓ ପରିଚାଳନା ଅଭିଜ୍ଞତା ବିନିଯୋଗ ତଥା ବୃଦ୍ଧି କରିବାରେ ସହାୟକ ହେବ। ବିଶ୍ୱରେ କ୍ରିଟିକାଲ ମିନେରାଲ ଅନୁସନ୍ଧାନ ଦିଗରେ କାର୍ଯ୍ୟ କରିବା ପାଇଁ ଭାରତର ୩ ସରକାରୀ ଉଦ୍ୟୋଗ ଯେପରି, ନାଲକୋ, ହିନ୍ଦୁସ୍ତାନ କପର ଲିମିଟେଡ୍ ଏବଂ ମିନେରାଲ ଏକ୍ସପ୍ଲୋରେସନ କମ୍ପାନୀ ଲିମିଟେଡ୍ର ମିଳିତ ସହଯୋଗରେ କାବିଲର ଗଠନ କରାଯାଇଛି ଏବଂ ନବରତ୍ନ ନାଲକୋ ଏଥିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି ।






# ରିଲାଏନ୍ସ ରିଟେଲର ନୂତନ ଅଭିଯାନ

**ଭୁବନେଶ୍ୱର,୧୫।୧**

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ରିଲାଏନ୍ସ ଗ୍ରୁପର ଅଗ୍ରଣୀ ସଂସ୍ଥା ରିଲାଏନ୍ସ ରିଟେଲର ନୂତନ ଅଭିଯାନ' ଭୁଲ ନା ଯାନା ପ୍ଲାଷ୍ଟିକ ବୋତଲ ଲୋଟାନା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ରିଲାଏନ୍ସ ରିଟେଲ ଓ କୋକାକୋଲା ଇଣ୍ଡିଆର ମିଳିତ ସହଯୋଗରେ ଏକ ଅଭିନବ ପଦକ୍ଷେପ ପିଇଟି କଲେକ୍ସନ ଆଣ୍ଡ ରିସ୍ଲାଇକ୍ଲିଂ ଇନ୍ଟାଇଟେଭି ଆରମ୍ଭ ହୋଇଛି। ବିଶେଷକରି ରିଲାଏନ୍ସ ରିଟେଲର ସମସ୍ତ ଆଉଟଲେଟ ପରିସରରେ ଏକ ସ୍ୱତନ୍ତ୍ର ରିଜର୍ଭ ଭେଣ୍ଡିଂ ମେଶିନ ସ୍ଥାପନ କରାଯାଇଛି। ଉକ୍ତ ମେଶିନ ଜରିଆରେ ୫ଲକ୍ଷ ପିଇଟି ବଟଲ୍ସ ୨୦୨୫ ସୁଦ୍ଧା ସଂଗ୍ରହ କରାଯିବ ବୋଲି ଉଭୟ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି। ଏ ସମ୍ପର୍କରେ ରିଲାଏନ୍ସ ରିଟେଲ ଲିମିଟେଡର ସିଇଓ (ଗ୍ରୋସେରି ରିଟେଲ) ଦାମୋଦର ମଲ କହିଛନ୍ତି, ଆମେ ପ୍ରତିଦିନ ବ୍ୟବହାର କରୁଥିବା ପ୍ଲାଷ୍ଟିକ ଉତ୍ପାଦଗୁଡିକୁ ଭେଣ୍ଡିଂ ମେଶିନ ଜରିଆରେ ସଂଗ୍ରହ କରାଯାଉଥିବା ବୋତଲଗୁଡିକ ରିସାଇକ୍ଲିଂ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଏହି ଅଭିଯାନ ଆମର ଦିଲ୍ଲୀ ଓ ମୁମ୍ବାଇ ଠାରେ ଅବସ୍ଥିତ ୩୬ଟି ରିଲାଏନ୍ସ ରିଟେଲ ଜରିଆରେ ପିଇଟି ସଂଗ୍ରହ କରାଯିବ। ପରବର୍ତ୍ତୀ ସମୟରେ ଏହି ଅଭିଯାନ ଦେଶର ସମସ୍ତ ରିଲାଏନ୍ସ ଆଉଟଲେଟରେ ଆରମ୍ଭ କରାଯିବ ବୋଲି ମଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଆଇଓବିର ରାଜଭାଷା ସଂଗୋଷ୍ଠୀ କାର୍ଯ୍ୟକ୍ରମ



**ନୂଆଦିଲ୍ଲୀ,୧୫।୧**

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଦେଶକୁ ଏକ ସୂତ୍ରରେ ବାନ୍ଧି ରଖୁଛି ହିନ୍ଦୀ' ବିଷୟବସ୍ତୁ ଶୀର୍ଷକ (ସମ୍ପର୍କିତ) ରାଜଭାଷା ସଂଗୋଷ୍ଠୀ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୟୁନାଇଟେଡ୍ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ସାଇବ ପାତ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସେହିଭଳି ପାତ୍ର ସମସ୍ତଙ୍କୁ ସମ୍ବୋଧନ କରି କହିଥିଲେ, ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାରେ ହିନ୍ଦୀ ସବୁଠାରୁ ସମର୍ଥ ଭାଷା ହୋଇଥିବାବେଳେ ସାଂସ୍କୃତିକ ଏବଂ ଧାର୍ମିକ ରୂପରେ ମଧ୍ୟ ବିବିଧତା ଥିବା ଏହି ଦେଶରେ ହିନ୍ଦୀ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି। ପ୍ରତ୍ୟେକ ନାଗରିକ ହିନ୍ଦୀ ଭାଷାର ଗୁରୁତ୍ୱକୁ ଅନୁଭବ କରିବା ଉଚିତ ବୋଲି ପାତ୍ର କହିଥିଲେ। ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ମନୀଷ କୁମାର ହିନ୍ଦୀ ଭାଷାକୁ ଏକ ଭାବନାତ୍ମକ ଭାଷା କହିଥିବାବେଳେ ଉକ୍ତ ଭାଷା ସହଜରେ ହୃଦୟକୁ ଛୁଇଁ ଯାଇଥାଏ ବୋଲି ସେ କହିଥିଲେ। ବିଶ୍ୱରେ ଭାରତୀୟ ସଂସ୍କୃତିର ପ୍ରଚାର, ପ୍ରସାର କରିବାରେ ହିନ୍ଦୀ ଭାଷା ସବୁଠାରୁ ଉତ୍ତମ ମାଧ୍ୟମ ବୋଲି ମଧ୍ୟ ସେ କହିଥିଲେ। ମୁଖ୍ୟ ପ୍ରବନ୍ଧକ ଆଶିଷ ଠାକୁର ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସନ୍ଦେଶ ଶୁଣାଇଥିଲେ। କ୍ଷେତ୍ରୀୟ ମୁଖ୍ୟ ମନୀଷ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ରାଜଭାଷା ଅଧିକାରୀ ପ୍ରତିଭା ବହିଦାର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜେଏଫ୍ଏସ୍ର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୧୫।୧**

ଜିଓ ଫାଇନାନ୍ସିଆଲ ସର୍ଭିସ (ଜେଏଫ୍ଏସ୍)ର ନିର୍ଦ୍ଦେଶକ ମଣ୍ଡଳୀର ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଚଳିତ ଆର୍ଥିକ ବର୍ଷର ଅକ୍ଟୋବରରୁ ଡିସେମ୍ବର ଶେଷ ସୁଦ୍ଧା କମ୍ପାନୀର ମୋଟ ଲାଭ ୨୯୪ (୨୯୩.୮୨) କୋଟି ଟଙ୍କାରେ ପହଞ୍ଚିଛି।


**Classified Everyday**
**0674-2580101, 2549949**


REAL ESTATE

**SALE**

Duplex sale at Bhubaneswar @ 57 lakhs only. Contact: 9777433701.
D-75294


FOR RENT

**3BR Apartment in Kharvela Nagar, Unit-3, Bhubaneswar. Senior Officers from Central & State Govt./Public Sector/Multinational Companies and Banks may contact: 9861447371 (Between 10.30AM- 5.30PM).**
D-75510

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Body massage by experience, good looking therapist @999/-, (Bhubaneswar). 9078484455.**
D-2282

Positively health benefits SPA expert therapist at Nayapalli. Contact: 7846814019.
D-75187

Spa Kerala body Massage best Therapist @699/- Bhubaneswar. kajal-9337672475.
D-2252

**Relax, Refresh your Body, Mind at Saikrupa Spa with best therapies. 8984068077.**
D-2209

Newly open SPA positively health benefits (expert therapist). Contact: 9124527170.
D-75188

Newly open health benefits SPA special offer @ 999 Bapujinagar. 8018429809.
D-75189

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473.
D-2235


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ଶିବନାରାୟଣ ନନ୍ଦ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୧୦୩୧/୨୦୨୧

ନୋଟିସ

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀମତୀ ଅନିତା ସାମଲ .....ବାଦୀ

ବନାମ

ଶ୍ରୀମତୀ ଗୀତାଞ୍ଜଳି ମହାପାତ୍ର ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା- (୧) ପ୍ରତିବାଦୀ ନଂ.-୩, ଗୀତାଞ୍ଜଳି ସୁବୁଦ୍ଧି, ପିତା: ଭାସ୍କର ସୁବୁଦ୍ଧି, ଗ୍ରାମ/ପୋଷ୍ଟ: ଅନ୍ଧାରୁଆ, ଥାନା-ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, (୨) ପ୍ରତିବାଦୀ ନଂ.-୪, ଭୋବନୀ ସୁବୁଦ୍ଧି, ପିତା- ଜଗନ୍ନାଥ ସୁବୁଦ୍ଧି, ଗ୍ରାମ/ପୋଷ୍ଟ: ଅନ୍ଧାରୁଆ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, (୩) ପ୍ରତିବାଦୀ ନଂ.-୫, ନକୁଳ ସୁବୁଦ୍ଧି, ପିତା: ଶ୍ୟାମ ସୁବୁଦ୍ଧି, ଗ୍ରାମ/ପୋଷ୍ଟ: ଅନ୍ଧାରୁଆ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, (୪) ପ୍ରତିବାଦୀ ନଂ.-୬, ବିଶ୍ୱଜିତ ବେଉରିଆ, ପିତା: ରମେଶ ଚନ୍ଦ୍ର ବେଉରିଆ, ବା: ପ୍ଲଟ୍ ନମ୍ବର- ୪୪/୯୬୧, ଜଗନ୍ନାଥ ନଗର, ଥାନା: ସହିଦନଗର, ଜିଲ୍ଲା: ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୨।୦୧।୨୦୨୪ରିଖ ଅପରାହ୍ନ ୦୨.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ମୌଜା: ଅନ୍ଧାରୁଆ

ସାବକ

ଖାତା ନମ୍ବର: ୪୫୨, ପ୍ଲଟ୍ ନମ୍ବର: ୧୯୨୩, କିସମ: ଶାରଦ ତିନି, ରକବା: ଏ.୧.୨୭୫ଡି., ସ୍ୱାଧରୁ ଏ୦.୨୧୩ଡି., ସ୍ୱତ୍ୱ: ସ୍ଥିତିବାନ୍

ହାଲ୍

ଖାତା ନମ୍ବର: ୧୬୪୨, ପ୍ଲଟ୍ ନମ୍ବର: ୪୩୫୮, କିସମ: ଶାରଦ ଅଣଜଳସେଚିତ ତିନି, ରକବା: ଏ୦.୫୧୨ଡି., ସ୍ୱାଧରୁ ଏ୦.୨୧୩ଡି., ସ୍ୱତ୍ୱ: ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ୧୦।୦୧।୨୦୨୪, ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୨୨୭୭


**ମନେ ପଡ଼ନ୍ତି**

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ଶ୍ୟାମ ସୁନ୍ଦର ମଲ୍ଲିକ**
ପିତା: ୰ଅକ୍ରୁର ମଲ୍ଲିକ
ସା: ଶୁରଡ଼ିହ, ନନ୍ଦିପୁର, ଜିଲ୍ଲା: ଯାଜପୁର
ଆବିର୍ଭାବ: ୧୦।୦୧।୧୯୨୫
ତିରୋଧାନ: ୩୧।୧୨।୨୦୧୯
ଆପଣ ଆମକୁ ଛାଡ଼ିଯିବାର ଛଅ ବର୍ଷରୁ ଅଧିକ ବିତିଗଲାଣି। ଆମକୁ ମଣିଷ କରିବା ପାଇଁ ଜୀବନରେ ନେଇଥିବା କଷ୍ଟ ସବୁଦିନ ଅଭୁଲା ରହିବ। ଆପଣଙ୍କ ଆତ୍ମା ଶାନ୍ତି ପାଉ, ଆଜିର ଏହି ଷଷ୍ଠ ଶ୍ରାଦ୍ଧବାର୍ଷିକୀରେ ଭଗବାନଙ୍କ ନିକଟରେ ଏତିକି କାମନା ।
**ଶୋକସନ୍ତପ୍ତ ପରିବାରବର୍ଗ ।**
ଧ-୨୨୬୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରଣତି ଦୀକ୍ଷିତ**
ଆବିର୍ଭାବ-୦୬।୦୪।୧୯୬୨
ତିରୋଧାନ- ୦୬।୦୧।୨୦୨୪
ସ୍ୱାମୀ, ପୁଅ, ତୁଷାର ରଞ୍ଜନ ଦୀକ୍ଷିତ, ମିହିର ରଞ୍ଜନ ଦୀକ୍ଷିତ, ସମୀର ରଞ୍ଜନ ଦୀକ୍ଷିତ, ସଲିଳ ରଞ୍ଜନ ଦୀକ୍ଷିତ, ଝିଅ: ତୃପ୍ତି ରାଣୀ ଦୀକ୍ଷିତ, ଜ୍ୱାଇଁ: କେଦାର ନାଥ ପାଢ଼ୀ, ଶ୍ରୀକାନ୍ତ କୁମାର ମିଶ୍ର, ଭଣଜା: ଦେବରାଜ ଦୀକ୍ଷିତ, ତପନ କୁମାର ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ଭାଇ, ଭାଉଜ, ପୁତୁରା, ଝିଆରୀ, ନାତି, ନାତୁଣୀ, ଦିଅର, ଭାଉଜ, ଯା, ନଣନ୍ଦ, ଦେଢ଼ଶୁର, ଶୋକସନ୍ତପ୍ତ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୨୨୮୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**CLASSIFIED DISPLAY**
MORE SPACE ' SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Hurry up... Hurry up... Hurry up...
**B.Ed**
**Only @89,000/-**
**IMMEDIATELY CONTACT**
**B.Ed**
**COUNSELLING CENTER BHUBANESWAR**
**7606962458**
**8908210843**
**9124391142**
**8908210443**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନର ଶୁଭେଚ୍ଛା**



**ଆୟୁଷ ଅଂଶୁମାନ ପାଢ଼ୀ (ପ୍ରିନ୍ସ)**
ଲୋଧାଚୂଆ, ରଣପୁର, ନୟାଗଡ଼
ଆଜି ତୋର ୧୧ତମ ଜନ୍ମଦିନ ଶୁଭ ଅବସରରେ ଆମ୍ଭେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଜୀବନ ସୁଖମୟ, ଦୀର୍ଘାୟୁ ଓ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: କେକେ, ଜେକେମା, ବାବା, ମାମା, ବଡ଼ବାବା, ବଡ଼ମାମା, ମାମୁ, ମାଈଁ, ଅଜା, ଆଈ ଓ ପରିବାରବର୍ଗ।
ଧ-୭୫୧୦୦

**କୃତିତ୍ୱ**



ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗରେ ସିନିଅର ଡେମୋନଷ୍ଟ୍ରେଟର ଭାବେ କାର୍ଯ୍ୟରତ ଶ୍ରୀଯୁକ୍ତ ସହଦେବ ପରିଡ଼ା ଓ ଶ୍ରୀମତୀ ସଂଗୀତା ସାମନ୍ତରାୟଙ୍କ କନିଷ୍ଠ କନ୍ୟା ଅତସୀ ଅପରାଜିତା ସର୍ବଭାରତୀୟ Geoscientist Grade-A ପରୀକ୍ଷାରେ ସାଧାରଣବର୍ଗର ୧୯୦ ଜଣଙ୍କ ମଧ୍ୟରେ ୧୦୦ Rank ରଖି ଓଡ଼ିଶାରୁ ଏକମାତ୍ର ଛାତ୍ରୀ ଭାବେ ପ୍ରଥମ ପଦକ୍ଷେପରେ ଯୋଗ୍ୟତା ଅର୍ଜନ କରିବା ସହିତ Geological Survey of Indiaରେ ଯୋଗଦେବା ନିମନ୍ତେ ମନୋନୀତ ହୋଇଛନ୍ତି। ଅତସୀ ଅପରାଜିତା ଚଳିତ ବର୍ଷ BHU ବିଶ୍ୱବିଦ୍ୟାଳୟରୁ ଭୂତତ୍ତ୍ୱ ବିଜ୍ଞାନରେ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣ ହେବାର କିଛି ମାସ ମଧ୍ୟରେ ଏଭଳି ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ପିତା, ମାତା, ପୂଜ୍ୟ ଗୁରୁମା ଓ ଗୁରୁଜୀ ତଥା ଗୁରୁଜନମାନଙ୍କୁ ଶ୍ରେୟ ଦେଇଛନ୍ତି। ଏଥିପାଇଁ ନିମାପଡ଼ା ଅଞ୍ଚଳବାସୀ କୃତଜ୍ଞତା ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।
ଧ-୨୨୮୪

# ମ୍ୟାଚ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ

**ରଣଜୀ ଟ୍ରଫି**

- ସୁନୀଲ ରାଉଳଙ୍କୁ ୫ ଉଇକେଟ
- ଶୁଭ୍ରାଂଶୁ ସେନାପତି ପ୍ଲେୟର ଅଫ୍ ଦି ମ୍ୟାଚ

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ)**

ଇନ୍ଦୋରସ୍ଥିତ ଇମରଲାଣ୍ଡ ହାଇଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଗ୍ରାଉଣ୍ଡରେ ଓଡ଼ିଶା-ମଧ୍ୟପ୍ରଦେଶ ଏଲିଟ ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ସୋମବାର ଶେଷ ହୋଇଛି। ମ୍ୟାଚରୁ ଫଳାଫଳ ମିଳିପାରି ନ ଥିବାବେଳେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶାକୁ ୩ ପଏଣ୍ଟ ମିଳିଛି। ପ୍ରଥମ ଇନିଂସରେ କ୍ୟାରିୟର ଶ୍ରେଷ୍ଠ ୨୭୭ ରନ କରିଥିବା ଓଡ଼ିଶାର ଶୁଭ୍ରାଂଶୁ ସେନାପତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଶୁଭ୍ରାଂଶୁଙ୍କୁ ମ୍ୟାଚ ରେଫରି କଲୋନେଲ ସଞ୍ଜୟ ବର୍ମା ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଚଳିତ ମାସ ୧୯ ତାରିଖରୁ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବ। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଅର୍ଥାତ୍ ଓଡ଼ିଶା ବାହାର ପରିବେଶରେ ୨ଟି ମ୍ୟାଚ ଖେଳିବା ପରେ ଚଳିତ ସିଜନରେ ଘରୋଇ ପଡ଼ିଆରେ ପ୍ରଥମ ମ୍ୟାଚ ଖେଳିବ। ଭଦୋଦରାରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ବରୋଦାଠାରୁ ୧୪୭ ରନରେ ହାରି ଯାଇଥିଲା


ମ୍ୟାଚ ରେଫରିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶୁଭ୍ରାଂଶୁ ସେନାପତି।

## ଫଲୋଅନ ଡାକିଲା ଓଡ଼ିଶା

ତୃତୀୟ ଦିବସର ଅସମାପ୍ତ ସ୍କୋର ୨୪୬/୬ରୁ ଖେଳ ଆରମ୍ଭ କରିଥିବା ମଧ୍ୟପ୍ରଦେଶ ପ୍ରଥମ ଇନିଂସରେ ମୋଟ ୩୧୮ ରନ କରି ଅଲ୍ଆଉଟ ହୋଇ ଯାଇଥିଲା। ପୂର୍ବଦିନ ଶତକ ହାସଲ କରି ସାରିଥିବା ହର୍ଷ ଗାୱ୍ଲି ସର୍ବାଧିକ ୧୬୭ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁନୀଲ ରାଉଳ ତୃତୀୟ ଥରପାଇଁ ୫ ଉଇକେଟ ସଫଳତା ପାଇଥିଲେ। ପ୍ରୟାସ ସିଂ ଓ ଗୋବିନ୍ଦ ପୋଦ୍ଦାରଙ୍କୁ ୨ଟି ଲେଖାଏ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ୧୮୦ ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଥିବା ଓଡ଼ିଶା ବ୍ୟାଟିଂ ପାଇଁ ପଡ଼ିଆକୁ ନ ଓହ୍ଲାଇ ମଧ୍ୟପ୍ରଦେଶକୁ ଫଲୋଅନ ଡାକିଥିଲା। ଫଳରେ ଘରୋଇ ଦଳ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ହିମାଂଶୁ ମନ୍ତ୍ରୀ (୧୧୯ ରନ)ଙ୍କ ଶତକ, ୟାଶ ଦୁବେଙ୍କ ଦୃଢ଼ ୯୧ ଓ ଶୁଭମ୍ ଶର୍ମାଙ୍କ ୪୮ ରନ ସହାୟତାରେ ଦଳ ୫୯ ଓଭରରେ ୪ ଉଇକେଟ ହରାଇ ୨୯୧ ରନ କରିଥିବାବେଳେ ଇନିଂସ ଘୋଷଣା କରିଥିଲା। ଓଡ଼ିଶା ପକ୍ଷରୁ ଜୟନ୍ତ ବେହେରାଙ୍କୁ ୨ଟି ଏବଂ ସୁନୀଲ ରାଉଳ ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

## ଟାର୍ଗେଟ ୧୧୨

ଓଡ଼ିଶା ଆଗରେ ୧୦ ଓଭରରୁ ୧୧୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ମଧ୍ୟପ୍ରଦେଶ। ସ୍କୋର ମାତ୍ର ୧ ରନ ହୋଇଥିବାବେଳେ ଓପନର ଅନୁରାଗ ଷଡ଼ଙ୍ଗୀ (୦) ଆଉଟ ହେବାରୁ ଓଡ଼ିଶା ରନ୍‌ରେଜ୍ ଅଭିମୁଖ୍ୟରୁ ଓହରି ଯାଇଥିଲା। ଅଧିନାୟକ ଶାନ୍ତନୁ ମିଶ୍ର ୨୫ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୩୩ ରନରେ ଅପରାଜିତ ଥିବାବେଳେ ରାଜେଶ ଧୂପର ସତର୍କତାର ସହ ବ୍ୟାଟିଂ କରି ୩୩ ବଲ୍‌ରୁ ମାତ୍ର ୫ ରନ ସଂଗ୍ରହ କରିଥିଲେ। ଓଡ଼ିଶା ୧୦ ଓଭରରେ ୧ ଉଇକେଟ ହରାଇ ୩୮ ରନ କରିବାକୁ ସକ୍ଷମ ହୋଇଥିଲା। ମଧ୍ୟପ୍ରଦେଶ ପକ୍ଷରୁ ଉଇକେଟ ହାସଲ କରିଥିଲେ କୁମାର କାର୍ତ୍ତିକେୟ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୪୯୮। ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୩୧୮। ଫଲୋଅନ ପରେ ମଧ୍ୟପ୍ରଦେଶ ଦ୍ୱିତୀୟ ଇନିଂସ: ୨୯୧/୪/ଘୋଷଣା (ହିମାଂଶୁ ମନ୍ତ୍ରୀ-୧୧୯, ୟାଶ ଦୁବେ-୯୧, ଶୁଭମ୍ ଶର୍ମା-୪୮, ଜୟନ୍ତ ବେହେରା-୨/୧୧୩, ସୁନୀଲ ରାଉଳ-୧/୨୫, ଗୋବିନ୍ଦ ପୋଦ୍ଦାର-୧/୧/୨୧)। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୮/୧।

## ଇସ୍ରାଏଲୀ ଫୁଟବଲର ତୁର୍କୀରେ ଅଟକ

**ଅଙ୍କାରା, ୧୫।୧ (ପି.ଟି.):** ହମାସ୍ ଆକ୍ରମଣକାରୀଙ୍କୁ ବିରୋଧ କରିବା କାରଣରୁ ତୁର୍କୀରେ ଜଣେ ଇସ୍ରାଏଲୀ ପ୍ରଫେସନାଲ ଫୁଟବଲରଙ୍କୁ ଅଟକ ରଖାଯାଇଛି। ଇସ୍ରାଏଲୀ ଫୁଟବଲର ସାଜିଭ ଜେହେଜକେଲ ଏକ କ୍ଲବ ମ୍ୟାଚ୍ ସମୟରେ ନିଜ ରିଷ୍ଟ ବ୍ୟାଣ୍ଡରେ ଗାଜାରେ ପଣବନ୍ଦୀ ଥିବା ଇସ୍ରାଏଲୀଙ୍କ ସମ୍ପର୍କରେ ଲେଖିଥିଲେ। ରିଷ୍ଟବ୍ୟାଣ୍ଡରେ ୧୦୦/୭/୧୦ ଲେଖାଯାଇଥିଲା। ଅକ୍ଟୋବର ୭, ୨୦୨୩ରେ ହମାସ୍ ଆତଙ୍କୀ ମାନେ ଇସ୍ରାଏଲ ଉପରେ ଆକ୍ରମଣ କରି ଅନେକ ଲୋକଙ୍କୁ ହତ୍ୟା କରିବା ସହିତ ପଣବନ୍ଦୀ ବନାଇଥିଲେ। ଇତିମଧ୍ୟରେ ୧୦୦ ଦିନ ବିତି ଯାଇଥିଲେ ମଧ୍ୟ ପଣବନ୍ଦୀଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ୨୮ ବର୍ଷୀୟ ଆଣ୍ଟାଲ୍ୟାସ୍ପୋର ଖେଳାଳି ଦଳର ବିଜୟ ପରେ ନିଜ ରିଷ୍ଟ ବ୍ୟାଣ୍ଡ ଦେଖାଇଥିଲେ। ସେ ହିଂସାକୁ ପ୍ରୋତ୍ସାହିତ କରୁଥିବା ନେଇ ଅଭିଯୋଗ କରି ତୁର୍କୀ ପୋଲିସ ତାଙ୍କୁ ଅଟକ ରଖିଥିଲା। ଗାଜାରେ ଇସ୍ରାଏଲର ଆକ୍ରମଣକୁ ତୁର୍କୀରେ ବିରୋଧ କରାଯାଉଥିବା ବେଳେ ଏହା ହିଂସାକୁ ଉସୁକେଇବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଇଥିଲା। ତେବେ ସେ ଯୁଦ୍ଧର ବିରୋଧ କରନ୍ତି ବୋଲି କହିଥିଲେ ସାଜିଭ। ତେବେ ପରବର୍ତ୍ତୀ ସମୟରେ ତାଙ୍କୁ ମୁକ୍ତ କରାଯାଇଥିବା ବେଳେ ସେ ବର୍ତ୍ତମାନ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିବେ।

# ସଚିନଙ୍କ ଡିପ୍ ଫେକ୍ ଭିଡିଓ


ସଚିନଙ୍କ ଡିପ୍ ଫେକ୍ ଭିଡିଓର ଫଟୋ


ସଚିନ ତେନ୍ଦୁଲକର

**ନୂଆଦିଲ୍ଲୀ, ୧୫।୧ (ପି.ଟି.)**

ଡିପ୍ ଫେକ୍ ଭିଡିଓକୁ ନେଇ ସୋସିଆଲ ମିଡିଆରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର। ଭିଡିଓରେ ତେନ୍ଦୁଲକରଙ୍କୁ ଏକ ଅନ୍‌ଲାଇନ ଗେମିଙ୍ଗ ପ୍ଲାଟ୍‌ଫର୍ମର ପ୍ରମୋଟ୍ କରୁଥିବାର ଦେଖିବାକୁ ମିଳିଥିଲା। ତେବେ ଏଥିରେ ତେନ୍ଦୁଲକର ନ ଥିବା ସ୍ପଷ୍ଟ ହୋଇଛି। ଏହି ଭିଡିଓକୁ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରିବା ସହିତ ଏହା ଏକ ଡିପ୍ ଫେକ୍ ଭିଡିଓ ବୋଲି ଉଲ୍ଲେଖ କରିଥିଲେ ସଚିନ । ଏହି ଭିଡିଓଟି ସମ୍ପୂର୍ଣ୍ଣ ଭାବରେ ଫେକ୍, ତେବେ ବୈଷୟିକ କୌଶଳର ଏଭଳି ଅପବ୍ୟବହାରକୁ ଚିନ୍ତାଜନକ ବୋଲି ସେ ଲେଖିଥିଲେ। ଏହା ସହିତ ଏହି ଭିଡିଓକୁ ରିପୋର୍ଟ ମାରିବା ନିମନ୍ତେ ତେନ୍ଦୁଲକର ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଭିଡିଓରେ ବ୍ୟବହୃତ ସ୍ୱର ମଧ୍ୟ ତେନ୍ଦୁଲକରଙ୍କ ସ୍ୱର ଭଳି ଲାଗୁଥିଲା। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡିକ ଏଭଳି ଘଟଣାକୁ ନେଇ ଅଧିକ ସତର୍କ ହେବା ଉଚିତ ବୋଲି ତେନ୍ଦୁଲକର କହିଛନ୍ତି। ଏଭଳି ଘଟଣାକୁ ରୋକିବାକୁ ହେଲେ ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟଗ୍ରହଣ କରାଯିବା ଉଚିତ ବୋଲି ସେ ଲେଖିଥିଲେ।

ତେନ୍ଦୁଲକରଙ୍କ ଏହି ପୋଷ୍ଟ ପରେ କେନ୍ଦ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ଏହି ମାମଲା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଦ୍ୱାରା ଏଭଳି ଡିପ୍ ଫେକ୍ ଭିଡିଓ ଓ ଭୁଲ ସୂଚନା ଦ୍ୱାରା ଭାରତୀୟ ନାଗରିକଙ୍କ ସୁରକ୍ଷା ଓ ଭରସା ସଙ୍କଟରେ ରହିଛି। ଏହାକୁ ତୁରନ୍ତ ହଟାଇବାକୁ ପ୍ରୟାସ କରାଯାଉଛି ବୋଲି ସେ ପ୍ରତିକ୍ରିୟା ଦେଇଥିଲେ। ଏହା ସହିତ ଭାରତ ସରକାର ଖୁବ୍‌ଶୀଘ୍ର ଏକ ନୂତନ ଆଇଟି ଆକ୍ଟ ଆଣିବା ସହ ନିୟମକୁ କଡାକଡି କରିବାକୁ ଯାଉଛନ୍ତି ବୋଲି ଚନ୍ଦ୍ରଶେଖର କହିଛନ୍ତି। ପୂର୍ବରୁ ହଲିଉଡ୍ ଅଭିନେତା ଟମ୍ ହାଙ୍କ୍‌ସ ଓ ବଲିଉଡ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା ମଧ୍ୟ ଏଭଳି ଡିପ୍ ଫେକ୍‌ର ଶିକାର ହୋଇଥିଲେ।

## ଚୟନକର୍ତ୍ତା ପଦ ପୂରଣ କରିବ ବିସିସିଆଇ

**ନୂଆଦିଲ୍ଲୀ, ୧୫।୧ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ଭବତଃ ପଶ୍ଚିମାଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ପେସ୍ ବୋଲର ସଲିଲ ଆଙ୍କୋଲାଙ୍କ ସ୍ଥାନରେ ଜଣକୁ ନିଯୁକ୍ତି ଦେବା ଲାଗି ସୋମବାର ଦରଖାସ୍ତ ଆହ୍ୱାନ କରିଛି। କାରଣ ପଶ୍ଚିମାଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟ ଜଣେ ଅଜିତ ଅଗରକର ବର୍ତ୍ତମାନ ସିଲେକ୍ସନ କମିଟି ଚେୟାରମ୍ୟାନ ଅଛନ୍ତି। ବିସିସିଆଇ ଏହାର ନିଜସ୍ୱ ୱେବ୍‌ସାଇଟ୍‌ରେ ବିଜ୍ଞପ୍ତି ପ୍ରକାଶ କରିଛି। ଗତ ଦୁଇ ବର୍ଷ ଭଳି ଏହି ପଦବୀ ପାଇଁ ସମାନ ଯୋଗ୍ୟତା ରହିଛି। ଆବେଦନ କରିବାକୁ ହେଲେ ପ୍ରାର୍ଥୀ ଜଣକ ଅତିକମ୍‌ରେ ୭ଟି ଟେଷ୍ଟ ଅବା ୩୦ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିବା ଆବଶ୍ୟକ। ଯଦି ଜଣେ ଆବେଦନକାରୀଙ୍କ ୧୦ ଅନ୍ତର୍ଜାତୀୟ ଦିନିକିଆ ଅବା ୨୦ ପ୍ରଥମଶ୍ରେଣୀ ମ୍ୟାଚର ଅଭିଜ୍ଞତା ଥାଏ ତେବେ ତାଙ୍କ ଦରଖାସ୍ତକୁ ମଧ୍ୟ ବିଚାରକୁ ନିଆଯିବ। ଆବେଦନପତ୍ର ଦାଖଲ କରିବାର ଶେଷ ଦିବସ ଜାନୁଆରୀ ୨୫ ରଖାଯାଇଛି।

# କିଟ୍‌ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କୋଚ୍ ଏଜୁକେଶନ ପ୍ରୋଗ୍ରାମ



ୱାର୍ଲ୍ଡ ଆଥ୍‌ଲେଟିକ୍ସ କୋଚ୍ ଏଜୁକେଶନ ପ୍ରୋଗ୍ରାମରେ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍‌ମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ)**

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଆନୁକୂଲ୍ୟରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କୋଚ୍‌ମାନଙ୍କର ଏଜୁକେଶନ ପ୍ରୋଗ୍ରାମ (ଲେଭଲ-୧) ସୋମବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜନ ହୋଇଥିବା ଏହି ପ୍ରୋଗ୍ରାମ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତର ବିଭିନ୍ନ ପ୍ରାନ୍ତରୁ ୨୫ ଜଣ କୋଚ୍‌ଙ୍କୁ ଏହି ପ୍ରୋଗ୍ରାମ ପାଇଁ ମନୋନୀତ କରାଯାଇଛି। ଏହା ମଧ୍ୟରେ ଓଡ଼ିଶାର ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ପଶ୍ଚିମବଙ୍ଗର ସୁସ୍ମିତା ସିଂ ରୟ ଏବଂ ଓମ୍ ପ୍ରକାଶ ସିଂ, ମଣିକନ୍ଦରାଜ ମୁରୁଗମ, ଏଲାଭରସି ମଣିକନ୍ଦରାଜନ ଓ ମୃଦୁଳା କୋରାଡାଙ୍କ ପରି ଅନ୍ତର୍ଜାତୀୟ ଖେଳାଳି ସାମିଲ ଅଛନ୍ତି। ହରିୟାଣା ସେଣ୍ଟ୍ରାଲ ୟୁନିଭର୍ସିଟିର ଫିଜିକାଲ ଏଜୁକେଶନ ବିଭାଗ ମୁଖ୍ୟ ଜୟ ପ୍ରକାଶ ଭୁକର ଏହି ପ୍ରୋଗ୍ରାମର ଚିଫ୍ ଏଜୁକେଟର ଏବଂ ବେଙ୍ଗାଲୁରୁସ୍ଥିତ ସାଇର ଏନ୍‌ସିଓଇ ଆଥ୍‌ଲେଟିକ୍ସ କୋଚ୍ ସୁମା ପତଲୁମାନେ କୋ-ଏଜୁକେଟର ଦାୟିତ୍ୱ ତୁଲାଇବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ନିଜ ମତ ରଖିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କ୍ରୀଡ଼ା ଭିତ୍ତିଭୂମି ଓ ଅନୁଷ୍ଠାନର ବଡ଼ ସଫଳତାଗୁଡ଼ିକ ସମ୍ପର୍କରେ ଅବତାରଣା କରିଥିଲେ। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ସମର୍ଥନ ଯୋଗାଇ ଆସୁଥିବାରୁ ସେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ଜୁନିୟର ଆଥ୍‌ଲେଟିକ୍ ଟିମ୍‌ର ପୂର୍ବତନ ଜାତୀୟ କୋଚ୍ ତଥା ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ସିନିୟର ମୁଖ୍ୟ କୋଚ୍ ସଞ୍ଜୟ କୁମାର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ବିଜୟ ଲକ୍ଷ୍ୟରେ ସ୍ପୋର୍ଟ୍ସ ଓଡ଼ିଶା



ପାରୋମିତା ସିଟ ଓ ମନୀଷା ନାୟକ।

**ଇଣ୍ଡିଆନ ଓମେନ୍ସ ଲିଗ୍**

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ)**

ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ମଙ୍ଗଳବାର ସ୍ପୋର୍ଟ୍ସ ଓଡ଼ିଶା ଓ ହୋପ୍ସ ଏଫ୍‌ସି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ଏହି ମ୍ୟାଚ ଖେଳାଯିବ। ସ୍ପୋର୍ଟ୍ସ ଓଡ଼ିଶା ଏପର୍ଯ୍ୟନ୍ତ ୫ଟି ମ୍ୟାଚ ଖେଳିଥିଲେ ମଧ୍ୟ ପଏଣ୍ଟ ଖାତା ଖୋଲି ପାରିନାହିଁ। ତେଣୁ ହୋପ୍ସ ଏକାଦଶ ବିପକ୍ଷରେ ଦଳ ସିଜନର ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ହୋପ୍ସ ଏକାଦଶ ୪ ମ୍ୟାଚରୁ ୧ ବିଜୟ ସହ ୩ ପଏଣ୍ଟ ପାଇଛି। "ଆମେ ଚଳିତ ସିଜନରେ ଭଲ ଆରମ୍ଭ କରି ପାରିନାହୁଁ। ପୂର୍ବ ମ୍ୟାଚରେ ଆମେ ପର୍ଯ୍ୟାପ୍ତ ସୁଯୋଗ ପାଇଥିଲୁ, ମାତ୍ର ତାହାର ସଦୁପଯୋଗ କରିପାରି ନ ଥିଲୁ। ବିଜୟ ପଥକୁ ଫେରିଲେ ଆମେ ଆଗକୁ ବଢ଼ିବା ସମ୍ଭବତ ସହଜ ହେବ" ବୋଲି ସୋମବାର ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ସ୍ପୋର୍ଟ୍ସ ଓଡ଼ିଶା ମୁଖ୍ୟ କୋଚ୍ ପାରୋମିତା ସିଟ୍ ପ୍ରକାଶ କରିଛନ୍ତି। ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ପ୍ରତ୍ୟେକ ମ୍ୟାଚ କଷ୍ଟସାଧ୍ୟ। ଆମେ ଆଗାମୀ ମ୍ୟାଚ ପାଇଁ ନିଜକୁ ପ୍ରସ୍ତୁତ କରିଛୁ। ଆଶା କରୁଛି ଖେଳାଳିମାନେ ଯୋଜନାକୁ ପଡ଼ିଆରେ କାର୍ଯ୍ୟକାରୀ କରିବେ ଏବଂ ଆମେ ପ୍ରଥମଥରପାଇଁ ୩ ପଏଣ୍ଟ ପାଇପାରିବୁ ବୋଲି କୋଚ୍ କହିଛନ୍ତି। ଓଡ଼ିଶାର ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ସ୍ପୋର୍ଟ୍ସ ଓଡ଼ିଶା ଦଳର ମୁଖ୍ୟ ଲକ୍ଷ୍ୟ। ଉକ୍ତ ସମ୍ମିଳନୀରେ ଉପସ୍ଥିତ ଥିବା ଫରୱାର୍ଡ ମନିଷା ନାୟକ କହିଛନ୍ତି ଯେ, "ଦଳର ମନୋବଳ ଠିକ୍ ଅଛି। ମିଳୁଥିବା ସୁଯୋଗର ସଦ୍‌ବ୍ୟବହାର ଆମର ମୁଖ୍ୟ ଲକ୍ଷ୍ୟ ରହିବ। ଆଗାମୀ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆଶା ରହିଛି"।

## ଯୋଗେଶଙ୍କୁ ଦୁଇ ସ୍ୱର୍ଣ୍ଣ ପଦକ

**ଜାକର୍ତ୍ତା, ୧୫।୧ (ପି.ଟି.):** ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସରେ ଭାରତୀୟ ଶୁଟରମାନଙ୍କ ଆଧିପତ୍ୟ ଜାରି ରହିଛି। ସୋମବାର ଯୋଗେଶ ସିଂ ଦୁଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୁରୁଷ ୨୫ ମିଟର ସେଣ୍ଟର ଫାୟାର ପିସ୍ତଲ ପ୍ରତିଯୋଗିତାର ଉଭୟ ସିଙ୍ଗଲ୍ସ ଓ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଯୋଗେଶ ୫୭୩ ଶୁଟ୍ କରି ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ଜିତିଥିଲେ। ଓମାନର ମୁଆଦ ଅଲ୍ ବାଲୁଶି (୫୭୦) ଓ ଇଣ୍ଡୋନେସିଆର ଅନଙ୍ଗ ୟୁଲିଆଣ୍ଟୋ (୫୬୭) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଭାରତର ୩ଜଣ ମୋଟ ୧୭୦୪ ପଏଣ୍ଟ ଅର୍ଜନ କରି ଓମାନ ଓ ଇଣ୍ଡୋନେସିଆକୁ ପଛରେ ପକାଇ ଟିମ୍ ସ୍ୱର୍ଣ୍ଣ ଜିତିଥିଲେ। କୁଏଟରେ ଅନୁଷ୍ଠିତ କ୍ୱାଲିଫାୟର୍ସରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଶ୍ରେୟାସି ସିଂ ୧୯ ପଏଣ୍ଟ ଅର୍ଜନ କରି ମହିଳା ଟ୍ରାପ୍ ଫାଇନାଲରେ ୫ମ ହୋଇଥିଲେ। ଭାରତର ଶ୍ରେୟାସି, ମନୀଷା କିର୍ ଓ ଭାବ୍ୟା ତ୍ରିପାଠୀ ମହିଳା ଟ୍ରାପ୍ ଟିମ୍ ଇଭେଣ୍ଟରେ ମୋଟ ୩୨୮ ସ୍କୋର କରି ରୌପ୍ୟ ପଦକ ହାସଲ କରିଛନ୍ତି।

# ଦ୍ୱିତୀୟ ରାଉଣ୍ଡରେ ଗଫ୍, ମେଡଭେଡେଭ



ବିଜୟ ପରେ ଉଲ୍ଲସିତ ଡାୟାନା ୟାସ୍ତ୍ରେମସ୍କା।

**ଅଷ୍ଟ୍ରେଲିଆନ ଓପନ**

**ମେଲବୋର୍ନ୍, ୧୫।୧ (ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନର ଦ୍ୱିତୀୟ ଦିନରେ ଅନେକ ସିଡେଡ୍ ଖେଳାଳି ବିଜୟ ହାସଲ କରିଛନ୍ତି। କୋକୋ ଗଫ୍, ଓନ୍ସ ଜାବେର ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ବର୍ଗରେ ଡାନିଲ ମେଡଭେଡେଭ ଓ ଷ୍ଟିଫାନୋସ ସିତ୍‌ସିପାସ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୯ ବର୍ଷୀୟା କୋକୋ ଗଫ୍ ମାତ୍ର ଏକ ଘଣ୍ଟାର ସମୟ ନେଇ ୬-୩, ୬-୦ ସେଟ୍‌ରେ ଆନା କାରୋଲିନା ସ୍କିମଡୋଲଭାଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ସିଡେଡ୍ ଖେଳାଳି ଭାବେ ଓନ୍ସ ଜାବେର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ୟୁକ୍ରେନ୍‌ର ୟୁଲିଆ ସ୍ତାରୋଦୁବ୍‌ତେସେୟାଙ୍କୁ ୬-୩, ୬-୧ରେ ପରାସ୍ତ କରିଥିଲେ ଜାବେର୍। ତେବେ ମାତୃତ୍ୱ ପରେ ପ୍ରତ୍ୟାବର୍ତ୍ତନ କରିଥିବା ନାଓମି ଓସାକା ଓ ୱିମ୍ବେଲଡନ୍ ଚାମ୍ପିୟନ ମାର୍କେଟା ଭୋନ୍ଦ୍ରୋସୋଭା ପରାଜିତ ହୋଇଛନ୍ତି। ୧୬ ନମ୍ବର ସିଡ୍ କାରୋଲିନା ଗାର୍ସିଆଙ୍କ ବିପକ୍ଷ ମ୍ୟାଚ୍‌ରେ ୬-୪, ୭-୬(୭-୨)ରେ ପରାଜିତ ହୋଇଥିଲେ ଓସାକା। ଅନ୍ୟପକ୍ଷରେ ଆଡିଲେଡ୍ ଓପନ ସମୟରେ ଆହତ ହୋଇଥିବା ଭୋନ୍ଦ୍ରୋସୋଭାଙ୍କ ସର୍ଭିସ୍ କରିବାରେ ସମସ୍ୟା ହୋଇଥିଲା। ୭ ଡବଲ୍ ଫଲ୍ଟ କରିଥିବା ବେଳେ ୟୁକ୍ରେନ୍‌ର ଡାୟାନା ୟାସ୍ତ୍ରେମସ୍କାଙ୍କ ନିକଟରୁ ୬-୧, ୬-୨ ସେଟ୍‌ରେ ପରାଜିତ ହୋଇଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ୧୬ ବର୍ଷୀୟା ମୀରା ଆଣ୍ଡ୍ରିଭା ୭-୫, ୬-୨ରେ ବର୍ନାର୍ଡା ପେରାଙ୍କୁ, ବିଟ୍ରିଜ୍ ହଦଦ ମାଇଆ ୬-୨, ୩-୬, ୬-୨ ସେଟ୍‌ରେ ଲିଣ୍ଡା ଫ୍ରୁହିଭ୍ରୋଭାଙ୍କୁ, ପଉଲା ବଡୋସା ୬-୧, ୬-୩ ସେଟ୍‌ରେ ଟେଲର ଟାଉନ୍‌ସେଣ୍ଡଙ୍କୁ, ପରାସ୍ତ କରିଥିଲେ।

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ବିଗତ ସଂସ୍କରଣର ରନର୍‌ଅପ୍ ଷ୍ଟିଫାନୋସ୍ ସିତ୍‌ସିପାସ୍ ୫-୭, ୬-୧, ୬-୧ ଓ ୬-୩ ସେଟ୍‌ରେ ଜିଜୋଉ ବର୍ଗସଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତୃତୀୟ ସିଡ୍‌ର ମାନ୍ୟତା ପାଇଥିବା ଡାନିଲ ମେଡଭେଡେଭ୍ ୫-୭, ୬-୨, ୬-୪ ଓ ୧-୦ରେ ୨୨ ବର୍ଷୀୟ ଟେରେନ୍ସ ଅଟମାନେଙ୍କୁ ହରାଇଥିଲେ। ବେନ୍ ଶେଲଟନ୍ ୬-୨, ୭-୬(୨), ୭-୫ରେ ରବର୍ଟୋ ବାଟିଷ୍ଟା ଆଗୁଟଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଯୁବରାଜଙ୍କ ରେକର୍ଡ ଭାଙ୍ଗିଲେ ପ୍ରଖର

**ଶିଭାମୋଗା, ୧୫।୧ (ପି.ଟି.)**

କର୍ନାଟକର ପ୍ରଖର ଚତୁର୍ବେଦୀ ମୁମ୍ବାଇ ବିପକ୍ଷରେ ୬୩୮ ବଲ୍‌ରୁ ୪୦୪ରନ କରି ଅପରାଜିତ ରହିବା ଦ୍ୱାରା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି କ୍ରିକେଟ ଫାଇନାଲରେ ଯୁବରାଜ ସିଂଙ୍କ ୨୫ବର୍ଷରୁ ପୁରୁଣା ସର୍ବୋଚ୍ଚ ସ୍କୋର ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ୧୯୯୯ରେ ପଞ୍ଜାବ ତରଫରୁ ଖେଳୁଥିବା ଯୁବରାଜ ବିହାର ବିପକ୍ଷରେ ୩୫୮ରନ ସଂଗ୍ରହ କରିଥିଲେ। ଭାରତର ପ୍ରମୁଖ ୧୯ ବର୍ଷରୁ କମ୍ ଘରୋଇ ଇଭେଣ୍ଟରେ ବ୍ୟକ୍ତିଗତ ସର୍ବୋଚ୍ଚ ରେକର୍ଡ ବିଜୟ ଜୋଲ୍ (୪୫୧ ନଟ ଆଉଟ)ଙ୍କ ନାମରେ ରହିଛି। ୨୦୧୧-୧୨ ସିଜନରେ ସେ ମହାରାଷ୍ଟ୍ର ତରଫରୁ ଖେଳୁଥିବା ବେଳେ ଆସାମ ବିପକ୍ଷ ମ୍ୟାଚରେ ଏହି ସଫଳତା ହାସଲ କରିଥିଲେ। ଚତୁର୍ବେଦୀଙ୍କ ରେକର୍ଡ ଇନିଂସରେ ୪୬ ଚୌକା ଓ ୩ ଛକା ସାମିଲ ଥିଲା। ଚତୁର୍ବେଦୀଙ୍କ ଏହି ମାରାଥନ ଇନିଂସ ସହାୟତାରେ ମୁମ୍ବାଇର ୩୮୦ ରନ ଜବାବରେ କର୍ନାଟକ ବିଶାଳ ୮୯୦/୮ ସ୍କୋର କରିଥିଲା।

# ନର୍ଥ ଇଷ୍ଟ ୟୁନାଇଟେଡର ପ୍ରଥମ ବିଜୟ

**ଭୁବନେଶ୍ୱର, ୧୫।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ନର୍ଥ ଇଷ୍ଟ ୟୁନାଇଟେଡ ପ୍ରଥମ ବିଜୟ ହାସଲ କରିଛି। ପିଚ୍-୧ରେ ସୋମବାର ଅନୁଷ୍ଠିତ ଦିବସର ପ୍ରଥମ ମ୍ୟାଚରେ ଏହି ଦଳ ଶିଲଂ ଲାଜଂ ଦଳକୁ ୨-୧ ଗୋଲରେ ପରାସ୍ତ କରିଛି। ନେଷ୍ଟର ଅଲବାକ୍ ରୋଗର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପ୍ରଥମ ୧୫ ମିନିଟ ଗୋଲଶୂନ୍ୟ ରହିବାପରେ ୧୭ତମ ମିନିଟରେ ଶିଲଂ ଲାଜଂର ଡଗ୍‌ଲାସ ରୋସା ଟାର୍ଡିନ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଦଳ ୧-୦ରେ ଆଗୁଆ ରହିଥିଲେ ହେଁ ଦଳ ଏହି ମୋମେଣ୍ଟମକୁ ଶେଷ ପର୍ଯ୍ୟନ୍ତ ରଖିପାରି ନ ଥିଲା। ୫୯ତମ ମିନିଟରେ ଗୋଲଟିକୁ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ ନର୍ଥ ଇଷ୍ଟର ନେଷ୍ଟର ଅଲ୍‌ବାକ୍ ରୋଗର। ମ୍ୟାଚ ସମାନ ସ୍ଥିତିକୁ ଆସିବାପରେ ଅଗ୍ରଣୀ ନେବାକୁ ସ୍ୱାଭାବିକ ଭାବେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇ ଯାଇଥିଲା। ୬୭ତମ ମିନିଟରେ ରୋଗର ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇ ନର୍ଥଇଷ୍ଟକୁ ଅଗ୍ରଣୀ କରିଥିଲେ। ମ୍ୟାଚର ଶେଷ ଭାଗରେ ବିପଜ୍ଜନକ ଖେଳ ପାଇଁ ଏହି ଦଳର ୪ ଜଣ ଖେଳାଳି ୟେଲୋ କାର୍ଡ ପାଇଥିଲେ। ତେବେ ଶିଲଂ ଲାଜଂ ଗୋଲ ପରିଶୋଧ କରିପାରି ନ ଥିଲା। ଫଳରେ ଏହି ମ୍ୟାଚରୁ ନର୍ଥଇଷ୍ଟ ପୂରା ୩ ପଏଣ୍ଟ ପାଇଥିଲା।



ଗୋଲ ସ୍କୋର ପରେ ନର୍ଥଇଷ୍ଟ ୟୁନାଇଟେଡ୍‌ର ଖେଳାଳି।





## ଯଜ୍ଞମଣ୍ଡପ ନିକଟରେ ଚତୁର୍ଦ୍ଧା ବିଗ୍ରହ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ପାଇଁ ଏବେ ଚଳଞ୍ଚଳ ହୋଇ ଉଠିଛି ଶ୍ରୀକ୍ଷେତ୍ର। ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠୀମାନେ ବେଦ ପାଠ ଆରମ୍ଭ କରିଥିବାବେଳେ ବିଧିବିଧାନ ଅନୁଯାୟୀ ଶ୍ରୀମନ୍ଦିର ଐଶାନ୍ୟ କୋଣଠାରେ ଗଜପତିଙ୍କ ଦ୍ୱାରା ବରଣ ହୋଇଥିବା ବ୍ରହ୍ମଣମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଜାରି ରହିଛି। ମନ୍ତ୍ରପାଠ ଓ ବେଦଧ୍ୱନିରେ ମୁଖରିତ ହେଉଛି ଶ୍ରୀକ୍ଷେତ୍ର। ତେବେ ଯଜ୍ଞସ୍ଥଳ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ମଞ୍ଚ ନିର୍ମାଣ କରାଯାଇଛି। ଉକ୍ତ ମଞ୍ଚରେ ଶୋଭା ପାଉଛନ୍ତି ସୁସଜ୍ଜିତ ଚତୁର୍ଦ୍ଧା ବିଗ୍ରହ। ଯାହା ସମସ୍ତ ଭକ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ବିଗ୍ରହମାନଙ୍କୁ ଘୋଡ଼ଲାଗି ବେଶରେ ସଜ୍ଜିତ କରାଯାଇଛି। ସେହିପରି ଶ୍ରୀବିଗ୍ରହମାନେ ବସିଥିବା ମଞ୍ଚକୁ ବିଭିନ୍ନ ରଙ୍ଗିନ ଫୁଲରେ ସଜ୍ଜିତ କରାଯାଇଛି। ଯଜ୍ଞମଣ୍ଡପ ନିକଟରେ ମହାପ୍ରଭୁଙ୍କ ବିଗ୍ରହ ଏକ ଆଧ୍ୟାତ୍ମିକ ତଥା ଭକ୍ତିଭାବ ପରିବେଶ ସୃଷ୍ଟି କରୁଛି। କୀର୍ତ୍ତନଠାରୁ ଆରମ୍ଭ କରି କଳାକାରମାନଙ୍କ ନୃତ୍ୟ ପରିବେଷଣ ସମସ୍ତଙ୍କୁ କିଛି ସମୟ ଠିଆ ହେବାକୁ ବାଧ୍ୟ କରୁଛି। ପ୍ରଶାସନର ଏପରି କାର୍ଯ୍ୟକ୍ରମକୁ ଭକ୍ତଙ୍କଠାରୁ ଆରମ୍ଭ ସ୍ଥାନୀୟ ବାସିନ୍ଦା ବେଶ୍ ପ୍ରଶଂସା କରୁଛନ୍ତି।

# ସବୁ ଲୀଳାମୟଙ୍କ ଇଚ୍ଛା

### ବାଲୁକା କଳାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ଆଉ ୨ଦିନ ବାକିଥିବାବେଳେ ଚଳଚଞ୍ଚଳ ହୋଇ ଉଠିଛି ଶ୍ରୀକ୍ଷେତ୍ର ସମେତ ସମଗ୍ର ରାଜ୍ୟ। ରାଜ୍ୟ ସରକାରଙ୍କ ଏହି ଡ୍ରିମ୍ ପ୍ରୋଜେକ୍ଟକୁ ରାଜ୍ୟବାସୀ ବେଶ୍ ପ୍ରଶଂସା କରିବା ସହ ଯେଉଁମାନେ ପୁରୀ ଆସୁଛନ୍ତି, ସେମାନେ ଏକ ସୁଖଦ ଅନୁଭୂତି ନେଇ ଫେରୁଛନ୍ତି। ଏହି ଅବସରରେ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ତାଙ୍କ ବାଲୁକା କଳା ମାଧ୍ୟମରେ ପରିକ୍ରମା ପ୍ରକଳ୍ପକୁ ସ୍ଥାନିତ କରିଛନ୍ତି। ପ୍ରଧାନ କହିଛନ୍ତି, ବହୁ ପ୍ରତୀକ୍ଷିତ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ କରକମଳରେ ଲୋକାର୍ପଣ ହେବାକୁ ଯାଉଛି । ଏହି ଶୁଭ ଦିବସ ଉପଲକ୍ଷେ ସେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଏକ ବାଲୁକା କଳା ତିଆରି କରିଛନ୍ତି। ସେ ତାଙ୍କ ବାଲୁକା କଳାକୁ ମହାପ୍ରଭୁଙ୍କୁ ଅର୍ପଣ କରିଛନ୍ତି। ବାଲୁକା କଳାର ଦୈର୍ଘ୍ୟ ୮ ଫୁଟ, ପ୍ରସ୍ଥ ୮ ଫୁଟ ଓ ଉଚ୍ଚତା ୨.୫ ଫୁଟ ରହିଛି। ଏଥିରେ ୧୦ ଟନ୍ ବାଲି ବ୍ୟବହାର ହୋଇଛି। ଦୁଇଜଣ ସହଯୋଗୀଙ୍କୁ ନେଇ ମହାପ୍ରଭୁଙ୍କୁ ସ୍ମରଣ କରି ପ୍ରତିଦିନ ୧୨-୧୩ ଘଣ୍ଟା ପରିଶ୍ରମ କରି ଦୀର୍ଘ ୭ ଦିନରେ ଏହାକୁ ସମ୍ପୂର୍ଣ୍ଣ କରିଥିବା ପ୍ରଧାନ କହିଛନ୍ତି ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଏବେ ସାରା ରାଜ୍ୟ ସମେତ ଦେଶ ବିଦେଶରୁ ଆସୁଥିବା ଭକ୍ତ ପ୍ରଶଂସା କରୁଛନ୍ତି। ପ୍ରକଳ୍ପ ଯୋଗୁ ଭକ୍ତମାନେ କେବଳ ମହାପ୍ରଭୁଙ୍କ ଦର୍ଶନ ଶୃଙ୍ଖଳିତ ଭାବରେ କରିବେ ତାହା ନୁହେଁ ବରଂ ଅନେକ ସମସ୍ୟା ମଧ୍ୟ ଦୂର ହେବାକୁ ଯାଉଛି। ଶ୍ରୀମନ୍ଦିର ରୋଷଶାଳା ଭିତରୁ ଦୈନିକ ବାହାରୁ ଥିବା ଶହଶହ ଲିଟର ପେଯ ଏକ ବଡ଼ ସମସ୍ୟା ସାଜିଥିଲା। ହେଲେ ପରିକ୍ରମା ପ୍ରକଳ୍ପ ଅଧୀନରେ ଏହି ସମସ୍ୟା ଦୂର ହୋଇପାରିଛି। ଦକ୍ଷିଣ ଦ୍ୱାର ନିକଟରେ ପ୍ରତିଷ୍ଠା କରାଯାଇଛି ପେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ। ରୋଷଶାଳାରେ ପ୍ରସ୍ତୁତ ହେଉଥିବା ଅବଢ଼ାର ପେଯ ଏହି ପ୍ଲାଣ୍ଟରେ ବିଶୋଧିତ ହେବ। ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ କେତେକ ପ୍ରକ୍ରିୟା ମାଧ୍ୟମରେ ପେଯକୁ ବିଶୁଦ୍ଧ ଜଳରେ ପରିଣତ କରାଯିବ। ଏହି ଜଳ ବୃକ୍ଷରୋପଣ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହୋଇପାରିବ। ପାଖାପାଖି ୩କୋଟି ଟଙ୍କା ଏହି ପ୍ଲାଣ୍ଟରେ ଖର୍ଚ୍ଚ ହୋଇଛି। ପ୍ଲାଣ୍ଟର ଟ୍ରାଏଲ ସଫଳ ହୋଇଛି। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ପ୍ଲାଣ୍ଟ ସମ୍ପୂର୍ଣ୍ଣ ରୂପେ କାମରେ ଲାଗିବ। ସମସ୍ତ ମେଶିନ ପ୍ରତିଷ୍ଠା ହୋଇସାରିଛି। ପ୍ଲାଣ୍ଟ ଗୃହ ନିର୍ମାଣ ପାଖାପାଖି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ୧୭ ତାରିଖ ସୁଦ୍ଧା ସମସ୍ତ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଓବିସିସି ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀଙ୍କ ସୂଚନା ମୁତାବକ, ଶ୍ରୀମନ୍ଦିର ରୋଷଶାଳାରୁ ଆସୁଥିବା ପେଯ ଭୂତଳ ରାସ୍ତା ଦେଇ ପ୍ଲାଣ୍ଟକୁ ଆସୁଛି। ବିଭିନ୍ନ ପ୍ରକ୍ରିୟାରେ ପେଯ ବିଶୋଦ୍ଧୀକରଣ ହେବ। ଏଥିରୁ ଜଳୀୟଅଂଶକୁ ଅଲଗା କରି ସ୍ୱଚ୍ଛ ଜଳ ବାହାର କରାଯିବ। ଅବଶିଷ୍ଟ କଠିନ ପଦାର୍ଥ ବଳକା ରହିଯିବ।

## ଅବଢ଼ା ପେଯରୁ ବିଶୁଦ୍ଧ ଜଳ



### ଅର୍ପଣ ରଥକୁ ସ୍ୱାଗତ



ବଲାଙ୍ଗୀର



ଯାଜପୁର ଜିଲା ବଡ଼ଚଣା ବ୍ଲକ

## ଦିବ୍ୟାଙ୍ଗ-ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

ପୂର୍ବରୁ ବରିଷ୍ଠ ନାଗରିକମାନେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ବ୍ୟାକୁଳ ହେଉଥିଲେ ହେଁ ଭିଡ଼ ଓ ଲମ୍ବା ଧାଡ଼ି ଦେଖି ନିରାଶ ହୁଅନ୍ତି। ଅନେକଙ୍କ ଧାଡ଼ି ବ୍ୟବସ୍ଥାରେ ଛିଡ଼ା ହେବାର କ୍ଷୁ' ନଥିବାରୁ ଦର୍ଶନ ପାଇଁ ଭୟରେ ଆସନ୍ତି ନାହିଁ। ତେବେ କୌଣସି ଭକ୍ତ ଯେପରି ମହାପ୍ରଭୁଙ୍କ ଦିବ୍ୟ ସାନ୍ନିଧ୍ୟରୁ ବଞ୍ଚିତ ନ ହୁଅନ୍ତି, ସେନେଇ ବିଶେଷ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ସ୍ୱତନ୍ତ୍ର ବରିଷ୍ଠ-ଦିବ୍ୟାଙ୍ଗ ହେଲ୍ପ-ଡେସ୍କ କାଉଣ୍ଟର ଖୋଲାଯାଇଛି। ପରିବାରବର୍ଗଙ୍କ ସହ ଆସୁଥିବା ଦିବ୍ୟାଙ୍ଗମାନେ ହେଲ୍ପ-ଡେସ୍କ କାଉଣ୍ଟର ନିକଟରେ ପହଞ୍ଚିଲେ, ସେମାନଙ୍କୁ ଦର୍ଶନ ପାଇଁ ନେବାର ବ୍ୟବସ୍ଥା କରି ଦେଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ହୁଇଲ୍-ଚେୟାର୍ ମାଧ୍ୟମରେ ସ୍ୱେଚ୍ଛାସେବୀ ଅବା କର୍ମଚାରୀମାନେ ଦର୍ଶନ ପାଇଁ ନେଇ ଯାଉଛନ୍ତି। ଦିବ୍ୟାଙ୍ଗ ଓ ଭିନ୍ନକ୍ଷମମାନେ ବିଶ୍ରାମ ନେବା ଲାଗି ମଧ୍ୟ ସ୍ୱତନ୍ତ୍ର ସେଡ୍ ସହ ହେଲ୍ପ-ଡେସ୍କ ବ୍ୟବସ୍ଥା ହୋଇଛି। ଜିଲା ସାମାଜିକ ସୁରକ୍ଷା ଦପ୍ତର ପକ୍ଷରୁ ସେମାନଙ୍କୁ ଦର୍ଶନ ପାଇଁ ନେବା ଲାଗି ୮ଟି ହୁଇଲ୍ ଚେୟାର ଯୋଗାଇ ଦିଆଯାଇଛି। ଫଳରେ ଫଳରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ସ୍ୱଚ୍ଛନ୍ଦରେ ଦର୍ଶନ ସୁବିଧା ପାଉଛନ୍ତି ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା କହିଛନ୍ତି। ଜଗନ୍ନାଥବଲ୍ଲଭ ପରିସରରେ ଗାଡ଼ି ପାର୍କିଂ କରିବା ପରେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଓ ବରିଷ୍ଠ ବର୍ଗର ଭକ୍ତମାନେ ପହଞ୍ଚିବା ଲାଗି ବ୍ୟାଟେରି ଚାଳିତ ଅଟୋର ବନ୍ଦୋବସ୍ତ କରାଯାଇଛି। ଏହି ଅଟୋ ଜରିଆରେ ଦିବ୍ୟାଙ୍ଗ ଭକ୍ତମାନେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯିବା ପରେ ସେଠାରୁ ହୁଇଲ୍ ଚେୟାରରେ ଯାଉଛନ୍ତି। ସେମାନଙ୍କ ସହ ପରିବାରବର୍ଗଙ୍କ ମଧ୍ୟରୁ ଜଣକୁ ସାଙ୍ଗରେ ଛଡ଼ାଯାଉଛି। ବଡ଼ଦାଣ୍ଡ ବ୍ୟତୀତ ନବନିର୍ମିତ ଶ୍ରୀଦାଣ୍ଡରେ ମଧ୍ୟ ସମାନ ବ୍ୟବସ୍ଥା ଆପଣାଯିବ। ବିନା କୌଣସି ଦେୟରେ ଦିବ୍ୟାଙ୍ଗ ଓ ବରିଷ୍ଠ ଭକ୍ତମାନେ ଉକ୍ତ ଅଟୋରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ମହାପ୍ରଭୁଙ୍କ ରଥଯାତ୍ରା, ନୂଆବର୍ଷ, ଅନ୍ୟାନ୍ୟ ପର୍ବପର୍ବାଣିରେ ଦିବ୍ୟାଙ୍ଗ ଓ ବରିଷ୍ଠ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗାଇ ଦିଆଯାଉଛି। ପରିକ୍ରମା ପ୍ରକଳ୍ପ ଦିନ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ନେଇ ପଦକ୍ଷେପ ନିଆଯାଉଛି ବୋଲି ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ କହିଛନ୍ତି।














ବେଦ ମନ୍ତ୍ରରେ ପ୍ରକମ୍ପିତ





# ୫୧ ବୈଠକରେ ସ୍ଥିର ହୋଇଥିଲା ପ୍ରକଳ୍ପ ରୂପରେଖ

୨୦୧୯ ମେ' ୩ ତାରିଖରେ 'ଫନୀ' ବାତ୍ୟାରେ ବିଶେଷମାତ୍ରାରେ ପ୍ରଭାବିତ ହୋଇଥିଲା ଶ୍ରୀକ୍ଷେତ୍ର। ବହୁ ଘରଦ୍ୱାର, ଗଛ ମାଟିରେ ମିଶିଯାଇଥିଲା। ଫନୀ ଦାଉରୁ ରକ୍ଷା ପାଇପାରିଲାନି ମଣିଷ। ଦୁଃଖ, ଦୁର୍ଦ୍ଦଶା, ନିରାଶାର କଳା ଅନ୍ଧାର ଭିତରେ ଗୁମୁରି କାନ୍ଦୁଥିବା ପୁରୀବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଢ଼ାଇଥିଲେ ଭରସାର ହାତ। ପୁରୀ ଗସ୍ତକରି ସୁବିଧା ଅସୁବିଧା ବୁଝିଲେ, ସହାୟତା ଯୋଗାଇଲେ। ସେହି ସମୟରେ ଭୁବନେଶ୍ୱରରୁ ପୁରୀ ଯାଉଥିବାବେଳେ ମହାପ୍ରଭୁଙ୍କୁ ସ୍ମରଣ କରୁଥାନ୍ତି ମୁଖ୍ୟମନ୍ତ୍ରୀ। ବାଟରେ ଲାଗିଥିବା ହୋର୍ଡିଂ ଦେଖି ହାତ ଯୋଡ଼ି ପ୍ରଣାମ କରୁଥାନ୍ତି। ଶ୍ରୀମନ୍ଦିରରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ। ହିନ୍ଦୁ ଧର୍ମରେ ମନ୍ଦିର ପରିକ୍ରମାର ଏକ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱ ରହିଛି। କିନ୍ତୁ ସେ ସମୟରେ ମନ୍ଦିର ଚାରିପାଖର ପରିବେଶ ଦେଖି ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଥିଲେ। ମହାପ୍ରଭୁଙ୍କ ଆଜ୍ଞା ହେଲା। ସେଇଠୁ ଆରମ୍ଭ ହୋଇଥିଲା 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ପରିକଳ୍ପନା।

ମହାପ୍ରଭୁଙ୍କ ଆଜ୍ଞାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଏହି ପ୍ରକଳ୍ପକୁ ସାକାର ରୂପ ଦେବାକୁ ସାରଥି ସାଜିଲେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାର୍ଯ୍ୟକୁ କେମିତି ଗୁରୁତ୍ୱ ଦେବା କଥା, କେତେ ନିଷ୍ଠା ରହିବା କଥା, କେତେ ସମର୍ପଣ ଭାବ ରହିବା କଥା, ତାହା ପାଣ୍ଡିଆନଙ୍କ ନିକଟରେ ଦେଖିବାକୁ ମିଳିଥିଲା। ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ, ପ୍ରକଳ୍ପର ମାଷ୍ଟର ପ୍ଲାନ୍ ଆରମ୍ଭ ହେବା ପୂର୍ବରୁ ୫୧ଥର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପାଣ୍ଡିଆନ୍ ବୈଠକ ଡାକି ଆଲୋଚନା କରିଥିଲେ। ଏଥିମଧ୍ୟରେ ସାଂସ୍କୃତିକ ପରାମର୍ଶଦାତାଙ୍କ ସହ ୮ଥର, ବୈଷୟିକ ପରାମର୍ଶଦାତାଙ୍କ ସହ ୬ଥର, ବିଭିନ୍ନ ବିଭାଗ ସହ ୨୨ଥର, ଡିଜାଇନ୍ କମିଟି ସହ ୧୫ଥର ବୈଠକ କରିବା ପରେ ପ୍ରକଳ୍ପର ରୂପରେଖ ସ୍ଥିର ହୋଇଥିଲା। ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ମନ୍ଦିର ଚାରିପାଖର ସରକାରୀ ଓ ବେସରକାରୀ ପ୍ରାୟ ୧୫ଏକର ଜମିକୁ ଖାଲି କରାଯାଇଥିଲା। ଜମି ଦାନ କରିଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଥଇଥାନ କରାଗଲା। ନାନା ସମସ୍ୟା, ପ୍ରତିବନ୍ଧକ ଆସିଲା କିନ୍ତୁ ହାର୍ ନମାନି ଆଗକୁ ବଢ଼ିଥିଲେ ମୁଖ୍ୟମନ୍ତ୍ରୀ। ୨୦୨୧ନଭେମ୍ବର ୨୪ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱପ୍ନର ପ୍ରକଳ୍ପକୁ ବାସ୍ତବରୂପ ଦେବାକୁ ପ୍ରଥମ ଦିନରୁ ଲାଗି ପଡ଼ିଥିଲେ ପାଣ୍ଡିଆନ୍। ଦିନରାତି ଏକ କରି ଦେଇଥିଲେ। ୨୦୧୯ରୁ ପ୍ରତି ସପ୍ତାହରେ ଅତି କମ୍‌ରେ ୨ରୁ ୩ଥର ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ପରିକ୍ରମା ପ୍ରକଳ୍ପର ସମୀକ୍ଷା କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ସେ ଭୋର୍ ୪ଟାରେ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚୁଥିଲେ। ପୁରୀ ଜିଲାପାଳ, ଏସ୍‌ପି, ଓବିସିସି ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରି ପୁଣି ଫେରି ଆସୁଥିଲେ। ଗତ ୪ ବର୍ଷରେ ସେ ୫ଶହରୁ ଅଧିକଥର ଭୋର୍ ୪ଟାରୁ ଯାଇ ସମୀକ୍ଷା କରିଛନ୍ତି। ପାଣ୍ଡିଆନଙ୍କ ନିଷ୍ଠା, ସମର୍ପଣଭାବ ଓ କାର୍ଯ୍ୟଶୈଳୀ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ, କର୍ମଚାରୀ ତଥା ଯୁବବର୍ଗଙ୍କୁ ବଡ଼ ପ୍ରେରଣା ଦେଇଛି। ଏମିତିକି ତାଙ୍କୁ ସାରା ଭାରତବର୍ଷରେ 'ଫୋର୍ ଏଏମ୍ ଅଫିସର'ଭାବେ ନାମିତ କରାଯାଇଛି। ଗୋଟିଏ ପ୍ରକଳ୍ପ ପାଇଁ ଏତେ ମାତ୍ରାରେ ତ୍ୟାଗ, ସମର୍ପଣ ଭାବ ପୂର୍ବରୁ କେବେ ଦେଖିବାକୁ ମିଳିନାହିଁ।

## ଚର୍ଚ୍ଚାରେ ଫୋର୍ ଏଏମ୍ ଅଫିସର



## ଶ୍ରୀକ୍ଷେତ୍ର ଅନୁଭୂତି

### ପରିକ୍ରମା ପ୍ରକଳ୍ପ ବେଶ୍ ଉଚ୍ଚକୋଟୀର

"ମହାପ୍ରଭୁଙ୍କୁ ଦର୍ଶନ କରି ବେଶ୍ ଖୁସି ଲାଗିଲା। ସରକାରଙ୍କ ପକ୍ଷରୁ କରାଯାଇଥିବା ପରିକ୍ରମା ପ୍ରକଳ୍ପର କାର୍ଯ୍ୟ ବେଶ୍ ଉଚ୍ଚକୋଟିର ହୋଇଛି। ବିଶେଷକରି ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁବିଧା କରାଯାଇଛି। ପୂର୍ବରୁ ଅନେକ ସମୟ ଧରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଘଣ୍ଟା ଘଣ୍ଟା ଠିଆ ହୋଇ ରହୁଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ପାଇଁ ଯାଇଥିବା ଏସି ଶେଡ୍‌ରେ ବସିବା ପାଇଁ ସୁବିଧା ରହିଥିବାରୁ ବୟସ୍କ ଲୋକମାନେ ଆଉ ସମସ୍ୟା ଭୋଗୁ ନାହାନ୍ତି।

**- ଦେବଦତ୍ତ ମହାନ୍ତି, ନିମାପଡ଼ା**



### ଦୂରହେବ ଟ୍ରାଫିକ୍ ସମସ୍ୟା

"ସରକାରଙ୍କ ପକ୍ଷରୁ କରାଯାଇଥିବା ପରିକ୍ରମା ପ୍ରକଳ୍ପ ଦ୍ୱାରା ଭକ୍ତମାନେ ସୁଖଦ ଅନୁଭୂତି ପାଇପାରିବେ। ପୂର୍ବରୁ ଶ୍ରୀମନ୍ଦିର ଚାରିପାଖର ରାସ୍ତା ସଂକୀର୍ଣ୍ଣ ରହିଥିଲା, ଫଳରେ ସେହି ରାସ୍ତା ଦେଇ ଗାଡ଼ିମୋଟର ସହ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେଉଥିଲା। ବର୍ତ୍ତମାନ ପରିକ୍ରମା ପ୍ରକଳ୍ପ ହେବା ଦ୍ୱାରା ରାସ୍ତା ପ୍ରଶସ୍ତ ହେବା ସହ ଚାଲିକି ଯିବା ଏବଂ ଗାଡ଼ିରେ ଯିବା ରାସ୍ତାକୁ ଅଲଗା କରାଯାଇଛି। ଫଳରେ ଆଉ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବ ନାହିଁ।

**- ଶୁଭସ୍ମିତା ମହାପାତ୍ର, ପୁରୀ**



### ବଡ଼ଦାଣ୍ଡର ଗହଳି କମିବ

"ପୁରୀରେ ବହୁତ କିଛି ପରିବର୍ତ୍ତନ ଦେଖିବାକୁ ମିଳୁଛି। ପ୍ରଶାସନର ଉଦ୍ୟମ ଫଳରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଠିକ୍ ସମୟରେ ଶେଷ ହୋଇଛି। ଭକ୍ତମାନଙ୍କ ପାଇଁ ଶ୍ରୀସେତୁ ଓ ଶ୍ରୀ ମାର୍ଗ କରାଯାଇଛି, ଯାହାଫଳରେ ଭକ୍ତମାନେ ଉକ୍ତ ରାସ୍ତାଦେଇ ଶ୍ରୀମନ୍ଦିରକୁ ଆସିପାରିବେ। ଦ୍ୱିତୀୟରେ ଶ୍ରୀମାର୍ଗ ହେବା ଦ୍ୱାରା ବଡ଼ ଦାଣ୍ଡରେ ହେଉଥିବା ଗହଳିକୁ କମାଯାଇ ପାରିବ। ଏହାଛଡ଼ା ଗାଡ଼ିଗୁଡ଼ିକ ପାର୍କିଂ ପାଇଁ ମଧ ଭଲ ବ୍ୟବସ୍ଥା କରାଯାଇଛି। ପରିକ୍ରମା ପ୍ରକଳ୍ପରେ ଭକ୍ତମାନେ ସୁଖଦରେ ଯାତାୟାତ କରିବା ସହ ଶ୍ରୀମନ୍ଦିରକୁ ପ୍ରଦକ୍ଷିଣ କରିପାରିବେ।

**- ସୁଶାନ୍ତ ବେହେରା, ନିମାପଡ଼ା**



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୬/୨୦୨୪ Bhubaneswar, Tuesday, January 16/ 2024

# ଫୁଟ୍‌ବଲ ଟୁର୍ନାମେଣ୍ଟ: ବାନେର ଚାମ୍ପିୟନ


ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**କୋକସରା, ୧୫।୧**
**(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଇଁଲିରେ ଚାଲିଥିବା ଡ଼. ମହେନ୍ଦ୍ର ମାଝି ମେମୋରିଆଲ ଫୁଟବଲ ସୋମବାର ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଦସ୍ୟ ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ସ୍ୱର୍ଗତ ମହେନ୍ଦ୍ର ମାଝିଙ୍କ ପୁତ୍ର ଓ ବଧୁ ତରୁଣ କୁମାର ମାଝି, ଯଶୋବନ୍ତି ମାଝିଙ୍କ ସମେତ କୋକସରା ଭାଜପା ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର ଫାଇନାଲ ଖେଳର ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳ ଶିକ୍ଷକ ଦେବି ପ୍ରସାଦ ସାହୁ ଓ ବିରଞ୍ଚି ବାଗ ରେଫରି ଭାବେ ପରିଚାଳନା କରିଥିଲେ। ଛିନକାଗୁଡାକୁ ଫାଇନାଲରେ ହରାଇ ଶଶୀ ଏକାଦଶ ବାନେର ଚାମ୍ପିୟନ ହୋଇଛି। ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଖେଳର ଧାରା ବିବରଣୀ ଅଜୟ ଦୀପ ଓ ସୁଦାନ ନାଗ ଦେଇଥିଲେ। ଖେଳ ପରିଚାଳନାରେ ପୀତାମ୍ବର ରାଉତ, ତରୁମଣି ସାହୁ, ସୁବ୍ରତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ହରିଶ ମେମୋରିଆଲ କ୍ରିକେଟ: ଅଜୋବା ହୋଣ୍ଡା ସେମିରେ


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବେଲପଡ଼ା, ୧୫।୧**
**(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ହାଇସ୍କୁଲ ଖେଳପଡିଆରେ ସୋମବାର ହରିଶ ଚନ୍ଦ୍ର ବୁଡେକଙ୍କ ସ୍ମୃତିରେ ହରିଶ ଚନ୍ଦ୍ର ବୁଡେକ ପ୍ରଥମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ସମାଜସେବୀ ଶଙ୍କର ଜୈନ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସମାଜସେବୀ ସଞ୍ଜିବ ମିଶ୍ର, ବନମାଳୀ ଖମାରୀ, ପୁରନ୍ଦର ବାଗ, ଗୋକୁଳ ନାଗ, ଗଣେଶ ମେହେର, ସଲଣ୍ଡି ସରପଞ୍ଚ ଜଗବନ୍ଧୁ ବେହେରା, ମଧୁପୁର ସରପଞ୍ଚ ରାମଗୋପାଳ ନାୟକ, ମଣ୍ଡଳ ସରପଞ୍ଚ ସରୋଜ ସେଠ, ରେବତୀ ବୁଡେକ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ୧୬ ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆଗାମୀ ୧୭ ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସ୍ୱର୍ଗତ ହରିଶଙ୍କ ଭାଇ ଜିତେଶ ବୁଡେକ ସୂଚନା ଦେଇଛନ୍ତି। ପ୍ରଥମ ଦିନ ତିନିଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ସାର୍ଭିସ ୧୧କୁ କୋବ୍ରା ୧୧ ହରାଇଥିଲା। ଦ୍ୱିତୀୟ ମ୍ୟାଚରେ ଦେବେନ ୧୧କୁ ଅଯୋବା ହୋଣ୍ଡା ପରାସ୍ତ କରିଥିଲା। ଏହାବାଦ ଦୁଇ ବିଜୟୀ ଦଳ କୋବ୍ରା ୧୧ ଓ ଅଜୋବା ହୋଣ୍ଡା ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଅଜୋବା ହୋଣ୍ଡା(ବରଗଡ଼) ବିଜୟୀ ହୋଇ ସେମି ଫାଇନାଲରେ ପହଞ୍ଚିଛି।

# ନକ୍‌ଆଉଟ ଫୁଟ୍‌ବଲ: ବଡଗମଡ଼ା ଚାମ୍ପିୟନ

**ଟିଟିଲାଗଡ, ୧୫।୧(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ନାରେନ ସ୍ୱାମୀ ବିବେକାନନ୍ଦ ଫୁଟବଲ କ୍ଲବ ଆନୁକୂଲ୍ୟରେ ୨୦ତମ ଆନ୍ତଜିଲା ଫୁଟବଲ ମ୍ୟାଚ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବଡଗମଡ଼ା ଦଳ ୨-୧ଗୋଲରେ ନକଟାସରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଭାଜପା ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଦୟାରାମ ଅଗ୍ରୱାଲ, ନରସିଂହ ସିଂ, ଅଶୋକ ମିଶ୍ର, ଥବିର ପୂଜାରୀ ପ୍ରମୁଖ ଯୋଗଦେଇ ବଡଗମଡ଼ା ଦଳକୁ ଟ୍ରଫି ସହ ୧୨୦୦୦ ଟଙ୍କା ଓ ନକଟାସର ଦଳକୁ ଟ୍ରଫି ସହ ୬୦୦୦ ଟଙ୍କା ପ୍ରଦାନ କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ